# ଧରିତ୍ରୀ DHARITRI

ସମ୍ବଲପୁର, ସୋମବାର, ନଭେମ୍ବର ୪/୨୦୧୯ (୧୬ ପୃଷ୍ଠା) | Sambalpur, Monday, November 4 / 2019 | ★★

୧୫୪ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ରକୁଲ୍‌ଙ୍କ ଫ୍ଲର୍ଟିଂ ତାଲିମ**

ବି-ଟାଉନ୍ ଅଭିନେତ୍ରୀ ରକୁଲ ପ୍ରୀତ୍ ସିଂ ତାଙ୍କ ବେଷ୍ଟ୍‌ଫ୍ରେଣ୍ଡଙ୍କଠାରୁ ଫ୍ଲର୍ଟିଂ ଶିଖୁଛନ୍ତି। ୦୨

୧୫ **ବାର୍ଟିଙ୍କୁ ରେକର୍ଡ ଆର୍ଥିକ ପୁରସ୍କାର**

ଅଷ୍ଟ୍ରେଲିଆର ମହିଳା ଟେନିସ ଖେଳାଳି ଆସଲେ ବାର୍ଟି ଡବ୍ଲ୍ୟୁଟିଏ ଫାଇନାଲ୍ସର ଟାଇଟଲ ଜିତିବା ସହ ରେକର୍ଡ ଆର୍ଥିକ ପୁରସ୍କାର ଲାଭ କରିଛନ୍ତି।



# ଦିଲ୍ଲୀ ପ୍ରଦୂଷଣ ଅସମ୍ଭାଳ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

- ରବିବାର ଏକ୍ୟୁଆଇ ୬୨୫କୁ ବୃଦ୍ଧି
- ୩୭ ବିମାନର ଅନ୍ୟତ୍ର ଅବତରଣ
- ନୋଏଡା, ଗାଜିଆବାଦରେ ସ୍କୁଲ ଛୁଟି
- ଦୈନନ୍ଦିନ ସ୍ଥିତି ଅନୁଧ୍ୟାନ କରିବେ କ୍ୟାବିନେଟ ସଚିବ
- ଆଜିଠୁ ଲାଗୁ ହେବ ଯୁଗ୍ମ-ଅଯୁଗ୍ମ ସୂତ୍ର



ରାଜଧାନୀ ଦିଲ୍ଲୀର ବାୟୁ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ଶନିବାର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୪୦୭ ଥିଲାବେଳେ ରବିବାର ଏହା ୬୨୫କୁ ବୃଦ୍ଧି ପାଇଛି। ଧୂଳି ଓ ଧୂଆଁର ବହଳ ଆସ୍ତରଣ ଦିଲ୍ଲୀ ଆକାଶକୁ ଆଚ୍ଛାଦିତ କରି ରଖିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସାଙ୍ଗକୁ ଶ୍ୱାସକ୍ରିୟା ମଧ୍ୟ କଷ୍ଟକର ହୋଇପଡିଛି। ଆସ୍ତରଣ ଯୋଗୁ ସ୍ପଷ୍ଟ ଦେଖାଯାଉ ନ ଥିବାରୁ ଦିଲ୍ଲୀରେ ଅବତରଣ କରିବାକୁ ଥିବା ୩୭ଟି ବିମାନକୁ ଅନ୍ୟ ବିମାନବନ୍ଦରକୁ ପଠାଇଦିଆଯାଇଛି। ଏୟାର ଇଣ୍ଡିଆର ୧୨ଟି ବିମାନ ଜୟପୁର, ଅମୃତସର ଓ ଲକ୍ଷ୍ନୌକୁ ପଠାଯାଇଛି। ଦିଲ୍ଲୀର ସମସ୍ତ ସ୍କୁଲ ମଙ୍ଗଳବାର ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲାବେଳେ ଏଥିରେ ନୋଏଡା ଓ ଗାଜିଆବାଦର ସ୍କୁଲଗୁଡିକୁ ମଧ୍ୟ ସାମିଲ କରାଯାଇଛି। ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟରେ ସୋମବାର ଶୁଣାଣି ହେବାକୁ ଥିବାବେଳେ ରବିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଓ କ୍ୟାବିନେଟ ସଚିବ ରାଜୀବ ଗୌବା ଏହା ଉପରେ ଆଲୋଚନା କରିଥିବା ଜଣାପଡିଛି। ବୈଠକରେ ଦିଲ୍ଲୀର ଉଚ୍ଚ ପଦାଧିକାରୀମାନଙ୍କ ସହ ପଞ୍ଜାବ ଓ ହରିୟାଣା ସରକାରଙ୍କ ପ୍ରତିନିଧିମାନେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ। କ୍ୟାବିନେଟ ସଚିବ ପ୍ରତିଦିନ ଦିଲ୍ଲୀ ଓ ପଡୋଶୀ ରାଜ୍ୟଗୁଡିକର ବାୟୁ ସ୍ଥିତି ଅନୁଧ୍ୟାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଦିଲ୍ଲୀ, ପଞ୍ଜାବ ଓ ହରିୟାଣାର ମୁଖ୍ୟ ସଚିବମାନଙ୍କୁ ବିଭିନ୍ନ ଜିଲ୍ଲାର ସ୍ଥିତି ଅନୁଧ୍ୟାନ କରିବାକୁ କୁହାଯାଇଛି।

ଉତ୍ତର ଭାରତରେ ବାୟୁ ପ୍ରଦୂଷଣ ସ୍ତର ଅସହ୍ୟ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଟୁଇଟ୍ କରିଛନ୍ତି। ତାଙ୍କ ସରକାର ପ୍ରଦୂଷଣ ହ୍ରାସ ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। କୌଣସି ଦୋଷ ନ ଥାଇ ଦିଲ୍ଲୀବାସୀ ପ୍ରଦୂଷଣଜନିତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ମଧ୍ୟ ପ୍ରଦୂଷଣକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। କେନ୍ଦ୍ର ସରକାର ଏନେଇ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି। ପଡୋଶୀ ରାଜ୍ୟଗୁଡିକରେ ଚାଷୀ କ୍ଷେତରେ ନଡ଼ା ଜାଳିବା ଏବଂ ଶିଳ୍ପସଂସ୍ଥାଗୁଡିକ ବିଷାକ୍ତ ବର୍ଜ୍ୟ ପଦାର୍ଥ ଛାଡିବା ଯୋଗୁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ଦର୍ଶାଇ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ସମ୍ପୃକ୍ତ ରାଜ୍ୟଗୁଡିକୁ ନିର୍ଦ୍ଦେଶ ଦେବା ନିମନ୍ତେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ (ଇପିସିଏ) ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଅପରପକ୍ଷରେ ପ୍ରଦୂଷଣକୁ ନେଇ ରାଜନୀତି କରାଯିବା ଉଚିତ ନୁହେଁ। ସମ୍ପୃକ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କର ଏକ ବୈଠକ ଡାକିବା ଲାଗି କେଜ୍‌ରିୱାଲ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଅନୁରୋଧ କରିଛନ୍ତି। ତାଙ୍କ ସରକାର କାହା ଉପରେ ଦୋଷ ଲଦିବାକୁ ଚାହୁଁ ନାହାନ୍ତି, ବରଂ ନଡ଼ା ପୋଡ଼ିଜନିତ ପ୍ରଦୂଷଣ ରୋକିବା ଦିଗରେ ସମାଧାନର ସୂତ୍ର ବାହାରିବା ଆବଶ୍ୟକ ବୋଲି ଏଏପି ନେତା କହିଛନ୍ତି।

ବାୟୁ ପ୍ରଦୂଷଣ ରୋକିବା ଲାଗି ଦିଲ୍ଲୀ ସରକାର ସୋମବାରଠାରୁ ଗାଡ଼ି ଚଳାଚଳ କ୍ଷେତ୍ରରେ ଯୁଗ୍ମ-ଅଯୁଗ୍ମ ସୂତ୍ର ପ୍ରୟୋଗ କରିବାକୁ ଯାଉଛନ୍ତି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଫଳରେ ରାସ୍ତାରେ ଯାନବାହନ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବ। ଜାତୀୟ ରାଜଧାନୀ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତି ଜାରିହେବା ସହ ମଙ୍ଗଳବାର ପର୍ଯ୍ୟନ୍ତ ସମସ୍ତ ସ୍କୁଲ କଲେଜ ବନ୍ଦ ରଖାଯାଇଛି। ବିମାନବନ୍ଦର, ଦିଲ୍ଲୀ ମେଟ୍ରୋ ସମେତ ଜାତୀୟ ରାଜଧାନୀ ଅଞ୍ଚଳରେ ମୁତୟନ ଥିବା ହଜାର ହଜାର ଯବାନଙ୍କୁ ସିଆଇଏସ୍‌ଏଫ ତରଫରୁ ଫେସ୍ ମାସ୍କ ଯୋଗାଇଦିଆଯାଇଛି।

## ଶ୍ରୀତମ୍‌ଙ୍କୁ ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ






ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ ସହ ଶ୍ରୀତମ୍ ଓ ତାଙ୍କ ଦ୍ୱାରା ଉଠାଯାଇଥିବା ଫଟୋ।

**ବାଲେଶ୍ୱର ଅଫିସ, ୩।୧୧**

ସ୍ମାର୍ଟଫୋନରେ ଫଟୋ ଉଠାଇ ଚର୍ଚ୍ଚାକୁ ଆସିଥିବା ବାଲେଶ୍ୱର ଜିଲା ଶୋଭାରାମ୍‌ପୁର ଅଞ୍ଚଳର ଶ୍ରୀତମ୍ କୁମାର ସେଠୀ ଚଳିତବର୍ଷ ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ଼ ପାଇପାରିଛନ୍ତି। ବନ୍ୟଜନ୍ତୁ ଓ ସବୁଜିମାଭରା ପ୍ରକୃତିର ଫଟୋ ଉଠାଇବାକୁ ସେ ଅଧିକ ଆଗ୍ରହ ରଖିଥାନ୍ତି। ଗତ ହୋଲି ଉତ୍ସବ ବେଳେ ଉଠାଇଥିବା ଏକ କଳାତ୍ମକ ଫଟୋ ପାଇଁ ସେ ଏହି ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଛନ୍ତି। ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜରେ ବିଫାର୍ମା ପଢୁଥିବା ଶ୍ରୀତମ ଫଟୋ ଉଠାଇବା ପାଇଁ କେବେ କୌଣସି ଦାମୀ ଡିଜିଟାଲ୍ କ୍ୟାମେରା ବ୍ୟବହାର କରି ନ ଥାନ୍ତି। ସ୍ମାର୍ଟଫୋନ୍‌ର ଉପଯୁକ୍ତ ବ୍ୟବହାର କରି ସେ ବିଭିନ୍ନ ଦୃଶ୍ୟର ଛବି ଉତ୍ତୋଳନ କରିଥାନ୍ତି। ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ ତାଙ୍କୁ ଏ ଦିଗରେ ଅଧିକ ଉତ୍ସାହ ଯୋଗାଇବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଶ୍ରୀତମ କହିଛନ୍ତି, ଚଳିତବର୍ଷ ଆମେରିକାର ନ୍ୟୁୟର୍କରେ ଆୟୋଜିତ ☞ ପୃଷ୍ଠା-୪

# ପୁଣି ବଢ଼ିଲା ପିଆଜ ଦର

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

**ବର୍ଷା ସାଜିଲା କାଳ**

- ୪ ଦିନ ମଧ୍ୟରେ ପ୍ରାୟ ୨୦ ଟଙ୍କା ବୃଦ୍ଧି
- ବିଭିନ୍ନ ସହରରେ କିଲୋ ପିଛା ୬୦ରୁ ୬୫ ଟଙ୍କାରେ ବିକ୍ରି
- ଉପର ମୁଣ୍ଡରେ ବଢ଼ିଛି ପାଇକାରୀ ଦର
- କଳାବଜାର, କୃତ୍ରିମ ଅଭାବ ରୋକିବାକୁ ପ୍ରୟାସ



କିଛିଦିନର ବ୍ୟବଧାନ ପରେ ପିଆଜ ଦର ଅହେତୁକ ବୃଦ୍ଧି ପାଇଛି। ଭୁବନେଶ୍ୱର, ପୁରୀ ସମେତ ରାଜ୍ୟର ବିଭିନ୍ନ ସହରରେ ରବିବାର ପିଆଜ ଦର କିଲୋ ପ୍ରତି ୬୦ରୁ ୬୫ ଟଙ୍କାରେ ବିକ୍ରି ହୋଇଛି। ଶନିବାର ଏହା କିଲୋ ପିଛା ୫୫ରୁ ୬୦ ଟଙ୍କା ଏବଂ ୩/୪ଦିନ ପୂର୍ବରୁ ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଥିଲା। ଉପରମୁଣ୍ଡରେ ପାଇକାରୀ ଦର ବୃଦ୍ଧି ହୋଇଥିବାରୁ ଆଗାମୀ ଦିନରେ ଦର ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

ଗତ ୪ ଦିନ ମଧ୍ୟରେ ପିଆଜ ଦର କିଲୋ ପ୍ରତି ପ୍ରାୟ ୨୦ ଟଙ୍କା ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ସାଧାରଣ ଖାଉଟି, ଖୁଚୁରା ବ୍ୟବସାୟୀ ଏବଂ କ୍ଷୁଦ୍ର ହୋଟେଲଗୁଡ଼ିକ ପିଆଜ ବ୍ୟବହାର କମାଇ ଦେଇଛନ୍ତି। ୨ରୁ ୩ କିଲୋ ପିଆଜ କ୍ରୟ କରୁଥିବା ପରିବାର ୫୦୦ ଗ୍ରାମ କିଣିବାକୁ ବାଧ୍ୟ ହେଉଛନ୍ତି। ହୋଟେଲରେ ଖାଦ୍ୟ ପରଷିବା ପୂର୍ବରୁ ପିଆଜ ଦିଆଯିବା ଏକ ନିୟମିତ ଧାରା। ଏବେ ତାହା ବନ୍ଦ ହୋଇଯାଇଛି। ପ୍ରାୟତଃ ମହାରାଷ୍ଟ୍ରର ନାସିକ୍‌ରୁ ପିଆଜ ଆସୁଥିବାବେଳେ ସେଠାରେ ପାଇକାରୀ ଦର କିଲୋ ପିଛା ୪୦ରୁ ୪୫ ଟଙ୍କା ରହିଥିବା ଜଣାପଡିଛି। ନୂଆ ଅମଳ ହୋଇଥିବା ପିଆଜ ଆସିବା ସମ୍ଭାବନା ନାହିଁ। ଚଳିତ ମାସ ମଧ୍ୟଭାଗରେ ଆନ୍ଧ୍ରରୁ ପିଆଜ ଆସିବା ନେଇ ଆଶା କରାଯାଉଛି। ହେଲେ ଏହି ଆମଦାନୀ ସାରା ରାଜ୍ୟର ଦରକୁ ନିୟନ୍ତ୍ରଣ କରାଇବାରେ ଏତେଟା ସହାୟକ ହେବ ନାହିଁ। ଏନେଇ ଓଡ଼ିଶା ବ୍ୟବସାୟୀ ମହାସଂଘ ମହାସଚିବ ସୁଧାକର ପଣ୍ଡା କହିଛନ୍ତି ଯେ, ମହାରାଷ୍ଟ୍ର ସମେତ ପିଆଜ ଉତ୍ପାଦନ ହେଉଥିବା ପ୍ରାୟ ୪ଟି ରାଜ୍ୟ ବର୍ଷା ଦ୍ୱାରା ପ୍ରଭାବିତ ହୋଇଛି। ଅମଳ ହୋଇଥିବା ଲକ୍ଷ ଲକ୍ଷ ଟନ୍‌ର ପିଆଜ ନଷ୍ଟ ହୋଇଛି। ବର୍ତ୍ତମାନ ପରିସ୍ଥିତି ଯାହା, ନୂଆ ପିଆଜ ପାଇଁ ଆହୁରି ମାସେ ସମୟ ଲାଗିବ। ତେଣୁ ପିଆଜ ଦର ବୃଦ୍ଧି ପାଇଛି। ରବିବାର ☞ ପୃଷ୍ଠା-୪

## ୮ରୁ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

ରାଜ୍ୟରେ ପୁଣି ହୋଇପାରେ ବର୍ଷା। ଉତ୍ତର ଆଣ୍ଡାମାନ ସାଗର ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ପରବର୍ତ୍ତୀ ୨-୩ ଦିନ ମଧ୍ୟରେ ଡିପ୍ରେଶନ୍‌ରେ ପରିଣତ ହେବ। ଆସନ୍ତା ୬ କିମ୍ବା ୭ ତାରିଖ ବେଳକୁ ଆକାଶ ମେଘାଚ୍ଛନ୍ନ ରହିବ। ସେହିପରି ୮ କିମ୍ବା ୯ ତାରିଖ ବେଳକୁ ବର୍ଷା ଓ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି। ଏହାସହ ଉପକୂଳ ଓଡ଼ିଶାରେ ଘଣ୍ଟାପ୍ରତି ପ୍ରାୟ ୫୦ କିମି ବେଗରେ ପବନ ବହିବ ବୋଲି ପୂର୍ବାନୁମାନ କରାଯାଉଛି। ସେପଟେ ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଯଦି ଠିକ୍ ହୁଏ ତାହେଲେ ଡିପ୍ ଡିପ୍ରେଶନ୍ ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେଇପାରେ। ଇଣ୍ଡିଆନ୍ ନ୍ୟାଶନାଲ୍ ସେଣ୍ଟର ଫର୍ ଓସେନ୍ ଇନଫରମେଶନ୍ ସର୍ଭିସ୍ ପକ୍ଷରୁ ଜାରି ହୋଇଥିବା ଏକ ଚିତ୍ରରେ ସମ୍ଭାବ୍ୟ ବାତ୍ୟା ନଭେମ୍ବର ୧୦ କିମ୍ବା ୧୧ ବେଳକୁ ଜଗତ୍‌ସିଂହପୁରରୁ କେନ୍ଦ୍ରାପଡ଼ା ମଧ୍ୟରେ ସ୍ଥଳଭାଗ ଛୁଇଁପାରେ ବୋଲି ଆକଳନ କରାଯାଉଛି। ସମ୍ଭାବ୍ୟ ବାତ୍ୟା ନେଇ ଏଯାଏ ପାଣିପାଗ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଆସନ୍ତା ସପ୍ତାହ ଶେଷ ଭାଗରେ ବର୍ଷା ସମ୍ଭାବନା ଥିବା କୁହାଯାଇଛି। ଏପଟେ ସମ୍ଭାବ୍ୟ ବାତ୍ୟା ଓ ବର୍ଷା ଖବର ଶୁଣିବା ପରେ ଚାଷୀମାନେ ଚିନ୍ତାରେ ପଡ଼ିଲେଣି। କାରଣ ଏବେ ଧାନ ଅମଳର ସମୟ ଥିବାବେଳେ ବର୍ଷା ଭୟରେ କିଛି ସ୍ଥାନରେ ତରବରିଆ ଭାବେ ଚାଷୀ ବିଲରୁ ଧାନ କାଟି ନେଉଛନ୍ତି। ସେପଟେ କୃଷି ବିଭାଗ କହିଛି ପାଣିପାଗ ବିଭାଗର ସୂଚନା ଆଧାରରେ ଆଡ୍‌ଭାଇଜରି ଜାରି କରାଯିବ।

## ୫ ବର୍ଷରେ ବନ୍ଦ ହୋଇଛି ୩୪୨୭ ବ୍ୟାଙ୍କ ଶାଖା

**ନୂଆଦିଲ୍ଲୀ, ୩।୧୧**

ଗତ ୫ ବର୍ଷ ମଧ୍ୟରେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୩୪୨୭ ବ୍ୟାଙ୍କ ଶାଖା ବନ୍ଦ କରିଥିବା ଜଣାପଡିଛି। ସୂଚନା ଅଧିକାର କର୍ମୀ ଚନ୍ଦ୍ର ଶେଖର ଗୌଡ ରିଜର୍ଭ ବ୍ୟାଙ୍କକୁ ଏ ନେଇ ମାଗିଥିବା ଏକ ସୂଚନାରୁ ଜଣାପଡ଼ିଛି। ମିଶ୍ରଣ କିମ୍ବା ବନ୍ଦ ପ୍ରକ୍ରିୟା ଦ୍ୱାରା ଏହି ଶାଖାଗୁଡିକ ବନ୍ଦ କରାଯାଇଛି। ବନ୍ଦ ହୋଇଥିବା ମୋଟ ଶାଖା ମଧ୍ୟରୁ ପ୍ରାୟ ୭୫% ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଶାଖା ରହିଛି। ଏସ୍‌ବିଆଇ ସହ ଏହାର ୫ ସହଯୋଗୀ ବ୍ୟାଙ୍କ ଏବଂ ମହିଳା ବ୍ୟାଙ୍କର ମିଶ୍ରଣ ପରେ ଅନେକ ଶାଖା ବନ୍ଦ କରାଯାଇଥିଲା। (ବିସ୍ତୃତ ରପୋର୍ଟ ବିଜ୍‌ନେସ ପୃଷ୍ଠା)






**ଆଜିର ସମ୍ପାଦକୀୟ**

ଗ୍ୟାଙ୍ଗ ଯୁଦ୍ଧ

**ଆଜିର ମନ୍ତବ୍ୟ**

" ଭାରତୀୟ ଶିଖ୍ ଯାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ କର୍‌ତାରପୁର ପ୍ରସ୍ତୁତ।

-ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବରରେ ଦେଶର କୋଇଲା ଆମଦାନୀ ୯.୩% ବୃଦ୍ଧି ଘଟି ୧୨୬.୯୧ ନିୟୁତ ଟନ୍ ରହିଛି।

– କୋଇଲା ମନ୍ତ୍ରଣାଳୟ


Vencobb FRESH CHICKEN — Taste the difference!

03.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 65 | 113 | 123 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 65 | 113 | 123 |
| BHM | 61 | 107 | 117 |

*Conditions Apply

Issued in the Interest of Consumers


ବରଗଡ ଜିଲାରେ ଖରିଫ ଧାନ ସଂଗ୍ରହ

# ମଣ୍ଡି ଖୋଲିନି, ମିଲ୍‌କୁ ଯାଉଛି

**ବରଗଡ଼ ଅଫିସ୍, ୩।୧୧**



ବରଗଡ଼ ଜିଲାର ଏକ ମିଲ୍‌କୁ ଯିବା ପାଇଁ ଟ୍ରାକ୍ଟରରୁ ଟ୍ରକକୁ ଧାନ ସ୍ଥାନାନ୍ତର ହେଉଛି।

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଜୋର୍ ଧରିଛି। ହେଲେ ଧାନ ସଂଗ୍ରହ ପାଇଁ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ଆସନ୍ତା ୧୦ତାରିଖରେ ଜିଲାରେ ମଣ୍ଡି ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ମଣ୍ଡି ଖୋଲିବା ପୂର୍ବରୁ ଜିଲାର କେତେକ ରାଇସ୍ ମିଲ୍‌କୁ ଚାଷୀଙ୍କ ଧାନ ଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଢ଼େର୍ କମ୍ ଦରରେ ମଧ୍ୟସ୍ଥିଙ୍କ ଜରିଆରେ କିଣାଯାଇଥିବା ଧାନକୁ କେତେକ ମିଲର୍ସ ମଣ୍ଡି ବଦଳରେ ସିଧାସଳଖ ରାଇସ୍ ମିଲକୁ ନେଉଥିବା ଅଭିଯୋଗ ହୋଇଛି। ତେବେ ବିଭିନ୍ନ ସ୍ଥାନରେ ନିୟନ୍ତ୍ରିତ ବଜାର କମିଟି(ଆରଏମସି)ର ତନଖି ଫାଟକ ଥିବା ସତ୍ତ୍ୱେ ସେଥିପ୍ରତି ଉଭୟ ଆରଏମସି, ଯୋଗାଣ ବିଭାଗ କର୍ତ୍ତୃପକ୍ଷ ଆଖିବୁଜି ଦେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

ବରଗଡ଼ ଜିଲାରେ ଧାନ କିଣାବିକାରେ ଚାଷୀ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ମଣ୍ଡି ବାହାରେ ଧାନକ୍ରୟ ଉପରେ କଟକଣା ମଧ୍ୟ ଜାରି କରାଯାଇଛି। ଅଥଚ ଜିଲାରେ ଚିରାଚରିତ ଭାବେ ଏହାକୁ ଉଲ୍ଲଂଘନ କରାଯାଉଛି। ଏପରିକି ଚାଷୀ ପରିଚୟପତ୍ରରେ ଜାଲିଆତି, ଫଲ୍ସ ଏଣ୍ଟ୍ରି ଭଳି ଗୁରୁତର ଅଭିଯୋଗ ହେଉଥିବାବେଳେ ତଦନ୍ତ ପରେ ଏହାର ସତ୍ୟତା ସାମ୍ନାକୁ ଆସୁଛି। ମାତ୍ର ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଧାନ କିଣାବିକାରେ ଅନିୟମିତତା ଆରମ୍ଭ ହୋଇଯାଇଛି।

ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟିର ନିଷ୍ପତ୍ତିକ୍ରମେ ଆସନ୍ତା ୧୦ତାରିଖରେ ମଣ୍ଡି ଖୋଲିବ। ଜିଲାରେ ଏଥିପାଇଁ ସମୁଦାୟ ୧୬୯ଟି ମଣ୍ଡି ଖୋଲାଯିବ। ସେଥିମଧ୍ୟରେ ବରଗଡ଼ ଆରଏମସି ଅଧୀନରେ ୫୮, ଅତାବିରା ଆରଏମସି ଅଧୀନରେ ୫୧ ଏବଂ ପଦ୍ମପୁର ଆରଏମସି ଅଧୀନରେ ୬୦ଟି ମଣ୍ଡି ରହିଛି। ଏଥର ଧାନ କିଣାବିକାରେ ଟୋକନ ମାଧ୍ୟମରେ ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହ ହେବ ଏବଂ ତାକୁ ଧାନକ୍ରୟ ସଂସ୍ଥା କିଣିବେ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଛି। ମାତ୍ର ବିନା ଟୋକନ ଏବଂ ଏଣ୍ଟ୍ରିରେ ମଣ୍ଡିକୁ ଧାନ ନ ଆସି ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ ମିଲ୍‌ଗୁଡ଼ିକୁ ଯିବା ଘଟଣା ☞ ପୃଷ୍ଠା-୪



ଜାଲିଆନୱାଲା ବାଗ୍ ଗଣହତ୍ୟା ଭାରତୀୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏହାର ଶତବାର୍ଷିକୀକୁ ଯେପରି ଗୁରୁତ୍ୱ ଦିଆଯିବା କଥା ସେପରି ଦିଆଯାଇନାହିଁ।

-ଗୁଲଜାର, ପ୍ରଖ୍ୟାତ କବି ଓ ଗୀତିକାର

# ଗାଁରେ ସୃଷ୍ଟି କରିଛନ୍ତି ଜଙ୍ଗଲ



## ପ୍ରଭା ଦେବୀଙ୍କ ପ୍ରକୃତି ପ୍ରେମ

ମନରେ ଯଦି କିଛି କରିବାର ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠା ରହିଥାଏ, ସେଠାରେ ବୟସ କେବଳ ଏକ ସଂଖ୍ୟାରେ ସୀମିତ ରହିଯାଇଥାଏ। ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲା ଅଧୀନ ପଶାଲତ ଗ୍ରାମରେ ରହୁଥିବା ୭୬ ବର୍ଷୀୟା ପ୍ରଭା ଦେବୀ ଏହା ପ୍ରମାଣିତ କରିଛନ୍ତି। ସେ ସମୟରେ କମ୍ ବୟସରେ ଏକ ଯୌଥ ପରିବାରରେ ବିବାହ କରିଥିବା ପ୍ରଭା କେବଳ ଚାରିକାନ୍ଥ ମଧ୍ୟରେ ରହି ନ ଯାଇ ନିଜ ଗାଁ ସମେତ ସମଗ୍ର ଦେଶରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ସମୟରେ ବିକାଶ ନାମରେ ପ୍ରତିଦିନ ଗଛ କଟାଯାଉଥିବାବେଳେ ଏହା ଆମ ପରିବେଶ ଏବଂ ପୃଥିବୀ ପାଇଁ ମହାବିପଦ ସୃଷ୍ଟି କରୁଛି। ହେଲେ ଏଥିପ୍ରତି ସଚେତନ ଥିବା ଲୋକ କମ୍ ଅଛନ୍ତି। ଗଛକୁ ସମସ୍ତେ ଭଲ ପାଆନ୍ତି, ମାତ୍ର ଚାରାଟିଏ ଲଗାଇବା ଓ ତାହାର ଯତ୍ନ ନେବାର ମହତ୍ତ୍ୱ ସମସ୍ତେ ଜାଣନ୍ତିନି। ହେଲେ ସେ ନିଜ ପରିଣତ ବୟସରେ ଏକାକୀ ୫୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇ ଗାଁ ରେ ଏକ ଜଙ୍ଗଲ ସୃଷ୍ଟି କରିଛନ୍ତି। ଏପରିକି ନିଜ ଘର ପରିସରରେ ମଧ୍ୟ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ଲଗାଇ ସୁନ୍ଦର ଏବଂ ସୁସ୍ଥ ପରିବେଶ ସୃଷ୍ଟି କରିଛନ୍ତି। ଏହି ରାସ୍ତା ଦେଇ ଲୋକେ ଯିବା ସମୟରେ ପ୍ରଭାଙ୍କ ବଗିଚା ସମସ୍ତଙ୍କ ମନ କିଣିଥାଏ ଏବଂ ଏକ ପର୍ଯ୍ୟଟନସ୍ଥଳୀର ଭ୍ରମ ସୃଷ୍ଟି କରିଥାଏ। ଗୁରୁତ୍ୱପୂର୍ଣ୍ଣ ବିଷୟ କଥା ହେଲା, ଆଖପାଖ ଅଞ୍ଚଳରେ ମିଳୁ ନ ଥିବା ବୃକ୍ଷକୁ ମଧ୍ୟ ସେ ନିଜ ଜଙ୍ଗଲରେ ଲଗାଇ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ନିଜ ଗାଁ ଓ ବୃକ୍ଷ ପ୍ରତି ତାଙ୍କର ଗଭୀର ସ୍ନେହ। ତେଣୁ ଯେତେବେଳେ ଯେଉଁଠାରେ ସୁଯୋଗ ମିଳେ ସେଠାରେ ଚାରାରୋପଣ କରିଥାନ୍ତି। ଏମିତିକି ସେ ଗଛ ଗୁଡ଼ିକୁ ଛାଡ଼ି ଦିନେ ମଧ୍ୟ ଗାଁ ରୁ ବାହାରକୁ ଯାଇ ନ ଥାନ୍ତି। ନିଜ ଘରେ ଗାଈ, ମଇଁଷି ରହୁଥିବାବେଳେ ସେମାନଙ୍କ ପାଇଁ ଚାରା ଆଣିବାକୁ ଯିବା ସମୟରେ ମଧ୍ୟ ଚାରା ଗୁଡ଼ିକୁ କେବେ ମୂଳରୁ ଓପାଡ଼ି ନ ଥାନ୍ତି। ଏହା ହିଁ ପ୍ରକୃତି ପ୍ରତି ରହିଥିବା ତାଙ୍କ ପ୍ରେମକୁ ପ୍ରମାଣିତ କରେ। ବର୍ତ୍ତମାନ ଯେପରି ଜଳବାୟୁ ଓ ପରିବେଶରେ ପରିବର୍ତ୍ତନ ଘଟୁଛି, ଏଥିପାଇଁ ଯଥେଷ୍ଟ ବୃକ୍ଷର ଆବଶ୍ୟକତା ରହିଛି। ତେଣୁ ପ୍ରଭା ଦେବୀଙ୍କ ପ୍ରକୃତି ପ୍ରତି ଯୋଗଦାନ ସମସ୍ତଙ୍କ ପାଇଁ ଉଦାହରଣ ନିଶ୍ଚୟ।

# ଫ୍ଲର୍ଟିଂ ଶିଖୁଛନ୍ତି ରକୁଲ୍ ପ୍ରୀତ୍



**ମୁମ୍ବାଇ:** ସୌନ୍ଦର୍ଯ୍ୟ ଆଉ ଟାଲେଣ୍ଟ କଥା ଉଠିଲେ ବି-ଟାଉନ୍ ଅଭିନେତ୍ରୀ ରକୁଲ୍ ପ୍ରୀତ୍ ସିଂ କାହା ତୁଳନାରେ କମ୍ ନୁହନ୍ତି। କିନ୍ତୁ ଯେତେବେଳେ ଫ୍ଲର୍ଟିଂ ବିଷୟ ଆସେ, ପଛରେ ପଡ଼ିଯାଆନ୍ତି ଏହି ସୁନ୍ଦରୀ। ରକୁଲ୍ କୁହନ୍ତି, ସେ କାଳେ ପ୍ୟାର୍, ମହୋବତ, ଇସ୍କ, ଫ୍ଲର୍ଟ ମାମଲାରେ କମ୍‌ଜୋର୍। ଏଣୁ ସେ ତାଙ୍କ ବେଷ୍ଟ-ଫ୍ରେଣ୍ଡଙ୍କ ନିକଟରେ ଏନେଇ ଟ୍ରେନିଂ ନେଉଛନ୍ତି। ଜାଣିବାକୁ ଚାହିଁବେନି ବି-ଟାଉନ୍‌ର ସେ କେଉଁ ଅଭିନେତ୍ରୀ, ଯାହାଙ୍କଠୁଁ ରକୁଲ୍ ନିଅନ୍ତି ଫ୍ଲର୍ଟିଂ ଟିପ୍ସ। ଜଣେ ଭଲ ଅଭିନେତ୍ରୀ ହିସାବରେ ଖୁବ୍ କମ୍ ସମୟ ଭିତରେ ବଲିଉଡ୍‌ରେ ନାଁ କରିସାରିଲେଣି ସୁନ୍ଦରୀ ରକୁଲ୍। କିନ୍ତୁ କାହା ସହ ଫ୍ଲର୍ଟ କରିବାରେ ସେ ଏକଦମ୍ ଜିରୋ। ଏକଥା ସେ ନିଜେ କହିଛନ୍ତି। ରକୁଲ୍ ସବୁବେଳେ ଭାବନ୍ତି ତାଙ୍କୁ ଫ୍ଲର୍ଟ କରି ଆସେନାହିଁ। ହେଲେ ସେ କୌଣସି ବ୍ୟକ୍ତିଙ୍କ ସହ ଭଲରେ କଥାବାର୍ତ୍ତା ବା ଆଲୋଚନା କିନ୍ତୁ କରିପାରନ୍ତି। ଏପରି କି ତାଙ୍କ ସହ କେହି ଫ୍ଲର୍ଟ କଲେ ମଧ୍ୟ ସେ ଜାଣିପାରନ୍ତି ନାହିଁ। ଏନେଇ ବନ୍ଧୁମାନେ ରକୁଲ୍‌ଙ୍କୁ ଜଣାଇଥାନ୍ତି, ଯାହା ସେ ଅନୁଭବ କରିପାରି ପରେ ଖୁବ୍ ହସନ୍ତି। ଏଣୁ ରକୁଲ୍ ବି ଏବେ ଫ୍ଲର୍ଟ କରିବା ଶିଖୁଛନ୍ତି। ଆଉ ତାଙ୍କୁ ଟିପ୍ସ ଦେଉଛନ୍ତି ତାଙ୍କ ବେଷ୍ଟି ରିୟା ଚକ୍ରବର୍ତ୍ତୀ। ଏ ସବୁ ମାମଲାରେ ରିୟାଙ୍କୁ ଅଭିଜ୍ଞ ବୋଲି ମାନନ୍ତି ରକୁଲ୍। ପୁରୁଷଙ୍କ ଭିତରେ କେଉଁ ଗୁଣ ତାଙ୍କୁ ଆକର୍ଷିତ କରିବାକୁ ଯଥେଷ୍ଟ ବୋଲି ଏକ ପ୍ରଶ୍ନର ଉତ୍ତରରେ ରକୁଲ୍ କୁହନ୍ତି, ସେ ବୁଦ୍ଧିମାନ ପୁରୁଷଙ୍କୁ ପସନ୍ଦ କରନ୍ତି। କାହା ସହ କଥା ହେବାକୁ ହେଲେ ବାର୍ତ୍ତାଳାପ ମଜାଦାର ହେବା ସହ ବୁଦ୍ଧିମତ୍ତାର ସହ ମଧ୍ୟ ହେବା ଆବଶ୍ୟକ। ଏପରି ନ ହେଲେ ଅଧିକରୁ ଅଧିକ ୨-୩ ଦିନ, ୨-୩ ସପ୍ତାହ କିମ୍ବା ୨-୩ ମାସ ହିଁ ସମ୍ପର୍କ ତିଷ୍ଠିପାରିବ। ତେବେ ଏଭଳି ପୁରୁଷଙ୍କ ସଂଖ୍ୟା କିନ୍ତୁ କମ୍, ଯାହାଙ୍କ ସହ ଭଲ ବିଷୟରେ କଥାବାର୍ତ୍ତା ବା ଆଲୋଚନା କରିହେବ।

## ଟିପ୍ସ ଦେଉଛନ୍ତି ତାଙ୍କ ବେଷ୍ଟି ରିୟା ଚକ୍ରବର୍ତ୍ତୀ

# ଚୁମ୍ବନରୁ ହୁଏ ପ୍ରେମୀ ଚୟନ

ଚୁମ୍ବନ ଉପରେ ଯେ କେବଳ ମଣିଷର ଅଧିକାର ଅଛି ସେପରି ଭାବିବା ଠିକ ନୁହେଁ। ହ୍ୱାଇଟ ଫ୍ରଣ୍ଟେଡ ପ୍ୟାରଟ ନାମରେ ଏକ ପ୍ରଜାତିର ଶୁଆ ଦେଖିବାକୁ ମିଳନ୍ତି, ଯେଉଁମାନେ ଚୁମ୍ବନ ଦେବାରେ ମାହିର। ଏହି ଶୁଆଗୁଡ଼ିକ ଖୁବ ଆକର୍ଷଣୀୟ ଲାଗନ୍ତି। ଏମାନଙ୍କ ଆଖି ଚାରିପଟେ ନାଲିରଙ୍ଗ ରେଖା ରହିଥିବାରୁ ଏଗୁଡ଼ିକ ବେଶି ସୁନ୍ଦର ଦେଖାଯାଆନ୍ତି। ମିଳନ ସମୟ ପାଖେଇ ଆସିଲେ ଏମାନେ ସାଥୀ ଚୟନ କରିବାକୁ ବାହାରନ୍ତି। ଆଉ ସେହି ସମୟରେ ହିଁ ସେମାନଙ୍କୁ ଚୁମ୍ବନ ସହାୟକ ହୋଇଥାଏ। ଚୁମ୍ବନ କରିବାର କ୍ଷମତାକୁ ଦେଖି ସେମାନେ ନିଜ ପାଇଁ ପ୍ରେମୀ ବାଛିଥାନ୍ତି। ସେମାନେ ଚଞ୍ଚୁରେ ଚଞ୍ଚୁ ଘଷି ତଥା ପରସ୍ପରର ଜିଭ ସହିତ ଖେଳିଥାନ୍ତି। ଯଦି ଦୁଇଟିଯାକ ଶୁକପକ୍ଷୀ ଭାବନ୍ତି ଯେ, ସେମାନେ ପରସ୍ପର ପାଇଁ ଯୋଗ୍ୟ ତା'ହେଲେ ଅଣ୍ଡିରା ଶୁଆଟି ଉପହାର ସ୍ୱରୂପ ମାଈଶୁଆର ପାଟିରେ ବାନ୍ତି କରିଥାଏ। ଫଳସ୍ୱରୂପ, ମାଈଶୁଆଟି ଜାଣିନିଏ ଯେ, ତାକୁ ତା'ର ମନଲାଖି ସାଥୀ ମିଳିଯାଇଛି। ଏହାପରେ ସେମାନଙ୍କର ବଂଶ ବିସ୍ତାରର କାର୍ଯ୍ୟ ଆରମ୍ଭ ହୋଇଥାଏ। ପ୍ରକୃତିର ଏହି ଜୀବଟି ଖାସ ଚୁମ୍ବନ ପାଇଁ ନିଆରା ବୋଲି ପକ୍ଷୀ ବିଶେଷଜ୍ଞଙ୍କ ମତ।



# କୁକୁର ପାଲଟିଛି କିଙ୍ଗ୍ ଅଫ୍ ବାଲାନ୍ସ



ହାର୍ଲସୋ ହେଉଛି ଏକ ୫ ବର୍ଷୀୟ କୁକୁର। ତା' ଘର ଉତ୍ତର ଆୟର୍ଲାଣ୍ଡର ବେଲଫାଷ୍ଟରେ। ହେଲେ ଏବେ ସେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚିତ। କାରଣ ହାର୍ଲସୋ ନିଜ ମୁଣ୍ଡରେ ବିଭିନ୍ନ ଜିନିଷକୁ ସନ୍ତୁଳନ ରକ୍ଷାକରି ରଖିପାରୁଛି। ତାହା ପାଣିଭର୍ତ୍ତି ଗ୍ଲାସ ହେଉ କି ଖେଳଣା ଅବା ଖାଦ୍ୟ ସାମଗ୍ରୀ, ସବୁ ଜିନିଷକୁ ସେ ବେଶ୍ ଆରାମରେ ନିଜର କୁନି ମୁଣ୍ଡରେ ଅନେକ ସମୟ ପର୍ଯ୍ୟନ୍ତ ରଖିପାରେ। ହାର୍ଲସୋର ଏହି ପ୍ରତିଭା ସମ୍ପର୍କରେ ତା' ମାଲିକ ପଲ ଲାଭେରୀ ତିନିବର୍ଷ ପୂର୍ବେ ଜାଣିବାକୁ ପାଇଥିଲେ। ମାଲିକ ତା' ମୁଣ୍ଡରେ ଏକ ଖେଳଣା ରଖି ଦେଖିଲେ ଯେ, କୁକୁର ଅନେକ ସମୟ ପର୍ଯ୍ୟନ୍ତ ତାକୁ ନ ପକାଇ ଧରି ରଖିପାରିଥିଲା। ପରେ ଲାଭେରୀ ବିଭିନ୍ନ ପ୍ରକାରର ଜିନିଷ ହାର୍ଲସୋ ମୁଣ୍ଡରେ ରଖିଲେ। ଏବେ ହାର୍ଲସୋ ବାଲାନ୍ସର କିଙ୍ଗ୍ ପାଲଟିଗଲାଣି। ଏହି ସମୟର ଫଟୋକୁ ମାଲିକ ଲାଭେରୀ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କଲେ। ଆଉ ଲୋକେ ଏହାକୁ ବେଶ ପସନ୍ଦ କଲେ। ଏବେ ଇନ୍‌ଷ୍ଟାଗ୍ରାମରେ ହାର୍ଲସୋର ୧୪,୦୦୦ ଫଲୋୟର୍ସ ଅଛନ୍ତି।

# ୩୦ ବର୍ଷ ଧରି ମହିଳା ବେଶରେ ପୁରୁଷ

**ଜୌନପୁର:** ଉତ୍ତର ପ୍ରଦେଶ ଜୌନପୁରରେ ଚିନ୍ତାହରଣ ଚୌହାନ(୬୬) ନାମକ ଜଣ ବୃଦ୍ଧ ଦୀର୍ଘ ୩୦ ବର୍ଷ ହେବ ନାରୀ ବେଶରେ ରହୁଛନ୍ତି। କଥାଟା କାହାଣୀ ଭଳି ଲାଗୁଥିଲେ ବି ସତ। ହେଲେ ସେ ଯାହା କୁହନ୍ତି ତାହା ଅନ୍ଧବିଶ୍ୱାସ ଭଳି ଲାଗୁଥିଲେ ବି ତାହା ତାଙ୍କ ପାଇଁ ସତ ବୋଲି ସେ କୁହନ୍ତି। ମାତ୍ର ୧୪ ବର୍ଷ ବୟସରେ ବିବାହ କରିଥିବା ଚିନ୍ତାହରଣଙ୍କର ବିବାହର କିଛି ବର୍ଷ ମଧ୍ୟରେ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ମର୍ମାହତ ହୋଇ ସେ କୋଲକାତା ଚାଲିଯାଇ ସେଠାରେ ଏକ ଇଟାଭାଟିରେ କାମ କରିଥିଲେ। କିଛିଦିନ ପରେ ସେଠାରେ ସେ ଜଣେ ବଙ୍ଗାଳି ଝିଅଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ହେଲେ ଏଥିରେ ତାଙ୍କ ପରିବାର ଲୋକେ ଅରାଜି ହେବାରୁ ସେ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ କୋଲକାତାରେ ଛାଡ଼ି ଦେଇ ଉତ୍ତର ପ୍ରଦେଶ ପଳାଇ ଆସିଥିଲେ। କିଛିଦିନ ପରେ ତାଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କ ଦେହ ଖରାପ ହେବା ଆରମ୍ଭ କଲା। କିଛି ରୋଗ ଚିହ୍ନଟ ପୂର୍ବରୁ ଜଣକ ପରେ ଜଣେ ଚିନ୍ତାହରଣଙ୍କ ମାତା, ପିତା, ଭାଇ, ଭାଉଜ, ପୁତୁରା ଆଦିଙ୍କର ମୃତ୍ୟୁ ହେଲା। ସେପଟେ ଦ୍ୱିତୀୟ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କୁ ହରାଇବା ଦୁଃଖରେ ଆତ୍ମହତ୍ୟା କରିଦେଇଥିଲେ। ଏହାଦେଖି ଚିନ୍ତାହରଣ ଭୟଭୀତ ହୋଇ ଯାଇଥିଲେ। ସେ କୁହନ୍ତି ପ୍ରତିଦିନ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସ୍ୱପ୍ନରେ ଆସିଥାଆନ୍ତି। ଆଉ ସେ ତାଙ୍କୁ ଅଭିମାନରେ କହିଥାଆନ୍ତି ତୁମେ ଷୋଳ ଶୃଙ୍ଗାର ବେଶ ହେଲେ ମୁଁ ତୁମକୁ କ୍ଷମା ଦେବି। ଆଉ ଏହାପରେ ସେ ନାରୀ ବେଶ ଧାରଣ କରିବାରୁ ଆପଣାଛାଏଁ ସେ ସୁସ୍ଥ ହୋଇଯିବା ସହ ତାଙ୍କର ଦୁଇ ପୁଅ ବଞ୍ଚିଯାଇଥିବା ସେ କୁହନ୍ତି। ତେଣୁ ସେବେଠାରୁ ସେ ମୃତ୍ୟୁକୁ ଏକ ପ୍ରକାର ଭୟକରି ନାରୀ ବେଶ ଧାରଣ କରିଛନ୍ତି ବୋଲି କହିଛନ୍ତି।



# କେଶହୀନ କନିଆ

ବିବାହ ବେଳେ କନିଆର ଶୃଙ୍ଗାର ସମସ୍ତଙ୍କୁ ଆକୃଷ୍ଟ କରେ। ଶୃଙ୍ଗାର ଭିତରେ କେଶ ବିନ୍ୟାସର ଥାଏ ବିଶେଷ ଗୁରୁତ୍ୱ। କନିଆର କେଶ ଯେତେ ସୁନ୍ଦର କେଶ ବିନ୍ୟାସ ସେତେ ଆକର୍ଷକ ହୁଏ। ହେଲେ ନିକଟରେ ଜଣେ କେଶ ନ ଥିବା କନିଆଙ୍କ ଫଟୋ ବେଶ ଚର୍ଚ୍ଚାରେ ରହିଛି। କେଶ ନ ଥାଇ ବି ସେ କନିଆ ବେଶରେ ଲାଗୁଥିଲେ ବେଶ ସୁନ୍ଦର। ସେହି କନିଆ ଜଣକ ହେଉଛନ୍ତି ତାମିଲନାଡୁର ୨୮ ବର୍ଷୀୟା ବୈଷ୍ଣବୀ ପୁବେନ୍ଦ୍ରନ ପିଲ୍ଲେ, ଯିଏକି ମାଲେସିଆରେ ରହୁଛନ୍ତି। ହାତରେ ମେହେନ୍ଦୀ, କପାଳରେ ବିନ୍ଦି, ଓଠରେ ଚକୋଲେଟ ରଙ୍ଗର ଲିପ୍‌ଷ୍ଟିକ୍ ସାଙ୍ଗକୁ ଚକୋଲେଟ ରଙ୍ଗର ଶାଢ଼ିରେ ସେ ଲାଗୁଥିଲେ ଅତି ସୁନ୍ଦର କନିଆଟିଏ। ହେଲେ ତାଙ୍କ ମୁଣ୍ଡରେ ନ ଥିଲା କେଶ। ସେ ନିଜ ମୁଣ୍ଡକୁ ଘୋଡାଇବାକୁ ବି ଚେଷ୍ଟା କରି ନ ଥିଲେ। କିଛି ଫଟୋରେ ସେ ପତଳାଧଳା ରଙ୍ଗର ଓଢଣି ମୁଣ୍ଡରେ ପକାଇଛନ୍ତି। ହେଲେ ସେଥିରେ ତାଙ୍କ ମୁଣ୍ଡ ସଫା ସଫା ଦେଖାଯାଉଥିଲା। ତଥାପି ଏଇ ଅଭାବ ତାଙ୍କ ସୌନ୍ଦର୍ଯ୍ୟକୁ ମଳିନ କରିପାରି ନ ଥିଲା। ଦୁଇ ଦୁଇ ଥର କ୍ୟାନ୍ସର (ସ୍ତନ କର୍କଟ, ଲିଭର୍, ବ୍ୟାକ୍ବୋନ କ୍ୟାନ୍ସର) ସହ ଲଢ଼ିଥିବା ବୈଷ୍ଣବୀ ସାରା ଦୁନିଆ ଆଗରେ କେଶବିହୀନ କନିଆ ହୋଇ ସମସ୍ତଙ୍କ ମନ ଜିଣିପାରିଲେ। କ୍ୟାନ୍ସର ପାଇଁ ଯେ ତାଙ୍କର କେଶ ନଷ୍ଟ ହୋଇଛି ତାହା ନୁହେଁ ତାଙ୍କର ସ୍ତନ ବି ବାହାର କରି ଦିଆଯାଇଛି। ତଥାପି ମନୋବଳ ତାଙ୍କର କମିନି। ସେ କନିଆ ବେଶରେ ଫଟୋ ଶୁଟ କରାଇ ଇନ୍‌ଷ୍ଟାଗ୍ରାମ୍‌ରେ ଅପଲୋଡ୍ କରିଥିଲେ। ତାଙ୍କ ଫଟୋକୁ ଲୋକେ ବହୁତ ପସନ୍ଦ କଲେ।



# ମ୍ୟୁଜିୟମ୍‌ରେ ୪ ହଜାର ବାସନ

ଯଦି କେବେ ମ୍ୟୁଜିୟମ୍ ଯାଇଥିବେ ତେବେ ନିଶ୍ଚିତ ଇତିହାସ ସହିତ ଜଡ଼ିତ କିଛି ସାମଗ୍ରୀ, ବିଲୁପ୍ତ ପଶୁପକ୍ଷୀଙ୍କ କଙ୍କାଳ, ମହାପୁରୁଷମାନେ ବ୍ୟବହାର କରୁଥିବା ଜିନିଷ ଦେଖିଥିବେ। ମାତ୍ର ଭାରତରେ ଏମିତି ଏକ ମ୍ୟୁଜିୟମ୍ ଅଛି, ଯେଉଁଠି ଅଜବ ସାମଗ୍ରୀ ରଖାଯାଇଛି। ସେଗୁଡ଼ିକୁ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଗୁଜରାଟର ଅହମ୍ମଦାବାଦରେ ଏପରି ଏକ ମ୍ୟୁଜିୟମ ଅଛି, ଯେଉଁଠି କେବଳ ବାସନକୁସନ ସଂରକ୍ଷିତ ରଖାଯାଇଛି। ଏଠାରେ ୪ ହଜାରରୁ ଅଧିକ ବାସନ ରହିଛି। ସେଗୁଡ଼ିକ ହଜାରେ ବର୍ଷର ପୁରୁଣା। ଏହି ମ୍ୟୁଜିୟମ୍‌ରେ ପ୍ରତ୍ୟେକ ଧାତୁରେ ନିର୍ମିତ ବାସନ ରହିଛି। ଏହା ଭାରତୀୟ ସଂସ୍କୃତି କଳାର ମ୍ୟୁଜିୟମ୍। ସେହିପରି ଆଉ ଏକ ଅଜବ ମ୍ୟୁଜିୟମ୍ ରହିଛି ଦିଲ୍ଲୀରେ, ଯାହାର ନାଁ ଇଣ୍ଟରନ୍ୟାଶନାଲ ଶୌଚାଳୟ ମ୍ୟୁଜିୟମ୍। ଏଠାରେ ବିଭିନ୍ନ ପ୍ରକାର ଶୌଚାଳୟ ସାମଗ୍ରୀ ରଖାଯାଇଛି। ଏହି ମ୍ୟୁଜିୟମ୍‌ରେ ରୋମ ସାମ୍ରାଜ୍ୟ ବେଳର ସୁନା ଓ ରୁପାରେ ତିଆରି ଶୌଚାଳୟ ସାମଗ୍ରୀ ସଂରକ୍ଷିତ କରାଯାଇଛି।



# ଆଳୁ ଆକୃତି ହୋଟେଲ



ଆମେରିକାର ଇଡାହୋ ରାଜ୍ୟର ରାଜଧାନୀ ବୋଇସେଠାରେ ରହିଛି ଏଭଳି ଏକ ହୋଟେଲ, ଯାହା ଦେଖିବାକୁ ଆଳୁ ଆକୃତିର। ଏହି ହୋଟେଲକୁ ଦେଖିଲେ ଲାଗେ ମାଟି ଉପରେ ଏକ ବଡ଼ ଆଳୁ ରଖାଯାଇଛି । ୬ ଟନ୍ ଓଜନ ବିଶିଷ୍ଟ ଏହି ହୋଟେଲରେ ଯାତ୍ରୀଙ୍କ ରହିବା ପାଇଁ ବ୍ୟବସ୍ଥା ରହିଛି । ୨୮ ଫୁଟ ଲମ୍ବ, ୧୨ ଫୁଟ ଓସାର ଏବଂ ୧୧.୫ ଫୁଟ ଉଚ୍ଚ ବିଶିଷ୍ଟ ଏହି ହୋଟେଲ ଷ୍ଟିଲ, ପ୍ଲାଷ୍ଟର ଏବଂ କଂକ୍ରିଟରେ ନିର୍ମିତ ହୋଇଛି । ହୋଟେଲ ଭିତରେ ଏକ ବେଡ୍, ଦୁଇଟି ଚେୟାର, ଏକ ଶେଲ୍ଫ, ତା'ସହ ଏକ ଲାଉଞ୍ଜ, ବାଥ୍‌ଟବ୍ ଏବଂ ଶୀତଦିନେ ଶୀତ ଦାଉରୁ ରକ୍ଷାପାଇବା ଲାଗି ଫାୟାର ପ୍ଲେସ୍ ମଧ୍ୟ ରହିଛି। ତେବେ ଦୁଇଜଣ ଯାତ୍ରୀ ରହିବା ଲାଗି ଉଦ୍ଦିଷ୍ଟ ଏହି ହୋଟେଲରେ ଗୋଟିଏ ରାତ୍ରିଯାପନ କରିବା ଲାଗି ୨୦୦ ଡଲାର ଦେବାକୁ ପଡ଼ିଥାଏ।

# କଙ୍କଡ଼ା ରକ୍ତ ଲିଟର ୧୦ ଲକ୍ଷ



ହର୍ଷସୁ' କଙ୍କଡ଼ା ଦେଖିବାକୁ ଘୋଡ଼ାର ନାଲ ଭଳି। ହେଲେ ଏହାର ଶାଙ୍କୁଚ ପରି ଲାଞ୍ଜ ଥାଏ। ଏହାର ବୈଜ୍ଞାନିକ ନାମ ହେଉଛି ଲିମୁଲସ ପଲିଫେମସ। ଆଉ ଏହି କଙ୍କଡ଼ାର ରକ୍ତ ନୀଳ ରଙ୍ଗର ହୋଇଥାଏ। ଉକ୍ତ କଙ୍କଡ଼ାର ରକ୍ତ ମେଡିକାଲ ସାଇନ୍ସ ପାଇଁ ଅମୃତ ସ୍ୱରୂପ। ବିଭିନ୍ନ ଔଷଧରେ ବ୍ୟବହାର ହେଉଥିବା ଏହି ରକ୍ତର ମୂଲ୍ୟ ଆକାଶଛୁଆଁ। ଅର୍ଥାତ ଏକ ଲିଟର ରକ୍ତର ମୂଲ୍ୟ ୧୦ ଲକ୍ଷ ଟଙ୍କା ହୋଇଥାଏ। ପ୍ରତିବର୍ଷ ୫ ଲକ୍ଷ କଙ୍କଡ଼ାଙ୍କର ରକ୍ତ ବାହାର କରାଯାଇଥାଏ। ରକ୍ତ ବାହାର କରିବା ପାଇଁ ସେମାନଙ୍କୁ ମରାଯାଇଥାଏ। ଏହି କଙ୍କଡ଼ାର ରକ୍ତକୁ ମଣିଷ ଶରୀରରେ ଇଞ୍ଜେକ୍ଟ କରି ବିପଜ୍ଜନକ ବ୍ୟାକ୍ଟେରିଆକୁ ଚିହ୍ନଟ କରାଯାଇଥାଏ। କାରଣ ଏହି ରକ୍ତରେ ମଣିଷ ଶରୀର ମଧ୍ୟସ୍ଥ ବିପଜ୍ଜନକ ବ୍ୟାକ୍ଟେରିଆକୁ ଠିକ ଭାବେ ଚିହ୍ନଟ କରିବାର କ୍ଷମତା ଥାଏ।



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ। – ସ୍ୱାମୀ ବିବେକାନନ୍ଦ






## ସଂକ୍ଷେପରେ

### ଆଇଆର୍‌ସିଟିସି କମାଇବ ରେଳଭଡ଼ା

ମିଳିବ ଅନ୍‌ଲାଇନ ପେମେଣ୍ଟରେ ରିହାତି

**ଭୁବନେଶ୍ୱର, ୩।୧୧(ବ୍ୟୁରୋ):** ଆଇଆର୍‌ସିଟିସି କମାଇବାକୁ ଯାଉଛି ରେଳଭଡ଼ା। ପ୍ରତି ସଂରକ୍ଷିତ ଟିକେଟରେ ଆଦାୟ କରାଯାଉଥିବା ସେବା ଦେୟରେ ଏବେ ଯାତ୍ରୀଙ୍କୁ ରିହାତି ମିଳିବ। ଯାତ୍ରୀ ଟିକେଟ ବୁକିଂ କରିବା ସମୟରେ ଭୀମ୍ କିମ୍ବା ୟୁପିଆଇ ଜରିଆରେ ପେମେଣ୍ଟ କରିଲେ ଟିକେଟ ପିଛା ୫ ପ୍ରତିଶତ ରିହାତି ମିଳିବ। ଏଥିସହ ସୁବିଧା ଶୁଳ୍କରେ ମଧ ହ୍ରାସ ଘଟିବ। ନନ୍-ଏସି ଟିକେଟରେ ୧୦ ଟଙ୍କା ଏବଂ ଏସି ଟିକେଟରେ ୨୦ ଟଙ୍କା ସୁବିଧା ଶୁଳ୍କ ଆଦାୟ କରାଯିବ। ବର୍ତ୍ତମାନ ଆଇଆର୍‌ସିଟିସି ଟିକେଟ ପିଛା ନନ୍-ଏସିରେ ୧୫ ଟଙ୍କା ଏବଂ ଏସି ଟିକେଟରେ ୩୦ ଟଙ୍କା ସୁବିଧା ଶୁଳ୍କ ଆଦାୟ କରୁଛି। ଅନ୍‌ଲାଇନ/ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ରେଳ ବିଭାଗ ଏହି ନିଷ୍ପତ୍ତି ନେବାକୁ ଯୋଜନା କରୁଛି ବୋଲି ଜଣାପଡ଼ିଛି।

### ଦଳୀୟ ଭିତ୍ତିରେ ବଣ୍ଟାଯାଉଛି ପିଏମ୍‌ଏୱାଇ

ଆନ୍ଦୋଳନକୁ ଓହ୍ଲାଇବ ଭାଜପା

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** ବାତ୍ୟା ଫନୀ ପ୍ରଭାବିତ ୧୪ ଜିଲାରେ ପ୍ରକୃତ କ୍ଷତିଗ୍ରସ୍ତ ଲୋକ ବର୍ତ୍ତମାନ ସୁଦ୍ଧା କ୍ଷତିପୂରଣ ପାଇନାହାନ୍ତି। ଫନୀ ଜନିତ ରାଜ୍ୟର ୧୪ ଜିଲାରେ ତାଲିକାନୁଯାୟୀ ପୂର୍ଣ୍ଣ, ଗୁରୁତର ଓ ଆଂଶିକ ୩ପ୍ରକାର ଭାବେ ପ୍ରସ୍ତୁତ ହୋଇଥିବା ଘରଭଙ୍ଗା ସଂଖ୍ୟା ୩ ଲକ୍ଷ ୮୯ ହଜାର ଦର୍ଶାଯାଇ ବ୍ୟାପକ ଜାଲିଆତି କରାଯାଇଛି। ପ୍ରକୃତ ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣରୁ ବଞ୍ଚିତ କରାଯାଇ ଦଳୀୟ ଭିତ୍ତିରେ ଘର ଭାଙ୍ଗି ନ ଥିବା ଲୋକଙ୍କୁ ତାଲିକା ଭୁକ୍ତ କରାଯାଇଛି। ଫନୀରେ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ଏବଂ କେନ୍ଦ୍ର ସରକାର ସହଯୋଗ କରିଥିଲେ। ପୂର୍ବରୁ ଏବଂ ପରେ ୩ଟି ପର୍ଯ୍ୟାୟରେ ସମୁଦାୟ ୩,୩୩୮ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗାଇ ଦେଇଛନ୍ତି। ମାତ୍ର ରାଜ୍ୟ ସରକାର ତାଲିକାକୁ ବଢେଇ ଦଳୀୟ ଭିତ୍ତିରେ ସହାୟତା ଟଙ୍କାକୁ ବାଣ୍ଟି ପ୍ରକୃତ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତାରୁ ବଞ୍ଚିତ କରିଛନ୍ତି। ସେହିପରି ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ନିର୍ମାଣ ହେବାକୁ ଥିବା ୧୨ ଲକ୍ଷ ୭୫ ହଜାର ପକ୍କାଘର ତାଲିକାରେ ୮୫ପ୍ରତିଶତ ଅଯୋଗ୍ୟ ହିତାଧିକାରୀ ଅଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଏବଂ ଫନୀ ସହାୟତା ଘର ଯୋଗାଇ ଦେବାରେ ରାଜ୍ୟ ସରକାର କରିଥିବା ବ୍ୟାପକ ଜାଲିଆତି ବିରୋଧରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦୀ ସାମଲ ସୂଚନା ଦେଇଛନ୍ତି।

# ପ୍ରଦୂଷଣ ମୁକ୍ତ ବାଲିଯାତ୍ରା ପାଇଁ ଶୋଭାଯାତ୍ରା

## ମୁଖ୍ୟ ବିଚାରପତି, ଜିଲାପାଳ, ଡିସିପି ସାଇକେଲ ଚଳାଇଲେ

**କଟକ ଅଫିସ, ୩।୧୧**

ଐତିହାସିକ କଟକ ବାଲିଯାତ୍ରା ଦେଖିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଲୋକ ଆସିଥାନ୍ତି। ଏହି ସମୟରେ ସହରରେ ଯାନବାହନ ଚଳାଚଳ ଅଧିକ ହୋଇଥାଏ। ତେବେ ଯାନବାହନ ଚଳାଚଳ କମ୍ କରିବା ସହ ସହରକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପନ୍ଥା ଅବଲମ୍ବନ କରାଯାଇଛି। ରବିବାର ପ୍ରଶାସନ ପକ୍ଷରୁ ସାଇକେଲ ବ୍ୟବହାରକୁ ଗୁରୁତ୍ୱ ଦିଆଯାଇ ମୋ କଟକ ସାଇକେଲ ଶୋଭାଯାତ୍ରା ୨୦୧୯ ଆୟୋଜନ କରାଯାଇଥିଲା। 'ସାଇକେଲ ଚଲାଅ ସୁସ୍ଥ ରୁହ' ଏବଂ 'ପରିବେଶକୁ ପ୍ରଦୂଷଣ ମୁକ୍ତ ରଖ' ଭଳି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରୁଥିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଉଦ୍‌ଘାଟନ କରିଥିଲେ। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ, ଜଷ୍ଟିସ ସି.ଆର. ଦାସ, ଜଷ୍ଟିସ ବି.ଆର୍. ଷଡଙ୍ଗୀ, ଆଇନ ବିଭାଗ ମୁଖ୍ୟ ସଚିବ ଶଶିକାନ୍ତ ମିଶ୍ର, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ଅଖିଳେଶ୍ୱର ସିଂ, ଜେଲ ବିଭାଗ ଡିଜି ସତ୍ୟଜିତ୍ ମହାନ୍ତି ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ। ସହରର ଲୋକମାନେ ଯାନବାହନ ଚଳାଚଳ କମ୍ କରି ସାଇକେଲ ଚଳାଇବା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଏହା ଦ୍ୱାରା ଶରୀର ସୁସ୍ଥ ରହିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ କରାଯାଇପାରିବ ବୋଲି ଶୋଭାଯାତ୍ରାରେ ଭାଗ ନେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଏହି ଶୋଭାଯାତ୍ରା ପାଇଁ କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ (ସିଆରୟୁଟି) ଓ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଯଥାକ୍ରମେ ୨୦୦ ଓ ୧୫୦ଟି ସାଇକେଲ ଯୋଗାଇ ଦିଆଯାଇଥିଲା। ଏଥିସହ ବାଲିଯାତ୍ରା ପଡିଆରୁ ରିକ୍ସା ଚାଳକମାନେ ଶୋଭାଯାତ୍ରାରେ ବାହାରି ସହର କରିଥିଲେ।



'ମୋ କଟକ ସାଇକେଲ ଶୋଭାଯାତ୍ରା'ରେ ବାହାରିଥିବା ମୁଖ୍ୟ ବିଚାରପତି, ଜିଲାପାଳ, ଡିସିପି ଏବଂ ଅନ୍ୟମାନେ।

# ଅଭୟାରଣ୍ୟ, ହାତୀ କରିଡର୍ ପାଇଁ ବିପଦ ପାଲଟିଛି ଖଣି ଖାଦାନ

- ଏନ୍‌ଜିଟିଙ୍କ ଉଦ୍‌ବେଗ
- ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

ରାଜ୍ୟରେ ଅଭୟାରଣ୍ୟ ଓ ହାତୀ କରିଡର୍ ପାଇଁ ବିପଦ ସୃଷ୍ଟି କରୁଛି ଖଣି ଖାଦାନ। ଏନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ପ୍ରସଙ୍ଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ସରକାରଙ୍କୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଅଭୟାରଣ୍ୟ ଓ ହାତୀ କରିଡର୍ ଅଞ୍ଚଳ ଭିତରେ ତଥା ଏହାର ଆଖପାଖରେ ଖଣି ଖାଦାନ କାର୍ଯ୍ୟ ଚାଲୁଥିବାରୁ ଜୀବଜନ୍ତୁ କ୍ଷତିଗ୍ରସ୍ତ ହେବା ସହ ହାତୀମାନଙ୍କ ଅବାଧ ଚଳପ୍ରଚଳରେ ବାଧା ଉପୁଜୁଥିବା ଅଭିଯୋଗ ଉଠିଥିଲା। ଏହି ପରିପ୍ରେକ୍ଷୀରେ 'ରୋଜ୍' ଓ 'ଆଶା' ନାମକ ଦୁଇଟି ସାମାଜିକ ସଙ୍ଗଠନ ନୂଆଦିଲ୍ଲୀସ୍ଥିତ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ପ୍ରମୁଖ ବେଞ୍ଚରେ ମାମଲା ରୁଜୁ କରିଥିଲେ। ଏନେଇ ଗ୍ରୀନ୍ ଟ୍ରିବ୍ୟୁନାଲ ବିଚାର ବିଭାଗୀୟ ସଦସ୍ୟ ଜଷ୍ଟିସ୍ ଏସ୍.ପି. ୱାଙ୍ଗଡି ଓ ବିଶେଷଜ୍ଞ ସଦସ୍ୟ ଡ. ସତ୍ୟବାନ ସିଂହ ଗର୍ବିୟାଲଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପ୍ରାଥମିକ ଶୁଣାଣି ପରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କୁଲଡିହା ବନ୍ୟଜନ୍ତୁ ଅଭୟାରଣ୍ୟ ସହିତ ଶିମିଳିପାଳ–ହଦଗଡ଼–କୁଲଡିହା ହାତୀ କରିଡର୍ ଅଞ୍ଚଳ ଓ ଏହାର ଆଖପାଖ ସ୍ଥାନରେ ଯେପରି ଖଣି ଖନନ ଚାଲୁଛି, ସେନେଇ ଗ୍ରୀନ୍ ଟ୍ରିବ୍ୟୁନାଲ ଚିନ୍ତାବ୍ୟକ୍ତ କରିଛନ୍ତି। ଏ ପ୍ରସଙ୍ଗରେ ପୂର୍ବରୁ କମିଶନଙ୍କ ନିର୍ଦ୍ଦେଶ କ୍ରମେ ପିସିସିଏଫ୍ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ରାଜ୍ୟ ସରକାରଙ୍କ ଓକିଲ ଉତ୍ତର ଦାଖଲ ପାଇଁ ଅଧିକ ସମୟ ଚାହିଁଥିଲେ। ଉକ୍ତ ଅଞ୍ଚଳରେ ୯୭ ପଥର ଖଣି ଚାଲିଥିବା ପିସିସିଏଫ୍ ରିପୋର୍ଟରେ ଉଲ୍ଲେଖ ରହିଛି। ଏଥିଯୋଗୁ ହାତୀଙ୍କ ଚଳପ୍ରଚଳ ବାଧାପ୍ରାପ୍ତ ହେବା ଓ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡୁଥିବା ସେ ସ୍ୱୀକାର ମଧ କରିଛନ୍ତି। ତେଣୁ ଏଭଳି ଏକ ସମ୍ବେଦନଶୀଳ ଅଞ୍ଚଳରେ ବିଧି ବ୍ୟବସ୍ଥା ଅନୁଯାୟୀ ଯେପରି ଖଣି ଖାଦାନ ବନ୍ଦ ରୁହେ, ସେ ଦିଗରେ ଦୃଷ୍ଟି ଦେବାକୁ ଗ୍ରୀନ୍ ଟ୍ରିବ୍ୟୁନାଲ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହି ଅଭୟାରଣ୍ୟ ଓ ହାତୀ କରିଡର୍ ତଥା ଏହାର ଆଖପାଖ ଅଞ୍ଚଳରେ ଖଣି ଖନନ କାର୍ଯ୍ୟ ନ କରିବା ସହ ପିସିସିଏଫ୍‌ଙ୍କ ରିପୋର୍ଟରେ ଉଲ୍ଲେଖ ସମସ୍ତ ସୁପାରିସକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ପିସିସିଏଫ୍ ତାଙ୍କ ରିପୋର୍ଟରେ ସମ୍ପୃକ୍ତ ଅଞ୍ଚଳରେ ବୃକ୍ଷରୋପଣ ସହିତ ଲଣ୍ଡା ପାହାଡ଼ଗୁଡ଼ିକୁ ସବୁଜ କରିବା ପାଇଁ କାମ୍ପା ଓ ଅନ୍ୟାନ୍ୟ ପାଣ୍ଠିର ବ୍ୟବହାର ପାଇଁ ସୁପାରିସ କରିଛନ୍ତି। ଏହାସହ ରାଜ୍ୟ ସରକାର ଏକ ମାସ ମଧ୍ୟରେ ସତ୍ୟପାଠ ସହ ଗ୍ରୀନ୍ ଟ୍ରିବ୍ୟୁନାଲରେ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

### ପୂଜାପାଠ ଆଳରେ ମହିଳାଙ୍କୁ ମଶାଣିକୁ ନେଇ ଅସଦାଚରଣ

# ଛେଚା ଖାଇ ଗିରଫ ହେଲେ ଭଣ୍ଡବାବା

**ବାସୁଦେବପୁର, ୩।୧୧ (ଡି.ଏନ.ଏ.)**

ଜଣେ ଭଣ୍ଡବାବା ଶନିବାର ନିଶାର୍ଦ୍ଧରେ ଜଣେ ନିଃସନ୍ତାନ ମହିଳାଙ୍କୁ ମଶାଣିକୁ ନେଇ ପୂଜାପାଠ କରିବା ଆଳରେ ତାଙ୍କୁ ଅସଦାଚରଣ କରିବା ଭଳି ଘଟଣା ପଦାକୁ ଆସିଛି। ଗ୍ରାମବାସୀ ଓ ମହିଳାଙ୍କ ପରିବାର ଲୋକେ ଭଣ୍ଡବାବାଙ୍କୁ ଧରି ନିଘୁଞ୍ଚ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ଏଭଳି ଏକ ଘଟଣା ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୂଡ଼ାମଣି ସାମୁଦ୍ରିକ ଥାନା ଅଞ୍ଚଳରେ ଘଟିଛି। ଚୂଡ଼ାମଣି ଥାନା ପୋଲିସ ଏ ନେଇ ଏକ ମାମଲା(ନଂ.୫୧/୧୯) ରୁଜୁ କରି ଭଣ୍ଡବାବା ଭାନୁତାଲାଙ୍କୁ ଗିରଫ କରିଛି। ଲୋକଙ୍କ ମାଡ଼ରେ ସେ ଆହତ ହୋଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିବା ଆଇଆଇସି ମହମ୍ମଦ ହାଫିଜ୍ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗିରଫ ଭଣ୍ଡବାବା ଭାନୁତାଲାଙ୍କ ଘର ବାସୁଦେବପୁର ବ୍ଲକ କିଷ୍ମତକୃଷ୍ଣପୁର ଗ୍ରାମରେ। ପୂଜାପାଠ କଲେ ସନ୍ତାନ ଲାଭ ସମ୍ଭବ ବୋଲି କହି ସ୍ଥାନୀୟ ଅଞ୍ଚଳର ଏକ ନିଃସନ୍ତାନ ଦମ୍ପତିଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ତଦନୁଯାୟୀ ଶନିବାର ରାତିରେ ଗାଁ ପାଖ ମଶାଣିରେ ପୂଜାପାଠ କରିବା ଲାଗି ଆୟୋଜନ କରାଯାଇଥିଲା। ଭଣ୍ଡବାବା ଉକ୍ତ ମହିଳାଙ୍କୁ ନେଇ ରାତିରେ ଶ୍ମଶାନକୁ ଯାଇ ପୂଜାପାଠ ଆରମ୍ଭ କରିଥିଲେ। ଏହି ସମୟରେ ସେଠାରେ ସେ ମହିଳାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ଏହାକୁ ବିରୋଧ କରି ପାଟିତୁଣ୍ଡ କରିବାରୁ ଗ୍ରାମବାସୀ ପହଞ୍ଚି ଭଣ୍ଡବାବାଙ୍କୁ କାବୁକରି ନିର୍ଘୁମ ଛେଚିଥିଲେ। ପରେ ସେମାନେ ପୋଲିସକୁ ଡାକି ଭଣ୍ଡବାବାଙ୍କୁ ଜିମା ଦେଇଥିଲେ। ପୂଜାପାଠ ମାଧ୍ୟମରେ ଏଭଳି ଅନ୍ଧବିଶ୍ୱାସ ସୃଷ୍ଟି କରାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏ ଦିଗରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଆର୍ମି ଏୟାର ଡିଫେନ୍ସ କଲେଜରେ ଯବାନଙ୍କ ଆତ୍ମହତ୍ୟା

**ଗୋପାଳପୁର,୩।୧୧**

ଗଞ୍ଜାମ ଜିଲା ଗୋଳାବନ୍ଧସ୍ଥିତ ଆର୍ମି ଏୟାର ଡିଫେନ୍ସ (ଏଡି) କଲେଜରେ ଶନିବାର ରାତିରେ ଜଣେ ଯବାନ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତାମିଲନାଡୁ ଅଞ୍ଚଳର ଏନ୍. କ୍ରିଷ୍ଣା। ଏ ନେଇ ସ୍ଥାନୀୟ ପୋଲିସ ନଂ. ୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗତ ୧୦ ମାସ ହେଲା ଗୋପାଳପୁର ଥାନା ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜରେ କ୍ରିଷ୍ଣା ଯବାନ ରୂପେ ଯୋଗ ଦେଇଥିଲେ। ୫ ମାସ ତଳେ ତାଙ୍କର ବିବାହ ହୋଇଥିଲା। କିନ୍ତୁ ବିଭିନ୍ନ ସମୟରେ ସେ ମାନସିକ ଚିନ୍ତାରେ ରହୁଥିଲେ। ତେଣୁ ତାଙ୍କୁ ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜ ପରିସରରେ ଥିବା ମେଡିକାଲରେ ଚିକିତ୍ସିତ କରାଯାଉଥିଲା। ଶନିବାର ରାତି ପ୍ରାୟ ୧୦ଟାରେ କ୍ରିଷ୍ଣା ମେଡିକାଲରୁ ଆସି ରହୁଥିବା ବାରାକ୍‌ର ଉପର ମହଲାକୁ ଯାଇ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରବିବାର ପୂର୍ବାହ୍ନରେ ଅନ୍ୟ ଯବାନମାନେ କ୍ରିଷ୍ଣାଙ୍କୁ ଫ୍ୟାନରେ ଝୁଲୁଥିବା ଦେଖି ଗୋପାଳପୁର ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଯବାନଙ୍କ ପରିବାର ଲୋକ ଆସିଲେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

### ନକଲି ସାର୍ଟିଫିକେଟ୍ ଦେଇ ଧରାପଡ଼ିଲେ

# ୪ ଶିକ୍ଷକଙ୍କ ବିରୋଧରେ ଏତଲା ନିର୍ଦ୍ଦେଶ

- ୩ ଜଣଙ୍କୁ ବହିଷ୍କାର, ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
- ଲୁଚାଇଥିଲେ ମାଟ୍ରିକ୍ ମାର୍କ, ଡିଭିଜନ୍
- ଅଷ୍ଟମ ଫେଲ୍ ହୋଇ ସାଜିଥିଲେ ଶିକ୍ଷକ

**ବ୍ରହ୍ମପୁର ଅଫିସ୍ (ଡି.ଏନ୍.ଏ.), ୩।୧୧**

ନିଯୁକ୍ତି ବେଳେ ଶିକ୍ଷାଗତ ଯୋଗ୍ୟତାର ନକଲି ସାର୍ଟିଫିକେଟ୍ ଦେଇ ଗଞ୍ଜାମ ଜିଲାର ୪ ଶିକ୍ଷକ ଧରାପଡ଼ିଛନ୍ତି। ଧରାକୋଟ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଏହି ଶିକ୍ଷକମାନଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀଙ୍କ ସମେତ ୩ ଶିକ୍ଷକଙ୍କୁ ବହିଷ୍କାର ଓ ଅନ୍ୟ ଜଣେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି।

ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କ ସୂଚନା ଅନୁଯାୟୀ, ଗତ କିଛି ମାସ ତଳେ ଜିଲାରେ ବିଭିନ୍ନ ବର୍ଗରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ୍ ଯାଞ୍ଚ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କ ସାର୍ଟିଫିକେଟ୍ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଧରାକୋଟ ବ୍ଲକର ୪ ଶିକ୍ଷକ ଯଥା ମାଣିକପୁର ନୂଆସାହି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ନାହାକ, ବରଡ଼ାବାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ପ୍ରଜ୍ଞା କୁମାରୀ ଗୌଡ଼, ତାନାର୍ଜିପଲ୍ଲୀ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଅମରେଶ ଚନ୍ଦ୍ର ପଣ୍ଡା ଏବଂ ଝିଲିମିଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ନାରାୟଣ ବେହେରାଙ୍କ ସାର୍ଟିଫିକେଟ୍ ଯାଞ୍ଚ ବେଳେ ନକଲି ଜଣାପଡିଥିଲା। ଗତ ୧ ତାରିଖରେ ଜିଲା ଶିକ୍ଷା ଅଧିକାରୀ ପଣ୍ଡା ଏବଂ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ଏହି ଶିକ୍ଷକମାନଙ୍କ ସାର୍ଟିଫିକେଟ୍ ପୁନଃ ଯାଞ୍ଚ କରିଥିଲେ। ବରଡ଼ାବାଲି ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ଗୌଡ଼ ନିଯୁକ୍ତି ବେଳେ ସୋରଡ଼ା ଏସ୍.ନୂଆଗଡ଼ ଜେ.ଜେ. ବିଦ୍ୟାପୀଠରେ ୨୦୦୭ ମସିହାରେ ୫୪୧ ମାର୍କ ରଖି ଫାଷ୍ଟ ଡିଭିଜନ ପାଇ ମାଟ୍ରିକ ପାସ୍ କରିଥିବା ସାର୍ଟିଫିକେଟ୍ ଦେଇଥିଲେ। ହେଲେ ଯାଞ୍ଚ ବେଳେ ସେ ୨୮୩ ମାର୍କ ରଖି ଥାର୍ଡ ଡିଭିଜନରେ ପାସ୍ କରିଥିବା ଜଣାପଡ଼ିଥିଲା। ସେହିପରି ମାଣିକପୁର ନୂଆସାହି ବିଦ୍ୟାଳୟର ସହକାରୀ ଶିକ୍ଷକ ନାହାକ ରମ୍ଭା ହାଇସ୍କୁଲରୁ ୨୦୦୪ ମସିହାରେ ୫୨୨ ନମ୍ବର ରଖି ଫାଷ୍ଟ ଡିଭିଜନରେ ପାସ୍ କରିଥିବା ସାର୍ଟିଫିକେଟ୍ ଦେଇଥିଲେ। ସେ କରେସ୍‌ପଣ୍ଡେଣ୍ଟ୍‌ରେ ପାସ୍ କରିଥିବା ତଥ୍ୟ ଦେଇଥିଲେ। ହେଲେ ବୋର୍ଡରୁ ମିଳିଥିବା ସୂଚନା ଅନୁଯାୟୀ, ସେ ୧୯୯୫ ମସିହାରେ ୩୫୫ ମାର୍କ ରଖି ସେକେଣ୍ଡ ଡିଭିଜନରେ ପାସ୍ କରିଥିବା ଜଣାପଡ଼ିଥିଲା। ଜନ୍ମ ତାରିଖ ସମ୍ପର୍କରେ ମଧ ସେ ଭୁଲ୍ ତଥ୍ୟ ଦେଇଥିଲେ। ନକଲି ସାର୍ଟିଫିକେଟ୍‌ରେ ଜନ୍ମ ତାରିଖ ୧୯୮୭ ମସିହା ସେପ୍ଟେମ୍ବର ୪ତାରିଖ ଥିବା ବେଳେ ଅସଲି ସାର୍ଟିଫିକେଟ୍‌ରେ ୧୯୯୭ ମସିହା ନଭେମ୍ବର ୫ ତାରିଖ ରହିଛି। ତାନାର୍ଜିପଲ୍ଲୀ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ପଣ୍ଡା ଆସିକା ଗୁଣ୍ଠପଡ଼ା ଜଗଦଲପୁର ହାଇସ୍କୁଲରୁ ୨୦୦୦ ମସିହାରେ ୫ଶହ ମାର୍କ ସହ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିଥିବା ନିଯୁକ୍ତି ବେଳେ ତଥ୍ୟ ଦେଇଥିଲେ। କିନ୍ତୁ ଯାଞ୍ଚ ବେଳେ ସେ ୩୮୦ ମାର୍କ ସହ ସେକେଣ୍ଡ ଡିଭିଜନରେ ପାସ୍ କରିଥିବା ଜଣାପଡ଼ିଥିଲା। ଝିଲିମିଲି ବିଦ୍ୟାଳୟର କନିଷ୍ଠ ଶିକ୍ଷକ ନରାୟଣ ବେହେରାଙ୍କ ନକଲି ସାର୍ଟିଫିକେଟ୍‌କୁ ନେଇ ଆଶ୍ଚର୍ଯ୍ୟଜନକ ତଥ୍ୟ ମିଳିଥିଲା। ଆସିକା ଗୁଣ୍ଠପଡ଼ା ଜଗଦଲପୁର ହାଇସ୍କୁଲରୁ ସେ ୨୦୦୦ ମସିହାରେ ୫୦୨ ମାର୍କ ସହ ଫାଷ୍ଟ ଡିଭିଜନରେ ପାସ୍ କରିଥିବା ସାର୍ଟିଫିକେଟ ଦେଇଥିଲେ। କିନ୍ତୁ ଯାଞ୍ଚ ବେଳେ ୨୦୦୦ ମସିହାରେ ସେହି ବିଦ୍ୟାଳୟରରୁ ନାରାୟଣ ବେହେରା ନାମକ କୌଣସି ଛାତ୍ର ପାସ୍ କରି ନ ଥିବା ଜଣାପଡ଼ିଥିଲା। ଏପରିକି ଅଧିକ ତଦନ୍ତ କରାଯିବାରୁ ସେ କାଳଷଣ୍ଢପୁର ଉଚ୍ଚ ବିଦ୍ୟାପୀଠରେ ପଢୁଥିଲେ ବୋଲି ଜଣାପଡିଥିଲା। ଅଷ୍ଟମ ଶ୍ରେଣୀରେ ଫେଲ୍ ହେବା ପରେ ୧୯୯୭ ମସିହା ମେ ୩୧ତାରିଖରେ ବିଦ୍ୟାଳୟରୁ ସେ ଟି.ସି ନେଇ ଯାଇଥିଲେ। ତାଙ୍କ ବାପାଙ୍କ ନାମ ରାମ ବେହେରା ବୋଲି ଟି.ସିରେ ଉଲ୍ଲେଖ ଥିଲା। ହେଲେ ନିଯୁକ୍ତି ସମୟରେ ସେ ଯେଉଁ ସାର୍ଟିଫିକେଟ୍ ଦେଇଥିଲେ, ସେଥିରେ ବାପାଙ୍କ ନାମ ସନ୍ନ୍ୟାସୀ ବେହେରା ବୋଲି ଉଲ୍ଲେଖ ରହିଥିଲା।

ତଦନ୍ତ ସମ୍ପର୍କିତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ୪ ନକଲି ଶିକ୍ଷକଙ୍କ ନାଁରେ ଥାନାରେ ଏତଲା ଦେବାକୁ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ପଣ୍ଡାଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସହକାରୀ ଶିକ୍ଷକ ସନ୍ତୋଷ କୁମାର ନାହାକଙ୍କ ବିରୋଧରେ ଏସିଏସ୍(ସିସିଆଣ୍ଡଏ)-୧୯୬୨ର ଧାରା ୧୫ରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟ ୩ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ରଦ୍ଦ (ବହିଷ୍କାର) ପାଇଁ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।





କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



(ପିୟୁଷ)
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

■ବିଶାଳ ରକ୍ତଦାନ ଶିବିର, ମେଘପାଲ ଗ୍ରାମ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ପୂର୍ବାହ୍ନ ସାଢ଼େ ୯ଟା ।

■ଭ୍ରାମ୍ୟମାଣ ସଂଗ୍ରହାଳୟରେ ପ୍ରଦର୍ଶନୀ ଶୁଭାରମ୍ଭ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

■ଜିଲା କୃଷକ ସୁରକ୍ଷା ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳଙ୍କ ଅଫିସ ନିକଟ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।

■ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ, ଗୋଶାଳା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣ, ପୂର୍ବାହ୍ନ ୧୧ଟା।

■ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ହାୱା ମଇଦାନ, ଅପରାହ୍ନ ୨ଟା ।

■ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବର ତୃତୀୟ ସନ୍ଧ୍ୟା, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା ।

**ଟିଟିଲାଗଡ**

■ଷୋଡ଼ଶ ବାର୍ଷିକ ଗୋପାଷ୍ଟମୀ ସମାରୋହ, ଶ୍ରୀରାମ ଗୋସେବା ସଦନ, ସକାଳ ୮ଟା।

**ଲୋଇସିଂହା**

■ଗୋକୁଳାଷ୍ଟମୀ ଉପଲକ୍ଷେ ନାମଯଜ୍ଞ ଆରମ୍ଭ, ଡୁଡୁକା ଭାଗବତ ମନ୍ଦିର, ପୂର୍ବାହ୍ନ ୧୦ଟା।

**ସୁନ୍ଦରଗଡ**

■ଜିଲାପାଳଙ୍କ ଜନଶୁଣାଣି ଶିବିର, ପ୍ରଗତି ମଣ୍ଡପ, ପୂର୍ବାହ୍ନ ୧୦।୩୦।

## ୪ ହଜାର ନକଲି ଟଙ୍କା ଜବତ, ୨ ଗିରଫ

**ସମ୍ବଲପୁର,୩।୧୧(ବ୍ୟୁରୋ)**– ସମ୍ବଲପୁର ଟାଉନ ଥାନା ପୋଲିସ ୪ ହଜାର ଟଙ୍କା ନକଲି ଟଙ୍କା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ସୁନାପାଲିର ମହମ୍ମଦ ରାଜା ଓ ଫାଟକର ଶେଖ ସଖିବ । ମହମ୍ମଦ ରାଜାଙ୍କ ନିକଟରୁ ୬ଟି ୫ଶହ ଟଙ୍କିଆ ଜବତ ହୋଇଥିବା ବେଳେ ଶେଖଙ୍କ ପାଖରୁ ୨ଟି ୫ ଶହ ଟଙ୍କିଆ ନୋଟ୍ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ ୪୫୯/୧୯) ରୁଜୁ ହୋଇଛି। ଶନିବାର ରାତିରେ ଏକ ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଏହି ଦୁଇଜଣ ଅଭିଯୁକ୍ତ ଆସିଥିଲେ । ବାଇକରେ ତେଲ ପକାଇଲା ପରେ ଟଙ୍କା ଦେଇଥିଲେ । ହେଲେ ଉପସ୍ଥିତ କର୍ମଚାରୀ ନକଲି ଟଙ୍କା ଦେଇଥିବା ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ । ପୋଲିସ ଏମାନଙ୍କୁ ଅଟକ ରଖି ପଚରା ଉଚୁରା କରିବାକୁ ନକଲି ଟଙ୍କା ବୋଲି ଜାଣିବାକୁ ପାଇଥିଲା।

■ଦିଲ୍ଲୀ ବିମାନବନ୍ଦରରେ ପ୍ରଦୂଷଣ

## ୪ ଏୟାର ଇଣ୍ଡିଆ ବିମାନ ବାତିଲ୍

### ୧୨ଟିର ପଥ ପରିବର୍ତ୍ତନ

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

ଦିଲ୍ଲୀ ବିମାନବନ୍ଦରରେ ପ୍ରଦୂଷଣଜନିତ ଖରାପ ପାଗ ଯୋଗୁ ଏୟାର ଇଣ୍ଡିଆ ରବିବାର ୪ଟି ବିମାନ ବାତିଲ୍ କରିଦେଇଛି। (ଏଆଇ୪୬୭/୪୬୮) ଦିଲ୍ଲୀ-ବିଜୟୱାଡ଼ା-ଦିଲ୍ଲୀ, (ଏଆଇ୪୭୩/୪୭୪) ଦିଲ୍ଲୀ-ଭୁବନେଶ୍ୱର-ଦିଲ୍ଲୀ, (ଏଆଇ୮୫୩/୮୫୪) ଦିଲ୍ଲୀ-ପୁନେ-ଦିଲ୍ଲୀ, (ଏଆଇ୮୦୧/୮୦୨) ଦିଲ୍ଲୀ-ବେଙ୍ଗାଲୁରୁ-ଦିଲ୍ଲୀ ବିମାନକୁ ବାତିଲ୍ କରାଯାଇଛି। ପ୍ରଦୂଷଣ ଯୋଗୁ ଆକାଶରେ ଧୂଆଁ ଓ ଧୂଳି ଭର୍ତ୍ତି ହୋଇଥିବାରୁ ଆଲୋକ କମ୍ ଅର୍ଥାତ୍ ପଥ ଦୃଶ୍ୟମାନ ହେଉ ନ ଥିବାରୁ ଏହି ୪ଟି ବିମାନ ବାତିଲ୍ କରାଯାଇଛି। ଏଥିସହ ପଥ ପରିବର୍ତ୍ତନ, ଉଡ଼ାଣରେ ବିଳମ୍ବ ଓ ପରିଚାଳନାରେ ସମସ୍ୟା ହେଉଥିବା ଜଣାପଡ଼ିଛି। ରବିବାର ଦିଲ୍ଲୀକୁ ଉଡ଼ାଣ ଭରୁଥିବା ୧୨ଟି ବିମାନର ଗତିପଥ ଅପରାହ୍ନରେ ପରିବର୍ତ୍ତନ କରାଯାଇଥିଲା। ତନ୍ମଧ୍ୟରୁ ୬ଟିକୁ ଜୟପୁର, ୪ଟି ଅମୃତସର ଓ ୨ଟିକୁ ଲକ୍ଷ୍ନୌକୁ ପଥ ପରିବର୍ତ୍ତନ କରାଯାଇଥିଲା। ଏହା ବ୍ୟତୀତ ଅନ୍ୟ ଘରୋଇ ବିମାନ ସଂସ୍ଥାର ୧୧ଟି ବାତିଲ୍ ଏବଂ ୨୫ଟିର ପଥ ପରିବର୍ତ୍ତନ କରାଯାଇଛି।

■ଭବାନୀପାଟଣାରେ ଏସ୍‌ପି ଅଫିସ, ରିଜର୍ଭ ପୋଲିସ ଗୃହ ଉଦ୍‌ଘାଟନ ପ୍ରସଙ୍ଗ

## ବିରୋଧୀ ଦଳ ନେତାଙ୍କୁ ନିମନ୍ତ୍ରଣ ନ ହେବାରୁ ଭାଜପାର ସମାଲୋଚନା

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ଭବାନୀପାଟଣାଠାରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ରିଜର୍ଭ ପୋଲିସର ନୂତନ ଗୃହ ଉଦ୍‌ଘାଟନ ସମାରୋହରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବା ଭାଜପା ଅଭିଯୋଗ କରିଛି। ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବିଏବଂ ପୋଲିସର କାର୍ଯ୍ୟଦକ୍ଷତା ଉପରେ ବିରୋଧୀ ଦଳ ନେତା ପ୍ରଶ୍ନ ଉଠାଇବା ଯୋଗୁ ତାଙ୍କୁ ଏହି କାର୍ଯ୍ୟକ୍ରମକୁ ଡକାଯାଇ ନାହିଁ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ରବିବାର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଉଦଘାଟନ ସମାରୋହରେ ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା, ଗୃହ ରାଜ୍ୟ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଉପସ୍ଥିତ ଥିଲେ। ମାତ୍ର ସ୍ଥାନୀୟ ଜନପ୍ରତିନିଧିଙ୍କୁ ଏହି ଅବସରରେ ଡକା ନ ଯିବା ରାଜନୈତିକ ଅସହିଷ୍ଣୁତା ନୁହେଁ କି ବୋଲି ସମୀର ପ୍ରଶ୍ନ କରିଛନ୍ତି । ସ୍ଥାନୀୟ ଅଞ୍ଚଳର ସରକାରୀ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ଉପସ୍ଥିତି ଅଧିକ ଗୁରୁତ୍ୱ ରଖିଥାଏ । ମାତ୍ର ଶାସକ ଦଳ ଏହାକୁ ହୀନ ରାଜନୀତିର ରଙ୍ଗ ଦେବାକୁ ବସିଛି । ରତ୍ନଭଣ୍ଡାର ଖୋଲିବା ଓ ଅଡିଟ କରିବା ଏବଂ ୫-ଟିକୁ ନେଇ ସରକାରଙ୍କୁ ବିରୋଧୀ ଦଳ ନେତା ଅଡୁଆରେ ପକାଇଛନ୍ତି। ଏଥିଯୋଗୁ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ରିଜର୍ଭ ପୋଲିସ ଗୃହ ଉଦଘାଟନ ସମାରୋହରେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ପ୍ରଦୀପ୍ତଙ୍କୁ ନିମନ୍ତ୍ରଣ କରାଗଲା ନାହିଁ ବୋଲି ସମୀର ଅଭିଯୋଗ କରିଛନ୍ତି।

### ଘାରିଛି ରେକର୍ଡ ନିଶା

## ୩୦୦ ମିଟର ହାତରେ ଚାଲିଲେ ଯୁବକ

**ଖୋର୍ଦ୍ଧା ଅଫିସ,୩।୧୧:**

ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଅସରଳା ପଞ୍ଚାୟତ ମାଗୁରା ଗାଁର ସୌଭାଗ୍ୟ ବରାଡ (୨୪) ରେକର୍ଡ କରିବା ପାଇଁ ୩୦୦ ମିଟର ହାତରେ ଚାଲିଛନ୍ତି। ଆଗକୁ ଅଧିକ ଚାଲିବାର ଲକ୍ଷ୍ୟ ରଖିଛନ୍ତି। ଲିମ୍‌କା, ଗ୍ରିନିଜ ରେକର୍ଡରେ ତାଙ୍କ ନାଁ ସ୍ଥାନ ପାଉ। ନିଜ ଗାଁ ଓ ଜିଲାକୁ ସମସ୍ତେ ଜାଣନ୍ତୁ। ଏଣୁ ସୌଭାଗ୍ୟ ଦୁଇବର୍ଷ ହେଲା ହାତରେ ଚାଲିବାର ଅଭ୍ୟାସ କରି ସଫଳତାର ପାହାଚ ଚଢ଼ିବାରେ ଲାଗିଛନ୍ତି। ସୌଭାଗ୍ୟ ଇଲେକ୍ଟ୍ରିକାଲ ଡିପ୍ଲୋମା ସାରି ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଚାକିରି କରିଛନ୍ତି। ଅବସର ସମୟରେ ସେ ହାତରେ ରାସ୍ତା ଚାଲିବାର ନିଶାକୁ ସଫଳ କରିବାରେ ଲାଗିଛନ୍ତି। ବୟସ ତାଙ୍କର ୨୪। ବାପା ଜେଜେ ବାପାଙ୍କର ପାଇକ ଖେଳ ତାଙ୍କୁ ଏ ପ୍ରେରଣା ଦେଇଥିଲା। କାରଣ ପାଇକ ଖେଳର କଳା କୌଶଳ ସେ ଶିଖିଥିଲେ। ଅନ୍ୟପକ୍ଷେ ପିଲାଟି ଦିନରୁ କିଛି ନୂଆ କରି ରେକର୍ଡ କରିବାର ତାଙ୍କ ମନରେ ଉଙ୍କି ମାରୁଛି। ସେହି ରେକର୍ଡ ନିଶା ତାଙ୍କୁ ହାତରେ ଚାଲିବାର ବାଟ ଦେଖାଇଛି। ଆଶା ରଖିଛନ୍ତି ହାତରେ ଚାଲିବା ତାଙ୍କୁ ସଫଳତାର ଶ୍ରେୟ ଦେବ ବୋଲି ସୌଭାଗ୍ୟ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଶ୍ରୀତମ୍‌ଙ୍କୁ...

ଅନ୍ତର୍ଜାତୀୟ ଫଟୋଗ୍ରାଫି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୧ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ଫଟୋଗ୍ରାଫି ପୁରସ୍କାର ଘୋଷଣା କରାଯାଇଥିଲା। ଏ ବାବଦରେ ତାଙ୍କୁ ମିଳିଛି ମାନପତ୍ର ସହ ୫ ହଜାର ଡଲାର ଅର୍ଥରାଶି। ଗତ ଦୁଇବର୍ଷ ପୂର୍ବରୁ ସେ ଫଟୋଗ୍ରାଫି ଉପରେ କିଛି ନୂତନତ୍ୱ ଆଣିବା ଲକ୍ଷ୍ୟ ନେଇ କାର୍ଯ୍ୟ କରି ଆସୁଥିଲେ। ଦାମୀ କ୍ୟାମେରା ଏବଂ ଆବଶ୍ୟକ ଉପକରଣ ନ ଥିବା କାରଣରୁ ସେ କେତେକାଂଶରେ ପଛରେ ପଡ଼ିଯାଇଥିବା ମନେ କରୁଥିଲେ। କିନ୍ତୁ ନିରାଶ ନ ହୋଇ ମୋବାଇଲ୍ ଫୋନ ସହାୟତାରେ ଫଟୋ ଉଠାଇବା ପ୍ରକ୍ରିୟା ଜାରି ରଖିଥିଲେ। ହୋଲି ସମୟରେ ସେ ଉଠାଇଥିବା କେତେକ ଫଟୋକୁ ନେଇ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରି ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିବା ସହ ନ୍ୟାଶନାଲ୍ ଜିଓଗ୍ରାଫିରେ ଛାଡିଥିଲେ। ସେତେବେଳେ ଏହି ଫଟୋ ଭାଇରାଲ୍ ହେବା ସହ ଏପ୍ରିଲ ୧୨ ତାରିଖରେ ଇୟରସଟ୍ କମ୍ୟୁନିଟିରେ ପ୍ରକାଶ ପାଇଥିଲା। ଗତ ମେ'ରେ ରେଟ୍ରୋ କଲିକତା ଅର୍ଗାନାଇଜେଶନ୍ ତରଫରୁ କଲିକତାରେ ହୋଇଥିବା ଅନ୍ତର୍ଜାତୀୟ ଫଟୋଗ୍ରାଫି ଓ ପେଣ୍ଟିଂ ପ୍ରତିଯୋଗିତାରେ ଉକ୍ତ ଫଟୋ ସ୍ଥାନ ପାଇବାରୁ ସେ ପୁରସ୍କୃତ ହୋଇଥିଲେ। ରୋମାନିଆ ମର୍ ଆର୍ଟ ପ୍ଲିସ୍ ଗ୍ୟାଲେରିରେ ମଧ୍ୟ ଏହି ଫଟୋ ପ୍ରଦର୍ଶିତ ହୋଇଥିଲା। ଏଥିପାଇଁ ତାଙ୍କୁ 'ଇଭେଣ୍ଟ ଫଟୋଗ୍ରାଫ୍ ଅଫ୍ ଦି ଇୟର୍ ଆୱାର୍ଡ଼' ମିଳିପାରିଥିବା ସେ କହିଛନ୍ତି। ହୋଲି ଉତ୍ସବକୁ ପାଳନ ନେଇ ଜଣେ ଯୁବକ କେତେ ଉତ୍ସାହିତ ରହିଛନ୍ତି ତାହା ତାଙ୍କ ପୁରସ୍କୃତ ଫଟୋଟି ଦର୍ଶାଉଛି। ମା' ମମତା ଓ ବାପା ଶରତ ଚନ୍ଦ୍ରଙ୍କର ସେ ଏକମାତ୍ର ସନ୍ତାନ। ତାଙ୍କ ଫଟୋଗ୍ରାଫି ସମଗ୍ର ଦେଶ ପାଇଁ ଗୌରବ ଆଣିଦେଇଥିବାରୁ ତାଙ୍କ ମାତାପିତା ଖୁସିରେ ଆତ୍ମହରା ହୋଇପଡିଥିବା କହିଛନ୍ତି।

## ପୁଣି ବଢ଼ିଲା...

ନାସିକରେ ପିଆଜ କୁଇଣ୍ଟାଲ ପିଛା ୫୦୦୦ଟଙ୍କାରୁ ୫୧୦୦ ଟଙ୍କାରେ ବିକ୍ରି ହେଉଛି। ତେଣୁ ପରିବହନ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ଦର ବୃଦ୍ଧି ପାଇଛି। ପ୍ରଶାସନ ପକ୍ଷରୁ ଆମଦାନୀ ହେଉଥିବା ପିଆଜକୁ ରଖିବା ପାଇଁ ଅଧିକରୁ ଅଧିକ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି ବୋଲି ସୁଧାକର କହିଛନ୍ତି।

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦର ନିୟନ୍ତ୍ରଣ ଏବଂ କଳାବଜାର ରୋକିବା ପାଇଁ ସୋମବାର ବୈଠକ ବସିବ ବୋଲି ଜଣାପଡିଛି। ଯୋଗାଣ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ସାରା ଦେଶରେ ଆବଶ୍ୟକତା ଅନୁଯାୟୀ ଚଳିତବର୍ଷ ପିଆଜ ଉତ୍ପାଦନ ହୋଇନାହିଁ। ଏହାଦ୍ୱାରା ସବୁ ଅଞ୍ଚଳର ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସମସ୍ୟା ୩ରୁ ୪ ମାସ ହେବ ଅନୁଭୂତ ହେଉଛି। ହେଲେ ବିଭାଗ ପକ୍ଷରୁ କଳାବଜାର, ବେଆଇନ ପିଆଜ ଯୋଗାଣ, କୃତ୍ରିମ ଉପାୟରେ ମହଜୁଦ କରି ରଖିବା ଉପରେ ନଜର ରହିଛି। ସର୍ବନିମ୍ନ ଆବଶ୍ୟକତା ପାଇଁ ପିଆଜ ଯେପରି ଅଭାବ ନ ହେବ, ସେଥିପ୍ରତି ବିଭାଗ ସଚେତନ ଥିବା ଅଧିକାରୀ ଜଣକ କହିଛନ୍ତି।

## ମଣ୍ଡି ଖୋଲିନି...

ଜିଲାର ଧାନ କିଣାବିକାରେ ସ୍ୱଚ୍ଛତା ନେଇ ସନ୍ଦେହ ପ୍ରକାଶ ପାଇଛି। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଏଭଳି ଅନିୟମିତତା ମଧ୍ୟରେ କିଣାଯାଇଥିବା ବହୁ ପରିମାଣର ଧାନ କେତେକ ରାଇସ ମିଲ୍‌ରେ ଗଚ୍ଛିତ ରହିଥିବା ଅଭିଯୋଗ ହୋଇଛି। ଏପରିକି ପୂର୍ବରୁ ଭିଜିଲାନ୍ସ, ଯୋଗାଣ ବିଭାଗର ଖୋଳତାଡ଼ ପରେ ଏଭଳି ଅନିୟମିତତା ପଦାକୁ ଆସିଥିବା ନଜିର ରହିଛି। ହେଲେ ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏଭଳି ଅନିୟମିତତାରେ ପୂର୍ଣ୍ଣଚ୍ଛେଦ ପଡୁନାହିଁ। ଅନ୍ୟପକ୍ଷେ ପୁଣି ସେଭଳି ଅନିୟମିତତା କରିବା ପାଇଁ ତାହା ସୁଯୋଗ ଦେଉଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏଥର ପ୍ରଶାସନ ପକ୍ଷରୁ ଏଭଳି ଅଭିଯୋଗକୁ କିଭଳି ଭାବେ ଗ୍ରହଣ କରାଯାଉଛି, ତାହା ଆଗାମୀ ଦିନରେ ଜଣାପଡ଼ିବ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ତାଙ୍କ ମୋବାଇଲ ନଂ.୯୪୩୮୨୦୦୦୩୩ରେ ଯୋଗଯୋଗ କରାଯାଇଥିଲା। ହେଲେ ସୁଇଚ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଅଭାବରୁ କୌଣସି କାମ କରିବା ସକାଶେ ମନ ଚାହୁଁଥିଲେ ମଧ୍ୟ ତାହା କରିପାରିବେ ନାହିଁ। କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ଜଣେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ** – ନୂତନ କର୍ମାରମ୍ଭ ପ୍ରତିପ୍ରଦ ରହିବା ସାଙ୍ଗକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ବହୁତ ଉନ୍ନତି କରିବେ। ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ ହେବ। ନିଜ ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** – ଆଜି ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଯେତେ ବିରୋଧ କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଛି ଓ ରହିବ କିନ୍ତୁ ହଠାତ୍ କୌଣସି ଦୃଢ଼ ପଦକ୍ଷେପ ନେଲେ ଝାମେଲା ଅଧିକ ବଢ଼ିଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ ।

**କର୍କଟ** – ଛୋଟ ଛୋଟ କଥାକୁ ନେଇ ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ଅଫିସିଆଲି କୌଣସି ବିବାଦୀୟ ଘଟଣାରେ ଆପଣଙ୍କ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ପରିବହନ, ବ୍ୟବସାୟ ଓ ସଙ୍ଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** – ଆଜି ଆର୍ଥିକ ସମସ୍ୟା ମଧ୍ୟରେ ପିଲାମାନଙ୍କ କୌଣସି ଅଭିଯୋଗକୁ ନେଇ ମନ ଅସ୍ଥିର ରହିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ସରକାରୀ ଆଦେଶ ପ୍ରାପ୍ତ ହୋଇ ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହେବେ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ।

**କନ୍ୟା** – ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସି ହୋଇଯିବ। ଯାତ୍ରା ସମୟରେ ପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବା ହେତୁ ବିରକ୍ତି ଅନୁଭବ କରିବେ। ବହୁତ ଦିନ ହେଲା ଇଚ୍ଛା କରୁଥିବା ଜିନିଷଟି ପାଇ ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା** – ଆଜି ଯାହା ଓ ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ, କିନ୍ତୁ ବିବାଦରୁ ଦୂରେଇ ରୁହନ୍ତୁ, କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** – କର୍ମକ୍ଷେତ୍ର କିମ୍ବା ପରିବାରର ବିଭିନ୍ନ ସମସ୍ୟା ମୂଳକ ବିଷୟ ଚିନ୍ତାକରି ମାନସିକ ସୁସ୍ଥତା ରହିବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। କଳା,ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ।

**ଧନୁ** – ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା, କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କିତ ଅଯଥା ଚିନ୍ତା କରି ପାରନ୍ତି। ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର** – ଆପଣ ଅଯଥା ମୂଲ୍ୟହୀନ କଥାରେ ତର୍କବିତର୍କ କରି ପରିବାରରେ କଳହ ଲାଗିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା କାମ ସୁବିଧାରେ ହୋଇଯିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ର, ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ।

**କୁମ୍ଭ** – ବନ୍ଧୁଙ୍କ ନିକଟରୁ ପ୍ରାପ୍ତି ଆଶା ନିରର୍ଥକ ହେବ ନାହିଁ କିନ୍ତୁ ସହଜରେ ପାଇବା କାଠିକର ପାଠ ହୋଇପାରେ। ନିଜ ପରିସରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ,ଏଣୁ ସତର୍କ ରହିବା ଭଲ। କଠୋର ପରିଶ୍ରମ କାରଣରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ ।

**ମୀନ** – କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଯାନବାହନ, ନୂତନ ମେଶିନାରୀ ଜିନିଷ କିଣି ପାରନ୍ତି। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ଏଣୁ ମନ ହାଲ୍‌କା ହୋଇଯିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବାର ପୂର୍ଣ୍ଣ ସମ୍ଭାବନା ରହିଛି ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ଗୋଷ୍ଠାଷ୍ଟମୀ ସୋମବାର, ନଭେମ୍ବର ୪ ତାରିଖ,ଜଗମୋହନ ଭୋଗ, ଗୋବନ୍ଦାପନା, ରାଶି ନକ୍ଷତ୍ର- ଶ୍ରବଣା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୨ମି. ମଧ୍ୟେ, ଘ୮।୫୨ମି. ଗତେ ଘ୧୧।୦୭ମି. ମଧ୍ୟେ ଅମୃତବେଳା। ଦିବା ଘ୮।୦୫ମି. ଗତେ ଘ୧୦।୧୮ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୧୦ମି. ମଧ୍ୟେ, ଘ୨।୩୫ମି. ଗତେ ଘ୪।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୭ମି. ଗତେ ଘ୮।୪୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075. D-68415

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

ଭୁବନେଶ୍ୱର Airport ଠାରୁ 5K.M ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ Possession ସହ ମିଳୁଛି। 9040008777. D-68414

ଭୁବନେଶ୍ୱର ପଟିଆ ଛକ ନିକଟରୁ 700mtr. 676 ବର୍ଗଫୁଟର ଘରବାରି plot । 5 ଗୁଣ୍ଠ ଚାଷଜମି, ଭୁବନେଶ୍ୱର, ପୁରୀ Bypass Road କଡ଼ରେ sqft. Rs.1300/- ଲକ୍ଷ୍ମୀସାଗର ମୌଜା, ମାଲିକ କରିବେ ବିକ୍ରି। 7504825560. D-15065

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

କଟକ-ଗୋପାଳପୁର ଧାକୁଲେଇପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

NH-16ରୁ 200mtr. ଦୂର TATA Motors ସାମ୍ନାରେ BDA plot 30' road, Electric ସହିତ ପିତାପଲ୍ଲୀଠାରେ ମିଳୁଅଛି। 6371719107, 6355839720, 8658046978. D-15037

**to-let**

Ground floor 1600 sqft. for Bank/ Office/ Godown (light goods) at NH-16, Rasulgarh, Bhubaneswar, near Vishal. 9437904071, 9777156770. D-14985

4 Acres highland near NH side, Kuradhamal, Khordha Contact for longterm lease, rent or outrate sale: 7381035667, 9337105357. D-68157

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଦଶମ ଜନ୍ମଦିନ ଶୁଭେଚ୍ଛା**



ସତ୍ୟଜିତ୍ (ପିୟୁଷ)
କାଠଗଡ଼ା, ଢେଙ୍କାନାଳ
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ:
ବାପା, ମା', ଜେଜେ, ଜେଜେମା', ଅଜା, ମାମୁ, ପ୍ରିତି ।
ଧ-୧୫୦୬୭

**healthcare**

Rejuvenate and ayurvedic full body massage by smart therapist. 9114402304. D-68145

Full body herbal massage with refreshment expert therapist. 7381239385, 06742540855. D-68146

Experience full body massage with us (expert). Call: 7377048581, 06742597822. D-68147

Herbal full body massage by smart / expert therapist. Contact: 8338067247. D-68148

Summer special mesmerizing offer expert therapeutic refreshing massage appointment. 9668374480. D-68149

Refresh your mind and soul with best therapy at Orchid Salon/Spa. 9937287222. D-66991

Ayurvedic full body massage ladies & gents smart therapist. 9040900385. D-66992

Newly open full body massage by ladies, gents therapist. 8018656899 D-60847

Ayurvedic full body massage by ladies, gents therapist. 7008773793 D-60848

Ayurvedic herbal body massage trend therapist Mob: 8018246332. D-66993

**business**

Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040

**astrology**

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14886

ସଠିକ୍ ଜାତକ ଭାବଭବିଷ୍ୟବାଣୀ, ଦଶାଭବିଷ୍ୟବାଣୀ, ବାସ୍ତୁ, ଯୋଡିମେଳକ, ମଙ୍ଗଳି ଦୋଷ ପ୍ରତିକାର ପାଇଁ 7978736177. D-68212



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସ୍ୱୟଂଶ୍ରୀ ବେହେରା



ସ୍ୱୟଂସିଦ୍ଧ ପଣ୍ଡା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ ଥମୁନି ସ୍ମିତାରାଣୀ ମୃତ୍ୟୁ ରାଜନୀତି

# ୫ରେ ସବୁ ଜିଲାପାଳଙ୍କ ଅଫିସ ଆଗରେ ଭାଜପାର ବିକ୍ଷୋଭ

■ ଯାଜପୁର ଏସ୍‌ପି, ମହିଳା କମିଶନ ଅଧକ୍ଷାଙ୍କ ବହିଷ୍କାର ଓ ସିବିଆଇ ତଦନ୍ତ ଦାବି

■ ସମର୍ଥନ ଲୋଡ଼ିଲେ ବିଧାନସଭାରେ ସମର୍ଥନ ଦେବ କଂଗ୍ରେସ

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ୧୮ ଦିନ ବିତିଯାଇଛି। ସ୍ମିତାରାଣୀଙ୍କୁ ନ୍ୟାୟ ଦେବା ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ ରାଜ୍ୟ ସରକାର ଓ ଜିଲା ପୋଲିସ ପ୍ରଶାସନ ଏ ପର୍ଯ୍ୟନ୍ତ ଚୁପ୍ ବସିଥିବା ଭାଜପା ଅଭିଯୋଗ କରିଛି। ଏପରିକି ଝିଅର ମୃତ୍ୟୁ ପରେ ନିଜ ଜୀବନ ପ୍ରତି ବିପଦ ରହିଥିବା ଦର୍ଶାଇ ସ୍ମିତାରାଣୀଙ୍କ ବାପା, ମା ଗାଁ ଘର ଛାଡିଛନ୍ତି। ତେଣୁ ଏହି ଘଟଣାକୁ ନେଇ ଆସନ୍ତା ୫ ତାରିଖରେ ରାଜ୍ୟର ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡ଼ା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତି କହିଛନ୍ତି ଯେ, ପୋଲିସ କେବଳ ରୂପେଶ ଭଦ୍ରଙ୍କୁ ଗିରଫ କରି ଘଟଣା ସମୟରେ ଉପସ୍ଥିତ ଅନ୍ୟ ୨ଜଣ ବିଜେଡି ନେତା ଏବଂ ସିମେଣ୍ଟ କମ୍ପାନୀ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ ଏ ଯାଏ କଲାନାହିଁ। ଯାଜପୁର ଏସ୍‌ପି ମୃତା ସ୍ମିତାରାଣୀଙ୍କ ବୃତ୍ତିଗତ ତଦନ୍ତ ନ କରି ବ୍ୟକ୍ତିଗତ ତଦନ୍ତ କରି ଚରିତ୍ରହନନ କରିଛନ୍ତି। ଶାସକ ଦଳ ଚାପରେ ଘଟଣାକୁ ଚପେଇ ଦେବା ପାଇଁ ଅପଚେଷ୍ଟା କରାଯାଉଛି। ମହିଳା କମିଶନ ଅଧକ୍ଷା ତଦନ୍ତ ନ କରି ମାମଲା ସରିଗଲାଣି ବୋଲି କହି ସମଗ୍ର ମହିଳା ସମାଜକୁ ନିନ୍ଦିତ କରିଛନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ାର ଜଣେ ବିଜେଡି ନେତା ଜୈନିକ କର୍ମଜୀବୀ ମହିଳାଙ୍କୁ ପଦୋନ୍ନତି ଲୋଭ ଦେଖାଇ ନିର୍ଯାତନା ଦେଉଥିଲେ। ମହିଳା ଜଣକ ପୋଲିସ ନିକଟରେ ଅଭିଯୋଗ କରିବା ପରେ ମଧ ଶାସକ ଦଳ ଚାପରେ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସରକାର ମହିଳା ସଶକ୍ତୀକରଣ, ମୋ ସରକାର, ମୋ ପୋଲିସ, ମୋ ପରିବାର ଏବଂ ୫-ଟି କଥା କହୁଥିବାବେଳେ ଜଣେ ମହିଳା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କୁ ନ୍ୟାୟ ମିଳୁନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ମୃତା ସ୍ମିତାରାଣୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଏବଂ ଯାଜପୁର ଏସ୍‌ପି ଏବଂ ମହିଳା କମିଶନ ଅଧକ୍ଷାଙ୍କୁ ବହିଷ୍କାର ଏବଂ ମହିଳାଙ୍କ ସୁରକ୍ଷା ନେଇ ଜିରୋ ଟଲେରାନ୍ସ ଗ୍ରହଣ କରିବା ଆଦି ଦାବି ନେଇ ଆସନ୍ତା ୫ ତାରିଖରେ ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରାଯିବ ବୋଲି ପ୍ରଭାତି କହିଛନ୍ତି। ପ୍ରଭାତି କେନ୍ଦ୍ରାପଡ଼ା ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରିବା ସହ ପୀଡ଼ିତା ମହିଳା ଓ ତାଙ୍କ ପରିବାର ସହ ସାକ୍ଷାତ୍ କରିବେ ବୋଲି ସୂଚନା ଦେଇଛନ୍ତି। ତେବେ ଏହି ଘଟଣାକୁ ନେଇ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ମଧ ଶାସକ ଦଳ ଉପରେ ବର୍ଷିଛନ୍ତି। ସୁର କହିଛନ୍ତି, ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ କରାଯିବା ଆବଶ୍ୟକ। ବିଧାନସଭା ଚାଲିବାବେଳେ ଭାଜପା ଚାହିଁଲେ ଏହି ପ୍ରସଙ୍ଗରେ କଂଗ୍ରେସ ସମର୍ଥନ ଦେବ ବୋଲି ସୁର କହିଛନ୍ତି।



ପ୍ରଭାତି ପରିଡ଼ା

■ ଜୁନାଗଡ଼ ଅଞ୍ଚଳରେ ଭିନ୍ନକ୍ଷମଙ୍କୁ ବଳାତ୍କାର ଘଟଣା

# ନ୍ୟାୟ ପାଇଁ ପୀଡ଼ିତା ଏସ୍‌ପିଙ୍କ ଦ୍ୱାରସ୍ଥ

ଜୁନାଗଡ,୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଗତ କିଛି ଦିନ ତଳେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯିବା ଘଟଣା ମନରୁ ନ ଲିଭୁଣୁ ବର୍ତ୍ତମାନ ପୁଣି ଏକ ଲଜ୍ଜା ଘଟଣା ସାମ୍ନାକୁ ଆସିଛି। ଠିକ୍ ଭାବେ କହିପାରୁ ନ ଥିବା ଓ ଶୁଣିପାରୁ ନ ଥିବା ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯିବା ପରେ ସେ ଏବେ ୭ ମାସର ଗର୍ଭବତୀ ଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ନ୍ୟାୟ ପାଇଁ ରବିବାର କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପୀଡ଼ିତାଙ୍କ ବୟାନ ଅନୁଯାୟୀ, ଗ୍ରାମର ଗୋନ୍ତିଆଙ୍କ ଘରେ ଦୀର୍ଘ ଦିନ ହେବ ସେ କାମ କରୁଥିଲେ। ଗୋନ୍ତିଆଙ୍କ ବିବାହିତ ପୁଅ ଅମୂଲ୍ୟ ବିଶ୍ୱାଳ ବାରମ୍ବାର ତାଙ୍କୁ ବଳାତ୍କାର କରୁଥିଲେ। ଯୁବତୀ ଗର୍ଭବତୀ ହେବା ପରେ ଗାଁରେ ଏ ନେଇ ଏକ ବୈଠକ ବସିଥିଲା। ଏହି ସମୟରେ ସର୍ବ ସମ୍ମୁଖରେ ପୀଡ଼ିତା ଅମୂଲ୍ୟଙ୍କୁ ଅଭିଯୁକ୍ତ ବୋଲି କହିଥିଲେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ତଥା ତାଙ୍କ ପରିବାର ଲୋକେ ଏପରି ଅଭିଯୋଗକୁ ଖଣ୍ଡନ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଗ୍ରାମର ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ କଙ୍ଗାରୁ କୋର୍ଟରେ ମଧ କୌଣସି ନିଷ୍ପତ୍ତି ନ ଶୁଣାଇ ହାତ ଟେକି ଦେଇଥିଲେ। ଶେଷରେ ନ୍ୟାୟ ପାଇଁ ଏବେ ସେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଳାହାଣ୍ଡି ଏସ୍‌ପିଙ୍କ ପାଖରେ ପୀଡ଼ିତା ଦ୍ୱାରସ୍ଥ ହେବା ପରେ ମହିଳା ସେଲ ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋପୀନାଥ ମଣିପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜୁନାଗଡ ଥାନାରେ ଏକ ମାମଲା (ନଂ.୨୬୮/୧୯) ରୁଜୁ ହୋଇଛି। ବର୍ତ୍ତମାନ ଡାକ୍ତରୀ ରିପୋର୍ଟ ଅନୁଯାୟୀ ପୀଡ଼ିତା ଜଣକ ୭ ମାସର ଗର୍ଭବତୀ।

## କାର୍‌ପଛରେ ପିଟି ହେଲା ବାଇକ, ବୃଦ୍ଧ ମୃତ

ପାଇକମାଳ, ୩।୧୧ (ଡି.ଏନ.ଏ.)

ପାଇକମାଳ-ପଦ୍ମପୁର ରାସ୍ତାର ବିଜାଡିହି ଛକ ନିକଟରେ ରବିବାର ଏକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ ସଦର ଥାନା ପୋଡମୁଣ୍ଡାର କୁମରମଣି ସାହୁ(୭୦)। ଏହି ଦୁର୍ଘଟଣାରେ ଈଶ୍ୱର ସାହୁ (୩୫) ଆହତ ହୋଇ ପଦ୍ମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପାଇକମାଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ରବିବାର ସକାଳେ କୁମରମଣି ଓ ଈଶ୍ୱର ବାଇକ୍ (ନଂ.ଓଡି୧୭ବି/୩୫୬୫) ଯୋଗେ ବିଜାଡିହି ଯାଉଥିବାବେଳେ ପାଇକମାଳ ପଟକୁ ଯାଉଥିବା କାର୍ (ନଂ.ଓଡି୦୩ଡି /୨୪୦୦) ସହ ପିଟି ହୋଇଥିଲେ। ଏଥିରେ କୁମରମଣିଙ୍କ ମୃତ୍ୟୁ ଘଟିଥିଲା।

# ଗଣମାଧ୍ୟମରେ ରହିବାକୁ ଭାଜପାର ପ୍ରୟାସ: ବିଜେଡି

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାକୁ ନେଇ ଶାସକ ଦଳକୁ ଭାଜପା ବାରମ୍ବାର ଟାର୍ଗେଟ କରିଚାଲିଛି। ଅନ୍ୟପଟେ ଭାଜପା ଅଭିଯୋଗ ଉପରେ ବିଜେଡି କଡା ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି, ପୀଡିତା ପରିବାରକୁ ନ୍ୟାୟ ଦେବା ନାଁରେ ଭାଜପା ପ୍ରତିଦିନ ଖବରଦାତା ସମ୍ମିଳନୀ ଜରିଆରେ ଫାର୍ସ କରୁଛି। ଏହାଦ୍ୱାରା ଦଳ ମାମଲାର ତଦନ୍ତକୁ ଅଧିକ ବାଟବଣା କରିବାକୁ ଚେଷ୍ଟା କରୁଛି। ଭାଜପା ନେତ୍ରୀ ପ୍ରଭାତୀ ପରିଡାଙ୍କ ପ୍ରତିକ୍ରିୟାର ଜବାବରେ ସୁଲତା ଦେଓ କହିଛନ୍ତି ଯେ, ପ୍ରତିଦିନ ଏଣୁ ତେଣୁ କହିବା ଅପେକ୍ଷା ଯଦି ଦଳ ନିକଟରେ କିଛି ତଥ୍ୟ ଅଛି ତାହା ପୁଲିସ୍ କିମ୍ବା ଅଦାଲତ ନିକଟରେ ଦାଖଲ କରିବା ଉଚିତ। ମାତ୍ର ଦଳ ମିଛର ଆଶ୍ରୟ ନେଇ କେବଳ ମନଗଢା କଥା କହୁଥିବାରୁ ଏଥିରୁ ତାର ହତାଶାଭାବ ସ୍ପଷ୍ଟ ବାରିହୋଇ ପଡୁଛି। ଦଳର କିଛି ହାରୁ ନେତା ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ହୀନ ରାଜନୀତି କରିବାକୁ ପଛାଉ ନାହାନ୍ତି। ଯାଜପୁର ଘଟଣାରେ ଭାଜପା ମିଛ କହିବାର ସବୁ ସୀମା ଟପିଗଲାଣି। ଯଦି ଗଣମାଧ୍ୟମରେ ରହିବା ପାଇଁ ଭାଜପା ଏଭଳି ମନଗଢା ଓ ଭିତ୍ତିହୀନ ଖବର ଆଧାରରେ ପ୍ରତିଯୋଗିତା କରୁଥାଏ ତେବେ କିଛି ଅସୁବିଧା ନାହିଁ। ଏହି ଘଟଣାରରେ ପୀଡିତା ପରିବାରକୁ ନ୍ୟାୟ ଦେବାପାଇଁ ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସୁଲତା କହିଛନ୍ତି।




## ଜିଲା ଚିଠି
## କେନ୍ଦ୍ରାପଡ଼ା



### ଜୈବ ମଣ୍ଡଳର ସୁରକ୍ଷା

ପ୍ରକୃତିର ବରଦାନ ଜାତୀୟ ଉଦ୍ୟାନ ଭିତରକନିକା। ବଙ୍ଗୋପସାଗରର ଲୁଣା ଜଳ ସହିତ ବ୍ରାହ୍ମଣୀ ଓ ବୈତରଣୀ ନଦୀର ମଧୁର ଜଳ ସମ୍ମିଶ୍ରଣରେ ଗଢ଼ିଉଠିଥିବା ଏହି ଅଞ୍ଚଳ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ୬୭୨ ବର୍ଗ କିଲୋମିଟର ପରିବ୍ୟାପ୍ତ ଭିତରକନିକା ଜୈବ ବିବିଧତାରେ ପରିପୂର୍ଣ୍ଣ। ଏଠାରେ ୭୨ ପ୍ରକାର ହେନ୍ତାଳ ଜାତୀୟ ବିରଳ ବୃକ୍ଷ ଓ ୬୪ ପ୍ରକାର ଔଷଧୀୟ ବୃକ୍ଷ ଅଛି। ଦେଢ଼ଶହରୁ ଅଧିକ ପ୍ରଜାତି ଦେଶୀୟ ପକ୍ଷୀଙ୍କର ଏହା ସ୍ଥାୟୀ ବାସସ୍ଥାନ। ଏହାବ୍ୟତୀତ ନଭେମ୍ବରରୁ ଫେବୃୟାରୀ ମାସ ମଧ୍ୟରେ ଉତ୍ତରଭାରତ, ହିମାଳୟ ପାଦଦେଶ, ଆଫଗାନିସ୍ତାନ, ଫ୍ରାନ୍ସ, ବେଲ୍‌ଜିୟମ, ଅଷ୍ଟ୍ରେଲିଆ, ମାନସରୋବର, ସାଇବେରିଆ, କାସ୍ପିଆନ୍ ସାଗର ଓ ହଙ୍ଗେରୀରୁ ଖାଦ୍ୟ ଅନ୍ୱେଷଣରେ ବିଦେଶାଗତ ପକ୍ଷୀମାନେ ଏଠାକୁ ଆସି ଏପ୍ରିଲରେ ଫେରି ଯାଇଥା'ନ୍ତି। ଲୁଣା କୁମ୍ଭୀରର ଆବାସସ୍ଥଳୀ ଭାବେ ପରିଚିତ ଏହି ସ୍ଥାନର ଧଳା କୁମ୍ଭୀର ଗୋରୀ ଓ ମଲ୍ଲି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିପାରିଛି। ସେହିପରି ବିରଳ ଅଲିଭ୍‌ରିଡଲେଙ୍କ ସଙ୍ଗମସ୍ଥଳ ଭାବେ ଭିତରକନିକାର ଗହୀରମଥା ବିଶ୍ୱବିଦିତ। ତେବେ ବିଭିନ୍ନ କାରଣରୁ ଭିତରକନିକାର ଜୈବ ମଣ୍ଡଳକୁ ଏବେ ସୁରକ୍ଷା ଜରୁରୀ ହୋଇପଡ଼ିଛି। ଦେଶୀୟ ପକ୍ଷୀଗଣନା ସମୟରେ ଏହାର ନମୁନା ଦେଖିବାକୁ ମିଳିଛି। ପୂର୍ବରୁ ଦେଶୀୟ ପକ୍ଷୀ ଭିତରକନିକାର ବଗଗହନରେ ବସା ବାନ୍ଧୁଥିଲେ। ତେବେ ଗତ କିଛିବର୍ଷ ହେବ ବଗଗହନ ଅଞ୍ଚଳ ସୁରକ୍ଷିତ ନ ହେବାରୁ ମଠଆଡ଼ିଆରେ ବସା ବାନ୍ଧୁଛନ୍ତି। ଚଳିତବର୍ଷ ଦେଶୀୟ ପକ୍ଷୀମାନେ ଲକ୍ଷ୍ମୀପ୍ରସାଦଆଡ଼ିଆରେ ବସା ବାନ୍ଧି ପରିବେଶ ସନ୍ତୁଳନରେ ହୋଇଥିବା ପରିବର୍ତ୍ତନର ସୂଚନା ଦେଇଛନ୍ତି। ଅପରପକ୍ଷରେ ଗ୍ଲୋବାଲ ୱାର୍ମିଂ ଯୋଗୁ ସମୁଦ୍ରର ଜଳପତ୍ତନ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ଭିତରକନିକା ଉପରେ ମଧ ପଡୁଛି। ସମୁଦ୍ର ତଟକ୍ଷୟ ଏକ ସମସ୍ୟା ହୋଇଛି। ଏପରିକି ଏହି ଅଞ୍ଚଳରେ ଥିବା ହେନ୍ତାଳବଣର ଦ୍ରୁତ ଅବକ୍ଷୟ ହୋଇଚାଲିଛି। ଚିଙ୍ଗୁଡ଼ି ଘେରିର ବିଷାକ୍ତ ଜଳ ହେନ୍ତାଳବଣକୁ ନଷ୍ଟ କରୁଛି। ରାଜ୍ୟ ସରକାର ୧୯୭୫ରେ ଭିତରକନିକାକୁ ବନ୍ୟଜନ୍ତୁ ଅଭୟାରଣ୍ୟ ଓ ୧୯୮୮ରେ ଏହାକୁ ଜାତୀୟ ଉଦ୍ୟାନ ଘୋଷଣା କରିଛନ୍ତି। ତେବେ ଏଠାରେ ଅନୁପ୍ରବେଶ ସମସ୍ୟା ଲାଗି ରହିଥିବାବେଳେ ଜୀବଜନ୍ତୁଙ୍କ ହତ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦିନ ଥିଲା ଜୈବମଣ୍ଡଳର ସୁରକ୍ଷା ପାଇଁ କନିକା ରାଜବଂଶ ବହୁ କଠୋର ନୀତି ପ୍ରଣୟନ କରିଥିଲେ। ଏହାର ଉଦାହରଣ ୧୯୨୨ ମସିହାରେ ବିପ୍ଳବୀ କବି ଆନନ୍ଦ ଜେନାଙ୍କ ଦୁଃଖିନୀ କନିକା କବିତାରେ ଦେଖିବାକୁ ମିଳେ। ୫୮ତମ ପଦରେ ସେ ଲେଖିଛନ୍ତି ଯେ, ଆମେ ତ ଚିରକାଳ ପାଇଁ, ଜଙ୍ଗଲ ଜମି କର ଦେଉଥାଇ। ଏହେତୁ ଜଙ୍ଗଲ ଆମର, ନାହିଁ ଇଷ୍ଟେଟ୍ ଅଧିକାର। ତାଙ୍କର ଏହି କବିତା ସ୍ଥାନୀୟ ଲୋକଙ୍କ ପାଇଁ ଅଧିକାର ମାଗିବା ନିମନ୍ତେ ହୋଇଥିଲେ ମଧ୍ୟ ୧୯୫୨ ମସିହାରେ ଜମିଦାରୀ ଉଚ୍ଛେଦ ପୂର୍ବରୁ କନିକା ରାଜାଙ୍କ କଡ଼ା କଟକଣା ଯୋଗୁ ଜୈବ ବିବିଧତା ସୁରକ୍ଷିତ ହୋଇଥିଲା। ସାଂପ୍ରତିକ ସମୟରେ ଏହାର ସୁରକ୍ଷା ଦ୍ୱାରା ମନୁଷ୍ୟ ବଞ୍ଚିବା ପାଇଁ ରାହା ପାଇବ।

– ଜଗନ୍ନାଥ ଧଳ






ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯୋଉ ସବୁ କଥା ତୁମକୁ ଉତ୍ୟକ୍ତ କରୁଛନ୍ତି– ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା' ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇପାରିବ। –ଶ୍ରୀମା



# ଗ୍ୟାଙ୍ଗ ଯୁଦ୍ଧ

ଭାରତୀୟ ପରମ୍ପରା ସହିଷ୍ଣୁତାର ଶିକ୍ଷା ଦେଇଥାଏ। ଆମ ଦର୍ଶନ ଓ ସମ୍ବିଧାନରେ ସହିଷ୍ଣୁତାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ହେଲେ ଗତ କିଛି ବର୍ଷ ହେବ ଭାରତରେ ଅସହିଷ୍ଣୁତା ଏକ ବିକଟାଳ ରୂପ ଧାରଣ କରିଚାଲିଛି। ଧର୍ମ, ରାଜନୀତି, ସାହିତ୍ୟ, ସଙ୍ଗୀତ, କଳା ଏବଂ ସିନେମାଠାରୁ ଆରମ୍ଭ କରି ଚାଲିଚଳନ ଯାଏ ମଣିଷର ପ୍ରତିଟି କ୍ଷେତ୍ରରେ ଅସହିଷ୍ଣୁତା ବସାବାନ୍ଧି ଗଲାଣି। ସଡ଼କରେ ଗଲା ବେଳେ ଯଦି ଜଣେ ନିୟମ ଭାଙ୍ଗି ଆଗକୁ ଚାଲିଯାଇ ଅନ୍ୟ ଜଣଙ୍କୁ ଧକ୍କା ଦେଉଛି, ସେତେବେଳେ ତାହାକୁ ପ୍ରତିବାଦ କଲେ ବଳବାନ୍ ବ୍ୟକ୍ତି ନିଜ ମାଂସପେଶୀର ବ୍ୟବହାର କରୁଛି। କେହି ଯେପରି କାହା ପରିସ୍ଥିତି ବା କାହାରି କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। ୨ ନଭେମ୍ବର ୨୦୧୯ରେ ନୂଆଦିଲ୍ଲୀର ତିସ୍ ହଜାରି କୋର୍ଟ ପରିସରରେ ଅସହିଷ୍ଣୁତାର ଏକ ବିକୃତ ଚିତ୍ର ଦେଖିବାକୁ ମିଳିଛି। କୋର୍ଟ କମ୍ପ୍ଲେକ୍ସରେ ଜଣେ ଆଇନଜୀବୀ ତାଙ୍କ କାର୍‌କୁ ପାର୍କିଂ କରିବା ବେଳେ ପୋଲିସର ଏକ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ସେତିକିରେ ସବୁକିଛି ବିଗିଡ଼ିଗଲା। ଏହାର ପରିଣତି ଆଇନଜୀବୀ ଓ ପୋଲିସ ସଂଘର୍ଷରେ ରୂପାନ୍ତରିତ ହୋଇଗଲା। ପୋଲିସ ଭ୍ୟାନ୍ ପୋଡ଼ାଯିବା ସହିତ ୧୭ଟି ଗାଡ଼ି ଭଙ୍ଗାରୁଜା ହୋଇଛି। ପୋଲିସ ଗୁଳିରେ ଜଣେ ଆଇନଜୀବୀ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ୧୦ ଜଣ ପୋଲିସ ଓ ଅନେକ ଓକିଲ ଆହତ ମଧ୍ୟ ହୋଇଛନ୍ତି।

ଭାରତର ସହରାଞ୍ଚଳରେ ପର୍ଯ୍ୟାପ୍ତ ଲୋକଙ୍କ ହାଉଜାଉ ସହ ଗାଡ଼ିମୋଟରର ସଂଖ୍ୟା ଯେଭଳି ଭାବେ ବଢ଼ି ଚାଲିଛି, ପାର୍କିଂ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହେବା ସ୍ୱାଭାବିକ। ଗାଡ଼ି ରଖିବାକୁ ଜାଗାର ଘୋର ଅଭାବ। ଦେଖାଯାଉଛି ଅନେକ ଘର ମାଲିକ ଯାନ ରଖିବା ଲାଗି ବ୍ୟବସ୍ଥା ନ କରି ତାହାକୁ ରାସ୍ତା ଉପରେ ରଖୁଛନ୍ତି। ଆବାସିକ ଅଞ୍ଚଳରେ ଏଭଳି ଦୁରବସ୍ଥା ଦେଖାଦେଇଥିବା ବେଳେ କାର୍ଯ୍ୟାଳୟଗୁଡ଼ିକ ନିକଟରେ ସ୍ଥାନାଭାବ ଏହି ସମସ୍ୟାକୁ ଅଧିକ ଜଟିଳ କରିଦେଲାଣି। ଏଭଳି କି ସୁପ୍ରିମକୋର୍ଟ ନିକଟରେ ଥିବା କାକାନଗର ଏକ ଆବାସିକ ଅଞ୍ଚଳ ହୋଇଥିବା ବେଳେ ସେଠାରେ ଆଇନଜୀବୀମାନେ ମନଇଚ୍ଛା ଏବଂ ଜୋରଜବରଦସ୍ତ ଗାଡ଼ି ପାର୍କିଂ କରି ବାସିନ୍ଦାମାନଙ୍କୁ ଡରାଇ ରଖିଥିବା ଉଦାହରଣ ବାରମ୍ବାର ଶୁଣିବାକୁ ମିଳେ।

ଓଡ଼ିଶାର କଟକ, ଭୁବନେଶ୍ୱର, ପୁରୀ, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ରାୟଗଡ଼ା, ଅନୁଗୋଳ, ଯାଜପୁରର କଳିଙ୍ଗନଗର ଭଳି ଅଞ୍ଚଳକୁ ଦେଖିଲେ ସହରାଞ୍ଚଳର ପାର୍କିଂ କେଉଁ ସ୍ତରରେ ରହିଛି ତାହା ଭୁକ୍ତଭୋଗୀ ଅନୁଭବ କରିପାରୁଥିବେ। ଏଠାରେ ପାର୍କିଂଜନିତ ସମସ୍ୟା କିଭଳି ଉଗ୍ର ରୂପ ଧାରଣ କରି କୋର୍ଟ କଚେରି କାର୍ଯ୍ୟକୁ ଦୀର୍ଘଦିନ ଧରି ଅଚଳ କରିପାରେ, ତାହାର ଏକ ଘଟଣା ନଜରକୁ ଆସୁଛି। ଗତବର୍ଷ ଓଡ଼ିଶା ହାଇକୋର୍ଟ ପରିସରରେ ଜଣେ ଆଇନଜୀବୀଙ୍କ ଗାଡ଼ି ପାର୍କିଂକୁ ନେଇ ତୁମୁଳକାଣ୍ଡ ଘଟିଥିଲା। ଫଳରେ ଓକିଲମାନେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ କୋର୍ଟ କାର୍ଯ୍ୟକୁ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ବନ୍ଦ କରିଦେଇଥିଲେ। ଏବେ ଦିଲ୍ଲୀର ତିସ୍ ହଜାରି କୋର୍ଟ ପରିସରରେ ଘଟିଥିବା ଘଟଣା ଲାଗି ୪ ନଭେମ୍ବରରେ ସେଠାକାର ଓକିଲ ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇସାରିଲାଣି। ୩ ନଭେମ୍ବରରେ ଦିଲ୍ଲୀ ହାଇକୋର୍ଟ ଏହି ଘଟଣାରେ କେନ୍ଦ୍ର, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ବାର୍ କାଉନ୍‌ସିଲ୍ ଅଫ୍ ଦିଲ୍ଲୀ ଏବଂ ଦିଲ୍ଲୀ ହାଇକୋର୍ଟ ବାର୍ କାଉନ୍‌ସିଲ୍‌କୁ ନୋଟିସ ଜାରି କରିଛନ୍ତି। ଏଥିସହିତ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।

ଏଠାରେ ଗୋଟିଏ ବିଷୟ ମନକୁ ଆସେ। ଭାରତର ଐତିହ୍ୟ ଏବଂ ସଂସ୍କୃତି ସମ୍ପର୍କରେ ଅନେକେ ଗୌରବାନ୍ୱିତ ହେଉଥିବା ବେଳେ ବାସ୍ତବରେ ତାହା ପ୍ରତିଦିନ ଜୀବନରେ ଦେଖିବାକୁ ମିଳୁନାହିଁ। ଭାରତୀୟଙ୍କ ଚରିତ୍ରରେ ସାହସିକତାର ଘୋର ଅଭାବ ରହିଛି ବୋଲି କୁହାଯାଇପାରେ। ଏହି ଦେଶରେ ଜୋର ଯା'ର ମୁଲକ ତା'ର ଧ୍ୱନିକୁ ଦେଖିଲେ ବୁଝାପଡ଼େ ଯେ ବ୍ୟକ୍ତିଗତ ସାହସ ନୁହେଁ, ଗୋଷ୍ଠୀବଦ୍ଧ ହୋଇ ଜୁଲମ କରିବା ହୋଇଗଲାଣି ଆମ ସମସ୍ତଙ୍କ ଚରିତ୍ର। ଗ୍ରାମାଞ୍ଚଳକୁ ଦେଖିଲେ ଯେଉଁ ପରିବାରରେ ପାଞ୍ଚ ସାତ ଜଣ ଶକ୍ତିଶାଳୀ ପୁତ୍ର, କକା କିମ୍ବା ଦାଦା ଥିବେ, ସେହି ପରିବାର ସମଗ୍ର ଗାଁ ଉପରେ ଅକ୍ତିଆର କରି ବସିପାରୁଛି। କେବଳ ସେତିକି ନୁହେଁ, ମହିଳାମାନଙ୍କୁ ଅସଦାଚରଣ ଏବଂ ଦୁର୍ବଳଙ୍କ ପ୍ରତି ଅନ୍ୟାୟ କଲେ ମଧ୍ୟ ଅନ୍ୟମାନେ ନିରବତାର ସହ ବାଟ ଆଡ଼େଇ ପଳେଇ ଯାଉଛନ୍ତି। ଅସାମାଜିକ ବ୍ୟକ୍ତିମାନଙ୍କ ପାଇଁ ଏକଜୁଟ ହେବା ଆମର ସାମାଜିକ ବାସ୍ତବତା ପାଲଟିଲାଣି। ସମ୍ଭବତଃ ସେଥିପାଇଁ ଦିଲ୍ଲୀ କଚେରିରେ ମଧ୍ୟ କେହି ପ୍ରଶ୍ନ କରିବାକୁ ନାହାନ୍ତି ଯେ କେଉଁ କାରଣରୁ ଓକିଲମାନେ ଏକାଠି ହୋଇ ପୋଲିସ ଉପରେ ଆକ୍ରମଣ କଲେ। ଅନ୍ୟପଟେ ଶାନ୍ତି ରକ୍ଷା କରିବା ପରିବର୍ତ୍ତେ ଏବଂ ପ୍ରୟୋଜନ ହୋଇଥିଲେ ସେହି ସ୍ଥାନରୁ ଓହରି ଯିବା ଭଳି କାର୍ଯ୍ୟ କରିବାକୁ ପୋଲିସ ମଧ୍ୟ ଅନିଚ୍ଛୁକ। କେହି କାହାଠାରୁ କମ୍ ନୁହେଁ ବୋଲି ଦେଖେଇ ହେବା ହେଉଛି ଆଧୁନିକ ଭାରତର ଚରିତ୍ର। ଆଜି ଦିଲ୍ଲୀ, ଗତ କିଛିମାସ ପୂର୍ବେ ଓଡ଼ିଶା ଏବଂ ଭବିଷ୍ୟତରେ ଅନ୍ୟ କେଉଁଠି ମଧ୍ୟ ଏହିଭଳି ଅସହିଷ୍ଣୁତାର ଚିତ୍ର ଗ୍ୟାଙ୍ଗ ଯୁଦ୍ଧରେ ଦେଖିବାକୁ ମିଳିବ।

# ପ୍ଲାଷ୍ଟିକ୍ ପଞ୍ଝାରେ ପୃଥିବୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ପରିବେଶ ପ୍ରଦୂଷଣ କହିଲେ ଆଗେ ଧୂଆଁ ଦ୍ୱାରା ବାୟୁ ଏବଂ ସହରୀ ଓ କାରଖାନା ବର୍ଜ୍ୟ ଦ୍ୱାରା ଜଳ ପ୍ରଦୂଷଣକୁ ନେଇ ବ୍ୟାପକ ଚର୍ଚ୍ଚା ହେଉଥିଲା, ମାତ୍ର ଏବେ ତାକୁ ପଛରେ ପକେଇଦେଇଛି ପ୍ଲାଷ୍ଟିକ ଦ୍ୱାରା ସର୍ବତ୍ର ପ୍ରଦୂଷଣ। ଯେଉଁ ଜୈବିକ ରାସାୟନିକ ପଦାର୍ଥରେ ପ୍ଲାଷ୍ଟିକ ତିଆରି ହେଉଛି, ବିଜ୍ଞାନ ଭାଷାରେ ତାକୁ କୁହାଯାଉଛି ପଲିମର୍ ଏବଂ ପରିବେଶ ପ୍ରତି ତାହା ଅତ୍ୟନ୍ତ ବିପଜ୍ଜନକ। ୧୯୩୩ ମସିହାରେ ଇଂଲଣ୍ଡର ନର୍ଥଉଇଚଠାରେ ଥିବା ଏକ ରାସାୟନିକ କାରଖାନାରୁ ପ୍ରଥମେ ଆବିଷ୍କୃତ ହୋଇଥିଲା ପଲିଥିନ୍ ନାମକ ପଲିମର୍। ତା' ପରଠୁ କାଠ, କାଗଜ ଓ ଅନ୍ୟାନ୍ୟ ଧାତୁର ଉପଯୋଗ ହ୍ରାସ କରିବା ପାଇଁ ବୃଦ୍ଧିପାଇଲା ପ୍ଲାଷ୍ଟିକ୍‌ର ଉତ୍ପାଦନ ଓ ବ୍ୟବହାର। ପ୍ଲାଷ୍ଟିକ୍‌ରେ କଳଙ୍କି ଲାଗେନି ଏବଂ ଏହା ତାପ ଓ ବିଦ୍ୟୁତ୍ କୁପରିବାହୀ ହୋଇଥିବାରୁ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସେ ଆଧିପତ୍ୟ ବିସ୍ତାର କଲା ବିକଳ୍ପହୀନ ଭାବରେ। ସାଧାରଣତଃ କାଠ ବା ଧାତୁନିର୍ମିତ ସାମଗ୍ରୀଠାରୁ ପ୍ଲାଷ୍ଟିକ୍ ଶସ୍ତା, ସୁନ୍ଦର ଓ ହାଲୁକା ହୋଇଥିବାରୁ ଦୈନନ୍ଦିନ ଜୀବନରେ ତା'ର ବ୍ୟବହାର ଏତେ ସହଜ, ଆରାମଦାୟକ ଓ ଚମକପ୍ରଦ ହେଲା ଯେ ଉପଭୋକ୍ତାଙ୍କଠାରୁ ଉତ୍ପାଦନକାରୀ ଯାଏ କେହି ଚିନ୍ତା କଲେନି ପରିବେଶ ଉପରେ ପଡୁଥିବା ତା'ର ପ୍ରତିକୂଳ ପ୍ରଭାବ କଥା। ତେଣୁ ପାଦରେ ଚପଲଠୁ ଆରମ୍ଭକରି ମଥାରେ ଟୋପି ପର୍ଯ୍ୟନ୍ତ ଆମର ସବୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି ହେଲା ପ୍ଲାଷ୍ଟିକ୍‌ରେ। ସକାଳୁ ଉଠି ଦାନ୍ତ ଘଷିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଆମର ଜୀବନଚର୍ଯ୍ୟା ସହିତ ଓତପ୍ରୋତ ଭାବରେ ଯୋଡ଼ି ହୋଇଗଲା ପ୍ଲାଷ୍ଟିକ। ସବୁକୁ ଟପିଗଲା ପ୍ଲାଷ୍ଟିକ ବ୍ୟାଗ୍, ପାଣି ବୋତଲ ଓ ପ୍ଲାଷ୍ଟିକ୍ ପ୍ୟାକିଂ ଖାଦ୍ୟପଦାର୍ଥ। ଭାଇରସ୍ ଭଳି କାୟା ବିସ୍ତାର କଲା ପ୍ଲାଷ୍ଟିକ୍ ପାଉଚ। ଆମ ଜୀବନଧାରାକୁ ସମ୍ପୂର୍ଣ୍ଣ ଗ୍ରାସ କରିଗଲା ୟୁଜ୍ ଆଣ୍ଡ୍ ଥ୍ରୋ ସଂସ୍କୃତି।

ପ୍ଲାଷ୍ଟିକ୍ ବ୍ୟାଗର ପ୍ରଚଳନ ପରେ ଅବସାନ ହେଲା ହାତରେ କପଡ଼ା ବ୍ୟାଗ୍ ଧରି ବଜାରକୁ ଯିବାର ଯୁଗ। ଯାହା କିଛି କିଣିଲେ ବି ପଲିଥିନ୍ ଥଳିରେ ପୂରାଇ ହାତକୁ ବଢ଼ାଇଦେଲା ଦୋକାନୀ। ଆଉ ରହିଲାନି ବ୍ୟାଗ୍ ଧୋଇବା ଓ ମରାମତି କରିବା ଚିନ୍ତା। ପ୍ଲାଷ୍ଟିକ୍ ବ୍ୟାଗ୍‌ର ଚାହିଦା ବଢ଼ିବା ସହିତ ସ୍ୱତଃ ମୃତ୍ୟୁବରଣ କଲା ଠୁଙ୍ଗା ଶିଳ୍ପ। ଜୀବିକା ହରାଇ ବସିଲେ ଠୁଙ୍ଗା ତିଆରି କରି ପେଟ ପୋଷୁଥିବା ଅନେକ ଶ୍ରମଜୀବୀ। ପ୍ଲାଷ୍ଟିକ୍ ଡବା ଓ ବୋତଲର ପ୍ରଚଳନ ପରେ ଉଭାନ ହୋଇଗଲା ଟିଣଡବା ଓ କାଚ ବୋତଲ ଇତ୍ୟାଦି। ଗାଁ ଗଣ୍ଡାରେ ଆଉ ଦେଖିବାକୁ ମିଳିଲାନି ଗରା, ମାଠିଆ ଓ ଗଡୁ। ଭୋଜିଭାତ ବେଳେ ପ୍ଲାଷ୍ଟିକ୍ ପ୍ଲେଟ୍ ଓ ଗ୍ଲାସ୍‌ର ଚାହିଦା ଆଗରେ କୋଣଠେସା ହୋଇ ରହିଗଲା କଦଳୀ ପତ୍ର, ପଦ୍ମପତ୍ର ଓ ଶାଳପତ୍ର ତିଆରି ଖଲି ଓ ପତ୍ରଠୋଲା। ଭୋଜିପର୍ବ ପରେ କିନ୍ତୁ କେହି ଚିନ୍ତା କରେନି ଗଦାଗଦା ହୋଇ ପଡ଼ିଥିବା ପ୍ଲାଷ୍ଟିକ୍ ଆବର୍ଜନା ଉଠାଇବା କଥା। ଏସବୁ ଖରାଦିନେ ପବନରେ ଉଡ଼େ ଏବଂ ବର୍ଷାଦିନେ ପାଣିରେ ଭାସିବୁଲେ ଏଣେତେଣେ। ପ୍ଲାଷ୍ଟିକ୍ କପ୍‌ର ଦ୍ରୁତ ପ୍ରସାର ଯୋଗୁ ଚା ଦୋକାନରେ ଆଉ ରହିଲାନି ଗ୍ଲାସ୍ ବା କପ୍ ଧୋଇବାର ଝିନ୍‌ଝଟ। ଏଥିରେ ଖୁସିହେଲେ ଉଭୟ ଗରାଖ ଓ ଦୋକାନୀ। ମାତ୍ର ରାସ୍ତାକଡ଼ରେ ପଡ଼ିରହିଲା ଗଦାଗଦା ପ୍ଲାଷ୍ଟିକ୍। ଫାଷ୍ଟଫୁଡ୍ ଦୋକାନଠାରୁ ରେଷ୍ଟୁରାଣ୍ଟ ପର୍ଯ୍ୟନ୍ତ ସବୁଠି ସୃଷ୍ଟିହେଲା ପଲିଥିନ୍ ପାହାଡ଼। ସେ ପାହାଡ଼ ତଳେ କେଉଁଠି ମାଟି ଅଦୃଶ୍ୟ ହେଲା ତ କେଉଁଠି ତା'ର ପ୍ରଭାବରେ ଟାଙ୍ଗରା ପାଲଟିଗଲା ସବୁଜ ଖେତ। ପ୍ଲାଷ୍ଟିକ୍ ଆବର୍ଜନାର ବାଧା ଅତିକ୍ରମ କରି ସମ୍ପୂର୍ଣ୍ଣ ନିମ୍ନଗାମୀ ହୋଇପାରିଲାନି ଭୂପୃଷ୍ଠ ଜଳ। ପୁନଃଭରଣା ନ ହୋଇପାରିବା କାରଣରୁ ହ୍ରାସ ପାଇବାକୁ ଲାଗିଲା ଭୂତଳ ଜଳସ୍ତର। ନାଳନର୍ଦ୍ଦମାରେ ପଡ଼ିରହିଥିବା ପ୍ଲାଷ୍ଟିକ୍ ଆବର୍ଜନା ଭିତରେ ବଂଶବୃଦ୍ଧି କରିଚାଲିଲେ ମ୍ୟାଲେରିଆ ଓ ଡେଙ୍ଗୁ ଆଦି ରୋଗର ବାହକ। ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ଅବରୋଧ ହେଲା ନଦୀନାଳର ପଥ। ସୃଷ୍ଟି ହେଲା କୃତ୍ରିମ ବିପର୍ଯ୍ୟୟ। ଏ ସମ୍ପର୍କରେ 'ପ୍ରକୃତିକୁ ଆମେ ଯାହା ଦେଇଥିଲେ (କପ୍, ପ୍ଲେଟ, ବୋତଲ ଆଦି ପ୍ଲାଷ୍ଟିକ ବର୍ଜ୍ୟ) ପ୍ରକୃତି ତାହା ଆମକୁ ଫେରାଇ ଦେଇଛି' ଶୀର୍ଷକ ଏକ ବିମର୍ଶକର ଖବର ଓ ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ଗତବର୍ଷ କେରଳ ବନ୍ୟା ପରେ। ଏଥିରେ ପ୍ରଦର୍ଶିତ ପ୍ଲାଷ୍ଟିକ୍ ଆବର୍ଜନା ଭର୍ତ୍ତି ପୋଲଟି ଥିଲା ଏର୍ନାକୁଲମ୍ ଜିଲାର ମାଲାୟାଟୁର–କୋଡ଼ାନାଡ଼ ପୋଲ। ଆବର୍ଜନା ଦ୍ୱାରା ପୋଲଟି ଏମିତି ଆଚ୍ଛାଦିତ ହୋଇପଡ଼ିଥିଲା ଯେ, ଆଦୌ ଦିଶୁ ନ ଥିଲା ତା'ର କଂକ୍ରିଟ୍ ଅଂଶ। ଅର୍ଥାତ୍ ଏ ବନ୍ୟା ତାଣ୍ଡବ ମୂଳରେ କେବଳ ପ୍ରକୃତିର କ୍ରୋଧ ନ ଥିଲା, ଏଥିସହିତ ଥିଲା ପ୍ଲାଷ୍ଟିକ୍ ଆବର୍ଜନାର ଏକ ବିଶେଷ ଯୋଗଦାନ।

ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଯୋଗୁ କେବଳ ପରିବେଶ ପ୍ରଦୂଷଣ ନୁହେଁ, ଆମ ଶରୀର ଭିତରେ ବଢ଼ିବାରେ ଲାଗିଛି ପ୍ଲାଷ୍ଟିକ୍ ବର୍ଜ୍ୟର ବିଷ। କିଛିମାସ ତଳେ ଆମେରିକାର ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରକାଶ ପାଇଥିବା ଏକ ସୂଚନା ଅନୁସାରେ ୟୁଜ୍ ଆଣ୍ଡ ଥ୍ରୋ କପ୍ ଆମ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଏଥିରେ ଗରମ ଚା ବା କଫି ପିଇଲେ ତା'ର କିଛି ଅଂଶ ତରଳିଯାଇ ପାନୀୟ ସହିତ ମିଶି ପେଟ ଭିତରକୁ ଯାଏ ଏବଂ ଆମ ଶରୀରରେ ସୃଷ୍ଟିକରେ ମାରାତ୍ମକ ରୋଗ। ଆମେ ବ୍ୟବହାର କରୁଥିବା ପଲିଥିନ୍ ଥଳି ବିଶେଷ କରି ମାଛ, ମାଂସ ଓ ଫଳ ଆଣିଲା ବେଳେ ଦୋକାନୀ ଯେଉଁ କଳା ରଙ୍ଗର ପତଳା ପଲିଥିନ୍ ଥଳି ଦେଉଛି, ତାହା ଏତେ ମାରାତ୍ମକ ଯେ ସେଥିରେ ବେଶି ସମୟ ରହିଲେ ବିଷାକ୍ତ ହୋଇଯାଏ ଖାଦ୍ୟ ପଦାର୍ଥ। ବିଶେଷଜ୍ଞଙ୍କ ମତରେ ଏଭଳି ଜରିରେ ରହୁଥିବା ଖାଦ୍ୟପଦାର୍ଥ ନିୟମିତ ଖାଇଲେ ବଢ଼ିଯାଏ କର୍କଟ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା। ବୁଲା ଗୋରୁ ଓ ଅନ୍ୟ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଘାତକ ସାବ୍ୟସ୍ତ ହୋଇଛି ପଲିଥିନ୍। ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନ୍ ଥଳି ଏଣେତେଣେ ପଡ଼ିବା ଦ୍ୱାରା ତାକୁ ଗୋରୁ ଖାଇ ଯାଆନ୍ତି, ଯାହା ତାଙ୍କ ପାକସ୍ଥଳୀରେ ଜମାହୋଇ ବନ୍ଦ କରିଦିଏ ହଜମ ପ୍ରକ୍ରିୟା। ଏହାଦ୍ୱାରା ସେମାନେ ଆଉ ଖାଦ୍ୟ ଖାଇପାରନ୍ତିନି ଓ ମୃତ୍ୟୁବରଣ କରନ୍ତି ଅକାଳରେ। ଗଣମାଧ୍ୟମରେ ପ୍ରକାଶିତ ସୂଚନାନୁସାରେ ଏହି କାରଣରୁ ପ୍ରତିମାସରେ ହାରାହାରି ଦୁଇଟି ଷଣ୍ଢ ମରୁଛନ୍ତି କେବଳ ରାଜଧାନୀ ଭୁବନେଶ୍ୱରରେ। ପ୍ଲାଷ୍ଟିକ୍‌ର ସହନଶୀଳତା ଏତେ ବେଶି ଯେ ଶହଶହ ବର୍ଷ ପର୍ଯ୍ୟନ୍ତ ତା'ର ବିଘଟନ ଘଟେନି ମାଟିରେ। ତାକୁ ନିଆଁରେ ପୋଡ଼ିଲେ ସେଥିରୁ ନିର୍ଗତ ଧୂଆଁ ବି ପଲିଥିନ୍‌ଠାରୁ ଅଧିକ ବିଷାକ୍ତ। ଅଧିକଦିନ ଖରାବର୍ଷା ସଂସ୍ପର୍ଶରେ ଆସିଲେ ପ୍ଲାଷ୍ଟିକ୍ ଭାଙ୍ଗିବାକୁ ଆରମ୍ଭକରେ ଏବଂ କ୍ରମଶଃ ଅତି କ୍ଷୁଦ୍ର ଅଣୁରେ ପରିଣତ ହୋଇ ମିଶିଯାଏ ପାଣି ଓ ପବନରେ। ଅର୍ଥାତ୍ ନଦୀରୁ ପାଇପ୍ ଯୋଗେ ଆସୁଥିବା ଆମ ପାନୀୟ ଜଳ ଏପରି କି ଆମେ ଶ୍ୱାସକ୍ରିୟା କରୁଥିବା ପବନରେ ବି ପ୍ଲାଷ୍ଟିକ୍ ଅଣୁ ଅଦୃଶ୍ୟ ଭାବରେ ବିଦ୍ୟମାନ। ସେହି ଦୂଷିତ ପାଣି ଓ ପବନ ବ୍ୟବହାର କରି ନୀରବ ମୃତ୍ୟୁ ଆଡ଼କୁ ଗତିକରୁଛି ମଣିଷ। ଏବେ ପୃଥିବୀରେ ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ପ୍ଲାଷ୍ଟିକ୍ ଜାହିର କରୁନି ତା'ର ସ୍ଥିତି। ମେରୁ ଅଞ୍ଚଳଠାରୁ ଅତଳ ସମୁଦ୍ର ଯାଏ ପ୍ଲାଷ୍ଟିକ୍ ଆବର୍ଜନାରେ ଅଣନିଃଶ୍ୱାସୀ ହୋଇଗଲାଣି ପୃଥିବୀ। ଗାଁ ସହର ବିଲବାଡ଼ି ରାସ୍ତାଘାଟ ନଈନାଳ ଡେଇଁ ସମୁଦ୍ରକୁ ସମାଧି ବନେଇ ସାରିଲାଣି ଗଦାଗଦା ପ୍ଲାଷ୍ଟିକ୍ ବର୍ଜ୍ୟ। ତଥ୍ୟ କହେ ପ୍ରତି ମିନିଟ୍‌ରେ ସମୁଦ୍ରରେ ମିଶୁଛି ଗୋଟିଏ ଟ୍ରକ୍ ପ୍ଲାଷ୍ଟିକ୍ ବର୍ଜ୍ୟ। ପ୍ଲାଷ୍ଟିକ୍ ଟୁକୁରା ଖାଇ ମୃତ୍ୟୁମୁଖରେ ପଡୁଛନ୍ତି ଅସଂଖ୍ୟ କଇଁଛ, ଡଲଫିନ୍ ଓ ପେଙ୍ଗୁଇନ୍ ଆଦି ସାମୁଦ୍ରିକ ଜୀବ। ପ୍ଲାଷ୍ଟିକ୍ ସଂସ୍ପର୍ଶରେ ଆସିଥିବା ମାଛକୁ ଧରିଆଣି ଖାଇବା ଦ୍ୱାରା ରୋଗକୁ ଆମନ୍ତ୍ରଣ କରୁଛି ମଣିଷ। ଏତଦ୍‌ଭିନ୍ନ ସମୁଦ୍ର ଓ ହ୍ରଦ ଜଳରୁ ପ୍ରସ୍ତୁତ ଲୁଣରେ ବି ମିଶୁଛି ପ୍ଲାଷ୍ଟିକ୍‌କଣିକା। ବଜାରରେ ଉପଲବ୍ଧ ନାମୀଦାମୀ କମ୍ପାନୀର ଲୁଣରେ ମିଳୁଛି ପ୍ଲାଷ୍ଟିକ୍ ଅଣୁର ସନ୍ଧାନ। ଅର୍ଥାତ୍ ଆମକୁ ଚାରିପଟରୁ ଘେରିଗଲାଣି ପ୍ଲାଷ୍ଟିକ୍‌ବଳୟ। ମାଟିପାଣିପବନ ସବୁଥିରେ ଭରିଗଲାଣି ବିଷ। ସାଂଘାତିକ ହେଲାଣି ସ୍ଥିତି। ଏ ସମସ୍ତ ଅସ୍ୱସ୍ତିକର ଖବର ଭିତରେ ଭଲ ଖବରଟି ହେଉଛି ଗତ ଅକ୍ଟୋବର ୨ରୁ ପଲିଥିନ୍ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି ସରକାର। ଏହି ପରିପ୍ରେକ୍ଷୀରେ ଆମେ ଜାଣିରଖିବା ଦରକାର କୌଣସି ଦେଶଭକ୍ତିଠାରୁ ବି କିଛି କମ୍ ନୁହେଁ ପରିବେଶ ସୁରକ୍ଷା। ସେଥିପାଇଁ ପରିବେଶ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ସେ କହୁଥିଲେ, ସ୍ୱଚ୍ଛ ଭାରତ ହିଁ ସୁଖୀ ଭାରତ ଗଠନର ସମୃଦ୍ଧ ଆଧାର। ଏହି ଆହ୍ୱାନକୁ ନିଷ୍ଠାର ସହିତ ଗ୍ରହଣ କଲେ ପ୍ଲାଷ୍ଟିକ୍ ଦାନବ କବଳରୁ ମୁକ୍ତ ହେବ ମଣିଷ। ଯେହେତୁ ପ୍ଲାଷ୍ଟିକ୍ ଦାନବର ମୃତ୍ୟୁ ନାହିଁ, ତାକୁ ଆମ ଜୀବନଶୈଳୀରୁ ବାଦ୍ ଦେବା ହିଁ ସମୟର ଆହ୍ୱାନ। ଏ ଆହ୍ୱାନ କେବଳ ଓଡ଼ିଶା କିମ୍ବା ଭାରତବାସୀଙ୍କ ପାଇଁ ନୁହେଁ ସମଗ୍ର ମାନବ ଜାତି ପାଇଁ। ଏ ଆହ୍ୱାନକୁ ନିଷ୍ଠାର ସହିତ ଗ୍ରହଣ ନ କଲେ ପ୍ଲାଷ୍ଟିକ୍ ପଞ୍ଝାରୁ କେବେ ବି ମୁକୁଳିପାରିବନି ପୃଥିବୀ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ– ୯୪୩୮୮୫୫୦୮୮

# ମୋ ସରକାର: ଗାନ୍ଧୀରୁ ନବୀନ



ତୁଷାରକାନ୍ତ

ମହାତ୍ମା ଗାନ୍ଧୀ ଆମ ସମସ୍ତଙ୍କ ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ କଥା କହିଯାଇଛନ୍ତି– ତାହା ହେଉଛି (୧) ପ୍ରକୃତି ସମସ୍ତଙ୍କ ଚଳିବା ପାଇଁ ଯଥେଷ୍ଟ ଦେଇଛି, ଲୋଭର ପରିପୂରଣ ପାଇଁ ନୁହେଁ, (୨) ଯୋଜନାଟିଏ କଲାବେଳେ ଲକ୍ଷ୍ୟ ରଖିଥିବ, ତାହାଦ୍ୱାରା ସମାଜର ସବୁଠାରୁ ତଳେ ଥିବା ଲୋକଟି କେତେ ମାତ୍ରାରେ ଉପକୃତ ହେଉଛି ଓ (୩) ତୁମ ପାଖକୁ ଯେଉଁ ଲୋକଟି କୌଣସି କାମ ପାଇଁ ଆସୁଛି, ସେ ତୁମ କାମର ବାଧକ ନୁହଁ, ତୁମ ନିୟୋଜନ ତାଙ୍କରି ପାଇଁ। ଏହି ତିନୋଟି କଥା ଯେଉଁମାନଙ୍କ ପାଇଁ ଅଭିପ୍ରେତ, ସେମାନେ ସେଗୁଡ଼ିକୁ କେତେ ମାତ୍ରାରେ ନିଜ ନିଜ କ୍ଷେତ୍ରରେ ପାଳନ କରୁଛନ୍ତି, ତାହା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଜଳବାୟୁ ପରିବର୍ତ୍ତନଜନିତ ପୃଥିବୀର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟିହେବା ଅବସରରେ, ତାଙ୍କର ପ୍ରଥମ କଥାଟି ଆଜିର ଆବଶ୍ୟକତା ହୋଇପଡ଼ିଛି, କିନ୍ତୁ ନିଜ ଦେଶର ଅର୍ଥନୈତିକ ପ୍ରଗତି ପାଇଁ ପ୍ରତ୍ୟେକ ରାଷ୍ଟ୍ରମୁଖ୍ୟ କହୁଛନ୍ତି, ଅନ୍ୟମାନେ ସେ ଦିଗରେ ଆଗ୍ରହ ଦେଖାନ୍ତୁ।

ତାଙ୍କର ଦ୍ୱିତୀୟ କଥାକୁ ବିସ୍ତାରିତ ଭାବେ କହିଲେ ହେବ: 'ମୁଁ ତୁମକୁ ଗୋଟିଏ ପରାମର୍ଶ ଦେଉଛି। ଯେତେବେଳେ ତୁମେ ସଂଶୟରେ ଅଛ ବା ନିଜ ଚିନ୍ତାରେ ଘାରି ହେଉଛ, ସେତେବେଳେ ଏହି ପରାମର୍ଶଟିକୁ ପ୍ରୟୋଗ କର। ତୁମେ ଦେଖିଥିବା ସବୁଠାରୁ ଗରିବ ଏବଂ ଅସହାୟ ଲୋକଟିର କଥା ମନେପକାଅ ଏବଂ ନିଜକୁ ନିଜେ ପଚାର ଯେ ତୁମେ ଯାହା କରିବାକୁ ଯାଉଛ, ତାହା ସେହି ଲୋକଟିର କୌଣସି ଉପକାରରେ ଲାଗିବ କି? ଏହା ତାକୁ ତା' ନିଜ ଜୀବନ ଓ ଭାଗ୍ୟରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ କି? ସେତେବେଳେ ତୁମର ସଂଶୟ ଓ ସ୍ୱାର୍ଥଭାବନା ଆପେ ଆପେ ଦୂରେଇ ଯିବ।

ସେଇଟିକୁ ଗତ ସ୍ୱାଧୀନତା ଦିବସ ପାଳନ ଅବସରରେ ଆମ ମୁଖ୍ୟମନ୍ତ୍ରୀ ଲୋକସେବାଭବନର ଅଂଶ ରୂପେ ନବନିର୍ମିତ 'ଖାରବେଳ ଭବନ'ରେ 'ପରଶମଣି' ସ୍ୱରୂପ ମାର୍ବଲ ଫଳକରେ ସ୍ଥାନିତ କରିଛନ୍ତି ବୋଲି ଖବର ପ୍ରକାଶ ପାଇଥିଲା। ପରଶମଣି ଏପରି ଏକ ପଦାର୍ଥ, ଯାହା ସଂସ୍ପର୍ଶରେ ଆସିଲେ ପଥର ମଣି ବା ମାଣିକ୍ୟ ହୋଇଯିବ। ଅତଏବ ଗାନ୍ଧୀଙ୍କର ସେଇ ଅବ୍ୟର୍ଥ ଉପଦେଶକୁ ଯଦି ସବୁ ସରକାରୀ କର୍ମଚାରୀ ପାଳନ କରନ୍ତେ ତେବେ ସେମାନଙ୍କର ଅପୂର୍ବ ରୂପାନ୍ତର ସମ୍ଭବ ହୁଅନ୍ତା ଓ ଜନସେବାରେ ସେମାନେ ନିଜକୁ ଉତ୍ସର୍ଗ କରି ପାରନ୍ତେ।

ଗାନ୍ଧିଜୀଙ୍କ ଭାବନାରେ ଉଦ୍‌ବୁଦ୍ଧ ହୋଇ ଆମ ମୁଖ୍ୟମନ୍ତ୍ରୀ ଗତ ଗାନ୍ଧୀ ଜୟନ୍ତୀ ଦିବସରୁ 'ମୋ ସରକାର' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିପାଇଁ ଖବରକାଗଜରେ ପ୍ରକାଶିତ ବିଜ୍ଞାପନରେ ଗାନ୍ଧିଜୀଙ୍କ କଥିତ 'ମୋ ସରକାର' ଓ ନବୀନଜୀଙ୍କ ସ୍ଥିରୀକୃତ 'ମୋ ସରକାର' ବାବଦରେ ଲେଖାମାନ ପ୍ରକାଶ ପାଇଛି। ଅବଶ୍ୟ, ଗାନ୍ଧିଜୀ 'ମୋ ସରକାର' ଭଳି ଶୀର୍ଷକ ଜରିଆରେ ଏପରି କହିଥିଲେ କି ନାହିଁ, ତାହା ଜଣାନାହିଁ। ଦୁଇଟି ଯାକର ଉପସ୍ଥାପନାର ଆବଶ୍ୟକତା ଅନୁଭୂତ ହେଉଥିବାରୁ ନିମ୍ନରେ ସେହି ଦୁଇଟି ପ୍ରଦତ୍ତ ହେଲା–

ଗାନ୍ଧିଜୀଙ୍କ ମୋ ସରକାର: ଯଦି ତୁମେ ଜଣେ ପୋଲିସ କର୍ମଚାରୀ, ତେବେ ତୁମେ ଲାଞ୍ଚଠାରୁ ଦୂରେଇ ରୁହ। ଗରିବ ଲୋକମାନଙ୍କୁ ଖରାପ ବ୍ୟବହାର ନ କରି ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହେବା ପାଇଁ ସଂକଳ୍ପବଦ୍ଧ ହୁଅ। ତୁମେ ବୁଝିବା ଦରକାର ଯେ ତୁମେ ଲୋକମାନଙ୍କ ସେବକ, ସେମାନଙ୍କର ମାଲିକ ନୁହଁ। ସେମାନଙ୍କର ଅସୁବିଧା ସମୟରେ ସେମାନଙ୍କୁ ସାହାଯ୍ୟ କରିବା ତୁମର ନୈତିକ କର୍ତ୍ତବ୍ୟ। – ମହାତ୍ମା ଗାନ୍ଧୀ, ୧୯୧୬

ନବୀନଜୀଙ୍କ ମୋ ସରକାର: ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା। ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ ପାଇଁ, ଲୋକଙ୍କ ପଇସାରେ, ଲୋକଙ୍କ ସେବା ଓ ସଶକ୍ତୀକରଣ ପାଇଁ ସୃଷ୍ଟି କରାଯାଇଛି। ପୋଲିସ ଥାନା, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ଅଛି। ଲୋକମାନେ ହିଁ ଏହାର ପ୍ରକୃତ ମାଲିକ। ଏହିସବୁ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯିବା ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ। ଲୋକମାନେ ହେଉଛନ୍ତି ପ୍ରକୃତ ସରକାର ଏବଂ ଏଠାରେ କାମ କରୁଥିବା ସମସ୍ତ କର୍ମଚାରୀ ଲୋକଙ୍କ ପଇସାରେ ହିଁ ବେତନ ପାଉଛନ୍ତି।

ଏଠି ମନେପଡ଼ିଯାଉଛି ୨୦୦୫ ମସିହା ନିର୍ବାଚନ ପରର କଥାଟିଏ। ବିଜେଡି ଓ ଭାଜପାର ମିଳିତ ଶକ୍ତି ବିଧାନସଭା ନିର୍ବାଚନରେ ଜିତିବା ପରେ ମୋ ପାଖକୁ ନବୀନ ପଟ୍ଟନାୟକଙ୍କ କଣ୍ଠରୁ କମ୍ପ୍ୟୁଟରୀକୃତ ବାର୍ତ୍ତାଟିଏ ଆସିଥିଲା, ଯାହା ଶୁଦ୍ଧ ଓଡ଼ିଆ ଭାଷାରେ ହେଉଛି, ''ଆମକୁ ଜିତାଇଥିବାରୁ ଧନ୍ୟବାଦ। ଆପଣଙ୍କର କିଛି କହିବାର ଥିଲେ, ଏହା ପରର 'ପିପ୍' ଶବ୍ଦ ପରେ ଆପଣ କହିପାରନ୍ତି।'' ତା'ପରେ ବାର୍ତ୍ତା ସରିଯାଇଥିଲା, 'ପିପ୍' ଶବ୍ଦ ଶୁଭିଥିଲା ଓ ମୁଁ କହିଥିଲି, 'ରାଜ୍ୟର କେତେକ ସମସ୍ୟା ଉପରେ ଆଲୋଚନା ଲାଗି ମୁଁ ଆପଣଙ୍କୁ ୫ ମିନିଟ୍ ପାଇଁ ଭେଟିବାକୁ ଚାହୁଁଛି।' ସେଇଦିନୁ ଚାହିଁଛି ଓ ଏ ପର୍ଯ୍ୟନ୍ତ ଭେଟିବାର ସୁଯୋଗ ମିଳିନାହିଁ। ରାଜ୍ୟବାସୀଙ୍କ ସ୍ୱାର୍ଥସମ୍ବଳିତ କିଛି ବିଷୟ ଉପରେ ୨୦୧୦ ଜୁନ୍ ମାସଠାରୁ ଏପର୍ଯ୍ୟନ୍ତ ପ୍ରାୟ ୨୦ଟି ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ଛାଡ଼ନ୍ତୁ, ଅନୁରୋଧ ସତ୍ତ୍ୱେ ପ୍ରାପ୍ତିସ୍ୱୀକାର ବି ମିଳିନାହିଁ।

ଆମ ଓଡ଼ିଆରେ ଢଗଟିଏ ଅଛି, 'ବଡ଼ ବଡ଼ ଗଲେ ଫସର ଫାଟି, ସାନ ଆଇଲେ ବେସର ବାଟି'। ଯେଉଁଠି ଗାନ୍ଧିଜୀଙ୍କ ବାଣୀସମୂହ ଓ 'ମୋ ସରକାର' (ସତ୍ୟ ଉପରେ ଆଧାରିତ) ଫସରଫାଟି ଗଲା, ସେଠି ନବୀନଜୀଙ୍କ 'ମୋ ସରକାର' କିଛି ତଳସ୍ତରର ସରକାରୀ କର୍ମଚାରୀଙ୍କ ଦୁର୍ନୀତିଜନିତ ନିଲମ୍ବନ ବା ବରଖାସ୍ତରେ ଯେ ସୀମିତ ରହିବ, ତାହା କିଏ କହିବ? ସେମାନେ ସେହି ଦୁର୍ନୀତି ଯେଉଁମାନଙ୍କ ପାଇଁ କରି ଭାଗ ଦିଅନ୍ତି, ସେମାନଙ୍କୁ ଛୁଇଁବା ଅସମ୍ଭବ, କାରଣ ସେମାନେ ତ ଦଣ୍ଡ ପ୍ରଦାନକାରୀ। ତେବେ ଏ ଆରମ୍ଭ ଶୁଭଙ୍କର ହେଉ, ଏହା ହିଁ କାମନା।

ମୋ– ୮୮୯୫୮୫୭୩୧୮

## ଏଇ ଭାରତରେ

ବର୍ଷେ କି ଦୁଇ ବର୍ଷ ନୁହେଁ ଦୀର୍ଘ ୧୪ ବର୍ଷ ଏକ ସ୍କୁଲ ବନ୍ଦ ରହିବା ପରେ ଏବେ ଖୋଲିଛି। ଛତିଶଗଡ଼ ବିଜାପୁର ଜିଲାର ନକ୍ସଲ ପ୍ରଭାବିତ ଉସୁର ବ୍ଲକ୍ ମୁଖ୍ୟାଳୟଠାରୁ ୩୫ କିମି ଦୂର ମଲ୍ଲେମପେଣ୍ଟା ଗାଁରେ ଏହି ସ୍କୁଲ ଅବସ୍ଥିତ। ଏଥିରେ ୬୦ ପିଲା ନାମ ଲେଖାଇଛନ୍ତି। ଏହି ସ୍କୁଲ ଗାଁରେ ଥିବା ଏକ ଝୁମ୍ପୁଡ଼ି ଘରେ ଆରମ୍ଭ କରାଯାଇଛି। ସରକାରୀ ଶିକ୍ଷକ ବି ନାହାନ୍ତି। ପଢାଇବା ଦାୟିତ୍ୱ ନେଇଛନ୍ତି ଦୁଇଜଣ ବେକାର ଯୁବକ। ଗାଁଲୋକେ ଟଙ୍କା ଆଦାୟ କରି ପିଲାମାନଙ୍କୁ ସିଲଟ, ଖଡି ଓ ପେନ୍‌ସିଲ ଦେଇଛନ୍ତି। ସ୍କୁଲ୍ ଏକ ମାସ ହେବ ଖୋଲିଲାଣି। କିନ୍ତୁ ଶିକ୍ଷା ବିଭାଗ ଏଯାଏ ପିଲାଙ୍କ ପାଖରେ ପହଞ୍ଚିପାରିନି କି କିଛି ସାମଗ୍ରୀ ମଧ୍ୟ ଦେଇନାହିଁ। ଛତିଶଗଡ଼ରେ ମାଓବାଦୀଙ୍କ ବିରୋଧରେ ସାଲୱା ଜୁଡୁମ୍ ଆରମ୍ଭ କରାଯିବା ପରେ ଏହି ସ୍କୁଲ୍ ସମେତ ଅନ୍ୟ କେତୋଟି ପ୍ରାଥମିକ ସ୍କୁଲ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଥିଲା। ଏହି ସ୍କୁଲଗୁଡିକ ମଧ୍ୟରେ ଥିଲା ମଲ୍ଲେମପେଣ୍ଟାର ସ୍କୁଲ। ଅନେକ ସ୍କୁଲ୍‌କୁ ଦୁର୍ଗମ ଅଞ୍ଚଳରୁ ମୁଖ୍ୟରାସ୍ତା କଡକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ପିଲାମାନେ ଏହିସବୁ ସ୍କୁଲ୍‌କୁ ଆସିବା ଏତେ ସହଜ ନ ଥିଲା। କିନ୍ତୁ ଦୀର୍ଘ ବର୍ଷ ପରେ ପୁଣି ସ୍କୁଲ୍ ମଲ୍ଲେମପେଣ୍ଟାରେ ଖୋଲାଯାଇଥିବାରୁ ଗାଁ ଲୋକେ ବହୁତ ଖୁସି ଅଛନ୍ତି। ଆସନ୍ତା ମାସଠାରୁ ଏହି ସ୍କୁଲ୍‌ରେ ମଧ୍ୟାହ୍ନଭୋଜନ ଦିଆଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ଚିରନ୍ତନୀ

ସିକ୍ତ ଅଧର ମମ
ସିକ୍ତ ମୋ ଲପନ
ସିକ୍ତ ଏ ଦେହ ମନ ଜୀବନ
ଅନ୍ତରେ ଅନ୍ତରେ
ସେ ପରଶ ସଞ୍ଚରେ
ପୂରିଉଠେ ଜାଗରଣ ସପନ
ସିକ୍ତ ଏ ଦେହ ମନ ଜୀବନ!
(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁଡୋକୁ

su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | 8 | 6 | 4 | D | | | 1 | | | 3 |
| | | 1 | | 5 | | | 7 | | 2 | A | | D | | |
| 4 | | | | | 1 | | 3 | | B | | | | | |
| | | | 4 | | C | B | | 8 | | D | | 6 | | |
| | | | | | | | | | 6 | 0 | 3 | 2 | | |
| | 9 | A | | C | | | 5 | | 0 | B | | | | |
| 7 | B | D | | 2 | | | | | | | A | | | 1 |
| 2 | | | | 4 | | | 1 | 0 | E | | | 7 | | |
| | C | | | | | E | | 4 | | | | 5 | | D |
| | | | | 0 | A | | | | | | 5 | | | B |
| | | | | D | | | 6 | | 3 | | | | | 0 |
| | | | 1 | | | 5 | 2 | | | | | | | |
| | | 4 | 5 | 8 | | D | | A | C | 9 | | | | |
| 0 | | 6 | B | | | 7 | 8 | | A | E | | | | |
| 9 | | B | | | 7 | 1 | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 1 | 0 | 2 | 7 | B | 3 | 5 | 8 | A | D | 9 | 4 | E | C |
| 2 | 5 | 7 | 1 | C | 3 | A | D | 4 | 0 | E | 6 | 8 | 9 | B |
| A | 8 | E | 9 | 5 | D | 6 | 2 | 1 | C | B | 4 | 0 | 7 | 3 |
| B | C | D | 6 | 8 | 4 | 0 | E | 9 | 7 | 3 | 1 | 5 | 2 | A |
| 4 | 9 | 3 | E | A | 0 | 7 | C | B | 2 | 8 | 5 | 1 | D | 6 |
| C | 4 | B | 5 | 2 | E | 1 | 9 | 6 | D | 0 | A | 3 | 8 | 7 |
| 9 | 0 | 6 | B | 1 | 8 | D | 7 | 3 | 5 | 4 | 2 | C | A | E |
| 1 | 3 | 8 | C | D | 6 | E | A | 5 | B | 9 | 7 | 2 | 4 | 0 |
| 7 | 2 | 5 | 0 | 9 | A | 4 | 8 | C | 3 | 1 | E | 6 | B | D |
| D | E | A | 3 | 4 | 7 | B | 0 | 2 | 6 | C | 8 | 9 | 1 | 5 |
| 5 | 6 | 4 | 7 | E | C | 8 | 1 | D | 9 | A | 3 | B | 0 | 2 |
| 3 | A | 1 | 4 | B | 2 | 9 | 6 | 0 | E | 7 | C | D | 5 | 8 |
| 0 | B | 2 | A | 6 | 9 | C | 4 | 7 | 8 | 5 | D | E | 3 | 1 |
| E | D | C | 8 | 3 | 1 | 5 | B | A | 4 | 2 | 0 | 7 | 6 | 9 |
| 8 | 7 | 9 | D | 0 | 5 | 2 | 3 | E | 1 | 6 | B | A | C | 4 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଟ୍ରାଫିକ ନିୟମକୁ ସ୍ୱାଗତ

ମହାଶୟ,

ସରକାରଙ୍କ ଟ୍ରାଫିକ୍ ନିୟମକୁ ସ୍ୱାଗତ। ଭାରତରେ ଅଧିକାଂଶ ଲୋକ ନିଜ ଜୀବିକା ନିର୍ବାହ ପାଇଁ ଏବଂ ଛୋଟ ବ୍ୟବସାୟ କରି ଚଳିବା ଲାଗି ବିଭିନ୍ନ ପ୍ରକାର ପୁରୁଣା ଗାଡି ଉପରେ ନିର୍ଭର କରିଥାଆନ୍ତି। ଏମାନେ କୌଣସି ନୂଆ ଗାଡି କିଣିପାରି ନ ଥାନ୍ତି। ଯିଏ ବା ଗାଡି ବିକ୍ରି କରିବ ନୂଆ ଗାଡିକୁ ୧୦/୧୫ ବର୍ଷ ପରେ ବିକ୍ରି କରିବ। ଅନ୍ୟପକ୍ଷରେ ଭାରତରେ ଅନେକ ଶିକ୍ଷିତ ବେକାର କିଛି ଉପାୟ ନ ପାଇ ବାଧ୍ୟ ହୋଇ ନୂଆ କିମ୍ବା ପୁରୁଣା ଅଟୋମାନ କିଣି ଜୀବିକା ନିର୍ବାହ କରିଥାଆନ୍ତି। ଯଦି ସରକାର ନୂଆ ଗାଡି କିଣି ପାରୁ ନ ଥିବା, ପୁରୁଣା ଗାଡି କିଣି ନିଜର ପରିବାର କିମ୍ବା ଜୀବିକା ନିର୍ବାହ କରୁଥିବା ଲୋକଙ୍କୁ ଚିହ୍ନଟ କରି ଏମାନଙ୍କୁ ନୂଆ ଗାଡ଼ି କିଣିବା ପାଇଁ ଆର୍ଥିକ ସହଯୋଗ କରନ୍ତେ କିମ୍ବା ଛୋଟବଡ ସରକାରୀ ଚାକିରିଟିଏ ଦିଅନ୍ତେ, ତା'ହେଲେ ନୂଆ ଟ୍ରାଫିକ୍ ନିୟମକୁ ନେଇ କାହାରି କିଛି ଅଭିଯୋଗ ରହନ୍ତା ନାହିଁ।

ସଂଗ୍ରାମ ସେନାପତି, ଭିଆଇପି ରୋଡ, ପୁରୀ

### ଓଡ଼ିଆ ଭାଷା ଓ ଟିଭି ଚାନେଲ

ରାଜ୍ୟରେ ନବେ ଦଶକ ଆରମ୍ଭରେ ଦୂରଦର୍ଶନ ଦ୍ୱାରା ପ୍ରସାରିତ ହିନ୍ଦୀ ସିରିଏଲ ଓ ଚଳଚ୍ଚିତ୍ର ଓଡ଼ିଆ ଭାଷା ପ୍ରତି ବିପଦ ସୃଷ୍ଟି କରିଥିଲା। ନବେ ଦଶକ ଶେଷ ଆଡ଼କୁ ଆରମ୍ଭ ହେଲା ଘରୋଇ ଟିଭି ଚାନେଲ ଯୁଗ। ରାଜ୍ୟର ଲୋକେ ଏବେ ହିନ୍ଦୀ ସିରିଏଲଠୁ ଦୂରେଇଯିବା ଓଡ଼ିଆ ଭାଷା ପାଇଁ ଶୁଭ ଲକ୍ଷଣ। ଥିଲାବାଲା ନୂଆ ଓଡ଼ିଆ ଚଳଚ୍ଚିତ୍ର ସିନେମା ହଲ୍‌ରେ ନ ଦେଖି ଟିଭିରେ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା କୃପଣତାର ପରିଚୟ। ରାଜ୍ୟରେ ଆଲବମ୍ ସଙ୍ଗୀତ ଶିଳ୍ପ ଭୁଶୁଡି ପଡିଥିବା ବେଳେ ପଡ଼ୋଶୀ ରାଜ୍ୟମାନଙ୍କରେ ଭୋଜପୁରୀ ଓ ଅନ୍ୟ ଭାଷାର ଆଲବମ୍ ଶିଳ୍ପ ଆଗକୁ ଆଗକୁ ବଢିଚାଲିଛି। ସେମାନଙ୍କଠୁ ଆମେ ଶିଖିବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଅକ୍ଟୋବର ୨୮– ଉତ୍ତରପଶ୍ଚିମ ସିରିଆରେ ଆମେରିକାର ଗୁପ୍ତ ଚଢ଼ାଉରେ କୁଖ୍ୟାତ ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍ ମୁଖ୍ୟ ଅବୁ ବକ୍କର ଅଲ୍ ବାଗ୍‌ଦାଦୀ ନିହତ ହୋଇଛନ୍ତି।

୨୯– ଜମ୍ମୁ–କଶ୍ମୀରର ସ୍ଥିତି ଅନୁଧ୍ୟାନ ପାଇଁ ଏକ ୟୁରୋପୀୟ ପ୍ରତିନିଧି ଦଳ ଶ୍ରୀନଗରରେ ପହଞ୍ଚିଛନ୍ତି।

୩୦– ଆଜିଠାରୁ ଜମ୍ମୁ–କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ରୂପେ ପରିଣତ ହେଲା।

୩୧– ପାକିସ୍ତାନର ପୂର୍ବ ପଞ୍ଜାବ ପ୍ରଦେଶସ୍ଥିତ ଲିଆକତପୁର ନିକଟରେ ଏକ ଯାତ୍ରୀବାହୀ ଟ୍ରେନ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୭୪ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି।

ନଭେମ୍ବର ୧– ଜମ୍ମୁ–କଶ୍ମୀରର ଉପରାଜ୍ୟପାଳ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିବାରୁ ପିଡିପି ରାଜ୍ୟ ସଭା ସଦସ୍ୟ ନାଜିର ଅହମଦ ଲୱେଙ୍କୁ ଦଳରୁ ବହିଷ୍କାର କରାଯାଇଛି।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ

## ସଂକ୍ଷେପରେ

### ଠିକ୍ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ

**ସମ୍ବଲପୁର,୩।୧୧(ବ୍ୟୁରୋ)-** ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନ୍ୟାସନାଲ ଫ୍ୟାମିଲି ହେଲ୍ଥ ସର୍ଭିସ (ଏନ୍ଏଫ୍ଏଚ୍ସି) ସର୍ଭେ ଉପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶୁଭମ୍ ସକ୍ସେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଆର୍ଥିକ ବର୍ଷ ୨୦୧୯-୨୦ ବର୍ଷ ପାଇଁ ଏହି ସର୍ଭେ କରାଯିବ । ଗର୍ଭବତୀ ମହିଳାଙ୍କ ରକ୍ତହୀନତା ଓ ଶିଶୁଙ୍କ ପୁଷ୍ଟିହୀନତା ସ୍ଥିତି ଉପରେ ଏହି ସର୍ଭେ କରାଯିବ । ବିଗତ ବର୍ଷ ସର୍ଭେରେ କିଛି ତ୍ରୁଟି ରହିଥିଲା । ତେଣୁ ଚଳିତ ବର୍ଷ ସର୍ଭେରେ ଠିକ ତଥ୍ୟ ସଂଗ୍ରହ ପୂର୍ବକ ରିପୋର୍ଟ ପ୍ରସ୍ତୁତି କରି ୭ ଦିନ ଭିତରେ ଦେବାକୁ ଜିଲାପାଳ ସକ୍ସେନା ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଏଡିଏମ୍ଓ କୁବେର ଚନ୍ଦ୍ର ମହନ୍ତ, ଡିଏସ୍ଡବ୍ଲୁଓ ଗୀତାଞ୍ଜଳି ମହାପାତ୍ରଙ୍କ ସମେତ ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

### ବାମରାରେ ଛଟ୍ ପର୍ବ

**ବାମରା, ୩।୧୧ (ଡି.ଏନ.ଏ.)-** ବାମରାରେ ଛଟ ପର୍ବ ପାଳିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଅସ୍ତଗାମୀ ଓ ରବିବାର ଉଦିତ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିଥିଲେ। ଶ୍ରଦ୍ଧାଳୁ ନୂତନ ବସ୍ତ୍ର ପିନ୍ଧି ଭଜନ କୀର୍ତ୍ତନ, ପାରମ୍ପାରିକ ଛଟ ଗୀତ ଗାନ କରିଥିଲେ। ଆକାଶରେ ରଙ୍ଗୀନ ଆତିଶବାଜି ସମସ୍ତଙ୍କୁ ମୁଗ୍ଧ କରିଥିଲା। ରଜାବନ୍ଧ, ଷ୍ଟେସନବସ୍ତି ବନ୍ଧରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ପରିବାର ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ଛଟର ସ୍ୱତନ୍ତ୍ର ପ୍ରସାଦବଣ୍ଟନ କରାଯାଇଥିଲା । ଏଥିପାଇଁ ପ୍ରାୟ ୧ ସପ୍ତାହ ପୂର୍ବରୁ ବନ୍ଧଘାଟ, ରାସ୍ତାକଡ ସଫେଇ ପରେ ପାଣି ସିଞ୍ଚନ କରାଯାଇଥିଲା।

### ରାସ୍ତାରେ ଓଲଟିଲା ମିନିଟ୍ରକ୍

**ଧମା, ୩।୧୧ (ଡି.ଏନ.ଏ.)-** ଧମା ଥାନା ଅନ୍ତର୍ଗତ ଶ୍ରୀଣ୍ଡୋଲାପାଲି ଛକଠାରେ ରବିବାର ସକାଳ ୭ଟା ସମୟରେ ଏକ ୪୦୭ ମିନି ଟ୍ରକ୍ (ନଂ. ଓଆର ୦୯- ୫୨୭୬) ଭାରସାମ୍ୟ ହରାଇ ଓଲଟ ପଡିଛି। ଗାଡି ଚାଳକ ଆହତ ହୋଇଛନ୍ତି। ବାଲପୁର ସାରଦା ରାଇସ୍‌ମିଲ୍‌ର ଉକ୍ତ ଗାଡିଟି ସମ୍ବଲପୁରରୁ ମିଲ୍‌ର ବର୍ଜ୍ୟବସ୍ତୁ ନେଇ ଧମା ଅଭିମୁଖେ ଆସୁଥିଲା। ହେଲେ ଶ୍ରୀଣ୍ଡୋଲାପାଲି ଛକର ପଛ ଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା।

ଭିମ୍ସାରରେ ଡାକ୍ତର-ରୋଗୀ ମାରପିଟ ଘଟଣା

# ତଦନ୍ତ କଲେ ସ୍ୱାସ୍ଥ୍ୟ ବିଭାଗର ଦୁଇ ଅଧିକାରୀ

**ସମ୍ବଲପୁର, ୩।୧୧ (ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍ସାରରେ ଶନିବାର ସ୍ୱାସ୍ଥ୍ୟ ବିଭାଗର ଦୁଇ ଜଣ ଅଧିକାରୀ ଡାକ୍ତର-ରୋଗୀ ସମ୍ପର୍କୀୟ ମଧ୍ୟରେ ମାଡପିଟ ଘଟଣାର ତଦନ୍ତ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ ନାୟକ ଏବଂ ଉପସଚିବ ରାଜେଶ ଅଗ୍ରୱାଲ ତଦନ୍ତ କରି ରିପୋର୍ଟ ସଂଗ୍ରହ କରିଛନ୍ତି। ଏହାସହ ସେମାନେ ସମଲେଶ୍ୱରୀ ନର୍ସିଂହୋମ୍‌କୁ ଯାଇ ମଧ୍ୟ ତଦନ୍ତ କରିଛନ୍ତି।

ଅକ୍ଟୋବର ୨୦ ତାରିଖ ନ୍ୟୁରୋ ସର୍ଜରୀ ବିଭାଗର ଡା. ସୂର୍ଯ୍ୟକାନ୍ତ ପାଢୀଯୋଶୀଙ୍କୁ ମାଡପିଟ ହୋଇଥିଲା। ତାଙ୍କ ଅଭିଯୋଗ କ୍ରମେ ପୋଲିସ ୪୫୯/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ମୁକେଶ ବେହେରା ଓ ଝସକେତନ ରାଉତଙ୍କୁ ଗିରଫ କରିଥିଲା। ଅପରପକ୍ଷେ ଡାକ୍ତରମାନେ ଏହି ଦୁଇ ରୋଗୀ ସମ୍ପର୍କୀୟଙ୍କୁ ମାଡପିଟ କରିବା ଓ ସୋସିଆଲ ମିଡିଆରେ ଭାଇରାଲ କରିବା ନେଇ ମଧ୍ୟ ପାଲଟା ଅଭିଯୋଗ ହୋଇଥିଲା । ପୋଲିସ ଡା. ପାଢୀଯୋଶୀ ଓ ସହଯୋଗୀଙ୍କ ନାମରେ ୪୬୦/୧୯ରେ ମାମଲା ରୁଜୁ କରିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ମାଡ ଖାଇଥିବା ରୋଗୀ ସମ୍ପର୍କୀୟଙ୍କ ଘର ଲୋକେ ଅକ୍ଟୋବର ୨୩ରେ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ମାନବାଧିକାର କମିଶନ ପକ୍ଷରୁ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ତଲବ କରାଯାଇଥିଲା।

ସମଲେଶ୍ୱରୀ ନର୍ସିଂହୋମରେ ଚିକିତ୍ସିତ ହେଉଥିବା ଠଣସୁନ୍ଦର ବେହେରାଙ୍କୁ ଡିସ୍‌ଚାର୍ଜ କରିବାକୁ ତାଙ୍କ ପୁଅ ମୁକେଶ ଡା. ପାଢୀଯୋଷୀଙ୍କୁ ଅନୁରୋଧ କରିଥିଲେ। ହେଲେ ମୁକେଶଙ୍କୁ ଡାକ୍ତର ମାଡ ମାରିଥିଲେ । ପରେ ମୁକେଶ ଓ ତାଙ୍କ ସମ୍ପର୍କୀୟ ଭାଇ ଝସକେତନ ବୁର୍ଲା ଭିମ୍ସାରକୁ ଯାଇ ଡା. ପାଢୀଯୋଶୀଙ୍କୁ ଡିସଚାର୍ଜ କରିବା ପାଇଁ ଆଉଥରେ ଅନୁରୋଧ କରିଥିଲେ। ହେଲେ ସେଠାରେ ଥିବା ଡାକ୍ତରମାନେ ମୁକେଶ ଓ ଝସକେତନଙ୍କୁ ମାଡପିଟ କରିଥିଲେ । ଏପରିକି ଫାଣ୍ଡି ସମ୍ମୁଖରେ କାନ ଧରି ବସ୍ ଉଠ କରାଇବା ସହ ଗୋଡ ଧରି କ୍ଷମା ମାଗିବାକୁ ବାଧ୍ୟ କରିଥିଲେ। ଏହାର ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ । ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଶେଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜିଲା ଧନ ପରକୁ ଦେଇ**
**ଗରଜି ମରୁଛୁ ଯାହା**
**ଦରଜ ନ ମେଣ୍ଟି ହଇରାଣ ହେଲୁ**
**ଦରଜ ହେଲାଣି ବାହା ।**

ଟଙ୍କା ଯାଏ ସିଧା ଆସେ ବଙ୍କା। ଟଙ୍କା ପଇସା ଅନ୍ୟକୁ ଉଧାର ଦେଲେ ତାହା ଠିକ୍ ସମୟରେ ଫେରି ପାଇବାର କୌଣସି ନିଶ୍ଚିତତା ନ ଥାଏ। ନେବା ଲୋକ ଆଜି ଦେବା କାଲି ଦେବା କହି ଦିନ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ନିରାଶା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଙ୍ଗୁଳି ସନ୍ଧିରେ ମଳି**
**ଭିତରେ ଭିତରେ ସଲାସୁତୁରାଲୋ**
**ଉପରେ ଉପରେ କଳି ।**

ଲୋକେ ଜାଣିବାକୁ ଦୁହିଁଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଉପରେ ବୁଝାମଣା ଏକଦମ୍ ଠିକ୍। ସ୍ୱାମୀ ସ୍ତ୍ରୀଙ୍କ ସମ୍ବନ୍ଧ ପରି ଘନିଷ୍ଠ ସମ୍ବନ୍ଧ। କପଟୀ ବ୍ୟକ୍ତିଙ୍କ ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କଳକାରଖାନାରେ ୮୦% ସଂରକ୍ଷଣ ଦାବି

**ସମ୍ବଲପୁର,୩।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଅନେକ ଛୋଟ ବଡ କମ୍ପାନୀ ତଥା କଳକାରଖାନା ରହିଛି । ହେଲେ ଏହି ସବୁରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଛି । ତେଣୁ ସରକାର ସ୍ଥାନୀୟ ନିଯୁକ୍ତକୁ ୮୦ ପ୍ରତିଶତ କରିବା ପାଇଁ ଆଇନ୍ ଆଣନ୍ତୁ । ସେଠାରେ କାମ କରୁଥିବା ଶ୍ରମିକମାନଙ୍କର ସର୍ବନିମ ମଜୁରୀ ବୃଦ୍ଧି କରାଯାଉ। ଶ୍ରମିକଙ୍କୁ ସମାଜିକ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି। ଏଥିରେ କମ୍ପାନୀ ଓ ଠିକାସଂସ୍ଥା ଗୁଡିକ ଲାଭବାନ ହେଉଛନ୍ତି। ସମ୍ବଲପୁର ସ୍ୱାଧୀନତା ସଂଗ୍ରାମି ସ୍ମୃତି ଭବନଠାରେ ରବିବାର ଏକ ଖବରଦାତା ସମ୍ମିଳନୀରେ ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଂଘ କର୍ମକର୍ତ୍ତା ଏହା କହିଛନ୍ତି।

ସରକାର ମଜୁରୀ ଯୋଗାଇ ଦେଇ ପାରୁ ନ ଥିବାରୁ ଲୋକମାନେ ଦାଦନ ଖଟିବାକୁ ଯାଉଛନ୍ତି । ହେଲେ ସେଠାରେ ନିର୍ଯାତିତ ହେଉଛନ୍ତି। ଏପରିକି ଜୀବନ ହାରିବାକୁ ପଡୁଛି । କୃଷକ ଓ କୃଷିର ବିକାଶ କଥା ସରକାର କହୁଛନ୍ତି । ହେଲେ ବାସ୍ତବରେ ଚାଷୀମାନଙ୍କୁ କିଛି ସୁବିଧା ମିଳୁନାହିଁ । କୃଷି ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରାଯାଉ ନାହିଁ। ଧାନର ସର୍ବନିମ୍ନ ମୂଲ୍ୟ ୩ ହଜାର ଟଙ୍କା କରାଯାଉ । କୃଷି ମଙ୍ଗଳବୋର୍ଡ ଗଠନ ହେଉ। ବିଡି ଶ୍ରମିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା, ସମାଜିକ ସୁରକ୍ଷା ସହ ଗୃହ ନିର୍ମାଣ କରାଯାଉ ବୋଲି ଦାବି କରାଯାଇଛି। ଜିଲା ସଭାପତି ବବିତା ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ଖବରଦାତା ସମ୍ମିଳନୀରେ ଯୁବ ଆଇଏନଟିୟୁସି ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ, ରାଜ୍ୟ କୋଷାଧକ୍ଷ କୃଷ୍ଣଚନ୍ଦ୍ର ସାହୁ, ସରୋଜ ପ୍ରଧାନ, ସନ୍ଦୀପ ଦେହୁରୀ, ରମେଶ ମାଝି ଦିନେଶ କୁମାର ମହାକୁଡ, ଚକାଚରଣ ମାଝି, ସତ୍ୟନାରାୟଣ ସେନାପତି, ଲୋକନାଥ ନାଗ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଂଘ କର୍ମକର୍ତ୍ତା।

## ମୋବାଇଲ ଲୁଟ୍ ଘଟଣାରେ ଜଣେ ଗିରଫ

**ସମ୍ବଲପୁର,୩।୧୧(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ପୋଲିସ ଲୁଟ୍ ମୋବାଇଲ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ଟାଉନ ଗୌରବ ବାଗ । ଏହା ସହ ଜଣେ ନାବାଳକଙ୍କୁ ମଧ୍ୟ ଧରିଛି। ଏ ନେଇ ଥାନାରେ କେସନଂ ୪୪୦/୧୯ରେ ମାମଲା ରୁଜୁ ହୋଇଛି। ସାକ୍ଷୀପଡା ରାସ୍ତାରେ ଜଣେ ବ୍ୟକ୍ତି କଥା ହେଉଥିବା ସମୟରେ ଅଭିଯୁକ୍ତ ଦ୍ୱୟ ଆସି ମୋବାଇଲ ଲୁଟ୍ କରି ନେଇଯାଇଥିଲେ।

## ଗାଧୋଇବାକୁ ଯାଇ ବନ୍ଧରେ ବୁଡ଼ିଗଲେ ମହିଳା

**ରେଢାଖୋଲ,୩।୧୧(ଡି.ଏନ.ଏ.)**

ରେଢାଖୋଲ ଥାନା ଶରଧାପୁର ଗ୍ରାମରେ ରବିବାର ଜଣେ ମହିଳା ବନ୍ଧରେ ଗାଧୋଉଥିବା ବେଳେ ପାଣିରେ ବୁଡି ମୃତ୍ୟୁ ଘଟିଛି। ଏହି ମହିଳା ଜଣକ ହେଲେ ଗ୍ରାମର ଉଗ୍ରସେନ ବିଶ୍ୱାଳଙ୍କ ସ୍ତ୍ରୀ ମେନକା ବିଶ୍ୱାଳ (୪୦)। ସେ ବନ୍ଧକୁ ଗାଧୋଇବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବାକୁ ଯାଇ ବନ୍ଧରେ ଭାସୁଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ସୋମବାର ରେଢାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯିବ । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଫୁଟବଲ ଟୁର୍ନାମେଣ୍ଟ

## ଗୁଣ୍ଡୁରୁଚୁଆଁ ଚାମ୍ପିୟନ

**ଜମନକିରା, ୩।୧୧ (ଡି.ଏନ୍.ଏ.)**

ଜମନକିରା ବ୍ଲକ୍ ଟିକିଲିପଡ଼ା ପଞ୍ଚାୟତ ରେଙ୍ଗାଲବେଡ଼ାରେ ଲାଲବାହାଦୁର ଯୁବକ ସଂଘ ପକ୍ଷରୁ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ରବିବାର ଫାଇନାଲ ମ୍ୟାଚରେ ଗୁଣ୍ଡୁରୁଚୁଆଁ ଫୁଟବଲ ଦଳ ଓ କାଣିବନ୍ଧଲି ଫୁଟବଲ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷରେ ଗୁଣ୍ଡୁରୁଚୁଆଁ ଦଳ କାଣିବନ୍ଧଲିକୁ ୫-୪ରେ ହରାଇ ବିଜେତା ଘୋଷିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଯୋଗ ଦେଇ ବିଜେତା ଗୁଣ୍ଡୁରୁଚୁଆଁ ଦଳକୁ ନଗଦ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିବା ବେଳେ ଉପବିଜେତା ଦଳ କାଣିବନ୍ଧଲିକୁ ନଗଦ ୭ ହଜାର ଟଙ୍କ ସହ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନୀୟ ଅତିଥିଭାବେ ସରପଞ୍ଚ ସରୋଜିନି କିସାନ, ପୂର୍ବତନ ସରପଞ୍ଚ କର୍ଣ୍ଣକିଶୋର କୁଜୁର, ସୁଶୀଲ ପଟେଲ, ରାଜେଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବେଷ୍ଟ ଗୋଲ କିପର ଭାବେ ରିଙ୍କୁ ବାରିକ, ମ୍ୟାନ ଅଫ ଦି ମ୍ୟାଚ୍ ମୁନା ଓ ବେଷ୍ଟ ସ୍କୋରର୍ ଭାବେ ମଣ୍ଟୁଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳକୁ ଦୁଶାସନ ବାଘ, ରାଜେଶ ଜୟପୁରିଆ, ରାଜ ମଣ୍ଡଳ, ସୁଶାନ୍ତ ଓରାମ ପରିଚାଳନା କରିଥିଲେ। ଯୁବକ ସଂଘର ସଭାପତି ସୁରଜ କିସାନ, କିଶୋର ନାଏକ ପ୍ରମୁଖ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମବାସୀଙ୍କ ସମେତ ଲାଲବାହାଦୁର ଯୁବକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ।

ଶେଷଦେବ ମେମୋରିଆଲ ଫୁଟବଲ

# ବରମପୁରା ରନର୍ସ ଅପ୍, ଡାକଡେରା ଚାମ୍ପିୟନ

**ଧମା, ୩।୧୧ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ବରଗାଁ ସୁରେନ୍ଦ୍ର ସାଏ ହାଇସ୍କୁଲ ପଡିଆରେ ରବିବାର ଶେଷଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି । ବରଗାଁ ପଞ୍ଚାୟତ ଯୁବକ ସଂଘ ତରଫରୁ ଆୟୋଜିତ ଏହି ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଲୋକାଲ-୧୧, ଚାରଭାଟି, ବରମପୁରା, ସମ୍ବଲପୁର, ବୁର୍ଲା, ଭେଡେନ, ଡାକଡେରା, ସରଲାକାନୀ ଏହିପରି ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ଖେଳରେ ଡାକଡେରା ଓ ବରମପୁରା ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସମୟସୀମା ଶେଷ ପର୍ଯ୍ୟନ୍ତ ଖେଳ ଅମୀମାଂସିତ ରହିଥିଲା। ଶେଷରେ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ୫-୪ ଗୋଲରେ ଡାକଡେରା ଚାମ୍ପିୟନ ଓ ବରମପୁରା ରନର୍ସ ଅପ୍ ହୋଇଛି। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ମଞ୍ଜୁ ଦାସ, ବରୁଣ ଦେହୁରୀ, ଆନନ୍ଦ ଜେନା, ଜ୍ୟୋତି ପଣ୍ଡା ଓ ଦେବପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

# ସର୍ବଭାରତୀୟ ଶିକ୍ଷକଙ୍କ ଭଳି ଦରମା ଦିଆଯାଉ

**ସମ୍ବଲପୁର,୩।୧୧ (ବ୍ୟୁରୋ)**

ସମ୍ବଲପୁର ପ୍ରେସ୍ ଭବନଠାରେ ରବିବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜାତୀୟ ଶିକ୍ଷାନୀତି ୪-ଟି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ସରକାରଙ୍କ ନିକଟକୁ ଦାବି ପୂରଣ କରିବା ପାଇଁ ପଠାଇବାକୁ ସ୍ଥିର ହୋଇଛି। ସର୍ବ ଭାରତୀୟ ସ୍ତରରେ ଶିକ୍ଷକଙ୍କ ଦରମା ଭଳି ସମାନ କାମକୁ ସମାନ ଦରମା ଦିଆଯାଉ । ଗଣ ଶିକ୍ଷକ, ଶିକ୍ଷା ସହାୟକମାନଙ୍କୁ ପୂର୍ଣ୍ଣକାଳୀନ ଅବସର ଭତ୍ତା ଦିଆଯାଉ। ଷଷ୍ଠ ବେତନ କମିସନର ଦରମା ଅସଙ୍ଗତିକୁ ଦୂର କରାଯାଉ । ଖାରବେଳ ନଗରରେ ଜବରଦଖଲ ହୋଇଥିବା ପ୍ରଥମିକ ଶିକ୍ଷକ ସଂଘ ଭବନକୁ ଉଚ୍ଛେଦ କରାଯାଉ ବୋଲି ଦାବି କରାଯାଇଛି। ତେବେ ପ୍ରତି ବ୍ଲକସ୍ତରରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦିଆଯିବ। ଫେବୃୟାରୀ ୨୭ ତାରିଖ ଦିଲ୍ଲୀରେ ସଂସଦ ଭବନ ସମ୍ମୁଖରେ ଧାରଣା ଓ ଘେରାଉ କରିବାକୁ ସ୍ଥିର ହୋଇଛି। ସଭାପତି ତ୍ରିଲୋଚନ ନାଏକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସର୍ବ ଭାରତୀୟ ପ୍ରାଥମିକ ସଂଘ ସାଧାରଣ ସଂପାଦକ କମଳାକାନ୍ତ ତ୍ରିପାଠୀ, ପୂର୍ବତନ ସଭାପତି ଅଗ୍ନି ପ୍ରଧାନ, ପ୍ରମୋଦ ଝାଙ୍କର, ବେଣୁଧର ମିଶ୍ର, ଗୌରାଙ୍ଗ ମଲ୍ଲିକ ଉପସ୍ଥିତ ଥିଲେ । ରାଜ୍ୟର ବିଭିନ୍ନ ଜିଲାରୁ ଜିଲାସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇ ନିଜ ମତ ରଖିଥିଲେ ।




ସମ୍ବଲପୁର ପ୍ରେସ୍ କ୍ଲବଠାରେ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ବୈଠକରେ ମଞ୍ଚାସୀନ ଅତିଥି।


## ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ
(ପାୱାର୍ ୱିଙ୍ଗ୍)

BHAKRA BEAS NATION'S PRIDE

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଏନ୍ଆଇଟି ନଂ.466/ପିଏଚ୍ଡି/ପିଓଏନ୍ଜି-341 ତାରିଖ: 30.10.2019

**କାର୍ଯ୍ୟାଳୟର ନାମ:** ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍ବି (ପିଡବ୍ଲ୍ୟୁ), ଏସ୍ଏଲ୍ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-I, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035

**କାର୍ଯ୍ୟର ନାମ:** ବିବିଏମ୍ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଚ୍ଟି ପାୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ଏହାର ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ<br>ଶେଷ ତାରିଖ: 20.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ଦସ୍ତାବିଜ ଅପ୍‌ଲୋଡିଂର ଶେଷ ତାରିଖ ଓ ସମୟ | 05.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 06.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-I) | 06.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ସ୍ୱତନ୍ତ୍ରତା ମୂଲ୍ୟ, ବିସ୍ତୃତ ଏନ୍ଆଇଟି ଏବଂ ଅମାନତ ରାଶି ତଥା ସବିଶେଷ ଏନ୍ଆଇଟି ପାଇଁ ଦୟାକରି ବିବିଏମ୍ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: **www.bbmbeproc.abcprocure.com, www.bbmb.gov.in**

372-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ



## OFFICE OF THE NOTIFIED AREA COUNCIL, BINKA

**Dist: Subarnapur (Pin-767019),Email id: nacbinka@gmail.com, Phone/Fax: 06654-241113**

**E-tender call notice No. 1606/ 02.11.2019**

**Tender Reference No. BINKA-NAC-04/2019-20**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| | | |
|---|---|---|
| 1 | Type of the work:- | Civil work |
| 2 | No. of works:- | 13 Nos. |
| 3 | Estimated Cost:- | As per DTCN |
| 4 | Period of Completion:- | As per DTCN |
| 5 | Date & Time of Bidding from:- | Dtd. 04.11.2019 after 10.00 AM |
| 6 | Last date & time for receipt online:- | Dtd. 13.11.2019 upto 05.00 PM |
| 7 | Documents will be received by post/O/o Executive Officer on or before:- | Dtd. 14.11.2019 upto 05.30 PM |
| 8 | Bids received shall be opened on:- | Dtd. 15.11.2019 at 10.00 AM |
| 9 | Name and address of the Officer inviting Bid:- | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer**
**Notified Area Council, Binka**


୧୩ ଦିନରେ ଚାଷୀଙ୍କ ରିଲେ ଅନଶନ

# ବୀମା କମ୍ପାନୀକୁ ଅନୁକମ୍ପା, ଚାଷକୁ ଉପେକ୍ଷା

**ସମ୍ବଲପୁର,୩।୧୧ (ବ୍ୟୁରୋ)**



ସମ୍ବଲପୁର ଜିଲାପାଳ ଅଫିସ ନିକଟରେ ଚାଷୀଙ୍କ ଆନ୍ଦୋଳନ ।

ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ଚାଷୀଙ୍କ ରିଲେ ଅନଶନ ବୁଧବାର ୧୩ ଦିନରେ ପହଞ୍ଚିଛି । ବୁଧବାର କଂଗ୍ରେସ ସମର୍ଥନ କରି ଆନ୍ଦୋଳନରେ ବସିଥିଲା। ଦଳର ରାଜ୍ୟ ଉପସଭାପତି ବିଜୟଲକ୍ଷ୍ମୀ ସାହୁ, ଜିଲା ସଭାପତି ଅଶ୍ୱିନୀ ଗୁରୁ, ସୁରେଖା ସାହୁଙ୍କ ସମେତ ୪୦ରୁ ଅଧିକ କଂଗ୍ରେସ କର୍ମକର୍ତ୍ତା ସାମିଲ ହୋଇଥିଲେ । ରାଜ୍ୟ ଓ କେନ୍ଦ୍ର ସରକାର କୃଷୀ ଓ କୃଷକମାନଙ୍କୁ ଉପେକ୍ଷା କରୁଛନ୍ତି । ବୀମା ଟଙ୍କା ଦେବା ପାଇଁ ତାଲିକା ପ୍ରସ୍ତୁତ କରି ଘୋଷଣା କଲାପରେ ମଧ୍ୟ ଚାଷୀଙ୍କୁ ଦେଉ ନାହାନ୍ତି। କମ୍ପାନୀ ହାତରେ ବିକ୍ରି ହୋଇଯାଇଛନ୍ତି ବୋଲି ଅଭିଯୋଗ କରି କଂଗ୍ରେସ ନେତୃମଣ୍ଡଳୀ ଉଭୟ ସରକାରଙ୍କ ଉପରେ ବର୍ଷିଥିଲେ। ଜମନକିରା, କେନାଡିପା, ମହଦା, ଜମନକିରା, ପିଣ୍ଡା ପଥର, ମହୁଲପାଲି, ନାକଟିଦେଉଳ, ସାଲେଭଟା ପ୍ରଭୃତି ଅଞ୍ଚଳର ଚାଷୀମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଅକ୍ଟୋବର ୨୨ ତାରିଖଠାରୁ ଚାଷୀମାନେ ବିଭିନ୍ନ ଦାବି ନେଇ ୨୪ ଘଣ୍ଟିଆ ରିଲେ ଅନଶନ ଆରମ୍ଭ କରିଛନ୍ତି । ୨୦୧୮ ଖରିଫ ଋତୁରେ ବର୍ଷା ଓ ରୋଗପୋକରେ ଫସଲ ନଷ୍ଟ ହୋଇଯାଇଥିଲା । ତେଣୁ ବୀମା ଓ ଇନପୁଟ ସବ୍‌ସିଡି ଦେବାକୁ ଘୋଷଣା ହୋଇଥିଲା । ଘୋଷଣା ପରେ ମଧ୍ୟ ବୀମା ଟଙ୍କା ଚାଷୀଙ୍କୁ ଦିଆଯାଇନାହିଁ । ସେହିପରି ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ବନୋସ ଓ ସମ୍ପୂର୍ଣ୍ଣ ଋଣ ଛାଡ, କୀଟନାଶକ ରିହାତି ମୂଲ୍ୟରେ ଯୋଗାଇ ଦେବାରେ ସରକାର ବିଫଳ ହୋଇଛନ୍ତି । ରାଜ୍ୟ ସରକାର ବୀମା ଟଙ୍କା ପାଇଁ କେନ୍ଦ୍ର ଉପରେ ଦୋଷ ଲଦି ଦେଉଛନ୍ତି । ଚାଷୀମାନେ ଦୀର୍ଘ ୯ ମାସ ଧରି ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରିଛନ୍ତି । ମହାବନ୍ଦ ଓ ରେଳରୋକ୍ କରିଛନ୍ତି। ହେଲେ ସରକାରଙ୍କ ନିଦ ଭାଙ୍ଗି ନାହିଁ । ତେଣୁ ଶେଷରେ ରିଲେ ଅନଶନ ଜାରି ରହିଛି।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ



### ସଡ଼କ ସୁରକ୍ଷା ନିୟମ ମାନିବାକୁ 'ରକ୍ଷକ' କାର୍ଯ୍ୟକ୍ରମ

**ଜମନକିରା,୩।୧୧(ଡି.ଏନ୍.ଏ.):** ଜମନକିରା ବ୍ଲକ୍ ସଦର ମହକୁମାରେ ରବିବାର ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ଓ ନିୟମ ସମ୍ବନ୍ଧୀୟ 'ରକ୍ଷକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଜୁ ଯୁବ ବାହିନୀର ସମ୍ପାଦକ ଆନନ୍ଦ କୁମାର ପଟେଲଙ୍କ ନେତୃତ୍ୱରେ ଯୁବକମାନେ ବ୍ୟାନର, ପ୍ଲାକାର୍ଡ଼ ଧରି ଗାଁ ଭ୍ରମଣ କରି ସଡ଼ କସୁରକ୍ଷା ଓ ସମ୍ପର୍କୀତ ନିୟମ ବାବଦରେ ଲୋକଙ୍କୁ ବଝାଇଥିଲେ। ଗାଡ଼ିଚାଳନା ବେଳେ ହେଲମେଟ ପିନ୍ଧିବା, କାର୍ ସିଟ୍‌ବେଲ୍ଟ ବାନ୍ଧିବା, ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳାଇବା, ନିଶାଦ୍ରବ୍ୟ ସେବନ ନ କରିବା, ମୋବାଇଲରେ କଥା ନ ହେବା ନେଇ ସଚେତନ କରାଯାଇଛି।

### ୪ରୁ ଜାତୀୟ ଯୋଗ ପ୍ରତିଯୋଗିତା

**ସମ୍ବଲପୁର, ୩।୧୧ (ବ୍ୟୁରୋ):** ଜାତୀୟ ଯୋଗ ପ୍ରତିଯୋଗିତା ନଭେମ୍ବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର କଲକତାଠାରେ ହେବ । ତେଣୁ ସମ୍ବଲପୁର କାଇଁଶିର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର (ସ୍କୁଲ)ର ଛାତ୍ର ହର୍ଷିଦ ଗଡନାୟକ ଓ ସତ୍ୟମ ଧରାଇ, ଠେମରା ହାଇସ୍କୁଲ ଛାତ୍ର ତୀର୍ଥବାସ କୁମୁରା ଓ ବୁର୍ଲା ସରକାରୀ ହାଇସ୍କୁଲ ନବମ ଶ୍ରେଣୀ ଛାତ୍ର ବିଷ୍ଣୁ ରଣା ରବିବାର କଲକତା ଯାତ୍ରା କରିଛନ୍ତି।

### ଦେଶୀ ମଦ, ପୋଚ ଜବତ: ଜଣେ ଗିରଫ

**ଦେବଗଡ଼,୩।୧୧(ଡି.ଏନ.ଏ.):** ଦେବଗଡ଼ ଅବକାରୀ ବିଭାଗ ପକ୍ଷରୁ ରବିବାର ବାରକୋଟ ବ୍ଲକ ରମ୍ପେଇ ପଞ୍ଚାୟତ ସିରଡିହୀ ଏବଂ ତିଲେଇବବଣି ବ୍ଲକ ବଡଛାପଲ ପଞ୍ଚାୟତର ଗିନାହଜା ଗ୍ରାମରେ ଚଢ଼ାଉ କରି ଦେଶୀ ରନ୍ଧାମଦ ଓ ବିପୁଳ ପରିମାଣର ମହୁଲ ପୋଚ ସମେତ ମଦ ପ୍ରସ୍ତୁତି ସରଞ୍ଜାମ ଜବତ କରାଯାଇଛି। ବେଆଇନ ଦେଶୀ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ଶିରଡିହୀ ଗ୍ରାମର ମୁରଲୀ ନାହାକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ, ଶିରଡିହୀ ଓ ଗିନାହଜା ଗ୍ରାମରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଏବଂ ବିକ୍ରି ହେଉଥିବା ନେଇ ଅବକାରୀ ଅଧିକ୍ଷକ ରମେନ୍ଦ୍ର ନାୟକଙ୍କୁ ଖବର ମିଳିଥିଲା। ଏନେଇ ଦେବଗଡ଼ ଅବକାରୀ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନ ସଦଳବଳେ ଶିରଡିହୀ ଗ୍ରାମର ମୁରଲୀ ନାହାକଙ୍କ ଘରେ ଚଢ଼ାଉ କରି ୧୧ଲିଟର ରନ୍ଧା ଦେଶୀମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରିଥିଲେ। ସେହିପରି ଗିନାହଜା ଗ୍ରାମ ନିକଟସ୍ଥ ରେଙ୍ଗାଲୀ ନଦୀବନ୍ଧ ଜଳଭଣ୍ଡାର କଡରେ ଚଢ଼ାଉ କରି ୨୫୦ କିଲୋ ମହୁଲ ପୋଚ ଏବଂ ମଦ ରନ୍ଧା ସରଞ୍ଜାମ ଜବତ କରିଥିଲେ। ଚଢ଼ାଉରେ ବାରକୋଟ ଅବକାରୀ ସବ୍‌ଇନ୍ସପେକ୍ଟର ପ୍ରଦ୍ୟୁମ୍ନ ସାହୁ, ଅବକାରୀ ଏଏସ୍‌ଆଇ ଗୋବିନ୍ଦ ସାହୁ, ଦିଲୀପ ସାହୁଙ୍କ ସମେତ ଅବକାରୀ କର୍ମଚାରୀ ସାମିଲ ଥିଲେ।

# ପୋଲିସକୁ ଖୋଲାଖୋଲି ଚ୍ୟାଲେଞ୍ଜ

**ରେଢ଼ାଖୋଲ,୩।୧୧(ଡି.ଏନ.ଏ.)**

- ରେଢ଼ାଖୋଲରେ ଲୁଟେରା ସକ୍ରିୟ
- ଦିନ ଦ୍ୱିପ୍ରହରରେ ଲୁଟ୍ କରୁଛନ୍ତି
- ଡାକ୍ତରଖାନା ପରିସରରୁ ବାଇକ୍ ଲୁଟ୍
- ଟାର୍ଗେଟରେ ବାଇକ୍, ଫାଇନାନ୍ସ କମ୍ପାନୀ

ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳରେ ଗତ କିଛିମାସ ହେବ ଲୁଟେରା ସକ୍ରିୟ ହୋଇଉଠିଛନ୍ତି। ଦିନ ଦ୍ୱିପ୍ରହରରେ ଲୁଟ୍ କରୁଛନ୍ତି। ଏମାନଙ୍କ ଟାର୍ଗେଟରେ ମୁଖ୍ୟତଃ ବାଇକ୍ ଆଉ ଫାଇନାନ୍ସ କର୍ମଚାରୀ। ହେଲେ ପୋଲିସ ଅନେକ କ୍ଷେତ୍ରରେ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହେଉଛି। କହିବାକୁ ଗଲେ ପୋଲିସକୁ ଖୋଲାଖୋଲି ଲୁଟେରା ଚ୍ୟାଲେଞ୍ଜ କରୁଛନ୍ତି।

ଗତ ମାସରେ ଚାରମାଲ ଥାନା ଭତରା- ବୀରମହାରାଜପୁର ରାସ୍ତାରେ ଜଣେ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ୩୦ ହଜାର ଟଙ୍କା ଲୁଟ୍ କରିବା ପରେ ସେହି ରାତିରେ ଭରତାପୁର ଶିବ ମନ୍ଦିରରୁ ଚୋରି ହୋଇଥିଲା। ତେବେ ଏ ଘଟଣାରେ ଚାରମାଲ ପୋଲିସ ବୀରମହାରାଜପୁର ଅଞ୍ଚଳର ୪ ଜଣ ଓ ଚୁଡାପୁଡୁଗ ଗ୍ରାମର ଜଣକୁ ଗିରଫ କରିଥିଲା। ସେମାନଙ୍କଠାରୁ ଲୁଟ୍ ହୋଇଥିବା ଟଙ୍କା ଓ ଠାକୁରଙ୍କ ଜିନିଷପତ୍ର ଜବତ କରିଥିଲା। ସେହିପରି କିଛିମାସ ପୂର୍ବରୁ ମଧ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ ବିଭିନ୍ନ ଅଞ୍ଚଳର ଲୁଟେରାଙ୍କୁ ରେଢ଼ାଖୋଲ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ରେଢ଼ାଖୋଲ ଥାନା କଦଳୀଗଡ-ବୀରମହାରାଜପୁର ରାସ୍ତାର ରେଢ଼ାଖୋଲ ସୀମା ଗରିଆମୁଣ୍ଡା ଗ୍ରାମ ନିକଟରେ ଫାଇନାନ୍ସ କର୍ମଚାରୀ ଲୁଟର ଶିକାର ହୋଇଛନ୍ତି। ସୁବଳୟା ଅଞ୍ଚଳରୁ ମହିଳା ସ୍ୱୟଂ ସହାୟକା ଗୋଷ୍ଠୀରୁ ଋଣ ବାବଦ ଟଙ୍କା ସଂଗ୍ରହ କରି ସମସ୍ତ ଫାଇନାନ୍ସ କମ୍ପାନୀର ୨ ଜଣ କର୍ମଚାରୀ ଏକ ସ୍କୁଟିରେ ରେଢ଼ାଖୋଲ ଫେରୁଥିଲେ। ସେମାନଙ୍କୁ ପିଛା କରୁଥିବା ୩ଜଣ ଲୁଟେରା ବାଇକ୍‌ରେ ଆସି ଅଟକାଇଥିଲେ। ଏହାପରେ ମାରଣାସ୍ତ୍ର ଦେଖାଇ ୩୯ ହଜାର ୯ଶହ ୮୪ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ହେଲେ କାହାରିକୁ ଗିରଫ କରାଯାଇ ନାହିଁ। ଏ ଘଟଣାରେ ଫାଇନାନ୍ସ କର୍ମଚାରୀ ଶକ୍ତିରଞ୍ଜନ ତ୍ରିପାଠୀ ରେଢ଼ାଖୋଲ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ଓ ପରମେଶ୍ୱର ସୁନା ନାମକ ଆଉ ଜଣେ କର୍ମଚାରୀଙ୍କ ସହ ସୁବଳୟାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କଠାରୁ ଋଣ ବାବଦ ଟଙ୍କା ସଂଗ୍ରହ କରି ଫେରୁଥିଲେ। ପଛରୁ ଏକ ବାଇକ୍‌ରେ ୩ ଜଣ ଲୁଟେରା ଆସି ଅଟକାଇଥିଲେ। ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଶକ୍ତିରଞ୍ଜନଙ୍କ ଅଭିଯୋଗ କ୍ରମେ ରେଢ଼ାଖୋଲ ଥାନା ପୋଲିସ ଦଫା ୩୯୪ରେ ଏକ ମାମଲା (ନଂ. ୨୫୪/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି। ଶନିବାର ଅପରାହ୍ନ ସାଢେ ୫ଟା ବେଳେ ଉପଖଣ୍ଡ ଡାକ୍ତରଖାନା ପରିସରରୁ ଏକ ବାଇକ୍ ଲୁଟ୍ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଡାକ୍ତରଖାନାକୁ ଆସି ତଦନ୍ତ କରିଛି। ତେବେ ଡାକ୍ତରଖାନାରେ ଲାଗିଥିବା ସିସି ଟିଭି ଫୁଟେଜରୁ ଲୁଟେରା ବାଇକ୍ ନେଇଯାଉଥିବା ସମୟର ଦୃଶ୍ୟକୁ ପୋଲିସ ଅନୁଧ୍ୟାନ କରିଛି। ହେଲେ ଲୁଟେରାଙ୍କୁ ଧରି ପାରିନି। ସୂଚନାଯୋଗ୍ୟ ଯେ ଶନିବାର ରେଢ଼ାଖୋଲ ସାପ୍ତାହିକ ବଜାର ଯୋଗୁ ବିଭିନ୍ନ ସମୟରେ ଲୁଟେରାମାନେ ବାଇକ୍, ମୋବାଇଲ ଫୋନ୍ ଆଦି ଲୁଟ୍ କରିଥିବା ନେଇ ବହୁ ଅଭିଯୋଗ ରେଢ଼ାଖୋଲ ଥାନାରେ ହୋଇଛି। ତଥାପି ପୋଲିସ ଏ ଦିଗରେ ସତର୍କତା ଅବଲମ୍ବନ କରୁ ନ ଥିବା ଅଭିଯୋଗ ହେଉଛି। ତେବେ ଖୁବ୍ ଶୀଘ୍ର ଲୁଟେରାମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଖବରଦାତା।

## ପ୍ରେସ ଦିବସ ପାଳନ ପ୍ରସ୍ତୁତି ବୈଠକ

**ଦେବଗଡ଼,୩।୧୧(ଡି.ଏନ.ଏ.)**

ଜାତୀୟ ପ୍ରେସ ଦିବସ ପାଳନ ଲାଗି ସ୍ଥାନୀୟ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଦେବଗଡ଼ ଜିଲା ଖବରଦାତା ସଂଘର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସତ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଶୋକ କୁମାର ନନ୍ଦ, ସିଦ୍ଧାର୍ଥ ଗୁରୁ, ସରୋଜ କୁମାର ପ୍ରଧାନ, ତରୁଣ କୁମାର ସାହୁ, ବ୍ରିଜେଶ ରଞ୍ଜନ ସାହୁ, ଶକ୍ତି ସୌରଭ ନନ୍ଦ, ବିଜୟ କୁମାର ମୋଦି, ଟିକେଶ୍ୱର ଗୁରୁ, ସୁଜାତା ସାହୁ, ନିରଞ୍ଜନ ନନ୍ଦ, ପ୍ରତାପ କିଶୋର ନାୟକ, ରାକେଶ କୁମାର ଦାଶ, ବିଜୟ କୁମାର ପ୍ରଧାନ, ଶିବାଶିଷ ଝାଙ୍କର ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ଏବଂ ଏହାର ସାମଧାନ ନେଇ ଆଲୋଚନା କରିଥିଲେ। ଆସନ୍ତା ୧୬ ତାରିଖରେ ଜାତୀୟ ପ୍ରେସ ଦିବସ ପାଳନ ଅବସରରରେ ଏକ ସଭା ଆୟୋଜନ କରବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଶକ୍ତି ସୌରଭ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଶା ଅସ୍ଥାୟୀ ବନକର୍ମଚାରୀ ସଂଘ କାର୍ଯ୍ୟକାରିଣୀ ବୈଠକ

**ସମ୍ବଲପୁର, ୩।୧୧ (ବ୍ୟୁରୋ)**

ଓଡିଶା ଅସ୍ଥାୟୀ ବନକର୍ମଚାରୀ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ରବିବାର ସମ୍ବଲପୁର ଟାଉନ ରେଞ୍ଜ ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘ ରାଜ୍ୟ ସଭାପତି ଶିବ ସାହୁଙ୍କ ଅଧକ୍ଷତାରେ ସଭା ହୋଇଥିଲା । ସମାନ କାମକୁ ସମାନ ଦରମା, ଡ୍ରେସ୍ କୋଡ ଲାଗୁ, ବ୍ୟାଙ୍କ ଆକାଉଣ୍ଟରେ ଇପିଏଫ ଅର୍ଥ ଜମା କରିବା, ଇଏସଆଇ କାର୍ଡ ପ୍ରଦାନ ପ୍ରଭୃତି ଦାବି ଉପରେ ଆଲୋଚନା ହୋଇଥିଲା । ସଂଘ ପରାମର୍ଶଦାତା ହେଡମ୍ବ ଚନ୍ଦ୍ର ଦାନୀ, ଅନିରୁଦ୍ଧ ସେଠ ବୈଠକରେ ରାଜ୍ୟର ୪୫ଟି ଫରେଷ୍ଟ ଡିଭିଜନରୁ କର୍ମଚାରୀ ଯୋଗ ଦେଇଥିଲେ।

## ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ

**ଖଟିଆରେ ବୁହା ହେଲେ ବୃଦ୍ଧା**

**ରେଢ଼ାଖୋଲ, ୩।୧୧(ଡି.ଏନ.ଏ)**

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଘୋଷରାମାଳ ପଞ୍ଚାୟତର ଝାଟକିମାଳ ଗ୍ରାମର ମଙ୍ଗଡାଲି କିଣ୍ଡୋ (୮୦) ନାମ୍ନୀ ଜଣେ ମହିଳାଙ୍କୁ ରବିବାର ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣା ଯାଇଛି। ଏହି ଗାଁକୁ ମୋବାଇଲ ସେବା ନାହିଁ। ଏଣୁ ତାଙ୍କ ପରିବାର ଲୋକେ ଅନ୍ୟ ଗାଁକୁ ଯାଇ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଖବର ପାଇ ଝାଟକିମାଳ ଗାଁକୁ ଆମ୍ବୁଲାନ୍ସ ରୋଗୀ ଆଣିବାକୁ ଯାଇଥିଲା। ହେଲେ ଏହି ଗାଁକୁ ରାସ୍ତା ନ ଥିବାରୁ ଦେଢ କି.ମି. ପୂର୍ବରୁ ଅଟକି ରହିଥିଲା। ଅବଶ୍ୟ ଗାଁକୁ ରାସ୍ତା ସହ ଏକ ନାଳ ମଧ୍ୟ ପ୍ରତିବନ୍ଧକ ସାଜିଛି। ଫଳରେ ଆମ୍ବୁଲାନ୍ସ କର୍ମଚାରୀ ବୃଦ୍ଧାଙ୍କୁ ଖଟିଆରେ ବୋହି ପ୍ରାୟ ଦେଢ କି.ମି. ପର୍ଯ୍ୟନ୍ତ ଆମ୍ବଲାନ୍ସ ନିକଟକୁ ଆଣିବା ପରେ ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ। ଆମ୍ବୁଲାନ୍ସ କର୍ମଚାରୀ ଟିକେଶ୍ୱର ବିଶ୍ୱାଳ, ଡ୍ରାଇଭର ସୁଜିତ ସାହୁ, ହେଲପର ସୁନିଲ ସାହୁ ପରିବାର ଲୋକଙ୍କୁ ବୃଦ୍ଧାଙ୍କୁ ଖଟିଆରେ ବୋହିବାରେ ସହଯୋଗ କରିଥିଲେ।



ବାଟେଘାଟେ କାର୍ଯ୍ୟକ୍ରମରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀଙ୍କ ସହ ମହିଳାମାନେ।

## ଦେବଗଡ଼ରେ 'ବାଟେଘାଟେ'କାର୍ଯ୍ୟକ୍ରମ

**ଦେବଗଡ,୩।୧୧(ଡି.ଏନ.ଏ.)**

ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମାସର ପ୍ରଥମ ରବିବାର ହେଉଥିବା ଅଭିନବ କାର୍ଯ୍ୟକ୍ରମ 'ବାଟେଘାଟେ' ଅନୁଷ୍ଠିତ ହୋଇଯାଇଛି। ଏହା ଜନସାଧାରଣଙ୍କୁ ଏକଜୁଟ କରିବାରେ ସଫଳ ହୋଇଛି। ସକାଳ ପ୍ରାୟ ୭ଟାରେ ସ୍ଥାନୀୟ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରୁ ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନ ଏବଂ ବଡବଗିଚାଠାରେ ନୃତ୍ୟ, ସଂଗୀତ, ଯୋଗ, କବିତା ପାଠୋତ୍ସବ, ଝୋଟି, କୌତୁକ ପୋଷାକ ସମେତ କବାଡି, ବ୍ୟାଡମିଣ୍ଟନ, ଭଲିବଲ ସହ କ୍ରିକେଟ ଆଦି ଖେଳ ହୋଇଥିଲା । ଏଥିରେ ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ ଯୋଗଦେଇ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପାରମ୍ପରିକ ପାଲା, ସଂକୀର୍ତ୍ତନ, ଦାଶକାଠିଆ, ରଙ୍ଗୋଲି, ପେଣ୍ଟିଂ ଆଦି କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଥଣ୍ଡା ପାନୀୟ ଜଳ, ଚକୋଲେଟ ଓ ବେଲୁନ ଇତ୍ୟାଦି ବିତରଣ କରାଯାଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ସହରର ପୁରୁଷ ଓ ମହିଳା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅତିରିକ୍ତ ଜିଲାପାଳ ଧରମ ହାଂସଦା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୀସେଣ୍ଟ ପୁନମକାନ୍ତ ଏକ୍କା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ପଟେଲ, ଦେବଗଡ଼ ତହସିଲଦାର ପଲ୍ଲବୀ ନାୟକ, ସହକାରୀ ଜିଲାପାଳ ଯଶୋବନ୍ତ ଦେହୁରୀ, କୈବଲ୍ୟ କର, ସୁଶାନ୍ତ କୁମାର ନାୟକ, ସିପ୍ରା ସେଠୀ, ଲୀଳାବତୀ ନାୟକ, ବିକ୍ରାନୀ କିଶପଟ୍ଟା, ପୌରପରିଷଦର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅତୁଲ୍ୟ କୁମାର ପୂଜାରୀ, ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ କୁମାର ଗୁରୁ, କ୍ରୀଡା ସଂସଦ ସମ୍ପାଦକ ଧିରେନ୍ଦ୍ର ନାୟକ, ଜିଲା କ୍ରୀଡ଼ା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

## ରକ୍ତ ଦାନ ଶିବିର ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଦେବଗଡ଼,୩।୧୧(ଡି.ଏନ୍.ଏ.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ନେତାଜୀ କ୍ଲବ ସୁଗୁଡ଼ା ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ଲାଗି ସ୍ଥାନୀୟ ସରକାରୀ ଅପୂର୍ବ ଉଚ୍ଚବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ସନ୍ତୁ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ତିଲେଇବଣି ପଞ୍ଚାୟତ ସମିତି ଅଧକ୍ଷା ସୁବାସିନୀ ଦେହୁରୀ, ସ୍ଥାନୀୟ ସରପଞ୍ଚ ଦେବକୀ ଅଡା, ସହକାରୀ ଶିକ୍ଷକ ଦାଶରଥି ପ୍ରଧାନ, ରକ୍ତଭଣ୍ଡାର ଲୋକସମ୍ପର୍କ ଅଧିକାରୀ ମଳୟ ବେହେରା, ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିର ଆୟୋଜନ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା, କ୍ଲବର ସମସ୍ତ ସଭ୍ୟ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ଶିବିରକୁ ସଫଳ କରିବା ନେଇ ଶପଥପାଠ କରିଥିଲେ। ନଭେମ୍ବର ୨୪ତାରିଖରେ ରକ୍ତଦାନ ଶିବିର ଆୟୋଜନ ନିମନ୍ତେ ଦିନ ଧାର୍ଯ୍ୟ ହୋଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ ଧରଣୀଧର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପରେଶ କୁମାର ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ। କ୍ଲବ ସଦସ୍ୟ ନୃପମଣି ସାହୁ, ପିଙ୍କେଶ୍ୱର ପ୍ରଧାନ, ଶ୍ରୀତମ ସାହୁ, ଲିପନ ପ୍ରଧାନ, ମସୀର ପ୍ରଧାନ, ଧନଞ୍ଜୟ ପ୍ରଧାନ, ଜଗନ୍ନାଥ ସାହୁ, ପ୍ରିୟଦର୍ଶନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଲକ୍ଷେଶ୍ୱର ବାବା ମନ୍ଦିର ରତ୍ନମୁଦ

**ଧମା, ୩।୧୧ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ହୁମା ଅନ୍ତର୍ଗତ ଭୈରୋପାଲିସ୍ଥିତ ଭାଲଡୁଙ୍ଗୁରୀଠାରେ ଲକ୍ଷଘର ସମାଜ ଉନ୍ନୟନ ପରିଷଦ ପକ୍ଷରୁ ନିର୍ମିତ ମନ୍ଦିରର ରତ୍ନମୁଦ ଦିଆଯାଇଛି। ଏଥିପାଇଁ ସକାଳ ୮ଟାରେ ହୁମା ମଛିନ୍ଦ୍ରଘାଟଠାରୁ କଳସ ଯାତ୍ରା କରାଯାଇଥିଲା। କର୍ତ୍ତା ଭାବେ ବରଗାଁ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଭାସ୍କର ରଣଜିତ ଓ ସହଧର୍ମିଣୀ ସୁଶୀଳା ଯୋଗ ଦେଇଥିଲେ। ହରିହର ମହାନନ୍ଦ, ପର୍ଶୁରାମ ଭରାସାଗର, ପ୍ରଭାକର ରଣଜିତ, ଭୁବନ ଭରାସାଗର, ଲାଲବାହାଦୁର ବାଘ, ନେପାଳ ଭରାସାଗର, ଦାମ ଭରାସାଗର ପ୍ରମୁଖ ସହଯୋଗ କରିଥିଲେ ।



ଛଟ୍ ପର୍ବ ପାଳନ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

## ଦେବଗଡ଼ରେ ଛଟ୍‌ପର୍ବ

**ଦେବଗଡ଼,୩।୧୧(ଡି.ଏନ୍.ଏ.)**

ଦେବଗଡ଼ ପୌରାଞ୍ଚଳରେ ରବିବାର ପବିତ୍ର ଛଟ୍ ପର୍ବ ପାଳନ ହୋଇଯାଇଛି। ଦେବଗଡ଼ ସହରର ଅଣ ଓଡିଆ ଭକ୍ତଙ୍କ ଦ୍ୱାରା ଦୀର୍ଘ ବର୍ଷ ହେଲା ଛଟ୍‌ପର୍ବ ପାଳନ କରାଯାଉଛି। ଚଳିତ ବର୍ଷ ରବିଶଙ୍କର ତିୱାରୀ, ଗଣେଷ ଜି, ସୁଦର୍ଶନ ଯାଦବ, ମୋତିଲାଲ ଯାଦବ, ଶିବ କୁମାର ସିଂଙ୍କ ସହ ଅନ୍ୟ ସଦସ୍ୟମାନଙ୍କ ସହଯୋଗରେ ସ୍ଥାନୀୟ ଗୋହିରୀବନ୍ଧଠାରେ ପୂଜା କାର୍ଯ୍ୟ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ପୂଜା ପୂର୍ବରୁ ଗୋହିରୀବନ୍ଧରେ ସଫେଇ କାର୍ଯ୍ୟକ୍ରମ କରାଯିବା ସହ ଏହାର ଚତୁଃପାର୍ଶ୍ୱରେ ବିଭିନ୍ନ ରଙ୍ଗିନ ଆଲୋକମାଳା ଏବଂ ବିଦ୍ୟୁତ୍ ତୋରଣରେ ସୁସଜ୍ଜିତ କରାଯାଇଥିଲା। ବ୍ରତଧାରୀ ମହିଳାମାନେ ନିର୍ଜଳା ଉପବାସ କରି ପୂଜାର୍ଚ୍ଚା କରିବା ସହ ଅସ୍ତଗାମୀ ସୂର୍ଯ୍ୟଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଭକ୍ତମାନଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ନାଁକୁ ମାତ୍ର ସୂଚନା ଫଳକ, ଉଲ୍ଲେଖ ହେଉନି ଗସ୍ତ ବିବରଣୀ

**ଜମନକିରା,୩।୧୧(ଡି.ଏନ୍.ଏ.)**




ଜମନକିରା ବ୍ଲକ କାର୍ଯ୍ୟାଳୟରେ ଲାଗିଥିବା ସୂଚନା ଫଳକରେ କ୍ଷେତ୍ରକର୍ମଚାରୀଙ୍କ ଗସ୍ତ ନେଇ କୌଣସି ସୂଚନା ନାହିଁ।

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ନିୟମରେ ଅଧିକାରୀଙ୍କ ଗସ୍ତ କାର୍ଯ୍ୟର ବିବରଣୀ ଉଲ୍ଲେଖ କରିବା ପାଇଁ କଡ଼ାକଡ଼ି ନିୟମ ରହିଛି। ହେଲେ ସମ୍ବଲପୁର ଜିଲା ଜମନକିରା ବ୍ଲକ୍‌ରେ ଖୋଲାଖୋଲି ଭାବେ ଏହାର ଉଲ୍ଲଂଘନ ହେଉଛି। ବ୍ଲକ୍ କର୍ତ୍ତୃପକ୍ଷ ଏହାକୁ ସମ୍ପୂର୍ଣ୍ଣଭାବେ ଅଣଦେଖା କରି ଚାଲିଛନ୍ତି। ଶନିବାର ଏହାର ପ୍ରମାଣ ମିଳିଛି। ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଓ ଅନ୍ୟ ଜଣେ ଦି ଜଣ ଅଧିକାରୀଙ୍କ ବ୍ୟତୀତ ଅନ୍ୟ ଅଧିକାରୀମାନେ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଦେଖାଯାଇ ନ ଥିଲା। ବିଡିଓ ଉପସ୍ଥିତ ଥିଲେ । ତେବେ କିଛି ସମୟ ପରେ ସେ ମଧ ଚାଲି ଯାଇଥିଲେ।

ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧୀନରେ ସହକାରୀ ଯନ୍ତ୍ରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ, ପ୍ରଗତି ସହାୟକ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ବୈଷୟିକ ଅଧିକାରୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ମଙ୍ଗଳ ସଂପ୍ରସାରଣ ଅଧିକାରୀ, ଯୋଗାଣ ନିରୀକ୍ଷକ, କୃଷି ସଂପ୍ରସାରଣ ଅଧିକାରୀ, ମତ୍ସ୍ୟ ସଂପ୍ରସାରଣ ଅଧିକାରୀ, ଗ୍ରାମ୍ୟ ଗୃହ ନିର୍ମାଣ ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଓଡ଼ିଶା ଜୀବିକା ମିଶନ ଅଧିକାରୀ ପ୍ରମୁଖ ଅଧିକାରୀଙ୍କ ଗସ୍ତ କାର୍ଯ୍ୟର ବିବରଣୀ ପାଇଁ ଗସ୍ତ ସୂଚନା ଫଳକ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ରହିଛି। ତେବେ ଅଧିକାରୀଗଣ କାର୍ଯ୍ୟକୁ ଗଲା ପୂର୍ବରୁ କେଉଁ କାମ କରିବାକୁ ଗଲେ ସେ ନେଇ ସୂଚନା ଫଳରେ ଉଲ୍ଲେଖ କରିବା ପାଇଁ ନିୟମ ରହିଛି। ହେଲେ ତାହା ଏଠି ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିଲା। ସମ୍ବଲପୁର ଜିଲା ଅଧୀନରେ ଥିବା ୯ଟି ବ୍ଲକ୍ ମଧ୍ୟରୁ ଜମନକିରା ବ୍ଲକ୍‌ଟି ଭୌଗୋଳିକ ସ୍ଥିତିରୁ ଏହା ଏକ ବହୁତ ବଡ଼ ପରିସୀମା ମଧ୍ୟରେ ଅବସ୍ଥିତ। ବଣ ପାହାଡ଼ ଘେରା ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ପରିଗଣିତ। ଏହି ବ୍ଲକ୍ ଉପରେ ୨୧ଟି ପଞ୍ଚାୟତର ଲୋକେ ନିର୍ଭରଶୀଳ । ୩୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଲୋକେ ବିଭିନ୍ନ କାମ ପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଆସିଥାନ୍ତି। ମାତ୍ର ଅଧିକାରୀଙ୍କ କାର୍ଯ୍ୟର ବିବରଣୀ ସୂଚନା ଫଳକରେ ଉଲ୍ଲେଖ ହେଉ ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏମିତିକି କେତେକ ଗାଁ ରହିଛି ଯେଉଁଠୁ ମହିଳାମାନେ ପିଲା ଛୁଆଙ୍କୁ କାଖରେ ଧରି ପାଦରେ ଚାଲି ଚାଲି ୮ ରୁ ୧୦ କିଲୋମିଟର ଅତିକ୍ରମ କଲାପରେ ବସ୍‌ରେ ଆସି ବ୍ଲକରେ ପହଞ୍ଚିଥାନ୍ତି। ମାତ୍ର ଅଧିକାରୀଙ୍କ ଉପସ୍ଥିତିର ସୂଚନା ମିଳେନି। ଏଣୁ ରାତିରେ ଗାଡ଼ି ନ ପାଇ ଏଠାରେ ରାତ୍ରି ଯାପନ କରିବାକୁ ମଧ ପଡ଼ିଥାଏ। ଏ ସଂକ୍ରାନ୍ତରେ ବିଡିଓ ଅଜୟ ତିୱାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନ ଥିଲେ। ପରେ ଉପଜିଲାପାଳ ବିଶ୍ୱରଞ୍ଜନ ନାଏକଙ୍କୁ ପଚାରିବାରୁ ଅଫିସରଙ୍କ ଗସ୍ତ ନେଇ ସୂଚନା ଫଳକରେ ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଷ ରହିଛି। ତାହା କାର୍ଯ୍ୟକାରୀ କରିବା କଥା। ଯଦି କରାଯାଇନାହିଁ ତାହା ହେଲେ ସେ ତଦାରଖ କରିବେ ବୋଲି କହିଛନ୍ତି।



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ, ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

କୁଚିଣ୍ଡା, ୩।୧୧ (ଡି.ଏନ.ଏ.)
ସମ୍ବଲପୁର ଜିଲା କୁଚିଣ୍ଡା ନିକଟ ପତ୍ରାପାଲି- ପାରୁଆଭାଡି ମଝିରେ ଥିବା ବ୍ରିଜ୍ ପାଖରେ ଏକ ଅଚଳ ଟ୍ରକ୍ ରାସ୍ତା କଡରେ ଛିଡା ହୋଇଥିବା ବେଳେ ବାମରା ପଟୁ ଆସୁଥିବା ଏକ ବୋଲେରୋ ଧକ୍କା ଦେଇଛି। ଫଳରେ ବୋଲେରୋ ଆଗ ସିଟ୍‌ରେ ବସିଥିବା କୁଚିଣ୍ଡା ୩ ନମ୍ବର ୱାର୍ଡର ସନ୍ଦୀପ ମିଶ୍ର (୩୪)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଗାଡିରେ ଥିବା ଅନ୍ୟ ୩ ଜଣ ଗୁରୁତର ହୋଇ ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି।

### ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି

ଧମା, ୩।୧୧ (ଡି.ଏନ.ଏ.)
ଧମା ଥାନା ଅନ୍ତର୍ଗତ ଦେଓଗାଁର ବିଶ୍ୱନାଥ ବାଗ ବୋଲେରୋ ଧକ୍କାରେ ପ୍ରାଣ ହରାଇଛନ୍ତି। ହେଲେ ପୋଲିସ କେବଳ ଗାଡି ଜବତ କରିଛି। ଫେରାର ଚାଳକଙ୍କୁ ଗିରଫ କରିବା ଏବଂ ବିଶ୍ୱନାଥଙ୍କ ପରିବାରକୁ ଆର୍ଥିକ ସହାୟତା ଦାବି କରିଛନ୍ତ ଗ୍ରାମବାସୀ। ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ଗୋପିରଞ୍ଜନ ବେହେରା ଏବଂ ଧମା ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ ଗାଁରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେଇଛି। ସେହିଭଳି ସରକାରଙ୍କଠାରୁ ଆବଶ୍ୟକ ଆର୍ଥିକ ସହାୟତା ରାଶି ଯୋଗାଇ ଦେବା ପାଇଁ ଗୋପିରଞ୍ଜନ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଶାନ୍ତ ପଡିଛନ୍ତି। ତେବେ ମୃତକଙ୍କ ସଂସ୍କାର ପାଇଁ ବିଧାୟକ ପ୍ରତିନିଧି ୪ ହଜାର ଟଙ୍କା ପରିବାର ବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ।

### ଡା. ବିପି ମିଶ୍ର ସ୍ମୃତି କମିଟି ପ୍ରସ୍ତୁତି ବୈଠକ

ସମ୍ବଲପୁର, ୩।୧୧ (ବ୍ୟୁରୋ)
ଜନସେବୀ ଡା. ବିପି ମିଶ୍ର ସ୍ମୃତି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସାକ୍ଷୀପଡାଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତିସଭା କମିଟି ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ସଭା ହୋଇଥିଲା । ଚଳିତ ମାସ ୧୪ ତାରିଖ ସନ୍ଧ୍ୟା ୬ଟାରେ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ହେବାକୁ ଥିବା ଜୟନ୍ତୀ ସମାରୋହ ବିଷୟରେ ସଭ୍ୟମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ୧୨ ତାରିଖ ସେରସୁଆଁତଲଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସମ୍ପାଦକ ପ୍ରଫୁଲ୍ଲ ହୋତା, ଯୁଗ୍ମ ସମ୍ପାଦକ ଚକ୍ରଧର ମିଶ୍ର, କୋଷାଧକ୍ଷ ଉଦ୍ଧବ ଚରଣ ମହାପାତ୍ର, ଡା. ବିକାଶ ହୋତା, ଡା. ତନୁଜରଞ୍ଜନ ମିଶ୍ର, ଡା. ସଞ୍ଜୀବ ମିଶ୍ର ଆଲୋଚନାରେ ଭାଗ ନେଇଥିଲେ।

### ୧୭୩ ଖଣ୍ଡ କାଠ ପଗା ଜବତ

କୁଚିଣ୍ଡା, ୩।୧୧ (ଡି.ଏନ.ଏ.)
କୁଚିଣ୍ଡା ରେଞ୍ଜ ଅନ୍ତର୍ଗତ ବକ୍ସମା ନିକଟସ୍ଥ ଜମନକିରା (ବି) ଗ୍ରାମରୁ କୁଚିଣ୍ଡା ଜଙ୍ଗଲ ବିଭାଗ ୧୭୩ ଖଣ୍ଡ କାଠ ପଗା ଜବତ କରିଛି। ଏଥିରେ ଶାଳ, ବିଜା, ଶିଶୁ ଆଦି କିଶମର କାଠ ରହିଛି, ଯାହାର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କାରୁ ଅଧିକ ହେବ। ତେବେ ଚଢାଉ କରିବାକୁ ଯାଇଥିବା ତହସିଲଦାର ନିଶିପୁନମ ମିଞ୍ଜ, ରେଞ୍ଜ ଅଫିସର ଓ ପୋଲିସକୁ ଦେଖି ଘର ମାଲିକ ଫେରାର ହୋଇ ଯାଇଛନ୍ତି। ଏ ନେଇ କୁଚିଣ୍ଡା ରେଞ୍ଜ ଅଫିସରେ ଏକ ମାମଲା ରୁଜୁ ହୋଇଛି।

### ପୀଡିତାଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ

ସମ୍ବଲପୁର,୩।୧୧(ବ୍ୟୁରୋ)
ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ୩ଜଣ ବଳାତ୍କାର ପୀଡିତାମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ ସନ୍ତୋଷ କୁମାର ଜେନା ଯୋଗଦେଇ ଜଣଙ୍କୁ ୧ ଲକ୍ଷ ଓ ଅନ୍ୟ ୨ ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏଁର ଚେକ୍ ପ୍ରଦାନ କରିଥିଲେ। ପ୍ରାଧିକରଣ ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବହୁଭାଷୀ ନାଟକ ଉତ୍ସବରେ ହିନ୍ଦୀ ନାଟକ 'କମଳା' ମଞ୍ଚସ୍ଥ

# ନାରୀ ଏଠି ପୂଜିତା, ପୁଣି ପଣ୍ୟଦ୍ରବ୍ୟ

ସମ୍ବଲପୁର, ୩।୧୧ (ବ୍ୟୁରୋ)

ବହୁଭାଷୀ ନାଟ୍ୟ ଉତ୍ସବ ଚତୁର୍ଥ ଶ୍ରୀ ରଙ୍ଗସମାଗମ-୨୦୧୯ରେ ରବିବାର ଦ୍ୱିତୀୟ ରଜନୀରେ ହିନ୍ଦୀ ଭାଷାର ନାଟକ 'କମଳା ମଞ୍ଚସ୍ଥ ହୋଇଯାଇଛି। ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ବିଜୟ ତେନ୍ଦୁଲକରଙ୍କ ମୂଳ ମରାଠୀ ରଚନା ଓ ବସନ୍ତ ଦେଓଙ୍କ ହିନ୍ଦୀ ଅନୁବାଦିତ କମଳା ନାଟକକୁ ରାଜସ୍ଥାନ ଉଦୟପୁର ନାଟ୍ୟାଂଶ ସୋସାଇଟ ଅଫ୍ ଡ୍ରାମାଟିକ୍ ଆଣ୍ଡ ପରଫର୍ମିଂ ଆର୍ଟ କଳାକାରମାନେ ମଞ୍ଚସ୍ଥ କରିଥିଲେ। ଅମିତ ଶ୍ରୀମାଲି ନିର୍ଦ୍ଦେଶନା ଦେଇଥିଲେ। ସଂସ୍କୃତି ସମ୍ପନ୍ନ ଭାରତୀୟ ପରମ୍ପରାରେ ନାରୀକୁ ଶକ୍ତି ଭାବେ ପୂଜା କରାଯାଇଥାଏ। ଦେଶକୁ ଭାରତ ମାତା ଭାବେ ଅଭିତ କରାଯାଉଛି। କିନ୍ତୁ ସଂସ୍କୃତି ସମ୍ପନ୍ନ ଦେଶରେ ନାରୀଙ୍କୁ ବିକ୍ରି କରିବାକୁ ବି ମୂଲଚାଲ କରାଯାଇଥାଏ। ଏହି ଘୃଣ୍ୟ ପରମ୍ପରାକୁ ଲୋକଲୋଚନକୁ ଆଣିବାକୁ ଜଣେ ଖବରଦାତା ପ୍ରୟାସ କରିଛନ୍ତି। ଏହି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ତେବେ ଆୟୋଜକ ଶ୍ରୀ କଳଚରାଲ ଆସୋସିଏସନ୍ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରାଙ୍କ ସଂଯୋଜନାରେ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ହୋଇଥିଲା। ନାଟ୍ୟକାର, ନାଟ୍ୟ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଦୀପ ଭୋଲ ଏବଂ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କୁ ଶ୍ରୀନାଟ୍ୟ ସମ୍ମାନ-୨୦୧୯ରେ ସମ୍ମାନୀତ କରାଯାଇଥିଲା। ସେହିପରି ଅଭିନେତ୍ରୀ ପୁଷ୍ପାଞ୍ଜଳି ବେହେରାଙ୍କୁ ସାଧନା ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ସମ୍ବଲପୁର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ସମ୍ବଲପୁର ଆକାଶବାଣୀ କାର୍ଯ୍ୟକ୍ରମ ମୁଖ୍ୟ ପ୍ରଫୁଲ୍ଲ କୁମାର ମାଝି, ଇଜେଡସିସି ସଭ୍ୟ ଡ. ପ୍ରମୋଦ, ସମ୍ବଲପୁର କଳାପରିଷଦ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ହୋତା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା ସୁଶାନ୍ତ ପୁରୋହିତ, ସଭ୍ୟ ଆଶିଷ କୁମାର ସୋନାର, ରାଜା ସ୍ୱରଜିତ ବଡପଣ୍ଡା, ସୌମ୍ୟଜିତ ବଡପଣ୍ଡା, ସୁଭେନ୍ଦ୍ର ନନ୍ଦ, ଅମୂଲ୍ୟ ତାଣ୍ଡିଆ, ସନ୍ତୋଷ ମିଶ୍ର, ଜଗଦିଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୁମିକା ଗ୍ରହଣ କରିଥିଲେ ।







ରବିବାର ସମ୍ବଲପୁର ଆରଣ୍ୟକ ମଞ୍ଚଠାରେ ନାଟକ କମଳାର ଏକ ଦୃଶ୍ୟ(ବାମ) । ଅତିଥିମାନେ ଅଭିନେତ୍ରୀ ପୁଷ୍ପା ବେହେରାଙ୍କୁ ସାଧନା ନାଟ୍ୟ ସମ୍ମାନ ପ୍ରଦାନ କରୁଛନ୍ତି (ମଝି) । ଶ୍ରୀନାଟ୍ୟ ସମ୍ମାନରେ ସମ୍ମାନୀତ ନାଟ୍ୟ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଦୀପ ଭୋଲ ।

## ଗୋଗୁଆରେ ଚାଷୀଙ୍କୁ ନେଇ ବୈଠକ



ଗୋଗୁଆରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଚାଷୀ ।

ନାକଟିଦେଉଳ,୩।୧୧(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଗୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୋଗୁଆ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭରତ ଚରଣ ସାହୁ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ମାନଗୋବିନ୍ଦ ସାହୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷକଙ୍କର ବିଭିନ୍ନ ସମସ୍ୟା ଏବଂ ଦାବିକୁ ସରକାର ତଥା ପ୍ରଶାସନଠାରେ ଦୃଢ ଭାବରେ ଦାବି ଉପସ୍ଥାପନା କରିବାକୁ ଏକ ଫୋରମର ଆବଶ୍ୟକତାକୁ ସମସ୍ତେ ହୃଦୟଙ୍ଗମ କରିଥିଲେ । ଏହି ଅବସରରେ କୃଷି ଓ କୃଷକ ସଂଗଠନ ନାମରେ ଏକ କୃଷକ ସଂଗଠନ ଗଠନ କରାଯାଇଛି। ସଭାପତି ଭାବେ ପୁଳିନ ବିହାରୀ ସାହୁ, ଉପସଭାପତି ଭାବେ ମଙ୍ଗଳପୁର ଗ୍ରାମର ନିରାକାର ସାହୁ, ସମ୍ପାଦକ ଭାବେ ଗୋଗୁଆର ଜଗନ୍ନାଥ ଧଳ, ସହସମ୍ପଦକ ଭାବେ ମୁଟୁରୁ ମୁଣ୍ଡାର ପ୍ରଶାନ୍ତ ମିଞ୍ଜ ଏବଂ କୋଷାଧକ୍ଷ ଭାବେ ଗୋଗୁଆର ସୁଶାନ୍ତ କୁମାର ଧଳଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିରେ କରୁଣାକର ସାହୁ, ବିଶ୍ୱାମିତ୍ର ସାହୁ, ରାଜୀବ ତିର୍କୀ, ରତନ ମିର୍ଦ୍ଧା, ଜନ ଖାଲଖୋ, ବିରସୁସ ଲାକ୍ରା, ପ୍ରଶ୍ନ କୁମାର ସାହୁ, ରାମଚନ୍ଦ୍ର ସାହୁ, ଜନାର୍ଦ୍ଦନ ପ୍ରଧାନ, ସନାତନ ରାଉଳ, ଲାକନାଥ ନାଏକ ଏବଂ ସୁରେଶ ମୁଣ୍ଡା ପ୍ରମୁଖ ରହିଛନ୍ତି । ଏହି ସଂଗଠନ ପଞ୍ଚାୟତର କୃଷକଙ୍କ ଅଧିକାର ପାଇଁ କାର୍ଯ୍ୟ କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ଦୀପାବଳି ମିଳନ ଉତ୍ସବ

ସମ୍ବଲପୁର, ୩।୧୧ (ବ୍ୟୁରୋ)

ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଦୀପାବଳୀ ମିଳନ ଉତ୍ସବ ବନଭେନନ୍ ସଭା କକ୍ଷରେ ପାଳିତ ହୋଇଯାଇଛି । ଆୟୋଜକ ଅନୁଷ୍ଠାନ ସଭାପତି ଅରୁଣ ପଟ୍ଟୱାରୀଙ୍କ ପରିଚାଳନା ଓ ଅଧକ୍ଷ ଯଶବୀର ସିଂ ହୁରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, କୁଚିଣ୍ଡା ବିଧାୟକ କିଶୋର ନାୟକ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ଏସ୍‌ଡିଏ ପୂର୍ବତନ ଅଧକ୍ଷ ବିଜୟ କୁମାର ମହାନ୍ତି, ଭାଜପା ନେତା ଗିରିଶ ପଟେଲ, କୋଶଳ ବ୍ୟବସାୟୀ ସଂଘର ରମାକାନ୍ତ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଦଲଜି ଭାଇ ପଟେଲ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ନାକଟିଦେଉଳ,୩।୧୧(ଡ଼ି.ଏନ.ଏ.)

ନାକଟିଦେଉଳବ୍ଲକଅନ୍ତର୍ଗତଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରର ଭୁଲୁକି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାଞ୍ଚଳ ପ୍ରଧାନଙ୍କୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପାଣିଗ୍ରାହୀପାଲି ପ୍ରାଥମିକ ବିଦ୍ୟାଳୟରେ ଏହି ଅବସରରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ନେପାଳ ଚନ୍ଦ୍ର ଗଡ଼ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ମୁଖ୍ୟ ଅତିଥି ଏବଂ ବ୍ଲକ ଜିଲା ପରିଷଦ ଶିକ୍ଷକ ସଂଘର ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ପ୍ରଧାନ ଜଣେ ସ୍ନେହୀ, ମିଷ୍ଟଭାଷୀ, ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ଅଭିହିତ କରିଥିଲେ । ଏଥିସହିତ ତାଙ୍କର ବିଦ୍ୟାଳୟ ପ୍ରତି କର୍ତ୍ତବ୍ୟ, ଶିକ୍ଷାଦାନ ଏବଂ ସମୟାନୁବର୍ତ୍ତିତାକୁ ପ୍ରଶଂସା କରି ଅବସର ପରବର୍ତ୍ତୀ ସମୟ ସୁଖମୟ ଜୀବନ କାମନା କରିଥିଲେ । ଅନ୍ୟପକ୍ଷରେ ସିଆରସିସି ମହେଶ୍ୱର ପ୍ରଧାନ, ଲକ୍ଷ୍ମଣ କଲତା, ଶିକ୍ଷକ କିଶୋର ଚନ୍ଦ୍ର ବିଶି, ଗୌତମ ମୋହନ ପ୍ରଧାନ ଏବଂ ମନୋଜ ଧଳ ପ୍ରମୁଖ ପ୍ରଧାନଙ୍କ ସମୟାନୁବର୍ତ୍ତିତା, ପାଠପଢା ଶୈଳୀ, କାର୍ଯ୍ୟଧାରା ଏବଂ ସହକର୍ମୀଙ୍କ ପ୍ରତି ଉଦାର ଭାବ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଧାନଙ୍କୁ ମୁଖ୍ୟ ଅତିଥି ବିଶ୍ୱନାଥ ସାହୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବାବୁଲାଲ ବିଶି ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିତେନ୍ଦ୍ରୀୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରର ସିଆରସିସି ଲୋକନାଥ ସାମଲଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ।




ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରର ଭୁଲୁକି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାଞ୍ଚଳ ପ୍ରଧାନଙ୍କୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।



ରବିବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରଠାରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

## ଦୁଇ ଶିକ୍ଷୟିତ୍ରୀଙ୍କ ପରଲୋକ

ସମ୍ବଲପୁର, ୩।୧୧ (ବ୍ୟୁରୋ): ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଭଦ୍ରା ମେହେରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। କମଳାବଜାର ରାଜଘାଟଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡପୁଅ ସଂଗ୍ରାମ କେଶରୀ ମେହେର ମୁଖାଗ୍ନି ଦେଇଥିଲେ। ସେହିଭଳି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର (ସ୍କୁଲ)ର ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ମିଶ୍ରଙ୍କ ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। କମଳାବଜାର ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତୁରା ଗୋପେନ୍ଦ୍ର ମିଶ୍ର ମୁଖାଗ୍ନି ଦେଇଥିଲେ।

## କବିତାର ପ୍ରଖର ସ୍ୱର ଶୁଣାଯାଏ

ସମ୍ବଲପୁର, ୩।୧୧ (ବ୍ୟୁରୋ)

ଅନ୍ୟା ପକ୍ଷରୁ ପୁସ୍ତକ ଲୋକାର୍ପଣ ତଥା ଭାର୍ବାପଣ ଉତ୍ସବ ରବିବାର ସମ୍ବଲପୁର ସାର୍ବଜନୀନ ଗନ୍ଥାଗାର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କବି ରାଜେନ୍ଦ୍ର କିଶୋର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସମ୍ବଲପୁର ମାଟିରେ ମଧ୍ୟ ସାଂପ୍ରତିକ କବିତାର ପ୍ରଖର ସ୍ୱର ଶୁଣାଯାଏ । ଏହି ଧାରା ଆଗକୁ ବଜାୟ ରହିବ। ଏହି ଅବସରରେ ଅଫେରା, ସୃଜନ ସୁଙ୍ଗାର ଓ ରାଗ ବିଦ୍ରୋହ ପୁସ୍ତକ ଲୋକାର୍ପଣ କରାଯାଇଥିଲା। ଏହାପରେ ଲୋକାର୍ପଣ ୩ଟି ଓ ପୂର୍ବରୁ ଲୋକାର୍ପିତ ହୋଇଥିବା ତୁଳି ପୁସ୍ତକର ଭାର୍ବାପଣ କାର୍ଯ୍ୟକ୍ରମ ହୋଇଥିଲା । ଅବସରପ୍ରାପ୍ତ ପ୍ରସାରଭାରତୀ ଯୁଗ୍ମ ନିର୍ଦ୍ଦେଶକ ଅଭୟ କୁମାର ପାଢ଼ୀଙ୍କ ଅଧକ୍ଷତାରେ ସଭା ହୋଇଥିଲା। କବି ଭାଗିରଥି ମିଶ୍ର, ପ୍ରଫେସର ସନ୍ତୋଷ କୁମାର ରଥ ସମୀକ୍ଷକ ଭାବେ ଯୋଗ ଦେଇଥିଲେ। କବି ରାମକୃଷ୍ଣ ସାହୁ, ଆଶିଷ କୁମାର ମିଶ୍ର, ଡ. ପ୍ରଦୀପ କୁମାର ପଣ୍ଡା, ସରୋଜ ମହାନ୍ତି କବିତା ପାଠ କରିଥିଲେ। ଡ. ଦ୍ୱାରିକାନାଥ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ସିଆଇଏଲ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର, ୩।୧୧ (ବ୍ୟୁରୋ)

କୋଲ ଇଣ୍ଡିଆ ୪୫ତମ ସ୍ଥାପନା ଦିବସ ଅବସରରେ ସିଆଇଏଲ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଜାଗୃତୀ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଏମସିଏଲ ମୁଖ୍ୟାଳୟ ସମେତ ଇବ, ତାଳଚେର ଅଞ୍ଚଳର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ । କମ୍ପାନୀ ବୈଷୟିକ ନିର୍ଦ୍ଦେଶକ ଓପି ସିଂ, ବିତ୍ତ ତଥା କାର୍ମିକ ନିର୍ଦ୍ଦେଶକ କେଆର ବାସୁଦେବନ, ଯୋଜନା ପରିଯୋଜନା ବୈଷୟୀକ ନିର୍ଦ୍ଦେଶକ କେକେ ମିଶ୍ର ଏବଂ ପୂର୍ବତନ ନିର୍ଦ୍ଦେଶକ ଜିଏମ ନାଗ, ଜିଡି ଗୁଲାଫ, ଏସସି ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, କେକେ ପରିଡା, ଏସପି ସିଂ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ରାଜତୁଡିଆ ସିଂ ଗ୍ରାସ ଚାମ୍ପିୟନଶିପ୍ ଟ୍ରଫି ହାସଲ କରିଥିଲେ । ସେହିପରି ବେଷ୍ଟ ଗ୍ରାସ୍ ହରଣ୍ଡିକାପ ବର୍ଗରେ ଏଚଏସ ଗୁମାନ ବିଜେତା ଓ ରାଜେଶ କୁମାର ଉପବିଜେତା ହୋଇଥିଲେ । ଷ୍ଟେବଲ ଫୋର୍ଡ୍ ହାଣ୍ଡିକାପ ବିଭାଗରେ ଦୀପାଂଶୁ ଚିତରାୟ ବିଜେତା ଓ ପ୍ରଦୀପ ଭଗତ ଉପବିଜେତା ହୋଇଥିଲେ । ପେଟେନ କପ୍‌ରେ ଏସସି ପାଢ଼ୀ ବିଜେତା ଓ କେକେ ପରିଡା ଉପବିଜେତା ଟ୍ରଫି ହାସଲ କରିଥିଲେ। କଲ୍ୟାଣ ବିଭାଗ ମହାପ୍ରବନ୍ଧକ ଆରଏଲ ଖଟିକଙ୍କ ପରିଚାଳନାରେ ଟୁର୍ଣ୍ଣାମେଣ୍ଟ ହୋଇଥିଲା । ଲୋକସମ୍ପର୍କ ପ୍ରବନ୍ଧକ ଡିକେନ ମେହେରା ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ ।



ଏମସିଏଲ ଗଲ୍ଫ ଟୁର୍ଣ୍ଣାମେଣ୍ଟର ପ୍ରତିଯୋଗୀମାନେ ।

## ଫଟୋରେ ଖବର



ସମ୍ବଲପୁର ସହରର ଜଣାଶୁଣା ବ୍ୟବସାୟୀ ତଥା ରୋଟାରିଆନ ସଞ୍ଜୟ ମିଶ୍ରଙ୍କ ବିୟୋଗରେ ସମ୍ବଲପୁର ରୋଟାରୀ କ୍ଲବଠାରେ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

## ଚିପିଲିମାରେ ଯୁକ୍ତ ୨ କଲେଜ ସ୍ଥାପନ କରାଯାଉ

ଚିପିଲିମା, ୩।୧୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଚିପିଲିମା ଅଞ୍ଚଳରେ ଯୁକ୍ତ ୨ କଲେଜ ନାହିଁ। ଏଣୁ ଛାତ୍ରୀଛାତ୍ରଙ୍କୁ ୧୫ରୁ ୩୦ କିଲୋମିଟର ଦୂରଦୂରାନ୍ତରରେ ଥିବା ଲରମ୍ବା କଲେଜ, କାଦୋବାହାଲ, ଗୋଡଭଗା, ବୁର୍ଲା, ସମ୍ବଲପୁର ଯିବାକୁ ପଡିଛି। ଗରିବ ଖଟିଖିଆ ଶ୍ରେଣୀର ଅଭିଭାବକମାନେ ନିଜ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ତୁଲାଇବାରେ ଅସମର୍ଥ ହେଉଛନ୍ତି। ଏଣୁ ପିଲାଛୁଆଙ୍କୁ କଲେଜ ପଢ଼ାଇବା ପାଇଁ କୁଣ୍ଠା ପ୍ରକାଶ କରୁଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଚିପିଲିମାର ପ୍ରସନ୍ନ କୁମାର ସାହୁ ଅଞ୍ଚଳର ଯୁବକମାନଙ୍କୁ ନେଇ ପ୍ରୟାସ ନାମକ ଏକ ଅନୁଷ୍ଠାନ କରି ଚିପିଲିମାରେ ଏକ ଯୁକ୍ତ ୨ କଲେଜ ସ୍ଥାପନ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ଏ ନେଇ ସ୍ଥାନୀୟ ଯୁବଗୋଷ୍ଠୀ, ଶିକ୍ଷାବିତମାନଙ୍କୁ ନେଇ ଏକ ପ୍ରାରମ୍ଭିକ ବୈଠକ ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୨ କଲେଜ ପ୍ରତିଷ୍ଠା ନେଇ କର୍ଡୋଲା ପଞ୍ଚାୟତ, ବସନ୍ତପୁର ପଞ୍ଚାୟତ, କଳାମାଟି ପଞ୍ଚାୟତ, କୁଦଗୁଣ୍ଡେରପୁର ପଞ୍ଚାୟତର ସମସ୍ତ ଶିକ୍ଷାବିତ, ବୁଦ୍ଧିଜୀବୀ, କ୍ଲବ ସଦସ୍ୟମାନଙ୍କୁ ନେଇ ଆସନ୍ତା ୫ ତାରିଖ ମଙ୍ଗଳବାର ଅପରାହ୍ନରେ ଏକ ସାଧାରଣ ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ସାଧାରଣ ବୈଠକରେ ଅଞ୍ଚଳର ଜନସାଧାରଣ ଯୋଗ ଦେବାକୁ ନିବେଦନ କରାଯାଇଛି।

## ପାକିସ୍ତାନକୁ ଆମେରିକାର ସମାଲୋଚନା

ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ଭାରତ ପାଇଁ ବିପଦ ହୋଇ ରହିଆସିଥିବା ଆମେରିକା କହିଛି। ଗତ ସାଧାରଣ ନିର୍ବାଚନରେ ପାକିସ୍ତାନ ଲଶ୍କର ସଂଗଠନର କେତେଜଣ ସଦସ୍ୟଙ୍କୁ ପ୍ରାର୍ଥୀ କରିଥିବାରୁ ଆମେରିକା ଏହାର ସମାଲେଚନା କରିଛି।



ଆଗ୍ରାର ତାଜମହଲ ନିକଟସ୍ଥ ଦଶହରା ଘାଟରେ ଛଟ୍‌ପୂଜା ଅବସରରେ ଉଦୀୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଉଛନ୍ତି ମହିଳାମାନେ।



ମେକ୍ସିକୋ ସିଟିରେ ମୃତକଙ୍କ ଦିବସ ପାଳନ ବେଳେ ପ୍ରଦର୍ଶନକାରୀମାନେ ପରେଡ୍‌ରେ ଭାଗନେଇଛନ୍ତି।

■ ଦିଲ୍ଲୀ ହାଇକୋର୍ଟରେ ଓକିଲ-ପୋଲିସ ସଂଘର୍ଷ ମାମଲା

# ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୩।୧୧(ପି.ଟି.)

ଦିଲ୍ଲୀର ତିସ୍ ହଜାରୀ ଜେଲ୍ ପରିସରରେ ଶନିବାର ଘଟିଥିବା ଓକିଲ-ପୋଲିସ ସଂଘର୍ଷ ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ରବିବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏସ୍.ପି. ଗର୍ଗ ଏହି ମାମଲାର ତଦନ୍ତ କରିବେ ବୋଲି ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଏବଂ ଜଷ୍ଟିସ୍ ସି. ହରି ଶଙ୍କରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଗଣମାଧ୍ୟମ ରିପୋର୍ଟ ଆଧାରରେ ହାଇକୋର୍ଟ ନିଜଆଡ଼ୁ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ।

ଏଥିସହିତ ତଦନ୍ତ ସମୟରେ ସ୍ୱତନ୍ତ୍ର କମିଶନର ସଞ୍ଜୟ ସିଂ ଏବଂ ଅତିରିକ୍ତ ଡିସିପି ହରିନ୍ଦର ସିଂଙ୍କୁ ବଦଳି କରିବା ଲାଗି ଖଣ୍ଡପୀଠ ଦିଲ୍ଲୀ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଆଇନଜୀବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଖଣ୍ଡପୀଠ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

ଶନିବାର ଅପରାହ୍ଣରେ ତିସ୍ ହଜାରୀ କୋର୍ଟ କମ୍ପ୍ଲେକ୍ସରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ସଂଘର୍ଷ ଘଟି ଅନେକ ପୋଲିସ ଓ ଆଇନଜୀବୀ ଆହତ ହୋଇଥିଲେ। ଏଥିସହିତ ୧୭ ଗାଡ଼ି ଭଙ୍ଗାରୁଜା କରାଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ହୋଇଥିବା ଶୁଣାଣି ବେଳେ ଦିଲ୍ଲୀ ପୋଲିସ ଅଦାଲତଙ୍କୁ ଜଣାଇଥିଲେ। ଏହି ଘଟଣାରେ ଜଣେ ଏଏସ୍‌ଆଇଙ୍କୁ ନିଲମ୍ବିତ କରାଯିବା ସହ ଅନ୍ୟ ଜଣଙ୍କୁ ବଦଳି କରାଯାଇଛି। ସଂଘର୍ଷରେ ୨୧ ପୋଲିସ ଓ ୮ ଓକିଲ ଆହତ ହୋଇଥିବା ଦିଲ୍ଲୀ ପୋଲିସ ପକ୍ଷରୁ ଆଇନଜୀବୀ ରାହୁଲ ମେହରା କୋର୍ଟରେ କହିଥିଲେ। ତେବେ ଓକିଲମାନଙ୍କ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା। ଅଧିକ ସଂଖ୍ୟାରେ ଓକିଲ ଆହତ ହୋଇଥିବା ସେମାନେ ଦର୍ଶାଇବା ସହ ପୋଲିସ ଗୁଳିରେ ଦୁଇଜଣ ଆହତ ହୋଇଥିବା କହିଥିଲେ।

## ସଂକ୍ଷେପରେ

### ଶପଥ ନେଲେ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି



**ଭୋପାଳ,୩।୧୧(ପି.ଟି.):** ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଏ.କେ. ମିତ୍ତଲ ରବିବାର ଶପଥ ନେଇଛନ୍ତି। ରାଜଭବନରେ ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନ ତାଙ୍କୁ ଶପଥ ପାଠ କରାଇଥିଲେ। ପୂର୍ବରୁ ଜଷ୍ଟିସ୍ ମିତ୍ତଲ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ଶପଥ ଗ୍ରହଣ ଉତ୍ସବରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ, ରାଜ୍ୟର ଏକାଧିକ ମନ୍ତ୍ରୀ, ମୁଖ୍ୟ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ନେପାଳର ୭ ରାଜ୍ୟପାଳ ବହିଷ୍କୃତ

**କାଠମାଣ୍ଡୁ,୩।୧୧(ପି.ଟି.):** ନେପାଳ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ରବିବାର ସମସ୍ତ ୭ ପ୍ରଦେଶର ରାଜ୍ୟପାଳଙ୍କୁ ବହିଷ୍କାର କରିଛନ୍ତି। ରାଜ୍ୟପାଳମାନଙ୍କୁ ମନ୍ତ୍ରୀ ପରିଷଦର ସରକାରଙ୍କ ସୁପାରିସକ୍ରମେ ସାମ୍ବିଧାନିକ ନିୟମାନୁସାରେ ସେମାନଙ୍କ ପଦବୀରୁ ହଟାଯାଇଛି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବହିଷ୍କୃତ ହୋଇଥିବା ରାଜ୍ୟପାଳମାନେ ହେଲେ ବାହାଦୁର ତୁମହାଙ୍ଗ, ରତ୍ନେଶ୍ୱର କାୟସ୍ଥ, ଅନୁରାଧା କୋଇରାଲା, ବାବୁରାମ କୁଓ୍ୱଁର, ଉମାକାନ୍ତ ଝା, ଦୁର୍ଗା ଖନାଲ ଓ ରତ୍ନେଶ୍ୱର ମଲ୍ଲ। ଦୁଇବର୍ଷ ତଳେ ଶେର୍ ବାହାଦୁର ଦେଉବା ସରକାରଙ୍କ ଅମଳରେ ଏହି ପ୍ରାଦେଶିକ ମୁଖ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା।

### ମାଙ୍କଡ଼ଠାରୁ ପଥର ଖସି ଶିଶୁର ମୃତ୍ୟୁ

**ମୁଜାଫରନଗର,୩।୧୧(ପି.ଟି.):** ଉତ୍ତରପ୍ରଦେଶର ମୁଜାଫରନଗର ଜିଲା ଅନ୍ତର୍ଗତ ସୋହଜାନି ଗ୍ରାମରେ ୪ ମାସର ଶିଶୁଟି ଘରେ ଶୋଇଥିଲାବେଳେ ମାଙ୍କଡ଼ ଏକ ପଥର ଖସାଇଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ କହିବା ଅନୁଯାୟୀ, ଶନିବାର ଛାତ ଉପରେ ଥିବା ମାଙ୍କଡ଼ଟି ପଥର ଖଣ୍ଡେ ଉଠାଉଥିଲାବେଳେ ତାହା ଖସିପଡ଼ିଥିଲା। ତଳ ମହଲାରେ ଶୋଇଥିବା ଶିଶୁ ଉପରେ ଉକ୍ତ ପଥର ଖଣ୍ଡ ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଇତିହାସର ଆଇନାରେ

### ନଭେମ୍ବର ୪ର ପ୍ରମୁଖ ଘଟଣା

୨୦୦୮ ନଭେମ୍ବର ୪ରେ ବାରାକ ଓବାମା ଆମେରିକା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବାରେ ସେ ଥିଲେ ପ୍ରଥମ ଅଣଶ୍ୱେତାଙ୍ଗ।

୧୯୯୫ ନଭେମ୍ବର ୪ରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ୟିଝାକ୍ ରବିନଙ୍କୁ ଜଣେ ଉଗ୍ରପନ୍ଥୀ ହତ୍ୟା କରିଥିଲେ। ଏହି ସମୟରେ ଇସ୍ରାଏଲୀ ଓ ପାଲେଷ୍ଟାଇନ ବାସୀଙ୍କ ମଧ୍ୟରେ ସଂଘର୍ଷ ଚାଲିଥିଲା।

# ପ୍ରିୟଙ୍କା ହ୍ୟାକିଂର ଶିକାର

ନୂଆଦିଲ୍ଲୀ,୩।୧୧(ପି.ଟି.)



ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍‌ରେ ଗୁପ୍ତଚରଗିରିକୁ ନେଇ ବିବାଦ ତେଜିବାରେ ଲାଗିଥିବାବେଳେ କେନ୍ଦ୍ର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି କଂଗ୍ରେସ। ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହ୍ୟାକିଂର ଶିକାର ହୋଇଛନ୍ତି। ପ୍ରିୟଙ୍କାଙ୍କ ଫୋନ୍ ହ୍ୟାକ୍ କରାଯିବା ନେଇ ଏକ ମେସେଜ୍ ତାଙ୍କ ଫୋନ୍‌କୁ ଆସିଥିଲା ବୋଲି ରବିବାର କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେଓ୍ୱାଲା ଅଭିଯୋଗ ଆଣିବା ପରେ ରାଜନୀତି ସରଗରମ ହୋଇଛି। ଏନ୍‌ସିପି ନେତା ପ୍ରଫୁଲ ପଟେଲ ଓ ଯାଇଥିଲା, ସେତେବେଳେ ସମାନ ଧରଣର ମେସେଜ୍ ପ୍ରିୟଙ୍କା ମଧ୍ୟ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦିଙ୍କ ଭାଜପା ଅନ୍ୟ ଦଳ ରାଜନେତା ଓ ଲୋକଙ୍କ ଉପରେ ନଜର ରଖିବା ପାଇଁ ଏପରି ଗୁପ୍ତଚରଗିରି କରାଉଥିଲା କି। କ୍ଷମତାରେ ଥିବା ଲୋକେ ଦଣ୍ଡନୀୟ ଅପରାଧରେ ସମ୍ପୃକ୍ତ ଥିଲେ କି। ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ଏହି ବେଆଇନ ସ୍ପାଏଓ୍ୱେର୍‌କୁ ନିୟୋଜିତ କରାଯାଇଥିଲା କି ବୋଲି ସୁର୍ଜେଓ୍ୱାଲା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଫୁଲ ପଟେଲ କହିଛନ୍ତି, ଫୋନ୍ ହ୍ୟାକ୍ ଅଭିଯୋଗ ଭିତ୍ତିହୀନ। ତାଙ୍କ ପାଖକୁ ଏପରି କୌଣସି ମେସେଜ୍ ଆସିନାହିଁ।



### ହ୍ୱାଟ୍ସଆପ୍ ସ୍ପାଏଗେଟ୍
### ଭାଜପା ବିରୋଧରେ କଂଗ୍ରେସର ଅଭିଯୋଗ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିକଟକୁ ଫେସ୍‌ବୁକ୍ ମାଲିକାନାରେ ଥିବା ମେସେଜିଂ ପ୍ଲାଟ୍‌ଫର୍ମରୁ ହ୍ୟାକିଂ ମେସେଜ୍ ଆସିବା ନେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ସୁର୍ଜେଓ୍ୱାଲା କହିଛନ୍ତି, ପ୍ରିୟଙ୍କା ଗାନ୍ଧୀଙ୍କ ଫୋନ୍‌କୁ ମଧ୍ୟ ଏକ ହ୍ୱାଟ୍ସଆପ୍ ମେସେଜ୍ ଆସିଥିଲା। ହ୍ୱାଟ୍ସଆପ୍ ପକ୍ଷରୁ ଯେତେବେଳେ ଅନ୍ୟମାନଙ୍କ ପାଖକୁ ହ୍ୟାକିଂ ମେସେଜ୍ ପ୍ରକାଶ ଯେ, ଇସ୍ରାଏଲ୍‌ର ସ୍ପାଏଓ୍ୱେର ପେଗାସସ୍ ପକ୍ଷରୁ ବିଶ୍ୱର ବିଭିନ୍ନ ଦେଶରେ ମାନବାଧିକାର କର୍ମୀ ଓ ଖବରଦାତାଙ୍କ ଉପରେ ନଜର ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨୧ ଜଣ ଭାରତୀୟ ଥିବା ଜଣାପଡ଼ିଥିଲା। ଏନେଇ ଭାରତ ସରକାରଙ୍କୁ ଗତ ସେପ୍ଟେମ୍ବରରେ ହ୍ୱାଟ୍ସଆପ୍ ପକ୍ଷରୁ ଅବଗତ କରାଯାଇଥିଲା। କିନ୍ତୁ ପୂର୍ବରୁ ମିଳିଥିବା ଏ ସଂକ୍ରାନ୍ତ ତଥ୍ୟ ଅପର୍ଯ୍ୟାପ୍ତ ଓ ଅସମ୍ପୂର୍ଣ୍ଣ ଥିଲା ବୋଲି ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ପେଗାସସ୍ ସ୍ପାଏଓ୍ୱେର୍ ନେଇ ଗତ ସପ୍ତାହରେ ସରକାର ସ୍ପଷ୍ଟୀକରଣ ମାଗିଥିବାବେଳେ ମେସେଜିଂ ପ୍ଲାଟ୍‌ଫର୍ମ ଏବେ ତା'ର ଜବାବ ରଖିଥିବା ଜଣାପଡ଼ିଛି।

### ତଦନ୍ତ କରିବେ ୨ ପାର୍ଲାମେଣ୍ଟ କମିଟି

ନୂଆଦିଲ୍ଲୀ,୩।୧୧(ପି.ଟି.)

କଂଗ୍ରେସ ନେତାମାନଙ୍କ ନେତୃତ୍ୱରେ ଦୁଇଟି ପାର୍ଲାମେଣ୍ଟ କମିଟି ହ୍ୱାଟ୍ସଆପ୍ ଗୋଇନ୍ଦାଗିରି ନେଇ ତଦନ୍ତ କରିବେ। ଏହି ଦୁଇ କମିଟି ସ୍ୱରାଷ୍ଟ୍ର ସଚିବଙ୍କ ସମେତ କେତେଜଣ ଶୀର୍ଷ ସରକାରୀ ଅଧିକାରୀଙ୍କଠାରୁ ଏ ସଂକ୍ରାନ୍ତ ତଥ୍ୟ ମାଗିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ପାର୍ଲାମେଣ୍ଟାରି କମିଟି ଅଧ୍ୟକ୍ଷ ତଥା କଂଗ୍ରେସ ନେତା ଆନନ୍ଦ ଶର୍ମା ହ୍ୱାଟ୍ସଆପ୍ ଗୋଇନ୍ଦାଗିରିକୁ ଚିନ୍ତାଜନକ ବୋଲି ଦର୍ଶାଇଛନ୍ତି। ସେ କହିଛନ୍ତି, ଆସନ୍ତା ୧୫ ତାରିଖରେ ବସିବାକୁ ଥିବା କମିଟିର ପରବର୍ତ୍ତୀ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯିବ। ସ୍ୱରାଷ୍ଟ୍ର ସଚିବ ପରବର୍ତ୍ତୀ ବୈଠକରେ ଜମ୍ମୁ-କଶ୍ମୀର ସ୍ଥିତି ନେଇ କମିଟିକୁ ଅବଗତ କରାଇବେ। ଉକ୍ତ କମିଟିରେ ତାଙ୍କଠାରୁ ହ୍ୱାଟ୍ସଆପ୍ ଗୋଇନ୍ଦାଗିରି ସମ୍ପର୍କରେ ତଥ୍ୟ ମଗାଯିବ। ସେହିପରି ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ସମ୍ପର୍କିତ ପାର୍ଲାମେଣ୍ଟାରି କମିଟି ଅଧ୍ୟକ୍ଷ ଶଶୀ ଥରୁର କହିଛନ୍ତି, ସାଇବର ସୁରକ୍ଷା ଆମ ଏଜେଣ୍ଡାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏନେଇ ଅନ୍ୟ ସଦସ୍ୟମାନଙ୍କ ସହ ଇ-ମେଲ୍‌ରେ ପରାମର୍ଶ କରାଯିବ। ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ାଯିବ ବୋଲି ସେ କହିଛନ୍ତି।



ଆନନ୍ଦ ଶର୍ମା



ଶଶୀ ଥରୁର

# ଦିଲ୍ଲୀ ଛାଡ଼ିବାକୁ ଚାହାନ୍ତି ୪୦ ପ୍ରତିଶତ

ନୂଆଦିଲ୍ଲୀ,୩।୧୧

ବାୟୁ ପ୍ରଦୂଷଣକୁ ନେଇ ଦିଲ୍ଲୀବାସୀ ଅତିଷ୍ଠ ହୋଇପଡିଲେଣି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ(ଏନ୍‌ସିଆର୍)ର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ବାସିନ୍ଦା ସହର ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଇଚ୍ଛା ପ୍ରକାଶ କରିଥିଲାବେଳେ ଏହି ସମୟରେ ବାହାରକୁ ଭ୍ରମଣରେ ଯିବାକୁ ୧୬ ପ୍ରତିଶତ ଚାହୁଁଥିବା ଏକ ସର୍ଭେ ବେଳେ କହିଛନ୍ତି। ଦିଲ୍ଲୀ ଓ ଏନ୍‌ସିଆର୍‌ର ୧୭ ହଜାର ଲୋକଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ସେମାନଙ୍କ ପାଖରେ ଅନ୍ୟ ବିକଳ୍ପ ନ ଥିବା ୧୩ ପ୍ରତିଶତ ବାସିନ୍ଦା କହିଥିଲେ। ବାୟୁ ପ୍ରଦୂଷଣ ଯନ୍ତ୍ର (ଏୟାର ପ୍ୟୁରିଫାୟର), ମାସ୍କ ଆଦି ବ୍ୟବହାର କରି ଦିଲ୍ଲୀରେ ରହିବାକୁ ଚାହାନ୍ତି ବୋଲି ୩୧ ପ୍ରତିଶତ ମତ ଦେଇଥିଲେ। ଅନ୍‌ଲାଇନ ସଂସ୍ଥା 'ଲୋକାଲ ସର୍କଲ୍ସ' ପକ୍ଷରୁ ଏହି ସର୍ଭେ କରାଯାଇଥିଲା।

ଗତ ସପ୍ତାହରେ ବାୟୁ ପ୍ରଦୂଷଣ ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ କିପରି ପ୍ରଭାବିତ କରିଛି ବୋଲି ପ୍ରଶ୍ନ ହେବାରୁ ଅଧିକାଂଶ ପରିବାରରେ କେହି ନା କେହି ହସ୍ପିଟାଲ ଯାଇଥିବା ଓ ଡାକ୍ତରଙ୍କ ପରାମର୍ଶ ନେଇଥିବା କହିଥିଲେ। ତେବେ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ୪୪ ପ୍ରତିଶତ ହସ୍ପିଟାଲ ଯାଇ ନାହାନ୍ତି। ୧୪ ପ୍ରତିଶତ କହିଛନ୍ତି, ପ୍ରଦୂଷଣର କୌଣସି ପ୍ରଭାବ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିନାହିଁ।

■ଅନ୍ୟ ସହର ଯିବାକୁ ବାବୁଙ୍କ ଚେତାବନୀ

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ରବିବାର ୬୨୫ରେ ପହଞ୍ଚିଥିଲାବେଳେ ଦିଲ୍ଲୀ ଓ ଅନ୍ୟ ପଡୋଶୀ ସହରର ସ୍କୁଲ କଲେଜ ବନ୍ଦ କରିଦିଆଯାଇଛି। ୩୭ଟି ବିମାନକୁ ଅନ୍ୟ ବିମାନ ବନ୍ଦରକୁ ପଠାଇ ଦିଆଯାଇଛି। ପ୍ରତିବର୍ଷ ଶୀତଦିନେ ଦିଲ୍ଲୀରେ ଏଭଳି ସ୍ଥିତି ଦେଖାଦେଉଥିଲାବେଳେ ତାହାର ପ୍ରତିକାର ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ନରେନ୍ଦ୍ର ମୋଦି ସରକାରରେ ଉଚ୍ଚ ପଦବୀରେ ଥିବା ଜଣେ ବାବୁ ଦିଲ୍ଲୀ ଛାଡ଼ିବା ପାଇଁ ଚେତାବନୀ ଦେଇଛନ୍ତି। ମୋଦିଙ୍କ ଘନିଷ୍ଠ ଭାବେ ଜଣାଶୁଣା ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କେରଳ ଚାଲିଯିବା ପାଇଁ ଟୁଇଟର ମାଧ୍ୟମରେ ଆଗ୍ରହ ପ୍ରକାଶ କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ଶାସନରେ ଥିବା ଦିଲ୍ଲୀ, ଭାଜପା-ଜେଜେପି ଶାସନାଧୀନ ହରିୟାଣାର ଗୁରୁଗ୍ରାମ ଓ ଫରିଦାବାଦ ଏବଂ ଭାଜପା ଶାସନାଧୀନ ଉତ୍ତରପ୍ରଦେଶର ନୋଏଡା ଓ ଗାଜିଆବାଦରେ ବାୟୁର ମାନ ଅତ୍ୟନ୍ତ ଖରାପ। ଦିଲ୍ଲୀ ଛାଡ଼ି ବାମଦଳ ଶାସିତ ରାଜ୍ୟ କେରଳରେ ରହିବାକୁ କାନ୍ତ ଟୁଇଟ୍ କରିଥିଲାବେଳେ ଏହା କେନ୍ଦ୍ର ସରକାରଙ୍କୁ କ୍ଷୁବ୍ଧ କରିଛି।



# ଛଟ୍ ପୂଜା ବେଳେ ୮ ମୃତ

ପାଟନା/ରାଞ୍ଚି,୩।୧୧ (ପି.ଟି./ଆଇଏଏନ୍‌ଏସ୍)

### ବିହାରରେ ୫, ଝାଡ଼ଖଣ୍ଡରେ ୩

ବିହାରରେ ରବିବାର ଛଟ୍ ପୂଜା ପାଳନବେଳେ ଦୁଇଟି ପୃଥକ୍ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାସ୍ଥଳେ ୧୭ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ସମସ୍ତିପୁର ଜିଲାର ହାସନପୁର ଥାନା ଅନ୍ତର୍ଗତ ବଡ଼ଗାଁ ଅଞ୍ଚଳରେ ଶ୍ରଦ୍ଧାଳୁମାନେ ଏକ ପୁଷ୍କରିଣୀ ପାଖରେ ରୁଣ୍ଡ ହୋଇଥିଲାବେଳେ ମନ୍ଦିର ପାଚେରି ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ଜଣ ଆହତ ହୋଇଥିଲେ। ଶନିବାର ରାତିରେ ଔରଙ୍ଗାବାଦର ସୂର୍ଯ୍ୟ ମନ୍ଦିରରେ ଦଳାଚକଟାରେ ୨ ଶିଶୁ ପ୍ରାଣ ହରାଇଥିଲେ। ଏହି ଘଟଣାରେ ୭ ଜଣ ଆହତ ହୋଇଛନ୍ତି। ସେହିପରି ଝାଡ଼ଖଣ୍ଡରେ ଛଟ୍ ପୂଜା ବେଳେ ରବିବାର ପାଲାମୁ ଓ ଗିରିଡିହ ଜିଲାରେ ଦୁଇ ଭଉଣୀଙ୍କ ସମେତ ୩ ଜଣ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ଲାଗି ନଦୀଘାଟରେ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ବାଙ୍କା ନଦୀ ଶଯ୍ୟାରେ ଖୋଳାଯାଇଥିବା ଚୁଆରେ ଦୁଇଭଉଣୀ ବୁଡ଼ିଯାଇଥିଲେ। ଗିରିଡିହ ଜିଲାର ରାଜକୁମାର ବର୍ମା ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲାବେଳେ ପୁଷ୍କରିଣୀରେ ବୁଡ଼ିଯାଇଥିଲେ ବୋଲି ପୋଲିସ କହିଛି।

### ଦୁର୍ଘଟଣା ନେଲା ୧୫ ଜୀବନ

କାଠମାଣ୍ଡୁ,୩।୧୧(ପି.ଟି.)

ନେପାଳର ସିନ୍ଧୁପାଲଚୌକ୍ ଜିଲାରେ ରବିବାର ଏକ ଯାତ୍ରୀବାହୀ ବସ୍ ନଦୀ ଭିତରକୁ ଖସିପଡ଼ିଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ୩ ବର୍ଷୀୟ ଶିଶୁଙ୍କ ସମେତ ୧୫ ଜଣଙ୍କ ଜୀବନ ଯାଇଛି। ଦୋଲଖା ଜିଲାରୁ ରାଜଧାନୀ କାଠମାଣ୍ଡୁ ଅଭିମୁଖେ ଯାଉଥିବା ବସ୍‌ଟି ରାସ୍ତାରେ ଭାରସାମ୍ୟ ହରାଇ ୧୦୦ ମିଟର ତଳକୁ ଖସି ନଦୀରେ ପଡ଼ିଥିଲା। ଫଳରେ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

# ପ୍ରତିରକ୍ଷା ସହଯୋଗ ବଢ଼ାଇବେ ଭାରତ, ଥାଇଲାଣ୍ଡ

ବ୍ୟାଙ୍କକ୍,୩।୧୧(ପି.ଟି.)



ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଥାଇଲାଣ୍ଡ ପ୍ରତିପକ୍ଷ ପ୍ରୟୁତ୍ ଚାନ୍-ଓ-ଚା ସହମତି ପ୍ରକାଶ କରିଛନ୍ତି। ଆସିଆନ୍ ସମିଟ୍ ଅବସରରେ ରବିବାର ଦୁଇ ନେତାଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଓ ଯୋଗାଯୋଗ ବୃଦ୍ଧି ଉପରେ ମଧ୍ୟ ଉଭୟ ନେତା ଜୋର ଦେଇଥିଲେ। ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଗତବର୍ଷ ୨୦ ପ୍ରତିଶତ ବୃଦ୍ଧି ପାଇଥିବାରୁ ଏହାକୁ ଦୁଇ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ। ଏଥିସହିତ ବାଣିଜ୍ୟ ଓ ପୁଞ୍ଜିନିବେଶ ଅଧିକ ବଢ଼ାଇବା ଲାଗି କ'ଣ ସବୁ ପଦକ୍ଷେପ ନିଆଯାଇପାରିବ ତାହା ଉପରେ ଦୁଇଦେଶର ଅଧିକାରୀମାନେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ଥାଇଲାଣ୍ଡ ସହ ଭାରତର ବିମାନ ଯୋଗାଯୋଗ ବେଶ୍ ବୃଦ୍ଧି ପାଇଛି। ବ୍ୟାଙ୍କକ ଓ ଗୁଆହାଟୀ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହୋଇଥିଲାବେଳେ ଥାଇଲାଣ୍ଡର ରାନୋଙ୍ଗ ବନ୍ଦର ଏବଂ ଭାରତର କୋଲକାତା, ଚେନ୍ନାଇ, ବିଶାଖାପାଟଣା ବନ୍ଦର ମଧ୍ୟରେ ସହଯୋଗ ପାଇଁ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି। ପ୍ରାଚ୍ୟଦେଶଗୁଡ଼ିକ ସହ ସମ୍ପର୍କ ବୃଦ୍ଧିକୁ ଭାରତ ପ୍ରାଧାନ୍ୟ ଦେଇଆସୁଛି। ପ୍ରଧାନମନ୍ତ୍ରୀ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ।

# 'ଶିବସେନା ପାଖରେ ୧୭୦ ବିଧାୟକ'

ମୁମ୍ବାଇ,୩।୧୧

ଶିବସେନା ପାଖରେ ୧୭୦ ବିଧାୟକଙ୍କ ସମର୍ଥନ ରହିଛି। ଏହି ସଂଖ୍ୟା ୧୭୫ରୁ ମଧ୍ୟ ଅଧିକ ହୋଇପାରେ। ତେଣୁ ଭାଜପା ସହ ଆଲୋଚନା କେବଳ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହେବ ବୋଲି ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି। ମହାରାଷ୍ଟ୍ରରେ ସରକାର ଗଠନ ନେଇ ଅଚଳାବସ୍ଥା ଜାରି ରହିଥିବାବେଳେ ସଞ୍ଜୟଙ୍କ ଏହି ମନ୍ତବ୍ୟ ଦୁଇ ସହଯୋଗୀଙ୍କ ମଧ୍ୟରେ ମତଭେଦକୁ ଅଧିକ ତୀବ୍ର କରିଛି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିଲା, ଯାହାର ଫଳାଫଳ ଗତ ୨୪ ତାରିଖରେ ଆସିଥିଲା। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୪୫ ହୋଇଥିବାବେଳେ ଭାଜପା ୧୦୫ ଓ ଏହାର ସହଯୋଗୀ ୫୬ ଆସନ ଦଖଲ କରିବାରେ ସକ୍ଷମ ହୋଇଛନ୍ତି। ସେହିପରି ବିରୋଧୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୫୪ ଓ କଂଗ୍ରେସ ୪୪ ଆସନରେ ସଫଳତା ପାଇ ସନ୍ତୁଷ୍ଟ ହୋଇଛନ୍ତି। ଫଳରେ ଭାଜପା ସହ ୫୦:୫୦ ସୂତ୍ରରେ ସରକାର ଗଠନ ପାଇଁ ଶିବସେନା ଅଡ଼ିବସିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ। ତେଣୁ ଶିବସେନା ଯଥାସାଧ୍ୟ ନିଜ ମୂଳଚାଲ ସାମର୍ଥ୍ୟ ବଢ଼ାଇବା ପାଇଁ ଉଦ୍ୟମ ଜାରି ରଖିଛି। ଏହିକ୍ରମରେ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍ ରବିବାର କହିଛନ୍ତି, ଅଚଳାବସ୍ଥା ଜାରି ରହିଛି। ସରକାର ଗଠନ ନେଇ ଅଦ୍ୟାବଧି କିଛି ଆଲୋଚନା ହୋଇନାହିଁ। ଆଲୋଚନା ହେଲେ ତାହା କେବଳ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହେବ। ଭାଜପାର ସାହସ ଥିଲେ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି କରି ଦେଖାଉ। ଏପରି କଲେ ତାହା ଭାଜପା ପାଇଁ ଚଳିତ ଶତାବ୍ଦୀର ସବୁଠୁ ବଡ଼ ପରାଜୟର କାରଣ ସାଜିବ ବୋଲି ସଞ୍ଜୟ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଅଚଳାବସ୍ଥା ଦୂର କରିବା ପାଇଁ ଫଡ଼ନବିସ ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଭେଟିବେ। ସେହିପରି ବିକଳ୍ପ ପନ୍ଥା ଲାଗି ଏନ୍‌ସିପି ମୁଖ୍ୟ ଶରଦ ପାଓ୍ୱାର ମଧ୍ୟ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରିପାରନ୍ତି।

### 'ବଜାରକୁ ୫୦:୫୦ ବିସ୍କୁଟ ଆସିଛି କି'

ହାଇଦ୍ରାବାଦ,୩।୧୧



ମହାରାଷ୍ଟ୍ରରେ ୫୦:୫୦ ସୂତ୍ରରେ କ୍ଷମତା ଭାଗବଣ୍ଟା ପାଇଁ ଶିବସେନା ଅଡ଼ିବସିଥିବାବେଳେ ଏହାକୁ ନେଇ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ୍ ଓ୍ୱାଇସି ତାଚ୍ଛଲ୍ୟ କରିଛନ୍ତି। ଲଗାଣ ବର୍ଷା ଯୋଗୁ ଫସଲହାନି ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ଏମାନେ ୫୦:୫୦ କଥା କହୁଛନ୍ତି। ବଜାରକୁ ନୂଆ ଫିଫ୍ଟି ଫିଫ୍ଟି ବିସ୍କୁଟ ଆସିଛି କି ବୋଲି ଓ୍ୱାଇସି ପ୍ରଶ୍ନ କରିଛନ୍ତି। ଏହାସହ ଭାଜପା କିମ୍ବା ଶିବସେନାକୁ ଏଆଇଏମ୍‌ଆଇଏମ୍ ସମର୍ଥନ ଦେବନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ମହାରାଷ୍ଟ୍ରରେ ଶିବସେନା କ୍ଷମତାରେ ରହିବ କି ନାହିଁ ସେ ନେଇ ଲୋକେ ଖୁବ୍‌ଶୀଘ୍ର ଜାଣିବାକୁ ପାଇବେ।

**-ଉଦ୍ଧବ ଠାକ୍‌ରେ, ଶିବସେନା ଅଧ୍ୟକ୍ଷ**



## ଟାଇପ-୧ ଡାଇବେଟିସ୍ ପାଇଁ ରୋଟାଭାଇରସ ଇନ୍‌ଫେକ୍‌ଶନ ଦାୟୀ

ଡାଇବେଟିସ୍ ଏବେ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି। ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏପରି ବଢ଼ି ଚାଲିଛି ଯେ, ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' (କ୍ୟାପିଟାଲ ଅଫ୍ ଡାଇବେଟିସ୍) ଭାବରେ ଅଭିହିତ କରାଯାଉଛି। ସାଧାରଣତଃ ଡାଇବେଟିସ୍ ଦୁଇ ପ୍ରକାର : ଟାଇପ-୧, ଟାଇପ-୨। ନିକଟରେ ଅଷ୍ଟ୍ରେଲିଆସ୍ଥିତ ମେଲ୍‌ବୋର୍ନ ୟୁନିଭର୍ସିଟିର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ରୋଟାଭାଇରସ ଇନ୍‌ଫେକ୍‌ଶନ ମଧ୍ୟ ଟାଇପ-୧ ଡାଇବେଟିସ୍ ପାଇଁ ଦାୟୀ। ଏପରି ଇନ୍‌ଫେକ୍‌ଶନକୁ କମାଇବା ପାଇଁ ଟିକାକରଣ ବ୍ୟବସ୍ଥା ରହିବା ଦ୍ୱାରା ଏପରି ଆଶଙ୍କା କେତେକାଂଶରେ କମ୍ ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ସେମାନେ କେତେଜଣ ଟାଇପ-୧ ଡାଇବେଟିସ୍ ରୋଗୀଙ୍କ ଉପରେ ତର୍ଜମା କରିବା ସମୟରେ ଏପରି ତଥ୍ୟ ଜଣାପଡ଼ିଥିଲା।






## ବୁଦ୍ଧିମତ୍ତା ବଢ଼ାଏ ଯୋଗ

ନିୟମିତ ଯୋଗ କରିବା ଦ୍ୱାରା କି ଉପକାର ମିଳେ ତାହା କେବଳ ଅନୁଭବୀ ହିଁ ଜାଣେ। ତେଣୁ ଆଜିକାଲି ଅନେକେ ଏହାକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିଛନ୍ତି। ଯୋଗ କରିବା ଫଳରେ ଆମର ଯେଉଁ ଉପକାର ହୋଇଥାଏ ସେହି ତାଲିକାରେ ନିକଟରେ ଆଉ ଏକ କଥାକୁ ସାମିଲ କରାଯାଇଛି। ତାହା ହେଲା ବୁଦ୍ଧିମତ୍ତା। ଅର୍ଥାତ୍, ପ୍ରତିଦିନ ଯୋଗ କରିବା ଦ୍ୱାରା ବୁଦ୍ଧିମତ୍ତାର ବିକାଶ ଘଟିଥାଏ। 'ବୁଦ୍ଧିମତ୍ତା ଓ ଯୋଗ' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ନିକଟରେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ବୁଦ୍ଧିମତ୍ତାକୁ ଯୋଗ କରୁ ନ ଥିବା ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ସହ ତୁଳନା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ନିୟମିତ ଯୋଗ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ଯୋଗ କରୁ ନ ଥିବା ବ୍ୟକ୍ତିଙ୍କଠାରୁ ପ୍ରଖର ଥିବାର ଜଣାପଡ଼ିଥିଲା। ତେବେ ଯୋଗ କରିବା ପୂର୍ବରୁ ପରିବେଶ ଏବଂ ନିଜର ସ୍ୱାସ୍ଥ୍ୟ ପ୍ରତି ନଜର ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ନିଃସଙ୍ଗତାର ସାଥୀ ରୋବୋ

ଆଜିକାଲି ରୋବୋକୁ ବିଭିନ୍ନ କାମରେ ନିୟୋଜିତ କରାଯାଉଛି। ଏପରି କି ଚିକିତ୍ସା ବିଜ୍ଞାନରେ ବିଭିନ୍ନ ଜଟିଳ ଅପରେଶନରେ ଏହା ଡାକ୍ତରମାନଙ୍କୁ ସାହାଯ୍ୟ କରିବାର ଉଦାହରଣ ମଧ୍ୟ ରହିଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି ଯାହା ନିଃସଙ୍ଗତା ଦୂରକରିପାରିବ। ଏହାର ସହାୟତା ନେଇ ଜଣେ ମନପସନ୍ଦର ଗୀତ ମଧ୍ୟ ଶୁଣିପାରିବ। ଏପରି କି ମନର କ୍ଲାନ୍ତି ଦୂରକରିବା ପାଇଁ ଉକ୍ତ ହାଇଟେକ୍ ରୋବୋ ସହ ବାର୍ତ୍ତାଳାପ କରିପାରିବ। ସମ୍ପୃକ୍ତ ବ୍ୟକ୍ତିର ମନୋଭାବକୁ ଭଲ ଭାବରେ ଅନୁଧ୍ୟାନ କରିବା ପରେ ତାହାର କିପରି ସମାଧାନ କରାଯାଇପାରିବ ସେ ନେଇ ଟିପ୍ସ ମଧ୍ୟ ଦେଇପାରିବ। ତେବେ ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଥିଲେ ମଧ୍ୟ ବଜାରରେ ଉପଲବ୍ଧ ହେବାକୁ ଆଉ କିଛି ସମୟ ଲାଗିବ ବୋଲି ପ୍ରସ୍ତୁତକର୍ତ୍ତା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



## କେଶରୁ ଜାଣିହେବ ସ୍କିଜୋଫ୍ରେନିଆ ଲକ୍ଷଣ

ସ୍କିଜୋଫ୍ରେନିଆ ହେଉଛି ଏକ ମସ୍ତିଷ୍କଜନିତ ରୋଗ। ଏପରି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ସ୍ମରଣଶକ୍ତି ପ୍ରଭାବିତ ହୋଇଥାଏ। ମସ୍ତିଷ୍କରେ ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣ ହେଲେ ଏହି ରୋଗର ଆଶଙ୍କା ଅଧିକ ରହିଥାଏ। ଆମେରିକାସ୍ଥିତ ଇଏବିଓ ମଲିକୁଲାର ମେଡିସିନ ସଂସ୍ଥା ଦ୍ୱାରା ଏ ନେଇ ଏକ ଗବେଷଣା କରାଯାଇଥିଲା। ଏହି ଗବେଷଣା ସମୟରେ ସେମାନେ ଏକ ଏନ୍‌ଜାଇମକୁ ଠାବକରିବାରେ ସକ୍ଷମ ହୋଇଥିଲେ। ଉକ୍ତ ଏନ୍‌ଜାଇମ୍ ମସ୍ତିଷ୍କରେ ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେବେ କେଶକୁ ଅନୁଧ୍ୟାନକରି ଏପରି ଏନ୍‌ଜାଇମକୁ ସେମାନେ ଖୋଜି ପାଇଥିଲେ। ଏହାଦ୍ୱାରା ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣକୁ ସହଜରେ ରୋକାଯାଇପାରିବ ଏବଂ ସ୍କିଜୋଫେନିଆ ମୃତ୍ୟୁହାରକୁ ମଧ୍ୟ କେତେକାଂଶରେ ନିୟନ୍ତ୍ରିତ କରାଯାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ଲିଭର ରୋଗ ଚିହ୍ନଟ ହେବାର ନୂଆ ଉପାୟ

ଲିଭର ରୋଗକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ନିକଟରେ ଉଦ୍ଭାବିତ ହୋଇଛି। ଏ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି ଆମେରିକାସ୍ଥିତ ଜର୍ଜିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଉକ୍ତ ୟୁନିଭର୍ସିଟିର ପ୍ରଫେସର ୟାଙ୍ଗଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଗ୍ରୁପ୍ ଏ ନେଇ ଗବେଷଣା କରିଥିଲେ। ବର୍ତ୍ତମାନ ଆମେରିକାରେ ନୋନାଲକୋହୋଲିକ ଫ୍ୟାଟି ଲିଭର ରୋଗ ନିଜର କାୟାବିସ୍ତାର କରିଚାଲିଛି। ଏହି ରୋଗକୁ ସହଜରେ ଚିହ୍ନଟ କରିବାର ଏକ ଉପାୟ ସେମାନେ ଖୋଜିପାଇଛନ୍ତି। ପ୍ରଥମେ ଏକ ମୂଷାର ଟିସୁକୁ ପରୀକ୍ଷାକରି ସେମାନେ ସଫଳ ହୋଇଥିଲେ। ମନୁଷ୍ୟମାନଙ୍କ କ୍ଷେତ୍ରରେ ଏପରି ପ୍ରଣାଳୀ ମଧ୍ୟ ସଫଳ ହେବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ପ୍ରଫେସର ୟାଙ୍ଗ୍।




ପ୍ର. ରମେଶ ଚନ୍ଦ୍ର ପରିଡ଼ା

## ନୋବେଲ ପୁରସ୍କାର ରସାୟନ ବିଜ୍ଞାନ -୨୦୧୯

''ଏବେ ଆମେ ବ୍ୟବହାର କରୁଥିବା ଅସଂଖ୍ୟ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ତଥା ଅନ୍ୟାନ୍ୟ ବହନୀୟ ଇଲେକ୍‌ଟ୍ରୋନିକ୍ ଯନ୍ତ୍ରପାତି ଏବଂ ରାଜମାର୍ଗରେ ଗଡ଼ିବାକୁ ଆରମ୍ଭ କରିଥିବା ନୂତନ ପିଢ଼ିର ଯାନବାହନ ଯେଉଁ ପୁନଃ ଚାର୍ଜକ୍ଷମ ବ୍ୟାଟେରି ଦ୍ୱାରା ଚାଳିତ ତାହା ହେଲା ଲିଥିୟମ୍ ଆୟନ୍ ବ୍ୟାଟେରି। ସାମରିକ ଏବଂ ବିମାନ ଚାଳନା କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାର ବ୍ୟାପକ ହେବାରେ ଲାଗିଛି। ଏହି ଅତ୍ୟାବଶ୍ୟକ ତଥା ସୁଦୂରପ୍ରସାରୀ ଭବିଷ୍ୟତ ସମ୍ପନ୍ନ ବ୍ୟବସ୍ଥାଟିର ଉଦ୍ଭାବନ ତଥା ବିବିଧ କ୍ଷେତ୍ରରେ ତାହାର ବ୍ୟବହାର ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଆମେରିକାର ଜନ୍ ବି.ଗୁଡ୍‌ଏନ୍‌ଫ୍ ଏବଂ ଏମ୍.ଷ୍ଟାନ୍‌ଲୀ ଉଇଟିଂହାମ୍ ଓ ଜାପାନର ଅକିରା ୟୋସିନୋ। ଦ୍ରୁତ କ୍ଷୟପ୍ରାପ୍ତ ସଂସାଧନ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଉଭାହେବା ସହ ବାୟୁ ପ୍ରଦୂଷଣ ହ୍ରାସ କରିବା ଦିଗରେ ଏହାର ଭୂମିକାର ଗୁରୁତ୍ୱ କଥା ବିଚାରକୁ ନେଇ ସେମାନଙ୍କୁ ପ୍ରଦାନ କରାଯାଇଛି ଚଳିତ ବର୍ଷର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର।''


ଜନ୍ ବି.ଗୁଡ୍‌ଏନଫ୍ | ଏମ୍.ଷ୍ଟାନ୍‌ଲୀ ଉଇଟିଂହାମ୍ | ଅକିରା ୟୋସିନୋ

# ସମାଜକୁ ଜୀବାଶ୍ମ ଇନ୍ଧନ ମୁକ୍ତ କରିବା ବ୍ୟାଟେରି

ଏବେ ଆମେ ବ୍ୟବହାର କରୁଥିବା ଅସଂଖ୍ୟ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ତଥା ଅନ୍ୟାନ୍ୟ ବହନୀୟ ଇଲେକ୍‌ଟ୍ରୋନିକ୍ ଯନ୍ତ୍ରପାତି ଏବଂ ରାଜମାର୍ଗରେ ଗଡ଼ିବାକୁ ଆରମ୍ଭ କରିଥିବା ନୂତନ ପିଢ଼ିର ଯାନବାହନ ଯେଉଁ ପୁନଃ ଚାର୍ଜକ୍ଷମ ବ୍ୟାଟେରି ଦ୍ୱାରା ଚାଳିତ ତାହା ହେଲା ଲିଥିୟମ୍ ଆୟନ୍ ବ୍ୟାଟେରି। ସାମରିକ ଏବଂ ବିମାନ ଚାଳନା କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାର ବ୍ୟାପକ ହେବାରେ ଲାଗିଛି। ଏହି ଅତ୍ୟାବଶ୍ୟକ ତଥା ସୁଦୂରପ୍ରସାରୀ ଭବିଷ୍ୟତ ସମ୍ପନ୍ନ ବ୍ୟବସ୍ଥାଟିର ଉଦ୍ଭାବନ ତଥା ବିବିଧ କ୍ଷେତ୍ରରେ ତାହାର ବ୍ୟବହାର ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଆମେରିକାର ଜନ୍ ବି.ଗୁଡ୍‌ଏନ୍‌ଫ୍ ଏବଂ ଏମ୍.ଷ୍ଟାନ୍‌ଲୀ ଉଇଟିଂହାମ୍ ଓ ଜାପାନର ଅକିରା ୟୋସିନୋ। ଦ୍ରୁତ କ୍ଷୟପ୍ରାପ୍ତ ସଂସାଧନ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଉଭାହେବା ସହ ବାୟୁ ପ୍ରଦୂଷଣ ହ୍ରାସ କରିବା ଦିଗରେ ଏହାର ଭୂମିକାର ଗୁରୁତ୍ୱ କଥା ବିଚାରକୁ ନେଇ ସେମାନଙ୍କୁ ପ୍ରଦାନ କରାଯାଇଛି ଚଳିତବର୍ଷର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର।

ଜର୍ମାନୀର ଜେନାଠାରେ ୧୯୨୨ ମସିହାରେ ଜନ୍ମଲାଭ କରିଥିଲେ ଗୁଡ୍‌ଏନଫ୍। ସେ ଶିକାଗୋ ବିଶ୍ୱବିଦ୍ୟାଳୟରୁ ୧୯୫୨ ମସିହାରେ ପିଏଚ୍.ଡି. ପ୍ରାପ୍ତ ହୋଇଥିଲେ ଏବଂ ଏବେ ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ବିଭାଗରେ ଥିବା ଏଚ୍.କୋକ୍ରେଲ୍ ଚେୟାରରେ ପ୍ରଫେସର ରୂପେ ଅଧିଷ୍ଠିତ । ନୋବେଲ ପୁରସ୍କାର ଇତିହାସରେ ଏହା ଲାଭ କରିବାରେ ସେ ହେଉଛନ୍ତି ସବୁଠାରୁ ବୟସ୍କ ବ୍ୟକ୍ତି। ସେହିପରି ଇଂଲଣ୍ଡରେ ୧୯୪୧ ମସିହାରେ ଜନ୍ମିତ ଉଇଟିଂହାମ୍ ୧୯୬୮ ମସିହାରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଲାଭ କରିଥିଲେ। ବର୍ତ୍ତମାନ ସେ ବିଂହାମନ୍ ବିଶ୍ୱବିଦ୍ୟାଳୟ ଏବଂ ନ୍ୟୁୟର୍କ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ରୂପେ କାର୍ଯ୍ୟରତ। ଅନ୍ୟପକ୍ଷରେ ୟୋସିନୋଙ୍କ ଜନ୍ମ ହୋଇଥିଲା ଜାପାନର ସୁଇଟାଠାରେ ୧୯୪୮ ମସିହାରେ। ତାଙ୍କୁ ୨୦୦୫ ମସିହାରେ ଓସାକା ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ମିଳିଲା ପରେ ସେ ଟୋକିଓସ୍ଥିତ ଆଶି କାସେଇ କର୍ପୋରେଶନର ଫେଲୋ ଏବଂ ନାଗୋୟା(ଜାପାନ)ସ୍ଥିତ ମେଇଜୋ ବିଶ୍ୱବିଦ୍ୟାଳୟଠାରେ ପ୍ରଫେସର ଦାୟିତ୍ୱରେ ଅଛନ୍ତି।

ଲିଥିୟମ୍-ଆୟନ୍ ବ୍ୟାଟେରିର ଇତିହାସ ଆରମ୍ଭ ହୋଇଛି ୧୯୭୦ ଦଶକରୁ-ଉପସାଗରୀୟ ଯୁଦ୍ଧକାଳରେ ତୈଳ ସଙ୍କଟ ଉପୁଜିବା କାଳରୁ। ସେତେବେଳେ ଶକ୍ତି ଉତ୍ପାଦନ ଲାଗି ଜୀବାଶ୍ମ ଇନ୍ଧନମୁକ୍ତ ଟେକ୍ନୋଲୋଜିର ବିକାଶ କରିବାକୁ ଉଇଟିଂହାମ୍ ଗବେଷଣା ଆରମ୍ଭ କରିଥିଲେ । ଫଳରେ ସେ ଲିଥିୟମ ବ୍ୟାଟେରିର କ୍ୟାଥୋଡ୍ ମେରୁ (ବିଯୁକ୍ତ ମେରୁ) ରୂପେ କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ହୋଇଥିବା ଟାଇଟାନିୟମ ଡାଇସଲ୍‌ଫାଇଡ୍‌ର ସନ୍ଧାନ ପାଇଲେ । ଆଣବିକ ସ୍ତରରେ ତହିଁରେ ଲିଥିୟମ୍ ଆୟନକୁ ସନ୍ନିବିଷ୍ଟ କରିବା ଲାଗି ଯଥେଷ୍ଟ ଖାଲିସ୍ଥାନ ଥିଲା । ଏହି ବ୍ୟାଟେରିର ଆନୋଡ୍ ମେରୁ (ଯୁକ୍ତ ମେରୁ) ଆଂଶିକ ଭାବେ ଧାତବ ଲିଥିୟମ୍‌ରେ ତିଆରି ହୋଇଥିଲା, ଯାହାର ଇଲେକ୍‌ଟ୍ରନ ବିମୁକ୍ତ କରିବାର ଶକ୍ତିଶାଳୀ ସାମର୍ଥ୍ୟ ଥିଲା । ଏହି ବ୍ୟାଟେରିର ଅନ୍ତର୍ନିହିତ ଶକ୍ତି ଥିଲା ୨ ଭୋଲ୍ଟ ମଧ୍ୟରେ। ତେବେ ବ୍ୟବହାରଯୋଗ୍ୟ ହୋଇପାରିଲା ନାହିଁ। କାରଣ ତହିଁରେ ବ୍ୟବହୃତ ଲିଥିୟମ୍ ଧାତୁ ଅତ୍ୟଧିକ କ୍ରିୟାଶୀଳ ଥିଲା।

ଏହା ପରେ ଗୁଡ୍‌ଏନଫ୍ ବ୍ୟାଟେରିର ଅନ୍ତର୍ନିହିତ ସାମର୍ଥ୍ୟ ବୃଦ୍ଧି ପାଇଁ ଚିନ୍ତାକଲେ। ସେ ଉଇଟିଂହାମ ବ୍ୟବହାର କରିଥିବା ଧାତବ ସଲ୍‌ଫାଇଡ୍ ବଦଳରେ ଅନ୍ୟ ଏକ ଧାତବ ଅକ୍ସାଇଡ୍‌କୁ କ୍ୟାଥୋଡ୍ ମେରୁ ରୂପେ ବ୍ୟବହାର କରିବାକୁ ଚିନ୍ତାକଲେ । ଅତଏବ ୧୯୮୦ ମସିହାରେ ସେ ଲିଥିୟମ୍ ଆୟନରେ ସନ୍ନିବିଷ୍ଟ ହୋଇଥିବା କୋବାଲ୍ଟ ଅକ୍ସାଇଡ୍‌କୁ ଏ କାର୍ଯ୍ୟରେ ଲଗାଇଲେ । ଫଳରେ ୪ ଭୋଲ୍ଟ ପର୍ଯ୍ୟନ୍ତ ଶକ୍ତି ଉତ୍ପନ୍ନ ସମ୍ଭବ ହେଲା ଏବଂ ଅଧିକ ଶକ୍ତିଶାଳୀ ବ୍ୟାଟେରି ପ୍ରସ୍ତୁତି ଲାଗି ପଥ ଉନ୍ମୁକ୍ତ ହେଲା । ତତ୍ପରେ ଏହି କ୍ୟାଥୋଡ୍ ମେରୁ ବ୍ୟବହାରକରି ୟୋସିନୋ ବ୍ୟବସାୟିକ ଭାବେ ସଫଳ ହୋଇପାରିଲା ଭଳି ପ୍ରଥମ ବ୍ୟାଟେରି ତିଆରି କଲେ ୧୯୮୫ ମସିହାରେ । ତା'ପରେ ଅଙ୍ଗାରକରେ ଗଢ଼ା ପେଟ୍ରୋଲିୟମ କେକ୍‌କୁ ମଧ୍ୟ ଏଥିପାଇଁ ସେ ବିନିଯୋଗ କରିବାକୁ ଲାଗିଲେ । କ୍ୟାଥୋଡ୍ ମେରୁରେ ଥିବା କୋବାଲ୍ଟ ଅକ୍ସାଇଡ୍ ଭଳି ଏହା ମଧ୍ୟ ଲିଥିୟମ ଆୟନକୁ ସନ୍ନିବିଷ୍ଟ କରିପାରିଲା। ଏସବୁ ପରୀକ୍ଷା ନିରୀକ୍ଷା ଫଳରେ କ୍ରମେ ହାଲୁକା ଏବଂ ଦୃଢ଼ତା ସମ୍ପନ୍ନ ବ୍ୟାଟେରିମାନ ତିଆରି ସମ୍ଭବ ହେଲା ; ଯାହାକି ଶହ ଶହ ଥର ପୁନଃ ପୁନଃ ଭାବେ ଚାର୍ଜ କରାଯାଇପାରିବ । ଏଗୁଡ଼ିକ ବଜାରରେ ଉପଲବ୍ଧ ହେଲା । ୧୯୯୧ ମସିହାରେ ଉକ୍ତ ବ୍ୟାଟେରିଗୁଡ଼ିକର ସୁବିଧା ହେଲା ଯେ, ତାହା କ୍ୟାଥୋଡ୍ ମେରୁକୁ କ୍ଷୟ କରୁଥିବା ରାସାୟନିକ ପ୍ରକ୍ରିୟାଭିତ୍ତିକ ନୁହେଁ, ବରଂ ଆନୋଡ୍ ଓ କ୍ୟାଥୋଡ୍ ମଧ୍ୟରେ ନିୟମିତ ଏପାଖ ସେପାଖ ହୋଇ ପ୍ରବାହିତ ହେଉଥିବା ଲିଥିୟମ ଆୟନ ଉପରେ ନିର୍ଭରଶୀଳ।

ବର୍ତ୍ତମାନ ଅନେକ ପ୍ରକାର ଲିଥିୟମ- ଆୟନ ବ୍ୟାଟେରି ଉପଲବ୍ଧ ହେଲାଣି। ଉଦାହରଣ ସ୍ୱରୂପ, କେତେକ କମ୍ପାନୀ ମୁଖ୍ୟତଃ ଲିଥିୟମ ପଲିମର ବ୍ୟାଟେରି ପ୍ରସ୍ତୁତ କରୁଛନ୍ତି । ଏଥିରେ ଲିଥିୟମ କୋବାଲ୍ଟ ଅକ୍ସାଇଡ୍‌କୁ କ୍ୟାଥୋଡ୍ ମେରୁ ଏବଂ ଅଧିକ ଦହନଗୁଣଧାରୀ ଜୈବ ରାସାୟନ (ଇଥର୍ ଭଳି) ବଦଳରେ ଏକ ପ୍ରକାର ପଲିମର ଜେଲ୍‌କୁ ବିଦ୍ୟୁତ୍ ଦ୍ରବଣରେ ଉପଯୋଗ କରାଯାଇଛି। ଏହାବ୍ୟତୀତ, ଲିଥିୟମ-ଲୌହ ଫସ୍‌ଫେଟ୍, ଲିଥିୟମ-ମାଙ୍ଗାନିଜ୍ ଅକ୍‌ସାଇଡ୍ ଏବଂ ନିକେଲ ମାଙ୍ଗାନିଜ୍-କୋବାଲ୍ଟ ଅକ୍‌ସାଇଡ୍‌କୁ କ୍ୟଥୋଡ୍ ରୂପେ ବ୍ୟବହର କରୁଥିବା ବ୍ୟାଟେରିମାନ ମଧ୍ୟ ଏବେ ମିଳିଲାଣି। ସେଗୁଡିକ କମ୍ ଶକ୍ତି-ସାନ୍ଦ୍ରତା ବିଶିଷ୍ଟ, କିନ୍ତୁ ଦୀର୍ଘସ୍ଥାୟୀ ଓ ନିରାପଦ। ଏ ପ୍ରକାର ବ୍ୟାଟେରି ଏବେ ବିବିଧ ଉଚ୍ଚମାନର ଇଲେକ୍‌ଟ୍ରୋନୀୟ ତଥା ମେଡିକାଲ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ବ୍ୟବସ୍ଥାରେ ବ୍ୟବହୃତ ହେଉଛି। ଗାଡ଼ିମୋଟରରେ ବ୍ୟବହାର କଥା ବିଚାରକୁ ନେଇ ଏଗୁଡିକ ମଧ୍ୟରେ ସର୍ବାଧିକ ଗୁରୁତ୍ୱ ଲାଭ କରିଛି ଶେଷୋକ୍ତଟି।

ଅଧିକ ଉନ୍ନତମାନର ଲିଥିୟମ-ଆୟନ୍ ବ୍ୟାଟେରି ତିଆରି ଲାଗି ଏବେ ମଧ୍ୟ ଉଦ୍ୟମ ଚାଲୁ ରହିଛି। ଫଳରେ ଆଗାମୀ ଦିନରେ ଏହାର ଉପଯୋଗ କାଳ, ଶକ୍ତି ସାନ୍ଦ୍ରତା, ନିରାପତ୍ତା, ଚାର୍ଜିଂ ବେଗ ଆଦି ବୃଦ୍ଧି ତଥା ଦାମ୍ ହ୍ରାସ ପାଇବ ବୋଲି ଆଶା କରାଯାଏ। ତେବେ ବର୍ତ୍ତମାନ ଅଧିକ ଧ୍ୟାନ ଦିଆଯାଉଛି ସହଜରେ ନିଆଁ ନ ଧରିଲା ଭଳି ବିଦ୍ୟୁତ୍ ଦ୍ରବଣର ବିକାଶ ଉପରେ। ସେଥିପାଇଁ ଯେଉଁ ପନ୍ଥାମାନ ଅନୁସରଣ କରାଯାଉଛି ତାହାର ଅନ୍ତର୍ଭୁକ୍ତ ହେଲେ ଜଳଯୁକ୍ତ ଲିଥିୟମ- ଆୟନ୍ ବ୍ୟାଟେରି , ସେରାମିକ କଠିନ ବିଦ୍ୟୁତ୍ ଦ୍ରବଣ, ପଲିମର ବିଦ୍ୟୁତ୍ ଦ୍ରବଣ, ଆୟନଯୁକ୍ତ ତରଳ ପଦାର୍ଥ ଏବଂ ଫ୍ଲୋରିନ୍‌ଯୁକ୍ତ ରସାୟନ।

ଏସବୁର ବିକାଶ ମନରେ ପ୍ରତ୍ୟୟ ଆଣେ ଯେ ନିକଟରେ ଦିନେ ଲିଥିୟମ-ଆୟନ୍ ବ୍ୟାଟେରି ସମାଜକୁ ଜୀବାଶ୍ମ ଇନ୍ଧନମୁକ୍ତ କରିବା ସଙ୍ଗେ ସଙ୍ଗେ ବାୟୁ ପ୍ରଦୂଷଣ ହ୍ରାସ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଅତଏବ ଏଭଳି ଯୁଗାନ୍ତକାରୀ ଉଦ୍ଭାବନ ମାଧ୍ୟମରେ ଗୁଡ୍‌ଏନଫ୍ , ଉଇଟିଂହାମ ଓ ୟୋସିନୋ ମାନବଜାତିର କଲ୍ୟାଣ ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ତାହା ସେମାନଙ୍କୁ ୯ ନିୟୁତ ସ୍ୱିଡିସ୍ କ୍ରୋନାର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଦେବାର ଯଥାର୍ଥତା ପ୍ରମାଣ କରିଛି। କାରଣ ନୋବେଲ କମିଟିର ସଦସ୍ୟ ସାରା ସ୍ନୋଗେରୁପ ଲିନ୍‌ସେଙ୍କ ଭାଷାରେ ଏହା ଆମକୁ ଏକ ବୈଷୟିକ ବିପ୍ଳବ ମଧ୍ୟକୁ ବାଟ କଢ଼ାଇ ନେଇପାରିଛି।



*-ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦*
*ମୋ : ୯୯୩୭୯୮୫୭୬୭*

## ସଂକ୍ଷେପରେ

### ମୃତ୍ୟୁଞ୍ଜୟ ମଣ୍ଡଳଙ୍କୁ ଚାମ୍ପିୟନ ଟାଇଟଲ୍

**କଟକ ଅଫିସ,୩।୧୧:** ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପଠାରେ ଆଇ.ଏସ୍ ଚେସ୍ ସେଣ୍ଟର, କଟକ ଜିଲା ଚେସ୍ ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ପ୍ୟାରୀମୋହନ ସାମନ୍ତରାୟ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଚାମ୍ପିୟନ ଟାଇଟଲ ହାସଲ କରିଛନ୍ତି କଟକର ମୃତ୍ୟୁଞ୍ଜୟ ମଣ୍ଡଳ। ମୃତ୍ୟୁଞ୍ଜୟ ୭ ପଏଣ୍ଟ ହାସଲ କରିଥିଲେ। ସତ୍ୟମ ନାୟକ, ପ୍ରତ୍ୟାଶା ଜେନା, ସିଦ୍ଧାର୍ଥ ଭୂୟାଁ, ଓମ ପ୍ରକାଶ, ଅଞ୍ଜଳି ମିଶ୍ର, ପିୟୁଷ କୁମାର ସାହୁ, ଓମ ଆଦିତ୍ୟ ରାଉତ, ବିଶ୍ୱପ୍ରୀତ ରାୟ, ଆୟୁଷ ଅଭିଷେକ ଦାସ ଯଥାକ୍ରମେ ୨ୟରୁ ୧୦ନଂ ସ୍ଥାନରେ ରହିଛନ୍ତି।

### ଧୋନୀଙ୍କୁ ପଛରେ ପକାଇଲେ ରୋହିତ

**ନୂଆଦିଲ୍ଲୀ,୩।୧୧:** ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ରବିବାର ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ରେ କାମଚଳା ଭାରତୀୟ ଅଧିନାୟକ ରୋହିତ ଶର୍ମା ନିଜ କ୍ୟାରିୟରରେ ସଫଳତାର ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ଭାରତ ପାଇଁ ସର୍ବାଧିକ ଟି୨୦ ମ୍ୟାଚ୍ ଖେଳିଥିବା ଖେଳାଳିଙ୍କ ମଧ୍ୟରେ ରୋହିତ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୦୭ ଟି୨୦ ବିଶ୍ୱକପ୍‌ରେ ପଦାର୍ପଣ କରିଥିବା ରୋହିତ ୯୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଏଥିସହ ଦେଶ ପାଇଁ ସର୍ବାଧିକ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରକେର୍ଡର ସେ ଅଧିକାରୀ ହୋଇଛନ୍ତି। ଏହି ଧାରାରେ ଧୋନି ୯୮ ମ୍ୟାଚ୍ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱରେ ସର୍ବାଧିକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିବାର ରେକର୍ଡ ପାକିସ୍ତାନ ଅଲରାଉଣ୍ଡର ଶୋଏବ ମଲିକ (୧୧୧ ମ୍ୟାଚ୍)ଙ୍କ ନାମରେ ରହିଛି। ତାଙ୍କ ପଛକୁ ଶାହିଦ ଆଫ୍ରିଦୀ (୯୯) ରହିଛନ୍ତି।



ୟୁଏସ୍ ଫର୍ମୁଲାଓ୍ୱାନ ଗ୍ରାଁ ପ୍ରି କ୍ୱାଲିଫାଇଂରେ ଅଳ୍ପକେ ପୋଲ୍ ପୋଜିଶନରୁ ବଞ୍ଚିତ ହୋଇଥିଲେ ମଧ୍ୟ ଫର୍ମକୁ ଫେରିଥିବାରୁ ମୁଁ ଖୁସି।
**– ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର**



ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ପୁରୁଷ ହକି ଦଳକୁ ଡିଫେନ୍ସ ବିଭାଗ ଏବଂ ଫିନିଶିଂରେ ଅଧିକ ପାରଙ୍ଗମ ହେବାକୁ ପଡ଼ିବ।
**– ଗ୍ରାହମ ରିଡ୍, ଜାତୀୟ ପୁରୁଷ ହକି କୋଚ୍**

# ପ୍ରଥମ ଟି୨୦ରେ ଭାରତ ପରାସ୍ତ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ବାଂଲାଦେଶ ୩ଟି ବଲ୍ ବାକି ରଖି ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୧୯.୩ ଓଭରରେ ୩ ଉଇକେଟ ହରାଇ ୧୫୪ ରନକରି ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ବାଂଲାଦେଶ ୧-୦ରେ ଅଗ୍ରଣୀ ହାସଲ କରିଛି।୧୪୯ ରନ ଟାର୍ଗେଟ ପିଛା କରି ବାଂଲାଦେଶ ଓପନର ଲିଟନ ଦାସଙ୍କୁ ହରାଇ ଆରମ୍ଭରୁ ଝଟ୍‌କା ଖାଇଥିଲା। ସେ ମାତ୍ର ୭ ରନକରି ଦୀପକ ଚହରଙ୍କ ବଲ୍‌ରେ କଭର ପଏଣ୍ଟରେ ରାହୁଲଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ନବାଗତ ବ୍ୟାଟ୍ସମ୍ୟାନ ମହମ୍ମଦ ନଇମ ୨୮ ବଲରୁ ୨ ଚୌକା ଓ ୧ ଛକା ସହ ୨୬ ରନ କରିଥିବା ବେଳେ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଲଙ୍ଗ୍‌ଅନ୍‌ରେ ଶିଖର ଧାଓ୍ୱନଙ୍କୁ କ୍ୟାଚ ଦେଇଥିଲେ। ତୃତୀୟ ଉଇକେଟରେ ସୌମ୍ୟ ସରକାର ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ ୬୦ ରନ ସଂଗ୍ରହ କରିଥିଲେ। ସରକାର ୩୫ ବଲରୁ ୧ ଚୌକା ଓ ୨ ଛକା ସହ ୩୯ ରନ କରିଥିବା ବେଳେ ଖଲିଲ ଅହମ୍ମଦଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲେ। ମୁସଫିକର ରହିମ ୬୦ (୪୩ ବଲ, ୮ ଚୌକା, ୧ ଛକା) ରନ ଓ ମହମୁଦୁଲ୍ଲା ୧୫ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ଭାରତ ତରଫରୁ ଚହର, ଖଲିଲ, ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଆରମ୍ଭରୁ ଅଧିନାୟକ ତଥା ଓପନର ରୋହିତ ଶର୍ମାଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ନିୟମିତ ଅନ୍ତରରେ ଉଇକେଟ ହରାଇ ଭାରତ ବଡ଼ ସ୍କୋର ହାସଲ କରିବାରେ ସଫଳ ହୋଇ ପାରି ନ ଥିଲା। ୫ ବଲରୁ ୨ ଚୌକା ସହ ୯ ରନ କରିଥିବା ବେଳେ ରୋହିତ ସାଫିଉଲ ଇସ୍‌ଲାମଙ୍କ ଭିତରକୁ ଆସୁଥିବା ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ରୋହିତ ରିଭ୍ୟୁ ନେଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ଲୋକେଶ ରାହୁଲ ୨ ଚୌକା ସହ ୧୭ଟି ବଲ୍ ଖେଳି ୧୫ ରନ କରିଥିବା ବେଳେ ଲେଗ୍ ସ୍ପିନର ଅମିନୁଲ ଇସ୍‌ଲାମଙ୍କ ବଲ୍‌ରେ ଶର୍ଟ କଭରରେ ମହମୁଦୁଲ୍ଲାଙ୍କୁ ଏକ ସହଜ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଯୁବ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ୧୩ଟି ବଲ୍ ଖେଳି ୧ ଚୌକା ଓ ୨ ଛକା ସହ ୨୨ ରନକରି ସ୍କୋରକୁ ଆଗେଇ ନେଉଥିବା ବେଳେ ଆଉଟ ହୋଇଥିଲେ। ଲମ୍ବା ଶଟ୍ ଖେଳିବାକୁ ଯାଇ ସେ ଲଙ୍ଗ୍ ଅଫ୍‌ରେ ମହମ୍ମଦ ନଇମଙ୍କୁ କ୍ୟାଚ୍ ଦେଇ ଅମିନୁଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ପାଳି ପଡିଥିଲା ଅଭିଜ୍ଞ ଓପନର ଶିଖର ଧାଓ୍ୱନଙ୍କର। ସେ ୪୨ଟି ବଲ୍ ଖେଳି ୩ ଚୌକା ଓ ୧ ଛକା ମାରି ଦଳ ତରଫରୁ ସର୍ବାଧିକ ୪୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ସହ ଦ୍ୱିତୀୟ ରନ ନେବାକୁ ପ୍ରୟାସ କରିଥିଲେ। ତେବେ ଧାଓ୍ୱନ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ପଦାର୍ପଣ କରିଥିବା ମୁମ୍ବାଇ ଯୁବ ଅଲରାଉଣ୍ଡର ଶିବମ୍ ଦୁବେ କିନ୍ତୁ ବିଫଳ ହୋଇଥିଲେ। ସେ ମାତ୍ର ୧ ରନ କରିଥିବା ବେଳେ ଅଫ୍ ସ୍ପିନର ଅଫିଫ୍ ହୋସେନଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଶେଷରେ ପନ୍ତ ୨୬ ବଲରୁ ୩ ଚୌକା ସହ ୨୭ ରନ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ଲମ୍ବା ଶଟ୍ ଖେଳିବାକୁ ଯାଇ ସେ ଆଉଟ୍ ହୋଇଥିଲେ। ସାଫିଉଲଙ୍କ ବଲରେ ସେ ଲଙ୍ଗଅନ୍‌ରେ ମହମ୍ମଦ ନଇମଙ୍କୁ ଏକ ସହଜ କ୍ୟାଚ ଦେଇଥିଲେ ଓ ଏଥିସହିତ ଭାରତ ଷଷ୍ଠ ଉଇକେଟ ହରାଇଥିଲା। ଏହାପରେ କ୍ରୁନାଲ ପାଣ୍ଡ୍ୟା ଓ ଓ୍ୱାଶିଂଟନ ସୁନ୍ଦର ଦ୍ରୁତ ଗତିରେ ରନ ସଂଗ୍ରହ କରିଥିଲେ। ମାତ୍ର ୧୦ଟି ବଲରୁ ଏହି ଦୁଇ ବ୍ୟାଟ୍ସମ୍ୟାନ ସପ୍ତମ ଉଇକେଟ ଯୋଡିରେ ଅପରାଜିତ ୨୮ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। କ୍ରୁନାଲ ୮ ବଲରୁ ୧ ଚୌକା ଓ ୧ ଛକା ସହ ୧୫, ଓ୍ୱାଶିଂଟନ ୫ଟି ବଲ୍ ଖେଳି ୨ ଛକା ସହ ୧୪ ରନ କରି ଅପରାଜିତ ରହିଥିଲେ। ବାଂଲଦେଶ ତରଫରୁ ୮ଜଣ ବୋଲର ବୋଲିଂ କରିଥିଲେ। ସଫିଉଲ ଓ ଅମିନୁଲ ୨ଟି ଲେଖାଏ, ଅଫିପ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଭାରତ ପାଇଁ ଶିବମ ଦୁବେ ଟି୨୦ ପଦାର୍ପଣ କରିଥିବା ବେଳେ ସ୍ପିନର ଯୁଜବେନ୍ଦ୍ର ଚହଲ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ବାଂଲାଦେଶ ତରଫରୁ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ମହମ୍ମଦ ନଇମ ଟି୨୦ ପଦାର୍ପଣ କରିଛନ୍ତି।



ଏକ ପୁଲ ଶଟ୍ ଖେଳିବା ଅବସରରେ ଶିଖର ଧାଓ୍ୱନ

## ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ ଶର୍ମା–ଏଲବିଡବ୍ଲ୍ୟୁ– ସାଫିଉଲ୍–୯
ଶିଖର ଧାଓ୍ୱନ–ରନଆଉଟ (ମହମ୍ମୁଦୁଲ୍ଲା/ରହିମ୍)–୪୧
ରାହୁଲ–କ–ମହମୁଦୁଲ୍ଲା–ବୋ ଅମିନୁଲ–୧୫
ଆୟାର–କ–ନଇମ୍–ବୋ–ଅମିନୁଲ–୨୨
ରିଷଭ–କ–ନଇମ୍–ବୋ–ସାଫିଉଲ–୨୭
ଦୁବେ–କ ଆଣ୍ଡ୍ ବୋ–ଆଫିଫ୍ ହୋସେନ–୧
କ୍ରୁନାଲା ପାଣ୍ଡ୍ୟା–ନଟଆଉଟ–୧୫
ଓ୍ୱାଶିଂଟନ ସୁନ୍ଦର– ନଟଆଉଟ–୧୪
ଅତିରିକ୍ତ–୪
**ମୋଟ:** (୨୦ ଓଭର, ୬ ଉଇକେଟ) ୧୪୮।
ଉଇକେଟ ପତନ: ୧/୧୦, ୨/୩୬, ୩/୭୦, ୪/୯୫, ୫/୧୦୨, ୬/୧୨୦।

**ବୋଲିଂ (ବାଂଲାଦେଶ)**
ସାଫିଉଲ୍ ଇସ୍‌ଲାମ ୪–୦–୩୬–୨
ଅଲ୍ ଅମିନ ହୋସେନ ୪–୦–୨୭–୦
ମୁସ୍ତାଫିଜୁର ରହମନ ୨–୦–୧୫–୦
ଅମିନୁଲ ଇସ୍‌ଲାମ ୩–୦–୨୨–୨
ସୌମ୍ୟ ସରକାର ୨–୦–୧୬–୦
ଆଫିଫ୍ ହୋସେନ ୩–୦–୧୧–୧
ମୋସାଡେକ୍ ହୋସେନ ୧–୦–୮–୦
ମହମୁଦୁଲ୍ଲା ୧–୦–୧୦–୦।

**ବାଂଲାଦେଶ ଇନିଂସ**
ଲିଟନ ଦାସ–କ–ରାହୁଲ–ବୋ–ଚହର–୭
ନଇମ୍–କ–ଧାଓ୍ୱନ–ବୋ–ଚହଲ–୨୬
ସରକାର–ବୋ–ଖଲିଲ ଅହମ୍ମଦ–୩୯
ମୁସ୍‌ଫିକର ରହିମ–ନଟଆଉଟ–୬୦
ମହମୁଦୁଲ୍ଲା–ନଟଆଉଟ–୧୫
ଅତିରିକ୍ତ–୭
ମୋଟ: (୧୯.୩ ଓଭର, ୩ ଉଇକେଟ) ୧୫୪।
(ଉଇକେଟ ପତନ: ୧/୮, ୨/୫୪, ୩/୧୧୪।

**ବୋଲିଂ (ଭାରତ)**
ଦୀପକ ଚହର ୩–୦–୨୪–୧
ଓ୍ୱାଶିଂଟନ ସୁନ୍ଦର ୪–୦–୨୫–୦
ଖଲିଲ ଅହମ୍ମଦ ୪–୦–୩୭–୧
ଯୁଜବେନ୍ଦ୍ର ଚହଲ ୪–୦–୨୪–୧
କ୍ରୁନାଲ ପାଣ୍ଡ୍ୟା ୪–୦–୩୨–୦
ଶିବମ ଦୁବେ ୦.୩–୦–୯–୦।



ରବିବାର ଇଣ୍ଡିଆନ୍ ସୁପର ଲିଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏହା ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା।

## ରୋହିତ, ଧାଓ୍ୱନଙ୍କୁ ଚକିତ କଲେ କେଶବ

**ନୂଆଦିଲ୍ଲୀ, ୩।୧୧**

ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍ ପୂର୍ବରୁ ୧୯ ବର୍ଷୀୟ ଲୋକାଲ ପେସର କେଶବ ଦାବାସ୍ ଭାରତୀୟ ଓପନର ରୋହିତ ଶର୍ମା ଓ ଶିଖର ଧାଓ୍ୱନଙ୍କୁ ଚକିତ କରିଦେଇଛନ୍ତି। ସେ ନିଜର ଦକ୍ଷ ବୋଲିଂରେ ରୋହିତଙ୍କୁ ଆଉଟ କରିବା ପରେ ଧାଓ୍ୱନଙ୍କ ଉଇକେଟ ଓପାଡ଼ି ଦେଇଛନ୍ତି। ଏହି ଘଟଣା ଭାରତୀୟ ଦଳର ଅଭ୍ୟାସ ସେସନରେ ଘଟିଥିଲା। ଏକ ସାକ୍ଷାତ୍‌କାର ସେ ଦେଇ କହିଛନ୍ତି, ଦେଶର ଦୁଇ ଦକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରି ଚମତ୍କାର ଅନୁଭବ କରୁଛି। କ'ଣ କହିବି ଜାଣିପାରୁ ନାହିଁ। ମୋତେ ଦଳୀୟ ବୋଲର ଶାର୍ଦ୍ଦୁଳ ଠାକୁର ପ୍ରଶଂସା କରିଥିଲେ। ଭଲ ଲେନ୍ଥରେ ଓ ଅତ୍ୟଧିକ ବାଉନ୍ସ ଯୋଗୁ ବଲ ରୋହିତଙ୍କ ବ୍ୟାଟ୍‌ର ଏଜ୍ ନେଇଥିଲା। ରୋହିତ ବଲ ଫେରାଇବା ପୂର୍ବରୁ କେଶବ ଉଲ୍ଲସିତ ହୋଇଥିଲେ।

## ରିପିଚେଜ୍ ରାଉଣ୍ଡରେ ରବି

**ବୁଦାପେଷ୍ଟ, ୩।୧୧ (ପି.ଟି.)**

ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ରେସ୍‌ଲିଂ ଓ୍ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୩ଥର ପଦକ ବିଜେତା ସଜନ ଭାନଓ୍ୱାନ (୭୭କେଜି) ଗ୍ରୀକୋ ରୋମାନ କାଟେଗୋରିରେ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇ ପାରି ନାହାନ୍ତି। କିନ୍ତୁ ରବି (୯୭କେଜି) ରିପିଚେଜ୍ ରାଉଣ୍ଡରେ ପ୍ରବେଶ କରି ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ବ୍ରୋଞ୍ଜ ପଦକ ମୁକାବିଲାରେ ତୁର୍କୀର ସେରକାନ୍ ଆକୋୟୁନ୍ ଭନଓ୍ୱାନଲ୍‌ଙ୍କୁ ୧୦–୧ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ରବି ପ୍ରି–କ୍ୱାର୍ଟରଫାଇନାଲରେ ଜର୍ଜିଆନ କୁସ୍ତି ଯୋଦ୍ଧା ଗିଓର୍ଗି ମେଲିଆଙ୍କଙ୍କ ଦ୍ୱାରା ୮–୦ରେ ପରାଜିତ ହୋଇଥିଲେ। କିନ୍ତୁ ମେଲିଆ ଫାଇନାଲରେ ପ୍ରବେଶ କରିବାରୁ ଭାରତୀୟ ରେସ୍‌ଲରଙ୍କୁ ଏକ ପଦକ ପାଇଁ ଲଢିବା ଲାଗି ସୁଯୋଗ ଆସିଛି। ରିପିଚେଜ୍ ରାଉଣ୍ଡରେ ଜିତିପାରିଲେ ରବି ବ୍ରୋଞ୍ଜ ପଦକ ଫାଇନାଲ ପ୍ଲେ–ଅଫ୍ ପାଇଁ ଯୋଗ୍ୟତା ହାସଲ କରିବେ। ରବିବାର ପ୍ରତିଯୋଗିତାର ଅନ୍ୟାନ୍ୟ ଫଳାଫଳ ମଧ୍ୟରେ ଅର୍ଜୁନ ହାଲାକୁର୍କୀ ୫୫ କେଜି ରିପିଚେଜ୍ ବାଉଟ୍‌ରେ ଆର୍ମେନିଆର ନୋରେର୍ ହାଖୋୟାନଙ୍କ ବିପକ୍ଷ ରିପିଚେଜ୍ ବାଉଟ୍ ୨–୧୦ରେ ପରାସ୍ତ ହୋଇଥିଲେ। ୮୭ କେଜି ଶ୍ରେଣୀରେ ସୁନୀଲ କୁମାର ସ୍ୱିଡେନର ଆଲେକ୍‌ସାଣ୍ଡର ଜିଓର୍ଜି ଷ୍ଟିପାନେଟିକ୍‌ଙ୍କ ବିପକ୍ଷ ପ୍ରଥମ ରିପିଚେଜ୍ ବାଉଟ୍ ୫–୩ରେ ଜିତି ଏକ ବ୍ରୋଞ୍ଜ ପଦକ ସମ୍ଭାବନା କରିଥିଲେ। ମାତ୍ର ଦ୍ୱିତୀୟ ରିପିଚେଜ୍ ବାଉଟ୍‌ରେ କ୍ରୋଏସିଆର ଇଭାନ ହକ୍‌ଲେକ୍ ତାଙ୍କୁ ୬–୩ରେ ହରାଇ ଦେଇଥିଲେ। ପ୍ରତିଯୋଗିତାରେ ଅନ୍ୟ କୌଣସି ଭାରତୀୟ ଗୋଟିଏ ହେଲେ ରାଉଣ୍ଡ ଜିତିପାରି ନ ଥିଲେ।

### ଜାତୀୟ ଜୁନିୟର ହକି କ୍ୟାମ୍ପ

# ପୁରୁଷରେ ଓଡ଼ିଶାରୁ ୬ ଖେଳାଳି

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ସୋମବାରଠାରୁ ବେଙ୍ଗାଲୁରୁରେ ଆରମ୍ଭ ହେବାକୁ ଥିବା ଜାତୀୟ ଜୁନିୟର ପୁରୁଷ ପ୍ରଶିକ୍ଷଣ ଶିବିର ଲାଗି ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ରବିବାର ୩୩ ଜଣିଆ ଖେଳାଳିଙ୍କ ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୬ ଖେଳାଳିଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ସୁମନ ବେକ, ପ୍ରତାପ ଲାକ୍ରା, ନବୀନ କୁଜୁର, ସାହିଲ କୁମାର ନାୟକ, ସୁଦୀପ ଚିର୍ମାକୋ ଓ ଗ୍ରେଗୋରି ଖେସ୍। ୪ ସପ୍ତାହ ଧରି ଚାଲିବାକୁ ଥିବା କ୍ୟାମ୍ପ ପାଇଁ ଖେଳାଳିମାନେ ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରରେ ରିପୋର୍ଟ କରିବେ। ଚଳିତ ମାସରେ ଶେଷ ହୋଇଥିବା ୯ମ ସୁଲତାନ ଅଫ୍ ଜୋହର କପ୍‌ରେ ଭାରତୀୟ ଜୁନିୟର ଦଳ ମାଲେସିଆ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆକୁ ହରାଇଥିଲା। ଫାଇନାଲରେ ଗ୍ରେଟ ବ୍ରିଟେନଠାରୁ ହାରିବା ପରେ ଭାରତ ରନର୍ସଅପ୍ ଭାବେ ଅଭିଯାନ ଶେଷ କରିଥିଲା।



ପ୍ରତାପ ଲାକ୍ରା

### ମହିଳାରେ ମାରିଆନା, ଅଜମିନ ଓ ଜୀବନ

ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଭାରତୀୟ ଜୁନିୟର ମହିଳା ହକି ଦଳର କ୍ୟାମ୍ପ୍ ଲାଗି ୩୯ ଜଣିଆ କୋର୍ ଗ୍ରୁପ୍ ତାଲିକା ପ୍ରକାଶ କରିଛି। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) କେନ୍ଦ୍ରରେ କୋଚ୍ ବଲ୍‌ଜିତ୍ ସିଂ ସଇନିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ନଭେମ୍ବର ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତୀୟ ଜୁନିୟର ମହିଳା ଦଳ ଡିସେମ୍ବର ୩ରୁ ଅଷ୍ଟ୍ରେଲିଆରେ ହେବାକୁ ଥିବା ତ୍ରି–ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି। ଘରୋଇ ଅଷ୍ଟ୍ରେଲିଆ ବ୍ୟତୀତ ୩ୟ ଦଳ ଭାବେ ନ୍ୟୁଜିଲାଣ୍ଡ ଏଥିରେ ଅଂଶଗ୍ରହଣ କରିବ। ଏହି ପ୍ରତିଯୋଗିତା ଲାଗି କ୍ୟାମ୍ପରୁ ଖେଳାଳି ମନୋନୀତ କରାଯିବ। ଏହି ୩୯ ଜଣିଆ କୋର୍ ଗ୍ରୁପ୍ ତାଲିକାରେ ଓଡ଼ିଶାର ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମିଡ୍‌ଫିଲ୍ଡର ମାରିଆନା କୁଜୁର, ଅଜମିନ କୁଜୁର ଓ ଫରୱାର୍ଡ ଜୀବନ କିଶୋରୀ ଟପ୍ପୋ।

# ରାଉରକେଲା, ରାଞ୍ଚି ଚାମ୍ପିୟନ

**ଖୁଣ୍ଟା,୩।୧୧(ଡି.ଏନ୍.ଏ.)**

ଖୁଣ୍ଟା ବ୍ଲକ ଅଧୀନ ଭୋଳାଗଡ଼ିଆ ମିନି ଷ୍ଟାଡିୟମରେ ଶିମିଳିପାଳ ସ୍ପୋର୍ଟ୍ସ ଆଣ୍ଡ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ସର୍ବ ଭାରତୀୟ ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ତେଲେଙ୍ଗାନା ରାଜ୍ୟରୁ ମୋଟ ୮ ପୁରୁଷ ଓ ୪ ମହିଳା ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ। ପୁରୁଷ ବର୍ଗରେ ଓଡ଼ିଶା ପୋଲିସ ଓ ରାଉରକେଲା ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ଦଳ ଗୋଲ ଦେଇ ପାରି ନ ଥିବା ବେଳେ ଟାଇବ୍ରେକର ଜରିଆରେ ରାଉରକେଲା ଦଳ ଓଡ଼ିଶା ପୋଲିସ ଦଳକୁ ୩–୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ମହିଳା ବର୍ଗରେ ଓଡ଼ିଶା ମହିଳା ପୋଲିସ ଦଳ ଓ ରାଞ୍ଚି ମହିଳା ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ରାଞ୍ଚି ଦଳ ଓଡ଼ିଶା ପୋଲିସ ଦଳକୁ ୨–୦ ଗୋଲ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ସୋରେନ,ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ,ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ,ପୂର୍ବତନ ବିଧାୟକ ଗୋଲକ ବିହାରୀ ନାଏକ , ଭୋଳାଗଡ଼ିଆ ସରପଞ୍ଚ ସାବିତ୍ରୀ ହେମ୍ବ୍ରମ ଓ ଆଥଲେଟ ଜଉନା ମୁର୍ମୁ , ଆୟୋଜକ ଆସୋସିଏଶନ ଉପଦେଷ୍ଟା ଠାକୁରା ମୁର୍ମୁ ଓ ମସା ଆର୍ମି ଛାତ୍ର ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନର ସକ୍ରିୟ ସଦସ୍ୟ ସାକିଲା ମୁର୍ମୁଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସଭାପତି ସର୍ଦାର ହେମ୍ବ୍ରମ ଓ ସମ୍ପାଦକ ସୁକେନ୍ଦୁ ଦାସ ମଞ୍ଚ ପରିଚାଳନା କରିଥିଲେ।



ପୁରୁଷ ବିଭାଗ ଚାମ୍ପିୟନ ରାଉରକେଲା ଦଳ।

**ସର୍ବଭାରତୀୟ ଫୁଟବଲ ଉଦ୍‌ଯାପିତ**



" ଫିଲିପ୍ ଆଇଲାଣ୍ଡରେ ଖରାପ ପ୍ରଦର୍ଶନ ପରେ ସେପଙ୍ଗ ସର୍କିଟରେ ମାଲେସିଆନ ମୋଟୋ ଜିପି ଟାଇଟଲ ହାସଲ କରିଥିବାରୁ ରୋମାଞ୍ଚିତ।
– ମାଭେରିକ୍ ଭିନେଲ୍ସ, ସ୍ପାନିଶ ମୋଟର ସାଇକେଲ ରେସର



" ଲେଭାଣ୍ଟେ ଭଳି ଦଳଠାରୁ ଶକ୍ତିଶାଳୀ ବାର୍ସିଲୋନା ପରାଜିତ ହେବା ଆଶ୍ଚର୍ଯ୍ୟଜନକ। ଦଳର କମ୍ବିନେଶନରେ ତ୍ରୁଟି ରହିଥାଇପାରେ।
– ଆଣ୍ଟୋନି ଗ୍ରିଜ୍‌ମ୍ୟାନ, ଫ୍ରେଞ୍ଚ ପ୍ରଫେଶନାଲ ଫୁଟବଲର

## ସଂକ୍ଷେପରେ

### ଭିନେଲ୍ସ ଜିତିଲେ ମାଲେସିଆନ ମୋଟୋଜିପି

**ସେପଙ୍ଗ, ୩।୧୧ (ଏଏଫ୍‌ପି):** ସ୍ପେନର ମାଭେରିକ୍ ଭିନେଲ୍ସ ଏଠାରେ ରବିବାର ଅନୁଷ୍ଠିତ ମାଲେସିଆନ ମୋଟୋ ଜିପି ଟାଇଟଲ ବିଜୟୀ ହୋଇଛନ୍ତି। ବିଶ୍ୱ ଚାମ୍ପିୟନ ମାର୍କ ମାର୍କ୍ୱେଜଙ୍କୁ ରେସ୍‌ରେ ସଂଘର୍ଷ କରିବାକୁ ହୋଇଥିଲା। ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଡୁକାଟି ଡ୍ରାଇଭର ଆଣ୍ଡ୍ରିଆ ଡୋଭିଜିଓସୋ ତୃତୀୟ ହୋଇଥିଲେ। କିନ୍ତୁ ଫ୍ରେଞ୍ଚ ରାଇଡର ଫାବିଓ କ୍ୱାର୍ଟାରାରୋ ପୋଲ ପୋଜିଶନରୁ ଆରମ୍ଭ କରିଥିଲେ ମଧ୍ୟ ୭ମ ସ୍ଥାନ ଅଧିକାର କରିଥିଲେ। ସିଜନରେ ଭିନେଲ୍ସଙ୍କର ଏହା ଦ୍ୱିତୀୟ ବିଜୟ। ଗତ ସପ୍ତାହରେ ଅଷ୍ଟ୍ରେଲିଆନ ମୋଟୋଜିପି ବେଳେ ରେସ୍‌ର ଅଧିକାଂଶ ସମୟ ଅଗ୍ରଣୀ ରହିଥିଲେ ମଧ୍ୟ ସାମାନ୍ୟ ତ୍ରୁଟି ଯୋଗୁ ବିଜୟ ହାସଲ କରି ପାରି ନ ଥିଲେ। ତାଙ୍କ ଟିମ୍‌ମେଟ୍ ମାର୍କ୍ୱେଜ ଟାଇଟଲ ଜିତିଥିଲେ।

### ଭିଏତ୍‌ନାମଠାରୁ ହାରିଲା ଭାରତ

**ନୂଆଦିଲ୍ଲୀ, ୩।୧୧(ପି.ଟି.):** ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ୦-୩ ଗୋଲ ବ୍ୟବଧାନରେ ଭିଏତ୍‌ନାମଠାରୁ ପରାସ୍ତ ହୋଇଛି। ଘରୋଇ ଦଳ ତରଫରୁ ଅଷ୍ଟମ ମିନିଟ୍‌ରେ ଥି ଏନ୍‌ହୁଙ୍ଗ୍ ପ୍ରଥମ ଗୋଲ ଦେଇ ଅଗ୍ରଣୀ କରାଇଥିଲେ। ତେବେ ୮୨ତମ ମିନିଟ୍‌ରେ ଥି ଭାନ ଗୋଲ ଦେଇଥିଲେ। ଶେଷରେ ୮୯ତମ ମିନିଟ୍‌ରେ ଥି ଥୁଇ ହାଙ୍ଗ ଗୋଲ ଦେଇ ଭିଏତନାମକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱାଦଶ ମିନିଟ୍‌ରେ ଭାରତୀୟ ଗୋଲ କିପର ଆଦିତି ଚୌହାନ ଭିଏତ୍‌ନାମ ଖେଳାଳିଙ୍କ ଏକ ଜବରଦସ୍ତ ପ୍ରୟାସକୁ ପଣ୍ଡ କରିଥିଲେ। ମ୍ୟାଚ୍‌ର ମଧ୍ୟରେ ଭାରତର ବାଲା ଦେବୀ ସେଣ୍ଟରୁ ଏକ ଜବରଦସ୍ତ ଶଟ୍ ମାରିଥିଲେ ଓ ଏହା ଅଳ୍ପକେ ଗୋଲ ପୋଷ୍ଟ ମିସ୍ କରିଥିଲା। ୩୨ତମ ମିନିଟ୍‌ରେ ସୁମିତ୍ରାଙ୍କ ବଦଳରେ ଦୟାଙ୍କୁ କୋଟ୍ ମେମୋଲ ରକି ଖେଳାଇଥିଲେ। ୮୦ତମ ମିନିଟ ପର୍ଯ୍ୟନ୍ତ ଗୋଲ କିପର ଚୌହାନ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଭିଏତନାମଙ୍କୁ ଅଧିକ ଗୋଲ କରିବାର ସୁଯୋଗ ଦେଇ ନ ଥିଲେ। ମ୍ୟାଚ୍‌ର ଶେଷ ଭାଗରେ ଭିଏତନାମ ଖେଳାଳି ଦୁଇଟି ଗୋଲ ଦେଇଥିଲେ। ବୁଧବାର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

# ସିରିଜ୍ ବରାବର କଲା ନ୍ୟୁଜିଲାଣ୍ଡ

**ୱେଲିଂଟନ,୩।୧୧**

ଇଂଲଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିବା ନ୍ୟୁଜିଲାଣ୍ଡ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌କୁ ୨୧ ରନ୍‌ରେ ଜିତି ନେଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଏବେ ୧–୧ରେ ସମାନ ସ୍ଥିତିରେ ରହିଛି। ବିଜୟୀ ଦଳ ପାଇଁ ଚମତ୍କାର ବୋଲିଂ କରିଥିବା ମିଚେଲ ସାଣ୍ଟନରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଦଳ ପାଇଁ ଜେମ୍ସ ନିଶାମ ୪୨, ମାର୍ଟିନ ଗୁପଟିଲ ୪୧, କଲିନ ଡେ ଗ୍ରାଣ୍ଡହୋମ ୨୮ ଓ ରସ ଟେଲର ୨୮ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ବୋଲିଂରେ କ୍ରିସ ଜୋର୍ଡାନ ୩ ଓ ସାମ କୁରାନ ୨ ଉଇକେଟ ହାତେଇଥିଲେ। ଜବାବରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଇଂଲଣ୍ଡ ୧୯.୫ ଓଭରରେ ୧୫୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଡେଭିଡ ମଲାନ ୩୯, କ୍ରିସ ଜୋର୍ଡାନ ୩୬ ଓ ଅଧିନାୟକ ଇଆନ ମୋର୍ଗାନ ୩୨ ରନ୍ କରିଥିଲେ। ଦଳର ୮ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ବିଜୟୀ ଦଳର ମିଚେଲ ସାଣ୍ଟନର ୩ ଉଇକେଟ ନେଇଥିବାବେଳେ ଅଧିନାୟକ ଟିମ ସୌଦି, ଲୋକି ଫର୍ଗୁସନ ଓ ଇଶ ସୋଧି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ସିରିଜ୍‌ର ତୃତୀୟ ମ୍ୟାଚ୍ ୫ ତାରିଖରେ ନେଲସନଠାରେ ଖେଳାଯିବ।



ବ୍ୟାଟିଂ ଅବସରରେ ମାର୍ଟିନ୍ ଗୁପଟିଲ।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ:** ୨୦ ଓଭରରେ ୧୭୬/୮ (ମାର୍ଟିନ ଗୁପଟିଲ ୪୧, ଜେମ୍ସ ନିଶାମ ୪୨, କଲିନ ଡେ ଗ୍ରାଣ୍ଡହୋମ ୨୮, କ୍ରିସ ଜୋର୍ଡାନ ୩/୨୩, ସାମ କୁରାନ ୨/୨୨)।
**ଇଂଲଣ୍ଡ:** ୧୯.୫ ଓଭରରେ ୧୫୫/ଅଲଆଉଟ୍ (ଡେଭିଡ ମଲାନ ୨୯, କ୍ରିସ ଜୋର୍ଡାନ ୩୬, ଇଆନ ମୋର୍ଗାନ ୩୨, ମିଚେଲ ସାଣ୍ଟନର ୩/୨୫, ଟିମ୍ ସୌଦି ୨/୨୫)।

# ବାର୍ଟିଙ୍କୁ ଟାଇଟଲ



**ଶେନଝେନ, ୩।୧୧**

ବିଶ୍ୱର ୧ନମ୍ବର ମହିଳା ଟେନିସ ଖେଳାଳି ଅଷ୍ଟ୍ରେଲିଆର ଆସେଲେ ବାର୍ଟି ଏକ ବଡ଼ ଧରଣର ସଫଳତା ହାସଲ କରିଛନ୍ତି। ବାର୍ଟି ଏଠାରେ ଖେଳାଯାଇଥିବା ଡବ୍ଲ୍ୟୁଟିଏ ଫାଇନାଲ୍ସର ଟାଇଟଲ ଜିତିଛନ୍ତି। ସ୍ଥାନୀୟ ଶେନ୍‌ଝେନ ବେ ସ୍ପୋର୍ଟ୍ସ ସେଣ୍ଟରରେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସେ ଗତଥରର ଚାମ୍ପିୟନ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କୁ ୬–୪, ୬–୩ ସେଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ଏଥି ସହିତ ସେ ଉଭୟ ପୁରୁଷ ଓ ମହିଳା ଟେନିସ ଇତିହାସର ରେକର୍ଡ ସର୍ବାଧିକ ଆର୍ଥିକ ପୁରସ୍କାର ହାସଲ କରିଛନ୍ତି। ବାର୍ଟି ୪.୪୨ ମିଲିୟନ ଆମେରିକୀୟ ଡଲାର ବା ୩,୪୨ ମିଲିୟନ ପାଉଣ୍ଡ ପୁରସ୍କାର ଜିତିଛନ୍ତି।

ଫାଇନାଲରେ ବିଜୟୀ ହେବା ପାଇଁ ବାର୍ଟିଙ୍କୁ ମାତ୍ର ଏକ ଘଣ୍ଟା ୨୬ ମିନିଟ ସମୟ ଆବଶ୍ୟକ ହୋଇଥିଲା। ୨୩ ବର୍ଷୀୟ ବାର୍ଟି ପୂର୍ବରୁ ସ୍ୱିତୋଲିନାଙ୍କ ବିପକ୍ଷ ସବୁ ୫ଟି ଯାକ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ବାଜି ମାରିଥିଲେ। ଚଳିତ ବର୍ଷ ମୋର ପ୍ରଦର୍ଶନ ଆଶାନୁରୂପ ହୋଇପାରିଛି ବୋଲି ଫ୍ରେଞ୍ଚ ଓପନ୍ ଚାମ୍ପିୟନ ବାର୍ଟି କହିଛନ୍ତି। ଏହା ପୂର୍ବରୁ ସେମିଫାଇନାଲରେ ବାର୍ଟି ୪–୬, ୬–୨, ୬–୩ ସେଟରେ କାରୋଲିନା ପ୍ଲିସ୍କୋଭାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

### ଇର୍ଫାନ ବୟୋଜ୍ୟେଷ୍ଠ ବୋଲର



**ସିଡ୍‌ନୀ,୩।୧୧:** ୧୯୯୨ରେ ଇମ୍ରାନ ଖାଁଙ୍କ ପରେ ବୟୋଜ୍ୟେଷ୍ଠ ଦ୍ରୁତ ବୋଲର ଭାବେ ମହମ୍ମଦ ଇର୍ଫାନ ପାକିସ୍ତାନ ପକ୍ଷରୁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏଠାରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ପ୍ରଥମ ଟି୨୦ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଛନ୍ତି। ଇର୍ଫାନଙ୍କ ବୟସ ଏବେ ୩୭। ଇମ୍ରାନ ୩୯ ବର୍ଷ ବୟସରେ ପାକିସ୍ତାନ ପାଇଁ ୧୯୯୨ ବିଶ୍ୱକପ୍ ଖେଳିଥିଲେ। ମୋଟ ଉପରେ ପାକିସ୍ତାନ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ବୟୋଜ୍ୟେଷ୍ଠ ଖେଳାଳି ହେଉଛନ୍ତି ମିରାନ ବଖଶ। ସେ ୪୭ ବର୍ଷ ବୟସରେ ୧୯୫୫ରେ ଦେଶ ପାଇଁ ଏକମାତ୍ର ମ୍ୟାଚ୍ ଖେଳିଥିଲେ।

## ପ୍ରଥମ ଟି୨୦

# ଅଷ୍ଟ୍ରେଲିଆ ବିଜୟରେ ବର୍ଷା ବାଧକ

**ସିଡ୍‌ନୀ, ୩।୧୧(ଏଏଫ୍‌ପି)**

ବର୍ଷା ଯୋଗୁ ପାକିସ୍ତାନ ଏକ ନିଶ୍ଚିତ ପରାଜୟରୁ ରକ୍ଷା ପାଇଛି। ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍ ଲଗାତର ବର୍ଷା କାରଣରୁ ବିନା ଫଳାଫଳରେ ଶେଷ ହୋଇଛି। ୩ ମ୍ୟାଚ୍ ବିଶିଷ୍ଟ ସିରିଜର ଏହି ମୁକାବିଲାରେ ଅବଶ୍ୟ ଅଷ୍ଟ୍ରେଲିଆ ସୁବିଧାଜନକ ସ୍ଥିତିରେ ଥିଲା। ବିଜୟ ହାସଲରୁ ବଞ୍ଚିତ ହୋଇଥିବାରୁ ଅଷ୍ଟ୍ରେଲିଆ ନିରାଶ ହୋଇଛି। ମଙ୍ଗଳବାର କାନବେରାରେ ଦ୍ୱିତୀୟ ଓ ଶୁକ୍ରବାର ପର୍ଥରେ ତୃତୀୟ ଟି୨୦ ମ୍ୟାଚ୍ ଖେଳାଯିବ।



ବର୍ଷା କାରଣରୁ ଗ୍ରାଉଣ୍ଡ ଷ୍ଟାଫ୍ ପିଚ୍ ଘୋଡାଇବାକୁ ଯାଉଛନ୍ତି।

ବର୍ଷା ଯୋଗୁ ମ୍ୟାଚ୍‌କୁ ୧୫ ଓଭରକୁ କମାଇ ଦିଆଯାଇଥିଲା। ଅଷ୍ଟ୍ରେଲିଆ ଟସ୍‌ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ତେବେ ଡକ୍‌ୱର୍ଥ ଲୁଇସ– ଷ୍ଟର୍ନ ନିୟମରେ ଅଷ୍ଟ୍ରେଲିଆ ସମ୍ମୁଖରେ ୧୫ ଓଭରରେ ୧୧୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ୩.୧ ଓଭରରେ ବିନା କ୍ଷତିରେ ୪୧ ରନ ସଂଗ୍ରହ କରିଥିଲା ଓ ଏତିକି ବେଳେ ବର୍ଷା ହୋଇଥିଲା ଓ ଆଉ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ମ୍ୟାଚ୍‌କୁ ବାତିଲ କରିବାକୁ ପଡିଥିଲା। ଓପନର ଡେଭିଡ ୱାର୍ନର ୪ ବଲରୁ ୨ ଓ ଅଧିନାୟକ ଆରୋନ ଫିଞ୍ଚ ୫ ଚୌକା ଓ ୨ ଛକା ସହ ୧୬ ବଲରୁ ଦ୍ରୁତ ୩୭ ରନ କରି ଅପରାଜିତ ରହିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ଅଧିନାୟକ ବାବର ଆଜମ ୩୮ ବଲରୁ ୫ ଚୌକା ଓ ୨ ଛକା ସହ ଅପରାଜିତ ୫୯ ରନ ଓ ମହମ୍ମଦ ରିଜ୍‌ୱାନ ୩୧ ରନ୍ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ଓ କେନ୍ ରିଚାର୍ଡସନ ୨ଟି ଲେଖାଏ, ଆଷ୍ଟନ ଅଗର ଗୋଟିଏ ଉଇକେଟ ନେଇଥିଲେ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରବୀନ୍ଦ୍ରନାଥ ସେଠୀ**
ତଳବାରଙ୍ଗ, କେନ୍ଦ୍ରାପଡ଼ା,
ତିରୋଧାନ: ୧୬।୧୧।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ବଳଦେବଜୀଉଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ: ପ୍ରଭାତୀ ସେଠୀ, ପୁଅ: ଚନ୍ଦ୍ରଭାନୁ ରାଉତ, ଝିଅ: ଅମ୍ବିକା ସେଠୀ, ଜ୍ୱାଇଁ: ଅଶୋକ ସେଠୀ, ନାତୁଣୀ: ଲାଡଲି ଓ ଗୁଡଲି।
ଧ–୧୫୦୬୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭକ୍ତବୀର ପାତ୍ର**
ଆବିର୍ଭାବ: ୦୧।୦୧।୧୯୯୫
ତିରୋଧାନ: ୧୫।୧୧।୨୦୧୮
ଗ୍ରାମ: ରଘୁନାଥପୁର,ନନ୍ଦନକାନନ
ଜିଲ୍ଲା: ଖୋର୍ଦ୍ଧା
ଚାହୁଁ ଚାହୁଁ ଗୋଟେ ବର୍ଷ ବିତିଗଲା ଆଖିର ଲୁହ ପିଇକି ଭାଇ, ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଏ ଜନ୍ମରେ କେବେହେଲେ ଭୁଲି ପାରିବୁନି, ଆଜି ତୋ' ପାଇଁ ଆମେ ଖାଲି ନୁହେଁ ପୁରା ଗାଁ ଝୁରୁଛି ତତେ ଭାଇ, ତୋର ପ୍ରତିଟି କଥା ମନେ ପଡ଼ିଗଲା ପୁ ଆଖିରୁ ଲୁହ ବୋହି ଯାଉଛି। ତୁ ଯୋଉଠି ଅଛୁ ଭଲରେ ଥା ଆଜି ତୋର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ଏତିକି କାମନା।
**ଶୋକସନ୍ତପ୍ତ:**
ଭାଇ, ଭାଉଜ, ବୋଉ, ଭଉଣୀ, ଅଜା, ଆଈ, ମାମୁ, ମାଇଁ, ସାଙ୍ଗ ସାଥୀ, ବନ୍ଧୁ ଓ ପରିବାରବର୍ଗ।
ଧ–୬୮୫୦୪

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବାସନ୍ତୀ ହୋତା**
ମାଧପୁର, ଆଠମଲ୍ଲିକ, ଅନୁଗୁଳ
ଆବିର୍ଭାବ: ୦୯।୧୦।୧୯୩୯
ତିରୋଧାନ: ୨୪।୧୦।୨୦୧୯
ତୋର ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଆମ ପାଇଁ ସଦାସର୍ବଦା ଚିରସ୍ମରଣୀୟ ରହିବ। ତୋର ପବିତ୍ର ଆତ୍ମାର ମୋକ୍ଷ ପ୍ରାପ୍ତି ହେଉ, ଏବଂ ଆମ ପାଇଁ ସଦାସର୍ବଦା ଆଶୀର୍ବାଦ ଥାଉ।
**ଶୋକସନ୍ତପ୍ତ**
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଏବଂ ପରିବାର ଗଣ।
ଧ–୧୫୦୬୦

**ଦଶମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**
ସ୍ୱାମୀ: ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ,ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ।
ଧ–୧୫୦୬୧

**୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦ୍ୱିଜବର ପାତ୍ର**
ନହରକଣ୍ଟା, ଭୁବନେଶ୍ୱର
ଆବିର୍ଭାବ: ୧୫।୦୨।୧୯୪୦
(ଶୁକ୍ଳ ମାଘସପ୍ତମୀ)
ତିରୋଧାନ: ୦୯।୧୧।୨୦୦୫
(କାର୍ତ୍ତିକ ଗୋଷ୍ଠାଷ୍ଟମୀ)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ବନ୍ଧୁ, ପରିବାରବର୍ଗ।
ଧ–୧୫୦୩୩

**୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଇଂ. ସ୍ୱର୍ଗତ ଚକ୍ରଧର ପାତ୍ର**
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୦୪।୦୧।୧୯୩୮
ତିରୋଧାନ: ୩୦।୧୦।୨୦୦୬
ପବିତ୍ର ଗୋଷ୍ଠାଷ୍ଟମୀ ଅବସରରେ ଆପଣ ଆମକୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲ। ଆପଣଙ୍କ ନିତୀ ଆଦର୍ଶ, ସ୍ନେହ ଆମପାଇଁ ପାଥେୟ ହୋଇରହୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ: ପ୍ରଭାସିନୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଏବଂ ବନ୍ଧୁବାନ୍ଧବ।
ଧ–୬୭୨୪୮


### ନେଦରଲାଣ୍ଡ ଟି୨୦ କ୍ୱାଲିଫାଇଂ ଇଭେଣ୍ଟ ଚାମ୍ପିୟନ

**ଦୁବାଇ,୩।୧୧(ଏଏଫ୍‌ପି)**

ନେଦରଲାଣ୍ଡ ଫାଇନାଲରେ ପପୁଆ ନ୍ୟୁ ଗିନିକୁ ୭ ଉଇକେଟରେ ହରାଇ ଟି୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଚାମ୍ପିୟନ ହୋଇଛି। ଉଭୟ ଦଳ ଅଷ୍ଟ୍ରେଲିଆରେ ହେବାକୁ ଥିବା ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିସାରିଛନ୍ତି। ଏହାବାଦ୍ ଓମାନ, ସ୍କଟଲାଣ୍ଡ, ନାମ୍ବିଆ ଓ ଆୟରଲାଣ୍ଡ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପିଏନ୍‌ଜି ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୨୮ ରନ୍ କରିଥିଲା। ଦଳ ପାଇଁ ଲେଗା ସିକା ୩୯, ସେସେ ବାଉ ୨୯ ଓ ଜାସନ କିଲା ୨୭ ରନ୍ କରିଥିଲେ। ନେଦରଲାଣ୍ଡ ପକ୍ଷରୁ ବ୍ରାଣ୍ଡନ ଗ୍ଲୋଭର ୩ ଉଇକେଟ ନେଇଥିଲେ। ଜବାବରେ ୧୯ ଓଭରରେ ୩ ଉଇକେଟ ହରାଇ ନେଦରଲାଣ୍ଡ ୧୩୪ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଚାମ୍ପିୟନ ଦଳ ଲାଗି ବେନ କୁପର ୪୧, ରିଆନ ଟେନ ଡେସଖେଟ ୩୪ ଓ କଲିନ ଆକମ୍ୟାନ ୨୯ ରନ୍ କରିଥିଲେ। ପିଏନ୍‌ଜିର ବୋଲରଙ୍କ ମଧ୍ୟରେ ନୋସାଇନା ପୋକାନା ଓ ଅଧିନାୟକ ଅସାଦ ଭଲା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

# ସେମିରେ ୟୁନିୟନ୍ ସ୍ପୋର୍ଟିଂ

**ଭୁବନେଶ୍ୱର, ୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ରବିବାରଠାରୁ ମହମ୍ମଦ ଇମ୍ରାନ ମେମୋରିଆଲ ଟୁଇନ୍ ସିଟି କ୍ରିକେଟ୍ ଟୁର୍ନାମେଣ୍ଟ (୧୭ ବର୍ଷରୁ କମ୍) ଆରମ୍ଭ ହୋଇଯାଇଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ସୌମ୍ୟ ରଞ୍ଜନ ପରିଜା, ପୂର୍ବତନ କ୍ରୀଡ଼ା ନିର୍ଦ୍ଦେଶକ ଅଶୋକ ମହାନ୍ତି ଓ ମାଧବ ଚରଣ ସାହୁ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍‌ରେ କଟକର ୟୁନିୟନ ସ୍ପୋର୍ଟିଂ ୩ ଉଇକେଟ୍‌ରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ବିନାୟକ ମହାନ୍ତିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ କ୍ରିକେଟର୍ ସଞ୍ଜୟ ଶତପଥୀ, ଜାତୀୟ ଫୁଟ୍‌ବଲ ରେଫରି ଜିତେନ୍ଦ୍ର ସାମନ୍ତସିଂହାର ଅତିଥିଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଣ୍ଟୁ ମିତ୍ର, ତପନ ସାହୁ, ବଦ୍ରୀ ପାତ୍ର, ବାସୁଦେବ ଓଝା, ଉମାକାନ୍ତ ବେହେରା, ଜଗମୋହନ ସ୍ୱାଇଁ, ବିଷ୍ଣୁ ସାହୁ, ଲିଙ୍ଗରାଜ ମହାନ୍ତି, ଦୀପକ ମଲ୍ଲିକ, ଅମୂଲ୍ୟ ନାୟକ, ପ୍ରଦୀପ କୁମାର ଜେନା ଓ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ମ୍ୟାଚ୍‌କୁ ପ୍ରସନ୍ନ ବେଉରା ଓ ସୁଶାନ୍ତ ଦାସ ପରିଚାଳନା କରିଥିବାବେଳେ ମନୁ ମହାପାତ୍ର ରେଫରି ଦାୟିତ୍ୱ ସମ୍ଭାଳିଥିଲେ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବିନାୟକ ମହାନ୍ତି।

## ଆନ୍ତଃ ବିଦ୍ୟାଳୟ ଗେଟ୍‌ବଲ୍

# ପଳାଶୁଣୀ ୟୁଜି ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର, ୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡିଆନ୍ ଗେଟ୍‌ବଲ୍ ୟୁନିୟନ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍–୯ ବାଳିକା ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଥମ ଆନ୍ତଃ ବିଦ୍ୟାଳୟ ଗେଟ୍‌ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ପଳାଶୁଣୀର ୟୁ.ଜି. ଉଚ୍ଚ ବିଦ୍ୟାଳୟ ୧୨–୧୧ ସ୍କୋରରେ ଓଡିଏମ୍ ପବ୍ଲିକ ସ୍କୁଲକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେମିଫାଇନାଲରେ ପ୍ରବେଶ କରିଥିବା କ୍ୟାପିଟାଲ ହାଇସ୍କୁଲ–ଏ ଓ କ୍ୟାପିଟାଲ ହାଇସ୍କୁଲ–ବି ଟିମ୍ ଯଥାକ୍ରମେ ୩ୟ ଓ ୪ର୍ଥ ରନର୍ସଅପ୍ ଭାବେ ଅଭିଯାନ ଶେଷ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୋନାଲିକା ରାୟ ମୁଖ୍ୟ ଅତିଥିଭାବେ ଏବଂ ତ୍ରିଲୋଚନ ଦେବତା, ସଞ୍ଜୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଇଣ୍ଡିଆନ ଗେଟ୍‌ବଲ ୟୁନିୟନର ସଭାପତି ଦୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ଓ ସମସ୍ତ କର୍ମକର୍ତ୍ତା ପ୍ରତିଯୋଗିତାକୁ ସଫଳ ଭାବେ ପରିଚାଳନା କରିବାରେ ସହଯୋଗ କରିଥିଲେ।

ଏହି ପ୍ରତିଯୋଗିତାରେ ୟୁନିଟ୍–୧ ବାଳକ ଉଚ୍ଚ ବିଦ୍ୟାଳୟ, ରାମକୃଷ୍ଣ ବିଦ୍ୟାପୀଠ, ଓଡିଏମ୍ ପବ୍ଲିକ ସ୍କୁଲ, ଆଇ.ଆର୍.ସି. ଭିଜେଜ ଉଚ୍ଚ ବିଦ୍ୟାଳୟ, ଏଫ୍‌ବିଏସ୍ ବିଦ୍ୟାଳୟ, ଇଟିପୁର ଉଚ୍ଚ ବିଦ୍ୟାଳୟ, କିସ୍, ପଳାଶୁଣୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍–୯ ବାଳିକା ବିଦ୍ୟାଳୟ, ଭେଙ୍କଟେଶ୍ୱର ସ୍କୁଲ, ସତ୍ୟସାଇ ବାଳିକା ବିଦ୍ୟାଳୟ, ଉତ୍କଳ ଆଶ୍ରମ ବିଦ୍ୟାଳୟ ଆଦି ଭୁବନେଶ୍ୱରସ୍ଥିତ ୨୪ ଗୋଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମସ୍ତ ସ୍କୁଲ ମୋଟ୍ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI
www.orissakhabar.com/www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ନଭେମ୍ବର ୪/୨୦୧୯ Sambalpur, Monday, November 4 / 2019

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଶିବରାମ


ବଳରାମ


ଅଭିଷେକ


ବାନା


ତୁଷାର


ହୃଷିକେଶ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

■ ବାପ୍ ଆରପାରେ

# ଦୁଇ ପୁଓର ଭବିଷତ୍ ଚିନ୍‌ତାରେ ମା'

କୋମନା, ୩।୧୧(ଡି.ଏନ୍.ଏ.)

ନୂଆପଡ଼ା ଜିଲା କୋମନା ବ୍ଲକ ଟିକ୍ରାପଡ଼ା ହାଟପଦା ପଡ଼ାର ବିଧବା ଶାନ୍ତି ରଣା(୨୦)। ଆପ୍‌ନେ ଆରପାରକେ ଚାଲିଗଲା ଉତାରୁ ଦୁଇ ଛୁଆକର ଦେଖ୍‌ଭାଲ, ଭବିଷତ୍ ଚିନ୍‌ତାରେ ସେ ଭାଂଗି ପଡ଼ିଛନ୍। ଏନ୍‌ତାଥି ସେ ସରକାରୀ ସାହାଯ୍ ଲାଗି ପରଶାସନକେ ଗୁହାରି କରିଛନ୍।

ସୂଚନା ଅନ୍‌ସାରେ ହାଟପଦା ପଡ଼ାର ସ୍ୱର୍ଗତ ଗଣେଶ ରଣା(୩୨) ହାଇଦାବାଦ ସହରରେ ଭିନେ ଭିନେ କମ୍ପାନୀରେ କାମ୍ କରି ଦୁଇ ପଏସା ରୁଜଗାର କରୁଥିଲେ। ସେ ଯାହା ରୁଜଗାର କରୁଥିଲେ ସେଥିରେ ତାକର ୪ ପରାନୀ କୁଟୁମ ଆରାମରେ ଚଲିଯାଉଥିଲେ। ହେଲେ ଗଣେଶ ସେଠାନେ କାମ୍ କଲା ଭିତରେ ତାକର ଦିହିପା ବିଗିଡ଼ି ଯାଇଥିଲା। ଏନ୍‌ତାଥି ସେ ଗଲା ଜୁଲାଇ ମାସେ ଗାଁକେ ଫିରିଆସିଥିଲେ। ମାଏକିନା ଶାନ୍ତି ଟଁକା ପଏସା ଧାର ଉଧାର କରି ଆପ୍‌ନେ ଗଣେଶଙ୍କୁ ନୂଆପଡ଼ା ଜିଲା ମୁଖିଆ ଡାକ୍‌ତରଖାନାରେ ଚିକିଛା ଲାଗି ଭରତି କରିଥିଲେ। ହେଲେ ସେଠାନେ ଚିକିଛା ହେଲା ଅବସ୍‌ତାରେ କଲା ଜୁଲାଇ ୨୮ ତାରିଖ ଗଣେଶକଁର ମୁରତ୍ତୁ ହେଇଥିଲା। ଏନ୍‌ତା ପରିସ୍ଥିତିରେ ଶାନ୍ତି ପୁଓ ସୁନ୍ଦରଲାଲ(୯) ଆର ହେମନ୍ତ(୬)କୁଁ କେନ୍‌ଥେଇ ପାଲପୋଷ କରବେ, ପାଠ୍ ପଢ଼େଇ ମୁନୁଷ୍ କରବେ ସେ ଚିନ୍‌ତାରେ ଭାଂଗି ପଡ଼ିଛନ୍। ଇଆଡ଼େ ଘରେ ନିଜର ବଲି ଆହା କରବାକେ କେହି ନାଇଁ। ଜମିବାଡ଼ି, ସଁପତି ବଲି କିଛି ନାଇଁ। ସରକାରୀ ସାହାଯ୍ କହେଲେ ମାସିକ ମିଲୁଥିବାର ୨୦ କେ.ଜି. ଚାଉଲ ନ ସାହାଭରସା। ଏନ୍‌ତାଥି ସଖାଲ ପାଏଲେ ପରହର କାମ୍‌ବୁତା ନାଇଁ କଲେ ଦୁଇ ଛୁଆକୁଁ ଭାତ ମୁଠେ ଦେବାର ସମ୍‌ଭବ ନାଇଁ ହେବାର ବଲି ଶାନ୍ତି କଁଦ୍‌କଁଦ୍‌ନିଆଁ ହେଇ କହିଥିଲେ। ଶେଷେ ଉପେ ଶୂଇନ୍ ଶାନ୍ତି ବିଧବା ଭତା, ଜାତୀୟ ପରିବାର ମଙ୍ଗଳ ଯୋଜନାର ସାହାଯ୍, ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ମାସିକ ୩୫ କେ.ଜି. ଚାଉଲ ଆର ଦୁଇ ଛୁଆକର ପାଠ୍‌ପଢ଼ା ବେବସ୍‌ତା କରବାକେ ଗଣମାଧମ ଜରିଆରେ ଜିଲା ପରଶାସନକେ ଗୁହାରି କରିଛନ୍।


ଦୁଇ ପୁଓର ସଂଗେ ବିଧବା ଶାନ୍ତି।

## ପୁଣେକୁ ସିଧାସଳଖ ଟ୍ରେନ୍ ଚଳାଇବାକୁ ଦାବି

ସମ୍ବଲପୁର,୩।୧୧(ବ୍ୟୁରୋ)

ସମ୍ବଲପୁରରୁ ସିଧାସଳଖ ପୁଣେକୁ ଏକ ଟ୍ରେନ୍ ଚଳାଇବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଡିଆରଏମ୍ ଜୟଦୀପ ଗୁପ୍ତାଙ୍କୁ ଭାଜପା ପ୍ରତିନିଧି ଦଳ ଭେଟି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ବଲପୁରରୁ ଦେଶର ବିଭିନ୍ନ ସହରକୁ ସିଧାସଳଖ ଟ୍ରେନ୍ ଚଳାଚଳ କରୁଛି। ପୁଣେରେ ମଧ୍ୟ ଅନେକ ଲୋକ ବସବାସ କରୁଛନ୍ତି। ଚାକିରି ଓ ପାଠ ପଢ଼ିବା ପାଇ ସେଠାକୁ ଯାଉଛନ୍ତି । ସମ୍ବଲପୁରରୁ ଜଣେ ପୁଣେ ଯିବାକୁ ହେଲେ ଭୁବନେଶ୍ୱର, ଝାରସୁଗୁଡ଼ା ଓ ରାୟପୁର ଷ୍ଟେଶନ ଉପରେ ନିର୍ଭର କରିବାକୁ ପଡୁଛି। ଏଣୁ ସମ୍ବଲପୁରରୁ ପୁଣେକୁ ସିଧାସଳଖ ଟ୍ରେନ୍ ଚଳାଚଳ କଲେ ଜନ ସାଧାରଣଙ୍କୁ ଲାଭ ମିଳିବ ବୋଲି ଭାଜପାର ଗୋବିନ୍ଦ ଅଗ୍ରୱାଲ, ମାନସ ବକ୍ସି, ମୁକେଶ ଜରିୱାଲ ଡିଆରଏମଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କରିଛନ୍ତି।

# ରାଜପଥ ଲୁଟେରା ଗ୍ୟାଙ୍ଗ୍‌ର ୮ ସଦସ୍ୟ ଗିରଫ

ଲଖନପୁର, ୩।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥରେ ଗତ ଶନିବାର ରାତିରେ ଏକ ଲୁଟେରା ଗ୍ୟାଙ୍ଗ ବ୍ରେକ୍‌ଡାଉନ୍ ଟ୍ରକ୍‌ରୁ ଡିଜେଲ ଚୋରି କରୁଥିବାବେଳେ ପୋଲିସ ହାତରେ ଧରାପଡିଛନ୍ତି। ପୋଲିସ ଲୁଟେରାମାନଙ୍କଠାରୁ ବିଭିନ୍ନ ପ୍ରକାର ଲୁଟ ସାମଗ୍ରୀ ଓ ଲୁଟ୍‌ରେ ବ୍ୟବହୃତ ସାମାନ ଜବତ କରିଛି। ଲୁଟ୍‌ରେ ସମ୍ପୃକ୍ତ ୮ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ଓଆର ୧୯ଏଚ୍ ୧୨୫୭ନଂ ଟ୍ରକ୍ ୪୯ ନଂ. ଜାତୀୟ ରାଜପଥ ଜୁନିଅନ୍ ନିକଟରେ ବ୍ରେକ୍‌ଡାଉନ୍ ହୋଇଥିଲା। ଏହାର ସୁଯୋଗନେଇ ଲୁଟେରା ଗ୍ୟାଙ୍ଗ ରାତି ସାଢ଼େ ୩ଟାରେ ସେଠାରେ ପହଞ୍ଚି ଟ୍ରକ୍ ଚାଳକଙ୍କୁ ଧମକ ଚମକ ଦେଇଥିଲେ। ଫଳରେ ଚାଳକ ଜଣକ ଜୀବନବିକଳରେ ନିକଟସ୍ଥ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ପରେ ଚାଳକ ଟ୍ରକ୍ ମାଲିକଙ୍କୁ ଘଟଣା ସମ୍ପର୍କରେ ଫୋନ୍‌ରେ ଜଣାଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଟ୍ରକ୍‌ମାଲିକ ଲଖନପୁର ପୋଲିସକୁ ଜଣାଇଥିଲେ। ଖବରପାଇ ପାଟ୍ରୋଲିଂ ଭ୍ୟାନ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଲୁଟେରାମାନେ ଫେରାର ହେବା ପାଇଁ ଉଦ୍ୟମ କରିଥିଲେ। ଘଟଣା ସ୍ଥଳରୁ ପୋଲିସ ୫ଜଣ ଲୁଟେରାଙ୍କୁ କାବୁ କରିଥିଲାବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ପରେ ଫେରାର ୩ ଲୁଟେରାଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ କୁଡ଼ାଲୋଇ ଗ୍ରାମର ଅରୂପସିନ୍ଧୁ ବାଗ(୨୧), କୃପାସିନ୍ଧୁ ବାଗ(୨୬), ଯୋଗେଶ୍ୱର ବାଗ(୨୪), ନାରାୟଣ ଭୋଇ(୨୮), କୁଡ଼ାଲୋଇ ବିଛୁଆପଡ଼ାର ସୁରୋଜ ମୁଣ୍ଡା(୨୦), ବିଶାଳ ଡାଙ୍ଗ(୨୧), ଋଷି କେର୍କେଟା(୨୧) ଓ ହାବିଲ ହାଓ(୨୭) ବୋଲି ପୋଲିସ ସୂଚନା ଦେଇଛି। ଏମାନଙ୍କ ନିକଟରୁ ପୋଲିସ ଓଆର ୨୩ଏ ୫୨୨୫ ନମ୍ବର ବିଶିଷ୍ଟ ଏକ ମାରୁତି କାର, ଓଡି ୧୫ ଏମ୍ ୭୮୧୯ ନମ୍ବର ବାଇକ୍, ଏକ ନମ୍ବର ବିହିନ ବାଇକ୍, ୨୫ ଲିଟର ଚୋରି ଡିଜେଲ, ଲୁହାରଡ, ପ୍ଲାଷ୍ଟିକ୍ ବ୍ୟାଗ୍, ପ୍ଲାଷ୍ଟିକ୍ ଜାର, ପାଇପ୍ ଆଦି ଜବତ କରିଛି। ଏନେଇ ବ୍ରେକ୍‌ଡାଉନ୍ ଟ୍ରକ୍ ଚାଳକ ପୂରନ୍ ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ଲଖନପୁର ପୋଲିସ କେସ୍ (ନଂ୧୨୮/୧୯)ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଲୁଟ୍‌ରେ ସମ୍ପୃକ୍ତ ୮ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ରବିବାର କୋର୍ଟ ଚାଲାଣ କରିଛି।


ଲୁଟ୍‌ରେ ବ୍ୟବହୃତ ସାମଗ୍ରୀ ସହ ଗିରଫ ଲୁଟେରାମାନେ।

■ ବ୍ରେକ୍‌ଡାଉନ୍ ଗାଡିକୁ ଲୁଟେରା ଗ୍ୟାଙ୍ଗର ଟାର୍ଗେଟ୍

■ ମାରୁତିକାର, ୨ବାଇକ୍, ଚୋରିରେ ବ୍ୟବହୃତ ସାମଗ୍ରୀ ଜବତ

# ରୋଗଣା ଭଉଣୀଙ୍କୁ ସିଟ୍ ନ ମିଳିବାରୁ ବସ୍ ଆଗରେ ଶୋଇଲେ ଭାଇ

ପଦ୍ମପୁର, ୩।୧୧ (ଡି.ଏନ.ଏ.)

ଅସୁସ୍ଥ ଥିବା ଭଉଣୀଙ୍କୁ ଚିକିତ୍ସା କରାଇବାକୁ ଚାନ୍ଦବାଲିରୁ ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଯିବାବେଳେ ବସ୍‌ରେ ସିଟ୍ ନ ମିଳିବାରୁ ତାଙ୍କ ଭାଇ ଗାଡ଼ିରୁ ଓହ୍ଲାଇ ରାସ୍ତାରେ ଶୋଇ ପ୍ରତିବାଦ ଜଣାଇଥିଲେ। ଏଥିଲାଗି ପ୍ରାୟ ୪୫ ମିନିଟ୍ ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପୋଲିସ ପହଞ୍ଚି ପ୍ରତିବାଦ ଜଣାଉଥିବା ଯୁବକଙ୍କୁ ବୁଝାଶୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସାବରଙ୍ଗ ଫାଣ୍ଡି ପୋଲିସ ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ ଚାନ୍ଦବାଲି ଅଞ୍ଚଳର ଏହି ଭଉଣୀଭାଇ ଏକ ବସ୍‌କୁ ଚଢ଼ିବା ପରେ ସିଟ୍ ନ ଥିବା ଦେଖି କଣ୍ଡକ୍ଟରଙ୍କୁ ଗୋଟିଏ ସିଟ୍ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ଅସୁସ୍ଥ ଥିବା ଯୁବତୀଙ୍କୁ ସିଟ୍ ମିଳି ନ ଥିଲା। ବସ୍ ଆସି ଭଦ୍ରକ ସଦର ବ୍ଲକ ଇଚ୍ଛାପୁରଠାରେ ପହଞ୍ଚିବା ପରେ ଯୁବକ ଜଣଙ୍କ ଓହ୍ଲାଇ ଜଣେ ରୋଗୀଙ୍କୁ ସିଟ୍ ନ ମିଳିବା ଘଟଣାରେ ପ୍ରତିବାଦ ଜଣାଇ ମଧ୍ୟାହ୍ନ ୧୨ଟା ବେଳେ ବସ୍ ଆଗରେ ରାସ୍ତାରେ ଶୋଇ ରହିଥିଲେ। ଏଭଳି ପରିସ୍ଥିତିରେ ରାସ୍ତାର ଦୁଇପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଥିଲା। ଭଦ୍ରକ-ଚାନ୍ଦବାଲି ରାସ୍ତା ସମେତ ଏହାକୁ ସଂଯୋଗ କରୁଥିବା ଭଦ୍ରକ-ବାସୁଦେବପୁର ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସାବରଙ୍ଗ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଯୁବକ ଜଣଙ୍କ ତାଙ୍କ ଭଉଣୀଙ୍କୁ ଅନ୍ୟ ଏକ ଗାଡ଼ିରେ ନେଇ ଭଦ୍ରକ ଯାଇଥିଲେ।



ବସ୍ ସମ୍ମୁଖରେ ଲୋକଙ୍କ ଭିଡ଼।

## ଟ୍ରକ୍-ଟ୍ରାକ୍ଟର ମୁହାଁମୁହିଁ, ୩୦ରୁ ଉର୍ଦ୍ଧ୍ୱ ଆହତ

ପଡ଼ିଆ,୩।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡ଼ିଆ ସଦର ମହକୁମାର ରାମମନ୍ଦିର ଛକ ନିକଟରେ ଏକ ଟ୍ରକ୍ ଏବଂ ଟ୍ରାକ୍ଟର ମୁହାଁମୁହିଁ ହୋଇଛି। ଫଳରେ ଟ୍ରାକ୍ଟର ଡାଲା ଓଲଟିଯିବାରୁ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ପଡ଼ିଆ ଚିକିତ୍ସାଳୟକୁ ପଠାଇଥିଲେ। ସୀମାନ୍ତ ଛତିଶଗଡ଼ର ଦରନାପାଲ ଅଞ୍ଚଳରୁ ଏକ ଟ୍ରାକ୍ଟର ଯୋଗେ ୩୦ରୁ ଉର୍ଦ୍ଧ୍ୱ ଯୁବତୀଯୁବକ ପଡିଆକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଆସି ରବିବାର ଭୋର ୪ଟା ବେଳେ ଦରନାପାଲ ଫେରୁଥିଲେ। ଏହି ସମୟରେ ରାମମନ୍ଦିର ଛକ ନିକଟରେ ଟ୍ରକ୍ ଏବଂ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇଥିଲା। ଚିକିତ୍ସାଧୀନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ତେଲଙ୍ଗାନା ରାଜ୍ୟ ଖମାମ୍ ଜିଲାର ଭଦ୍ରାଚଲମ୍ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ପରମେଶ୍ୱରୀ ଫୁଟବଲ: ମରାଲୋଏ ଚାମ୍ପିୟନ

ଉଲୁଣ୍ଡା, ୩।୧୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବିଶିପଡା ମା' ମାହେଶ୍ୱରୀ ଫୁଟବଲ ଆସୋସିଏଶନ୍ ପକ୍ଷରୁ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଆୟୋଜିତ ହୋଇଯାଇଛି। ଫାଇନାଲ ଖେଳରେ ମରାଲୋଏ ଦଳ ଘଣ୍ଟାପଡାକୁ ୪-୩ ଗୋଲରେ ହରାଇ ଚାମ୍ପିୟନ ହୋଇଛି । ଏହା ପୂର୍ବରୁ ଖେଳା ଯାଇଥିବା ମ୍ୟାଚଗୁଡିକରେ ଲାତୁରପେଟ ଦଳ ଉଲୁଣ୍ଡାକୁ ୬-୫ ଗୋଲରେ, ମରାଲୋଏ ଦଳ ସୋନପୁରକୁ ୩-୧, ବିଶିପଡା ଦଳ ବିଏମପୁରକୁ ୪-୨, ଘଣ୍ଟାପଡା ଦଳ କୁଡାପଡାକୁ ୨-୦ ଗୋଲରେ ପରାସ୍ତ କରିଥିଲା। ପ୍ରଥମ ସେମିଫାଇନାଲରେ ମରାଲୋଏ ଦଳ ଲାତୁରପେଟକୁ ୪-୩ ଏବଂ ଦ୍ୱିତୀୟ ସେମିରେ ଘଣ୍ଟାପଡଶ ଦଳ ବିଶିପଡାକୁ ଟାଇବ୍ରେକରରେ ୮-୭ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଖେଳ ସବୁକୁ ପ୍ରଶାନ୍ତ କୁମାର ସେଠୀ, ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର ଓ ଅଜିତ ନାୟକ ପରିଚାଳନା କରିଥିବା ବେଳେ ପ୍ରଭୁଦତ୍ତ ବିଶି ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ବିଶିପଡା ସରପଞ୍ଚ ପିଙ୍କି ବିଶି, ମୁଣ୍ଡୋଘାଟ ସରପଞ୍ଚ ରଞ୍ଜିତା ଭୋଇ, ଉଲୁଣ୍ଡା ସରପଞ୍ଚ ସନ୍ତୋଷିନୀ ଭୋଇ ଓ ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ଯୋଗଦେଇ ବିଜୟୀ ମରାଲୋଏ ଦଳକୁ ଟ୍ରଫି ସହ ୩୦୦୦ ଏବଂ ଉପବିଜେତା ଘଣ୍ଟାପଡାକୁ ଟ୍ରଫି ସହ ୨୦୦୦ ଟଙ୍କା ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ମରାଲୋଏର ମନୋଜ ପାଣ୍ଡେ, ଗୋଲକିପରି ଭାବେ ସୁରମ୍ୟ ପଧାନ ଓ ଶ୍ରେଷ୍ଠ ଡିଫେନ୍ସରେ ଘଣ୍ଟାପଡାର ଗୁପ୍ତେଶ୍ୱର ନାଏକଙ୍କୁ ପୁରସ୍କାର ଦିଆଯାଇଥିଲା। ଆୟୋଜକ ସମ୍ପାଦକ ଅନ୍ତକୁମାର ନାଏକଙ୍କ ନେତୃତ୍ୱରେ ଗୋବର୍ଦ୍ଧନ ବେହେରା, ସନ୍ତୋଷ ନାଏକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।


ରେଫରୀଙ୍କ ସହ ଫାଇନାଲ ମ୍ୟାଚ ଖେଳିଥିବା ମରାଲୋଏ ଓ ଘଣ୍ଟାପଡା ଦଳର ଖେଳାଳିମାନେ ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୪ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ଅମୃତା ମାତୃପିତୃ ସେବା କାର୍ଯ୍ୟକ୍ରମ

ଭବାନୀପାଟଣା,୩।୧୧(ଡି.ଏନ୍.ଏ.)
ସ୍ଥାନୀୟ ବାଲଗୋପାଲ ସେବା ନିକେତନ ଭବାନୀପାଟଣା ଓ ଆୟୁଧ (ମାତା ଅମୃତାନନ୍ଦ ମୟୀଙ୍କ ଯୁବ ଶାଖା) କଳାହାଣ୍ଡି ପକ୍ଷରୁ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କାଣିଗୁମା ଗ୍ରାମପଞ୍ଚାୟତ ଅମଠାଗୁଡାଠାରେ ଅମୃତ ମାତୃପିତୃ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିକଟବର୍ତ୍ତି ୨୫ଟି ଗ୍ରାମରୁ ୫୯୫ ଜଣ ବରିଷ୍ଠ ନାଗରିକମାନଙ୍କୁ କମ୍ବଳ ବଣ୍ଟନ ଏବଂ ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ମାତା ଅମୃତାନନ୍ଦ ମୟୀଙ୍କ ଶିଷ୍ୟା ଯଶୋଧାରା ମିଶ୍ର ଓ ସୁଲେଖା ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଡାକ୍ତର ଜଳନ୍ଧର ମେହେର, ଡାକ୍ତର ଅଶୋକ କୁମାର ମୁଣ୍ଡ, ଡାକ୍ତର ଅନୁପା ପାଣ୍ଡେ, ସୁଧିର କୁମାର ପଣ୍ଡା ସ୍ୱାସ୍ଥ୍ୟ ପରୀକ୍ଷାରେ ସାହାର୍ଯ୍ୟ କରିଥିଲେ। ବୟସ୍କଙ୍କୁ ଅବହେଳା ନ କରି ଉପଯୁକ୍ତ ସେବା ଓ ଯତ୍ନ ନେବା ପାଇଁ ଯୁବସମାଜକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବାଲଗୋପାଲ ସେବା ନିକେତନ ପ୍ରତିଷ୍ଠାତା ହେମନ୍ତ କୁମାର ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୂଆପଡା ଜିଲା ଗସ୍ତରେ କେବିକେ ମୁଖ୍ୟ ପ୍ରଶାସକ

# ସୁସ୍ୱାଦୁ ଖାଦ୍ୟ ତିଆରି ଉପରେ ବୁଝାଇଲେ

ନୂଆପଡା ଅଫିସ,୩।୧୧

ନୂଆପଡା ଜିଲା ଗସ୍ତରେ ଆସିଥିବା କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁର ରବିବାର ବିଭିନ୍ନ ଅଞ୍ଚଳ ବୁଲି ମାଣ୍ଡିଆ ଚାଷ ଦେଖିଥିଲେ। ଏଠାରେ ଏକ ଫୁଡ ଫେଷ୍ଟିଭାଲ ଦେଖି ଚାଷୀଙ୍କ ସମସ୍ୟା କଥା ବୁଝିଛନ୍ତି। ପୂର୍ବାହ୍ନ ସାଢେ ୧୧ଟାରେ ମୁଖ୍ୟ ପ୍ରଶାସକ ଠାକୁର ଏବଂ ଜିଲାପାଳ ମଧୁସ୍ମିତା ସାହୁ କୋମନା ବ୍ଲକର ବିଶିବାହାଲରେ ପହଞ୍ଚିଥିଲେ। ସେଠାରେ କୃଷି ବିଭାଗ ଏବଂ ମିଲେଟ ମିଶନ ତରଫରୁ ଚାଲିଥିବା ଫୁଡ ଫେଷ୍ଟିଭାଲରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ଜିଲାରେ ପ୍ରଥମ ଥର ପାଇଁ ମିଲେଟ ମିଶନ ଯୋଜନାରେ ମାଣ୍ଡିଆ, ଗୁର୍ଜି ଭଳି ଶସ୍ୟ ଚାଷ ଏବଂ ବିକ୍ରି ଉପରେ ସରକାର ଗୁରୁତ୍ୱ ଦେଇଥିବାବେଳେ ଏଥିରୁ ଲୋକେ କିପରି ଫାଇଦା ପାଇପାରିବେ ସେ ଉପରେ ପର୍ଯ୍ୟାୟକ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଏହିକ୍ରମରେ ଦୁଇ ଦିନ ଧରି ବିଶି ବାହାଲରେ ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଦଳ ପରିଚାଳନାରେ ଫୁଡ ଫେଷ୍ଟିଭାଲ ଚାଲିଛି । ଏଥିରେ କେବିକେ ମୁଖ୍ୟ ପ୍ରଶାସକ ଯୋଗଦେଇ ଚାଷୀଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ପ୍ରକାର ଖାଦ୍ୟ ଶସ୍ୟ ବୁଲି ଦେଖିଥିଲେ। ଏଥିରୁ କିପରି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ତିଆରି କରାଯିବ ସେ ଉପରେ ବୁଝାଇଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳରେ କରାଯାଇଥିବା କ୍ଷେତକୁ ଯାଇ ମାଣ୍ଡିଆ ଚାଷ ଦେଖିଥିଲେ। ଏହି ଟିମରେ ଜିଲା କୃଷି ଉପନିର୍ଦ୍ଦେଶକ ଜାହେଦ ମହମ୍ମଦ, ଓଡିଶା ଜୀବିକା ମିଶନର ଟିମନ ବାରା, ପ୍ରୋଜେକ୍ଟ ଅଧିକାରୀ ହିମାଂଶୁ କୁମାର ମହାପାତ୍ର ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ପ୍ରୋଜେକ୍ଟ ଅଧିକାରୀ ମହାପାତ୍ର ଚାଷ ଏବଂ ଚାଷୀଙ୍କ ଦକ୍ଷତା, ସମସ୍ୟା ସମ୍ପର୍କରେ ଗୋଟି ଗୋଟି କରି ଉପସ୍ଥାପନ କରିଥିଲେ। ଚାଷୀମାନଙ୍କ ଆଗ୍ରହ ଦେଖି ପ୍ରଶାସନ ଖୁସି ହୋଇଥିଲେ। ଚାଷୀଙ୍କ ସମସ୍ୟା ଉପରେ ବିଶେଷ ଦୃଷ୍ଟି ଦେବେ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଜିଲାରେ ଏହି ବର୍ଷ ୬୦୨.୦୩ ହେକ୍ଟର ଜମିରେ ଚାଷ କରାଯାଇଛି । ଏଥିରେ ୨୨୩୪ ଜଣ ଚାଷୀ ଭାଗ ନେଇଛନ୍ତି ।


ଅଧିକାରୀମାନେ ମାଣ୍ଡିଆ ଚାଷ ବୁଲି ଦେଖୁଛନ୍ତି ।

- ମାଣ୍ଡିଆ ଚାଷ ଦେଖିଲେ
- ଚାଷୀ ନିଜ ସମସ୍ୟା କହିଲେ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜିଲା ଧନ ପରକୁ ଦେଇ**
**ଗରଜି ମରୁଛୁ ଯାହା**
**ଦରଜ ନ ମେଣ୍ଟି ହଇରାଣ ହେଲୁ**
**ଦରଜ ହେଲାଣି ବାହା ।**

ଟଙ୍କା ଯାଏ ସିଧା ଆସେ ବଙ୍କା । ଟଙ୍କା ପଇସା ଅନ୍ୟକୁ ଉଧାର ଦେଲେ ତାହା ଠିକ୍ ସମୟରେ ଫେରି ପାଇବାର କୌଣସି ନିଶ୍ଚିତତା ନ ଥାଏ। ନେବା ଲୋକ ଆଜି ଦେବା କାଲି ଦେବା କହି ଦିନ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ନିରାଶା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଙ୍ଗୁଳି ସନ୍ଧିରେ ମଳି**
**ଭିତରେ ଭିତରେ ସଲାସୁତୁରାଲୋ**
**ଉପରେ ଉପରେ କଳି ।**

ଲୋକେ ଜାଣିବାକୁ ଦୁହିଁଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଉପରେ ବୁଝାମଣା ଏକଦମ୍ ଠିକ୍। ସ୍ୱାମୀ ସ୍ତ୍ରୀଙ୍କ ସମ୍ବନ୍ଧ ପରି ଘନିଷ୍ଠ ସମ୍ବନ୍ଧ। କପଟୀ ବ୍ୟକ୍ତିଙ୍କ ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଶିଶୁ ମନ୍ଦିରରେ ଶିଶୁ ବାଟିକା ଆଲୋଚନାଚକ୍ର

ବରଗଡ଼ ଅଫିସ୍,୩।୧୧

ବରଗଡ଼ କେଶବନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ରେ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ବିଦ୍ୟା ଭାରତୀ, ଶିକ୍ଷା ସମିତି ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଶିଶୁ ବାଟିକା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଂଘ ଚାଳକ ଅମରେନ୍ଦ୍ର ନାରାୟଣ ଯାଦବ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ପ୍ରାନ୍ତ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ପ୍ରଦୀପ ମଲ୍ଲିକ, ସଂଭାଗ ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତେଜସ୍ୱୀ ଦିଶ୍ରୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଧାନ ଆଚାର୍ଯ୍ୟ ଦାଶ ସ୍ୱାଗତ ଭାଷଣ ସହିତ ବିବରଣୀ ପ୍ରଦାନ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସି ପ୍ରତିନିଧିତ୍ୱ କରିଥିବା ଗୁରୁମା, ଗୁରୁଜୀ, ଅଧ୍ୟକ୍ଷା, ଅଧ୍ୟକ୍ଷ ଆଲୋଚନାଚକ୍ରର ବିଷୟ ଶିଶୁଶିକ୍ଷା(ପୂର୍ବ ପ୍ରାଥମିକ) ଭାରତୀୟ ସଂକଳ୍ପନା ଉପରେ ନିଜ ମତ ରଖିଥିଲେ । କ୍ଷେତ୍ରୀୟ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ସୁବାସ ଚନ୍ଦ୍ର ସାହୁ ସମୀକ୍ଷକ ଭାବେ ଯୋଗଦାନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ପ୍ରାଧ୍ୟାପକ ପ୍ରଦୀପ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ଅଭିମତ ପ୍ରଦାନ କରିଥିଲେ । ଗୁରୁମା ମଞ୍ଜୁଳା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ତନୁଜା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃଦ୍ଧାଙ୍କ ଶବଦାହ କଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍,୩।୧୧

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣେ ଅଜଣା ବୃଦ୍ଧାଙ୍କ ଶବକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ସଦସ୍ୟମାନେ ରବିବାର ଜିରାନଦୀ କୂଳ ସ୍ୱର୍ଗଦ୍ୱାରରେ ଦାହ କରିଛନ୍ତି। ଗତ କିଛିଦିନ ତଳେ ଅସହାୟ ଅବସ୍ଥାରେ ଥିବାବେଳେ ବୃଦ୍ଧାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ନିଷ୍ଠା ପରିବାରର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, ବିକାଶ ଅଗ୍ରୱାଲ, ଆଲୋକ ପ୍ରଧାନ, ମୀନକେତନ ଦାଶ, ଶେଷଦେବ ପ୍ରଧାନ, ବିପିନ ବିହାରୀ ପଣ୍ଡା ପ୍ରମୁଖ ଡାକ୍ତରଖାନାକୁ ପହଞ୍ଚିଥିଲେ ଏବଂ ଶବକୁ ନେଇ ସ୍ୱର୍ଗଦ୍ୱାରରେ ଦାହ କରିଥିଲେ ।


ଜିରାନଦୀ କୂଳରେ ଅଜଣା ବୃଦ୍ଧାଙ୍କ ଶବଦାହ କରାଯାଉଛି ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଜିଲାସ୍ତରୀୟ ବିଦ୍ୟାଳୟ ଦୌଡ଼କୁଦ, ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ

କୋମନା,୩।୧୧ (ଡି.ଏନ୍.ଏ.)

ନୂଆପଡା ଜିଲା କୋମନା ବ୍ଲକ ଭେଲାସ୍ଥିତ ଡ.କାଟଜୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୨ ଦିନିଆ ଜିଲାସ୍ତରୀୟ ଦୌଡ଼କୁଦ, ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଶିବପ୍ରସାଦ ବେହେରା, ବିଇଓ ନୂଆପଡା ରେଶମଲାଲ ନାଏକ, ଖେଳ ଓ ଶାରିରୀକ ନିରିକ୍ଷକ ମହେଶ କୁମାର ଦଣ୍ଡସେନା, ପ୍ରଧାନଶିକ୍ଷକ ହୃଷୀକେଶ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ୨ ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ନୂଆପଡା ଜିଲାର ସମସ୍ତ ଶିକ୍ଷାନୁଷ୍ଠାନର ୧୪ରୁ ଉର୍ଦ୍ଧ୍ୱ ଓ ୧୭ ବର୍ଷରୁ କମ ବର୍ଗର ଛାତ୍ରୀଛାତ୍ର ବିଭିନ୍ନ ବିଭାଗ ଖେଳରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ଠାକୁର, କୁଳମଣି ନିଆଁଲ, ବିବେକାନନ୍ଦ ମହାନ୍ତି, ଖେଳ ଶିକ୍ଷକ ପରେଶ ପାଣିଗ୍ରାହୀ ଓ ଦୁଷନ୍ତ ଶବର, ଶିକ୍ଷକ ସୁରେଶ ଶବର ପ୍ରମୁଖ ଉପସ୍ଥିତଥିଲେ। ମଞ୍ଚ ପରିଚାଳନା ବିଜୟ କୁମାର ନାଗ କରିଥିବା ବେଳେ ପ୍ରବୀଣ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ସାମାଜିକ କର୍ମୀଙ୍କ ପରଲୋକ

ବରଗଡ଼ ଅଫିସ୍,୩।୧୧

କ୍ରାନ୍ତିକାରୀ ତଥା ବିପ୍ଳବୀ ଗୀତ ଗାଇ କେବଳ ଜିଲା ନୁହେଁ, ଜିଲା ବାହାରେ ପରିଚିତ ଥିବା ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ଗ୍ରାମର ସାମାଜିକ କର୍ମୀ ସରୋଜ ଛନ୍ଦ(୩୪)ଙ୍କ ଶନିବାର ରାୟପୁରର ଏକ ଡାକ୍ତରଖାନାରେ ପରଲୋକ ହୋଇଛି। ତାଙ୍କ ପରଲୋକରେ ବରଗଡ଼ ଜିଲା ସମେତ ଜିଲା ବାହାରେ ଶୋକ ପ୍ରକାଶ ପାଇଛି। ରବିବାର ସନ୍ଧ୍ୟାରେ ଗାଁକୁ ମୃତଦେହ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଗ୍ରାମବାସୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସରୋଜ ରକ୍ତ କର୍କଟରେ ଆକ୍ରାନ୍ତ ଥିଲେ । ଏହାସତ୍ତ୍ୱେ ସେ ବିଭିନ୍ନ ସାମାଜିକ ଆନ୍ଦୋଳନରେ ସାମିଲ ହୋଇ ବିପ୍ଳବୀ ଗୀତ ଗାଇବା ସହିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ । ଏଥିପାଇଁ ସେ ଓଡ଼ିଶା ସମେତ ବାହାର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଗତ କିଛିଦିନ ତଳେ ସେ ଚିକିତ୍ସା ପାଇଁ ଦିଲ୍ଲୀ ଏମସ୍‌କୁ ଯାଇଥିଲେ । ସେଠାରୁ ରାୟପୁର ଦେଇ ଘରକୁ ଫେରୁଥିଲେ। ମାତ୍ର ଶନିବାର ରାୟପୁର ରେଳ ଷ୍ଟେଶନରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ରେଳବାଇ ପୋଲିସ ଦେଖିବାକୁ ପାଇଥିଲେ ଏବଂ ତାଙ୍କୁ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସରୋଜଙ୍କ ପାଖରେ ରହିଥିବା ଭୋଟର ପରିଚୟ ପତ୍ର ଦେଖି ଅତାବିରା ପୋଲିସକୁ ସୂଚନା ଦେଇଥିଲେ। ତେବେ ରାୟପୁରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ହୋଇଥିଲା ।


ସରୋଜ ଛନ୍ଦ (ଫାଇଲ ଫଟୋ)।

# ଗାଁ ରାସ୍ତା ସଫେଇ କଲେ ଏସ୍‌ଏଚ୍‌ଜି ମହିଳା

ଜହ୍ନାପଙ୍କ, ୩।୧୧ (ଡି.ଏନ୍.ଏ)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗ୍ରାମ ରାସ୍ତାକୁ ରବିବାର ଏସ୍‌ଏଚ୍‌ଜି ମହିଳାମାନେ ସଫେଇ କରିଛନ୍ତି। ମାଁ ସରସ୍ୱତୀ ସ୍ୱୟଂ ସହାୟକ ଦଳର ସଭାପତି ସୁମତି କଅଁର, ସମ୍ପାଦକ ଆରତୀ ବେହେରା, ମାଁ ମାହେଶ୍ୱରୀ ଏସଏଚଜି ସଭାପତି ଉଲାସ ଖପରଧୁଆ, ସମ୍ପାଦକ ନୀନା ନାଏକ, ଆଞ୍ଚଳିକ ମଞ୍ଚର ସଭାପତି ପଦ୍ମିନୀ ପ୍ରଧାନ ଏବଂ ସିଆରପି କମଳିନୀ ପ୍ରଧାନଙ୍କ ନେତୃତ୍ୱରେ ମହିଳାମାନେ ଗାଁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ। ଏଥିରେ ୨୦ଜଣ ମହିଳା ସାମିଲ ହୋଇଥିଲେ ।


ମହିଳାମାନେ ଗାଁ ରାସ୍ତା ସଫେଇ କରୁଛନ୍ତି ।


## ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ
(ପାୱାର୍ ୱିଙ୍ଗ୍)

BHAKRA BEAS NATION'S PRIDE

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଏନ୍‌ଆଇଟି ନଂ.466/ପିଏଚ୍‌ଡି/ପିଓଏନ୍‌ଜି-341 ତାରିଖ: 30.10.2019

**କାର୍ଯ୍ୟାଳୟର ନାମ:** ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍‌ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-I, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035

**କାର୍ଯ୍ୟର ନାମ:** ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଚ୍‌ଟି ପାୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ଏହାର ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ<br>ଶେଷ ତାରିଖ: 20.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ଦସ୍ତାବିଜ ଅପ୍‌ଲୋଡିଂର ଶେଷ ତାରିଖ ଓ ସମୟ | 05.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 06.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-I) | 06.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ସ୍ୱତନ୍ତ୍ରତା ମୂଲ୍ୟ, ବିସ୍ତୃତ ଏନ୍‌ଆଇଟି ଏବଂ ଅମାନତ ରାଶି ତଥା ସବିଶେଷ ଏନ୍‌ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: **www.bbmbeproc.abcprocure.com, www.bbmb.gov.in**

372-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ



## OFFICE OF THE NOTIFIED AREA COUNCIL, BINKA

**Dist: Subarnapur (Pin-767019),Email id: nacbinka@gmail.com, Phone/Fax: 06654-241113**

**E-tender call notice No. 1606/ 02.11.2019**

**Tender Reference No. BINKA-NAC-04/2019-20**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| | | |
|---|---|---|
| 1 | Type of the work:- | Civil work |
| 2 | No. of works:- | 13 Nos. |
| 3 | Estimated Cost:- | As per DTCN |
| 4 | Period of Completion:- | As per DTCN |
| 5 | Date & Time of Bidding from:- | Dtd. 04.11.2019 after 10.00 AM |
| 6 | Last date & time for receipt online:- | Dtd. 13.11.2019 upto 05.00 PM |
| 7 | Documents will be received by post/O/o Executive Officer on or before:- | Dtd. 14.11.2019 upto 05.30 PM |
| 8 | Bids received shall be opened on:- | Dtd. 15.11.2019 at 10.00 AM |
| 9 | Name and address of the Officer inviting Bid:- | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer**
**Notified Area Council, Binka**


# ଦ୍ୱିତୀୟ ଦିନରେ ଦଳିତ ଅଧିକାର ମଞ୍ଚର ନ୍ୟାୟ ପଦଯାତ୍ରା

କୋମନା,୩।୧୧ (ଡି.ଏନ୍.ଏ.)

- ଉଦ୍ୟାନବନ୍ଧସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ
- ଜିଲା ଗଠନର ୨୬ ବର୍ଷ ପରେ ମଧ୍ୟ ବିକାଶ ଶୂନ୍

ନୂଆପଡା ଜିଲାର ବିଭିନ୍ନ ସମସ୍ୟା ନେଇ ଖଡିଆଳ ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଶନିବାରରୁ ବାହାରି ଥିବା ନ୍ୟାୟ ପଦଯାତ୍ରା ରବିବାର ୨ୟ ଦିନରେ ପହଞ୍ଚିଛି। ଏଥିରେ ମଞ୍ଚର ଶତାଧିକ କର୍ମକର୍ତ୍ତା ଏକଜୁଟ ହୋଇ ଖଡିଆଳସ୍ଥିତ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରା ଆରମ୍ଭ ହୋଇଥିଲା। ପଦଯାତ୍ରାରେ ଗାଁ ଗାଁ ବୁଲି ଲୋକଙ୍କୁ ଅବଗତ କରାଯିବା ସହ ନିଜ ହକ୍ ପାଇଁ ନ୍ୟାୟ ପଦଯାତ୍ରାରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା। ୨୫ କି.ମି. ନ୍ୟାୟ ପଦଯାତ୍ରା ପରେ ସମସ୍ତେ କୋମନାରେ ପହଞ୍ଚ ରାତ୍ରିରହଣି କରିଥିଲେ। ରବିବାର ସକାଳୁ ପୁଣି ପଦଯାତ୍ରାରେ ବାହାରି ଉଦ୍ୟାନବନ୍ଧସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡି କହିଥିଲେ ଜିଲା ଗଠନର ୨୬ ବର୍ଷ ପରେ ମଧ୍ୟ ଜିଲାର ବିକାଶ ହେବା ପରିବର୍ତ୍ତେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଫଳରେ ଯୋଗ୍ୟ ହିତାଧିକାରୀମାନେ ପ୍ରତ୍ୟେକ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଦାଦନ ନିର୍ଯାତନାଠାରୁ ଆରମ୍ଭ କରି ଚାଷୀ ସମସ୍ୟା, ରୋଜଗାର, ଜାତୀୟ ରାଜପଥ ନିର୍ମାଣ, ପିଇବା ପାଣି ଭଳି ଅନେକ ସମସ୍ୟାର ନ୍ୟାୟ ପାଇଁ ସମସ୍ତେ ଏକଜୁଟ ହୋଇ ଆସନ୍ତା ୫ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଦାବି ଜଣାଇବା ପାଇଁ ନ୍ୟାୟ ପଦଯାତ୍ରାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଭଗବାନ ତାଣ୍ଡି, ପାଶା ମହାନନ୍ଦଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।



ଦଳିତ ଅଧିକାର ମଞ୍ଚର ନ୍ୟାୟ ପଦଯାତ୍ରା ।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିହନ ପ୍ରଦାନ

କେସିଙ୍ଗା,୩।୧୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଆତ୍ମା ଆନୁକୂଲ୍ୟରେ କେସିଙ୍ଗାସ୍ଥିତ ସହକାରୀ କୃଷି କାର୍ଯ୍ୟାଳୟ ସଭା ଗୃହରେ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୪୦ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ୪୦ଜଣ ମହିଳା ଚାଷୀ ଓ ୧୦ ଜଣ ପୁରୁଷ ଚାଷୀଙ୍କୁ ଉନ୍ନତଧରଣ ପିଆଜ ଓ ପନିପରିବା ମଞ୍ଜି ମାଗଣାରେ ପ୍ରଦାନ କରାଯାଇଥିଲା। ଶିବିରରେ ବୌଦ୍ଧ ଜିଲାସ୍ଥିତ ତାଲଝରର ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ ବୈଷୟିକ ଅଧିକାରୀ ରଞ୍ଜିତ କୁମାର ଦାଶ ଯୋଗଦେଇ ଉନ୍ନତମାନର ପନିପରିବା ଚାଷ ବିଷୟରେ ତାଲିମ ଦେଇଥିଲେ। କେସିଙ୍ଗା ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ର, ଉଦ୍ୟାନ ଅଧିଦର୍ଶକ ଦୁର୍ବାଦଳ ମାଝି, ସହକାରୀ ଉଦ୍ୟାନ ଅଧିକାରୀ ଅନନ୍ତ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ବୈଷୟିକ ପରିଚାଳକ ଲୋକନାଥ ପାଇକରାୟ ଶିବିର ପରିଚାଳନା କରିଥିଲେ ।



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।

- ସେକ୍ସପିୟର

# କଥା କଟାକଟିରୁ ଗୋଷ୍ଠୀ ସଂଘର୍ଷ

**ଭଟଲି,୩।୧୧(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ କେଶାଇପାଲି ଓ ତରାଜୁଙ୍ଗା ଗାଁର କେତେକ ଯୁବକଙ୍କ ମଧ୍ୟରେ ଶନିବାର ରାତିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ରବିବାର ଉଗ୍ରରୂପ ନେଇଛି । ଖେଳ ପଡିଆରେ ଉଢବାଟକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ଜଣାପଡିଛି। ଏଥିରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

ପୋଲିସ ସୂଚନା ଅନୁସାରେ, ଶନିବାର ରାତିରେ ତରାଜୁଙ୍ଗାରେ ଥିବା ଖେଳ ପଡ଼ିଆରେ କଥା କଟାକଟିକୁ କେନ୍ଦ୍ର କରି ଉକ୍ତ ଗାଁର କେତେକ ଯୁବକ କେଶାଇପାଲି ଗ୍ରାମର ଅରବିନ୍ଦ ବାରିକ ଏବଂ ତରାଜୁଙ୍ଗାର ସବାବ ଖାଁଙ୍କୁ ମାଡ଼ ମାରିଥିବା ଭଟଲି ଥାନାରେ ଅଭିଯୋଗ ହୋଇଥିଲା । ଏଥିରେ ଅରବିନ୍ଦ ଗୁରୁତର ଆହତ ହୋଇ କଟକର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ସବାବ ମଧ୍ୟ ଗୁରୁତର ଥିବା ଜଣାପଡ଼ିଛି। ରବିବାର ସକାଳେ ଅରବିନ୍ଦଙ୍କ ସମ୍ପର୍କୀୟ ଏ ନେଇ ଭଟଲି ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ଗିରଫ କରା ନ ଯିବାରୁ କେଶାଇପାଲି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ତରାଜୁଙ୍ଗା ଗ୍ରାମକୁ ଆସି ଖେଳ ପଡ଼ିଆରେ ହଳ କରିଦେବା ସହିତ ଗ୍ରାମର ମାହାରପଡ଼ା ଏବଂ କଲୋନୀ ପଡ଼ାର କୃପାସିନ୍ଧୁ ସେଠ୍, ରାମଦାସ ଭୁଏ, ମାନ୍ଦଲୁ ପଟନିଆଁ, ମାହାଦେବ ବାରିକ, ସୁଜନ ଭୁଏ, ସମାରୁ ଭୁଏ ଏବଂ ନାଏଡୁ ଡୁମଲିଆଙ୍କ ଘରକୁ ଭଙ୍ଗାରୁଜା କରିଥିଲେ। ଏହାପରେ ତରାଜୁଙ୍ଗା ଗ୍ରାମର ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ କେଶାଇପାଲି ଗ୍ରାମବାସୀ ଭଟଲି ଥାନା ସମ୍ମୁଖରେ ଜଗି ବସିଥିଲେ । ଅନ୍ୟପକ୍ଷେ ତରାଜୁଙ୍ଗା ଗ୍ରାମ ଉପରୋକ୍ତ ପଡ଼ାର ମହିଳାପୁରୁଷ ଘର ଭଙ୍ଗାରୁଜାକୁ ବିରୋଧ କରି ଠେଙ୍ଗାବାଡ଼ି ଧରି ବରଗଡ଼-ଅମ୍ବାଭୋନା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ବରଗଡ଼ ଜିଲା ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ଭଟଲି ଥାନା ଅଧିକାରୀ ରଞ୍ଜିତ ନାଏକ, ଅମ୍ବାଭୋନା ଥାନା ଅଧିକାରୀ ଆଲୋକ ବେହେରା, ବରଗଡ଼ ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ଭଙ୍ଗାରୁଜା ହୋଇଥିବା ଘରଗୁଡ଼ିକ ବୁଲି ଦେଖିଥିଲେ । ଏହାପରେ ରାତି ପ୍ରାୟ ସାଢ଼େ ୮ଟାରେ ଗ୍ରାମବାସୀ ରାସ୍ତା ଅବରୋଧରୁ ଉଠିଥିଲେ । ଏ ନେଇ ଭଟଲି ଥାନାରେ ଖବର ଲେଖା ହେବା ପର୍ଯ୍ୟନ୍ତ (ରାତି ୯ଟା) କେଶାଇପାଲିର ପରଦେଶୀ ସାହୁଙ୍କ ଅଭିଯୋଗ କ୍ରମେ ଏକ ମାମଲା (ନଂ.୧୮୦/୧୯) ରୁଜୁ ହୋଇଥିବାବେଳେ ତରାଜୁଙ୍ଗା ଗ୍ରାମର ମହାବୀର କ୍ରିକେଟ ଆସୋସିଏଶନର ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା (ନଂ.୧୭୯/୧୯) ରୁଜୁ ହୋଇଛି । ତେବେ ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି ।



ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ତରାଜୁଙ୍ଗା ଗ୍ରାମବାସୀ ବରଗଡ଼-ଅମ୍ବାଭୋନା ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି ।

**ଭଟଲି**
- ତରାଜୁଙ୍ଗାରେ ମହିଳା ପୁରୁଷଙ୍କ ରାସ୍ତା ଅବରୋଧ
- କେଶାଇପାଲି ଗ୍ରାମବାସୀଙ୍କ ଦ୍ୱାରା ଘରଦ୍ୱାର ଭଙ୍ଗାରୁଜା

## ସଂକ୍ଷେପରେ

### ଅନନ୍ତମୁଖୀ ପାରାୟଣ

ଗାଇସିଲେଟ, ୨।୧୧ (ଡି.ଏନ.ଏ)
ଗାଇସିଲେଟ ବ୍ରାହ୍ମଣ ସମାଜ ତରଫରୁ କଳଙ୍ଗାପାଲିରେ ଅନନ୍ତମୁଖୀ ପାରାୟଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗାଇସିଲେଟ, କଲଙ୍ଗାପାଲି, ଭେଲୁଆପଦର, ବୁରୋମୁଣ୍ଡା, କନ୍ଧମୁଣ୍ଡା, କୁଦଲା ଗ୍ରାମର ଅନେକ ବ୍ରାହ୍ମଣ ଆସି ଶ୍ରୀମଦ ଭଗବତ ଗୀତା, ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଗ୍ରନ୍ଥ ପଠନ କରିଥିଲେ । ମୀନକେତନ ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ଶୈଳଭାମା ତ୍ରିପାଠୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜକ ଥିଲେ । ନବୀନ ତ୍ରିପାଠୀ ଓ ସଦାନନ୍ଦ ପାଢ଼ୀ ସହଯୋଗ କରିଥିଲେ ।

### ଆଞ୍ଚଳିକ ସଚେତନ ନାଗରିକ ମଞ୍ଚ ଗଠିତ

ଜମ୍ବାପଙ୍କ, ୩।୧୧ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଜମ୍ବାପଙ୍କ ଗାୟତ୍ରୀ ପ୍ରଜ୍ଞା ପୀଠରେ ନବୀନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରବିବାର ଅଞ୍ଚଳର ସଚେତନ ନାଗରିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ସଚେତନ ନାଗରିକ ମଞ୍ଚ ନାମରେ କମିଟି ଗଠନ କରାଯାଇଥିଲା । ନବୀନ କୁମାର ପ୍ରଧାନ ସଭାପତି, ସ୍ୱାଧୀନ କୁମାର ପ୍ରଧାନ ସମ୍ପାଦକ, ରାଜେଶ୍ୱର ବାରିକ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିଲେ। ଶେଷରେ ସ୍ୱାଧୀନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଲକ୍ଷ୍ମୀପ୍ରସାଦ, ଖୁଣ୍ଟବନ୍ଧ, ତେଲିବନ୍ଧ, ପଦ୍ମନପୁର, ମୁଣ୍ଡାପଡା ଓ ବ୍ରାହ୍ମଣୀପାଲି ପଞ୍ଚାୟତରୁ ପ୍ରାୟ ୫୦ ଜଣ ସଭ୍ୟ ଯୋଗ ଦେଇଥିଲେ ।

### କିରାଣିସ୍ତରରେ ଅଦଳବଦଳ

ବୌଦ୍ଧ,୩।୧୧(ସ୍ୱ.ପ୍ର)
ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ଶନିବାର ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକମାନଙ୍କର ଏକ ବଡଧରଣର ଅଦଳବଦଳ କରାଯାଇଛି । ମିଳିଥିବା ସୂଚନା ମୁତାବକ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୯୧୫୭ ତାରିଖ ୨.୧୧.୧୯ ଅନୁଯାୟୀ ୭ ଜଣ ଉପବିଭାଗ ଅଧିକାରୀଙ୍କୁ ଅଦଳବଦଳ କରାଯାଇଛି । ସେହିପରି ପତ୍ରସଂଖ୍ୟା ୯୧୬୨ ତାରିଖ ୨.୧୧.୧୯ ଅନୁଯାୟୀ ୨୪ଜଣ ବରିଷ୍ଠ ରାଜସ୍ୱ ସହାୟକ ଓ ପତ୍ରସଂଖ୍ୟା ୯୧୬୭ ତା ୨.୧୧.୧୯ ଅନୁଯାୟୀ ୧୦ ଜଣ କନିଷ୍ଠ ସହାୟକଙ୍କ ବଦଳି କରାଯାଇଛି। ୫ଟି ସଚିବଙ୍କ ବୌଦ୍ଧ ଗସ୍ତ ପରେ ଏହା ବୌଦ୍ଧ ଜିଲା ରାଜସ୍ୱ କର୍ମଚାରୀଙ୍କ ମଧ୍ୟରେ ବଡଧରଣର ଅଦଳବଦଳ ହୋଇଥିବା ଜଣାପଡିଛି ।

### ୨୧ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ମନମୁଣ୍ଡା, ୩।୧୧ (ଡି.ଏନ.ଏ)
ମନମୁଣ୍ଡା ସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ଶନିବାର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ସ୍କୁଲ ଅଧକ୍ଷା ବୁଲବୁଲି ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ଶିକ୍ଷୟତ୍ର ସୁଲେଖା ସାହୁ, ସସ୍ମିତା ଦେହୁରୀ, ଅଙ୍କିତା ଶତପଥି, ପୂର୍ଣ୍ଣିମା ମିଶ୍ର, ସୁଜାତା ଦଣ୍ଡିଆ, ଅଜିତା ତଣ୍ଡକା ପ୍ରମୁଖ ସହଯୋଗ କରିଥିଲେ । ବିଚାରକ ଭାବେ ସିଆରସିସି ପ୍ରଜୀଣା ପାଢ଼ୀ, ଶିକ୍ଷୟିତ୍ରୀ ପଦ୍ମାସିନୀ ମେହେର ଏବଂ ବୈଦ୍ୟନାଥ ହୋତା ଯୋଗ ଦେଇଥିଲେ ।

### ତ୍ରିନାଥ ମେଳାର ବାର୍ଷିକ ଉତ୍ସବ

ବାଉଁଶୁଣୀ, ୩।୧୧ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ବଉଦିଆପଡାରେ ରବିବାର ୧୮ତମ ତ୍ରିନାଥ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରେ ମହାନନ୍ଦୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଗୋପୀନାଥ ମେହେର ଓ ସ୍ତ୍ରୀ କ୍ଷୀରାବ୍ଦି ମେହେର ପୂଜାର କର୍ତ୍ତା ଥିଲେ । ପୂଜକ ଭାବେ ହରେକୃଷ୍ଣ ପୁରୋହିତ ପୂଜାକାର୍ଯ୍ୟ ତୁଲାଇଥିଲେ । ଏହା ସହିତ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ନାମଯଜ୍ଞରେ ବଉଦିଆପଡା, ସୋନପୁରିଆପଡା, ଟିକିରାପଡା, ଗଡଭିତର, ଜମଘାଟିର କୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ। ଗୁଣନିଧି ମେହେର, ପଞ୍ଚାନନ ମେହେର, ଶମ୍ଭୁ ସେଠୀ, ସୁମନ୍ତ ସେଠୀ, ବୁଦ୍ଧଦେବ ମେହେରଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

# ଆର୍ଥିକ ଅନ୍ତର୍ଭୁକ୍ତି, ସାକ୍ଷରତା ସଚେତନତା ଶିବିର

**ଘେଁସ,୩।୧୧(ଡି.ଏନ.ଏ)**

ସୋହେଲା ବ୍ଲକ ଅନ୍ତର୍ଗତ ପେଟୁପାଲିଠାରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଘେଁସ ଶାଖା ପକ୍ଷରୁ ଶନିବାର ଆର୍ଥିକ ଅନ୍ତର୍ଭୁକ୍ତି ଓ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶାଖା ପରିଚାଳିକା ଲିପ୍‌ସା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପେଟୁପାଲି ସରପଞ୍ଚ ଘୋଷାମଣି ବାଗ ମୁଖ୍ୟଅତିଥି, ସମିତିସଭ୍ୟ କୁଞ୍ଜ ବିହାରୀ ପଧାନ, ଏଏନଏମ ଅଞ୍ଜଳି ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଯଥା ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ଏଟିଏମ କାର୍ଡ ବ୍ୟବହାର, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ, ସୁନା ଋଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସେହିପରି ଦୁର୍ନୀତି ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାସଭ୍ୟ, ସଚେତନ ନାଗରିକ ତଥା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ସିଟି ବସ୍ ଚଳାଚଳ ଦାବିରେ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ



ମହିଳା ନେତ୍ରୀମାନେ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

**ବିଜେପୁର, ୩।୧୧ (ଡି.ଏନ.ଏ)**

ବିଜେପୁରରୁ ବରଗଡ଼ ଜିଲା ସଦର ମହାକୁମାକୁ ସିଟି ବସ୍ ଚଳାଚଳ ପାଇଁ ଦାବି ହୋଇଛି । ଏ ନେଇ ବିଜେଡି ମହିଳା ସଙ୍ଗଠନର ନେତ୍ରୀମାନେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ତାଙ୍କ ବାଉଁଶେନମୁରା ସ୍ଥିତ ବାସଭବନରେ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ବିଜେପୁରରୁ ବରଗଡକୁ ଭୋରରୁ ସନ୍ଧ୍ୟା ପର୍ଯ୍ୟନ୍ତ ଯାତାୟତ କରିବାକୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ସିଟି ବସ୍ ଚଳାଚଳ କଲେ ଅଞ୍ଚଳବାସୀ ଉପକୃତ ହେବେ। ସେହିପରି ପୂର୍ବରୁ ଏହି ବାଟ ଦେଇ ରାଜଧାନୀକୁ ଯାତାୟାତ କରୁଥିବା ସରକାରୀ ବସ ଚଳାଚଳକୁ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହୋଇଛି। ଖୁବ ଶୀଘ୍ର ଏହି ପ୍ରସଙ୍ଗରେ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ମନ୍ତ୍ରୀ ସିଂ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଶକୁନ୍ତଳା ମହାପାତ୍ର, ସୁଷମା ଭୋଇ, ନନ୍ଦିନୀ ଷଡଙ୍ଗୀ, ମନ୍ଦାକିନୀ ସାହା, ମଞ୍ଜରୀ ଗୁରୁ ପ୍ରମୁଖ ମହିଳା ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ପୋଖରୀ ଖନନରେ ଲାଞ୍ଚ ଭିଡିଓ ଭାଇରାଲ

**ବରଗଡ଼ ଅଫିସ୍/ପାଇକମାଲ,୩।୧୧**

ବରଗଡ଼ ଜିଲା ପାଇକମାଲ ବ୍ଲକ ମହୁଲପାଲି ଗ୍ରାମରେ ମାଛ ଚାଷ ପାଇଁ ପୋଖରୀ ଖନନରେ ବିଭାଗୀୟ ମତ୍ସ୍ୟ ଅଧିକାରୀ ଚାଷୀ ବୈଲୋଚନ ପ୍ରଧାନଙ୍କଠାରୁ ଲାଞ୍ଚ ନେବା ଘଟଣାର ଭିଡ଼ିଓ ଭାଇରାଲ ହୋଇଛି । ଏ ନେଇ ବରଗଡ଼ ଜିଲାପାଳ ଏବଂ ଭିଜିଲାନ୍ସ ଡିଏସପିଙ୍କଠାରେ ମଧ୍ୟ ଲିଖିତ ଅଭିଯୋଗ କରିଥିବା ବୈଲୋଚନ ପ୍ରକାଶ କରିଛନ୍ତି । ସେ ଅଭିଯୋଗ କରିଛନ୍ତି, ଗତ ୨୦୧୬ ମସିହାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ମାଛଚାଷ ପୋଖରୀ ଖନନ ପାଇଁ ବୈଲୋଚନଙ୍କ ସ୍ତ୍ରୀ ବାସନ୍ତୀଙ୍କ ନାମରେ ୬ ଲକ୍ଷ ୮୦ହଜାର ଟଙ୍କା ମଞ୍ଜୁର ହୋଇଥିଲା । ସେଥିରେ ୩ ଲକ୍ଷ ୪୦ହଜାର ଟଙ୍କା ରିହାତି ପାଇବାର ଥିଲା । ମହୁଲପାଲି ଗ୍ରାମରେ ରହିଥିବା ନିଜ ଜମିରେ ସେମାନେ ମାଛଚାଷ ପାଇଁ ପୋଖରୀ ଖୋଳାଇଥିଲେ । ମାତ୍ର ସରକାରଙ୍କ ଯୋଜନା ଅନୁଯାୟୀ ତାଙ୍କ ସ୍ତ୍ରୀଙ୍କୁ ରିହାତି ମିଳି ନ ଥିବା ବୈଲୋଚନ ଅଭିଯୋଗ କରିଛନ୍ତି । ଅନ୍ୟପଟେ ସେହି ରିହାତି ଟଙ୍କା ପାଇବା ପାଇଁ ସ୍ଥାନୀୟ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଗତ ଏପ୍ରିଲ ୨୩ ଏବଂ ୨୭ତାରିଖ ଦୁଇଟି ପର୍ଯ୍ୟାୟରେ ୧ଲକ୍ଷ ୨୦ହଜାର ଟଙ୍କା ଲାଞ୍ଚ ନେଇଥିବା ବୈଲୋଚନ ଅଭିଯୋଗ କରିଛନ୍ତି । ଲାଞ୍ଚ ନେବା ସମୟର ଭିଡ଼ିଓ ମଧ୍ୟ ତାଙ୍କ ପାଖରେ ରହିଛି ବୋଲି ସେ କହିଛନ୍ତି । ଅପରପକ୍ଷେ ଏ ସମ୍ପର୍କରେ ପାଇକମାଳ ମତ୍ସ୍ୟ ଅଧିକାରୀ ସେଠୀଙ୍କୁ ପଚରାଯିବାରୁ ସେହି ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ୧ଏକର ପରିମିତ ଜମିରେ ପୋଖରୀ ଖନନ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ସମ୍ପୃକ୍ତ ଚାଷୀ ୬୦ଡେସିମିଲ ଜମିରେ ପୋଖରୀ ଖୋଳିଥିଲେ ଏବଂ ତାର ଗଭୀରତା ଆବଶ୍ୟକତା ଅନୁଯାୟୀ ନ ଥିଲା । ନିର୍ଦ୍ଧାରିତ ମତେ ସମ୍ପୃକ୍ତ ଚାଷୀଙ୍କୁ ୯୩ହଜାର ୬୦୦ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ବୈଲୋଚନ ଯେଉଁ ଭିଡ଼ିଓ ଦେଖାଉଛନ୍ତି, ତାହା ଟଙ୍କା ନୁହେଁ, ସେହି ପୋଖରୀର ପ୍ରୋଜେକ୍ଟ ଫଟୋ ରହିଥିବା ସେଠୀ କହିଛନ୍ତି ।

# କାଳୀପୂଜା ଭସାଣି ସମ୍ପନ୍ନ



ଭସାଣି ଶୋଭାଯାତ୍ରା ଚାଲିଛି ।

**ବୌଦ୍ଧ,୩।୧୧(ସ୍ୱ.ପ୍ର)**

ବୌଦ୍ଧ ସହରର ଭୈରବୀ ବଜାର ପକ୍ଷରୁ ମା' କାଳୀଙ୍କ ପୂଜା ଧୁମଧାମରେ ପାଳିତ ହୋଇଆସୁଥିଲା । ଏଥିପାଇଁ ବୌଦ୍ଧ ସହର ଉତ୍ସବମୁଖର ହୋଇପଡିଥିଲା। ୮ ଦିନ ପରେ ରବିବାର ଭସାଣି ଉତ୍ସବ ସମ୍ପନ୍ନ ହୋଇଛି । ପୂଜା ପାଇଁ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକମାଳାରେ ଭୈରବୀ ବଜାର ଝଲସି ଉଠିଥିଲା। ପୂଜାମଣ୍ଡପରେ ପ୍ରତିଦିନ ଭକ୍ତମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ମା'ଙ୍କୁ ଏକ ଖୋଲା ଗାଡିରେ ବସାଇ ଶୋଭାଯାତ୍ରାରେ ନେଇ ମହାନଦୀରେ ବିସର୍ଜନ କରାଯାଇଥିଲା। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

# ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା

**ମନମୁଣ୍ଡା, ୩।୧୧ (ଡି.ଏନ.ଏ)**

ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ବୌଦ୍ଧ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ଶିଶୁମନ୍ଦିର, ଦେଉଳି ପ୍ରାଥମିକ ବିଦ୍ୟାଳୟ, ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଆଦର୍ଶ ବିଦ୍ୟାଳୟରୁ ମୋଟ ୩୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବଡମାଳି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ ଗୀତାର କର୍ମଯୋଗ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ପ୍ରଜ୍ଞାନମିଶନ କର୍ତ୍ତା ତଥା ସୋନପୁର ଟ୍ରେଜେରୀ ଅଫିସର ଧରଣୀଧର ଦାଶ ମୁଖ୍ୟଅତିଥି, ଦେଉଳି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତିରାଣୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଗଣେଶ୍ୱର ପାତ୍ର, ନିମନ୍ତ୍ରିତ ସଦସ୍ୟ ଲକ୍ଷ୍ମୀନାରାୟଣ ମହାନ୍ତି ଓ ପ୍ରଜ୍ଞାନ ମିଶନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ସଂସ୍କୃତ ଅଧ୍ୟାପକ ସୁରେଶ କୁମାର ପଣ୍ଡା, ବୌଦ୍ଧ ମହିଳା କଲେଜ ସଂସ୍କୃତ ଅଧ୍ୟାପକ ଶିବଦତ୍ତ ପଟ୍ଟନାୟକ ଏବଂ ରୁଣ୍ଡିମହୁଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ନିରଞ୍ଜନ ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରତିଯୋଗିତାର କ ବର୍ଗରେ ସମୀକ୍ଷାରାଣୀ ମେହେର ପ୍ରଥମ, ଜୟଲକ୍ଷ୍ମୀ ମେହେର ଦ୍ୱିତୀୟ, ବୃତ୍ତିଶ୍ରୀ ସା ତୃତୀୟ, ଖ ବିଭାଗରେ ଶ୍ରେୟାଂଶ୍ରୀ ମେହେର ପ୍ରଥମ, ପୁଷ୍ପରେଖା ବାଘ ଦ୍ୱିତୀୟ, ପ୍ରଜ୍ଞାପ୍ରତୀକ୍ଷା ନାୟକ ତୃତୀୟ ଏବଂ ଗ ବିଭାଗରେ ବିଶ୍ୱଜିତ କର୍ମୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

# ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

**ବୌଦ୍ଧ,୩।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲାର ସମାଜସେବୀ ମାତାଦିନଲାଲ୍ ଅଗ୍ରୱାଲା ଓ ତାଙ୍କ ସ୍ତ୍ରୀ ଗୋଦାବରୀ ଅଗ୍ରୱାଲାଙ୍କ ପକ୍ଷରୁ ଜିଲାର ଅସହାୟ ବୃଦ୍ଧାବୃଦ୍ଧମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ହରଭଙ୍ଗା ବ୍ଲକର ପୁରୁଣାକଟକ, ତିଲେଶ୍ୱର ଓ ପିତାମ୍ବରପୁର ଗ୍ରାମପଞ୍ଚାୟତର ୧୮ଟି ଗ୍ରାମର ୨୦୦ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ପୁରୁଣାକଟକ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ସମାଜସେବୀ ରାଧେଶ୍ୟାମ ଅଗ୍ରୱାଲା, ଗିରିଶ ପଟ୍ଟନାୟକ, ଶଶାଙ୍କ ପ୍ରଧାନ, ମୃତ୍ୟୁଞ୍ଜୟ ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୂର ସେଠୀ ଓ ସଜ୍ଜନ କୁମାର ଅଗ୍ରୱାଲା ଉପସ୍ଥିତ ଥିଲେ ।

# ବାଳାଶ୍ରମରେ ଶିଶୁ ମହୋତ୍ସବ ମହକ



କୃତୀ ଶିଶୁମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଉଛି ।

**ବୌଦ୍ଧ,୩।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଶିଶୁଯତ୍ନ ଅନୁଷ୍ଠାନ ରାମକୃଷ୍ଣ ବାଳାଶ୍ରମରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଉଦ୍‌ଯାପିତ ହୋଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୂର ସେଠୀ ମୁଖ୍ୟଅତିଥି, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ, ରାମକୃଷ୍ଣ ବାଳାଶ୍ରମର ସମ୍ପାଦକ ରଘୁନାଥ ମିଶ୍ର, ଶିଶୁ ପ୍ରତିନିଧି କୁମାରୀ ସୁଭଦ୍ରା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ସେଠୀ ସରକାରଙ୍କ ଏପରି କାର୍ଯ୍ୟକ୍ରମ ଦ୍ୱାରା ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କ ଲୁକାୟିତ ପ୍ରତିଭାର ପରିପ୍ରକାଶ, ବିକାଶ ହୋଇପାରିବ ବୋଲି କହିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଳ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିଶୁ ମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୫୦ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। କୃତି ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଚିତ୍ରସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟବଲ: ବ୍ଲୁ ଡାଇମଣ୍ଡ, ନୂଆ ଗୁଡ଼େଶିରା ବିଜୟୀ

**ବରଗଡ଼ ଅଫିସ୍,୩।୧୧**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ବରଗଡ଼ର ବ୍ଲୁ ଡାଇମଣ୍ଡ ଏବଂ ବ୍ରାହ୍ମଣଡିହି ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବ୍ଲୁ ଡାଇମଣ୍ଡ ଓ ନୂଆଁ ଗୁଡ଼େଶିରା ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ଏଥିରେ ବ୍ଲୁ ଡାଇମଣ୍ଡ ୪-୧ ଗୋଲରେ ବିଜୟୀ ହୋଇଥିଲା। ବ୍ଲୁ ଡାଇମଣ୍ଡ ଦଳର ଅତୁଲ ମିନା ୩ଟି ଓ ପିଣ୍ଟୁ ବିଭାର ଗୋଟିଏ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ନୂଆ ଗୁଡ଼େଶିରାର ଗଣପତି ଭୁଏ ଗୋଟିଏ ଗୋଲ ସ୍କୋର କରିଥିଲେ । ସେହିପରି ବ୍ରାହ୍ମଣପାଲି ଓ ଏମ. ଗଣ୍ଡପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଏଥିରେ ବ୍ରାହ୍ମଣପାଲି ୫-୦ ଗୋଲରେ ବିଜୟୀ ହୋଇଥିଲା । ବ୍ରାହ୍ମଣପାଲିର ପ୍ରଦ୍ୟୁମ୍ନ ସେଠ, ମୁକେଶ ପଟେଲ, ଭୀଷ୍ମଦେବ ଶବର ଗୋଟିଏ ଲେଖାଏଁ ଗୋଲ ସ୍କୋର ଏବଂ ଶନିଶ୍ଚନ୍ଦ୍ର ବିଶି ୨ଟି ଗୋଲ ସ୍କୋର କରିଥିଲେ ।

# ଆୟୁର୍ବେଦ କଲେଜ ବୁଲିଲେ ବିଦେଶୀ ଗବେଷକ



ଆୟୁର୍ବେଦିକ କଲେଜ ଅଧ୍ୟାପିକା ଅଧ୍ୟାପକଙ୍କ ଗହଣରେ ବିଦେଶୀ ଗବେଷକ ।

**ପାଇକମାଳ,୩।୧୧(ଡି.ଏନ.ଏ)**

ଫ୍ରାନ୍ସର ପ୍ୟାରିସରୁ ଆସିଥିବା ସିକିୟୋର କ୍ୟାଥଲିକ ସଂସ୍ଥାର ତିନିଜଣ ଗବେଷକ ଡୋମିନିକ୍ୟୁ, ଆରମେଲ ଓ ପାଲୋମା ରବିବାର ପାଇକମାଳ ଆୟୁର୍ବେଦ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେମାନେ ବିଭିନ୍ନ ଆୟୁର୍ବେଦ ଚିକିତ୍ସା ବିଷୟରେ ମହାବିଦ୍ୟାଳୟର ପ୍ରଫେସରଙ୍କଠାରୁ ପଚାରି ବୁଝିଥିଲେ। ପାରମ୍ପରିକ ଜ୍ଞାନ କୌଶଳରେ ଜୀବିକାର ସୁଦୃଢ଼ୀକରଣ ଓ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ବିଷୟରେ ଏହି ତିନିଜଣ ରିସର୍ଚ୍ଚ କରୁଛନ୍ତି । ମହାବିଦ୍ୟାଳୟର ସମ୍ପାଦକ ମନୋଜ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଡା. କ୍ଷୀରାବ୍ଧି ତନୟା ରାଉତରାୟ ଓ ଅନ୍ୟ ଡାକ୍ତର, ଫାର୍ମାସିଷ୍ଟମାନେ ଗନ୍ଧମାର୍ଦ୍ଦନ ପର୍ବତର ଔଷଧୀୟ ମହାନତା ଓ ଆୟୁର୍ବେଦ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ବିଷୟରେ ଜଣାଇବା ସହିତ ଚିକିତ୍ସା ବ୍ୟବସ୍ଥା, ଆୟୁର୍ବେଦିକ ଔଷଧ ପ୍ରସ୍ତୁତି ଉପରେ କହିଥିଲେ। ସେମାନେ ମହାବିଦ୍ୟାଳୟ ପରିଦର୍ଶନ ପରେ ଲୁମ୍ବିନୀ ଔଷଧୀୟ ବଗିଚା ବୁଲି ଦେଖିଥିଲେ। ରାମ ରତନ ପୁରୋହିତ, ମାତୃପ୍ରସାଦ ରଥ, ଚିତ୍ତରଞ୍ଜନ ହୋତାଙ୍କ ସହ ମହାବିଦ୍ୟାଳୟର ପ୍ରଫେସର, ଫାର୍ମାସିଷ୍ଟ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତକ - ଏମାନେ
ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



## ସଂକ୍ଷେପରେ

### ଡିସେମ୍ବର ୨୧ରୁ ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା

**ବିନିକା,୩।୧୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଅରିଗାଁ-ବିନିକା ୧୪ତମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଡିସେମ୍ବର ୨୧ତାରିଖଠାରୁ ଆରମ୍ଭ ହେବ। ରବିବାର ଅରିଗାଁ ଗ୍ରାମ ମାହେଶ୍ୱରୀ ପାଠାଗାରରେ ଧନୁଯାତ୍ରା କମିଟି ସଭାପତି ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧନୁଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ସର୍ବନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଆସନ୍ତା ୧୦ତାରିଖରେ ସଭାପତି ପଦବୀ ବ୍ୟତୀତ ନୂତନ କାର୍ଯ୍ୟକାରୀ କମିଟି ଏବଂ ସବ୍ କମିଟିଗୁଡିକ ଗଠନ ହେବ। ଏତଦ୍ବ୍ୟତୀତ ଧନୁଯାତ୍ରା ରଙ୍ଗମଞ୍ଚ ନିର୍ମାଣ, କଳାକାର ଚୟନ, ମୀନାବଜାର ଆୟୋଜନ ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

### ଜିଲା କଂଗ୍ରେସ କମିଟି ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ

**ସୋନପୁର,୩।୧୧(ନି.ପ୍ର.):** ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ସଭାପତି ପଦରୁ ଶଙ୍କର ଦାଶ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଇସ୍ତଫା ଦେଇଥିଲେ। ଗତ ୮ ମାସ ହେଲା ଏହି ପଦବୀ ଖାଲି ପଡିଛି। ଜିଲା ସଭାପତି ଭାବେ କାହାରିକୁ ନିଯୁକ୍ତି ଦିଆ ଯାଇ ନଥିବାରୁ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ଆଖିଦୃଶିଆ ହେଉନି । ତେଣୁ ନୂଆ ସଭାପତି ନିଯୁକ୍ତି ପାଇଁ ପ୍ରଦେଶ କଂଗ୍ରେସ କମିଟି ପ୍ରକ୍ରିୟା ଆରମ୍ଭ କରିଛି। ପ୍ରଦେଶ କଂଗ୍ରେସ କମିଟି ଦଳର ବରିଷ୍ଠ ନେତା ତଥା ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ସୁବର୍ଣ୍ଣପୁର ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛି । ରବିବାର ବେହେରା ସୁବର୍ଣ୍ଣପୁର ଜିଲା ଗସ୍ତ କରିଥିଲେ। ସୋନପୁର ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀ, ଶୁଭେଚ୍ଛୁଙ୍କୁ ଭେଟି ଜିଲା ସଭାପତି କିଏ ହେଲେ ଭଲ ହେବ ମତାମତ ଲୋଡିଥିଲେ। ସେହିଭଳି କଣ କଲେ କଂଗ୍ରେସ ଦଳ ପୁଣି ତୃଣମୂଳସ୍ତରରୁ ସଂଗଠିତ ହେବ ଓ ରାଜ୍ୟରେ ଲୋକଙ୍କ ଆସ୍ଥାଭାଜନ ହେବ ସେ ନେଇ ମତାମତ ନେଇଥିଲେ। ବୈଠକରେ ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଚିତ୍ତରଞ୍ଜନ ମିଶ୍ର, ସୁଧୀର କୁମାର ପଣ୍ଡା, ମାଧବ କୁମ୍ଭାର, ରାଜେଶ ମିଶ୍ର, ନିମାଇଁ ପାଣିଗ୍ରାହୀ, ମହମ୍ମଦ ଇମ୍ରାନ, ମହମ୍ମଦ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗଣେଶ୍ୱର ବେହେରାଙ୍କ ଉପସ୍ଥିତିରେ ଜିଲାର ୨ ଜଣ ଅବସରପ୍ରାପ୍ତ କର୍ମଚାରୀ ସୁରୁବାବୁ ନନ୍ଦ ଓ ବାଳକୃଷ୍ଣ ତନସେନା ଦଳରେ ଯୋଗଦାନ କରିଥିଲେ।

### ସିଣ୍ଢୋଳରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଉଲୁଣ୍ଡା, ୩।୧୧(ଡି.ଏନ.ଏ.) :** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଢୋଳ ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଦିନ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ପଣ୍ଡିତ ଜଗଦୀଶ ଦାସ, କ୍ଷୀରେଶ୍ୱର ଦାସ, ପରମାନନ୍ଦ ପୂଝାରୀ ଅଧିବାସ ପୂଜା କରିଥିଲେ। ପରେ ମଙ୍ଗଳରୋପଣ କରାଯିବା ସହ ଆନୁସଙ୍ଗିକ ପୂଜା କାର୍ଯ୍ୟ କରାଯାଇଥିଲା। ଆୟୋଜିତ ବିଶ୍ୱ ଶାନ୍ତି ହବନ ଯଜ୍ଞରେ ପଞ୍ଚାନନ ଦେହେରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ପରିବହନ, ଯୋଜନା ଓ ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା, ସ୍ଥାନୀୟ ସରପଞ୍ଚ ଚିନ୍ମୟୀ ମେହେର, ସାମାଜିକ କର୍ମୀ ଛନ୍ଦା ଚରଣ ଦାସ, ସନ୍ତୋଷ କୁମାର ଭୁକ୍ତା, ହୃଦାନନ୍ଦ ମେହେର ପ୍ରମୁଖ ଯୋଗଦେଇଥିଲେ। ଗ୍ରାମର ମହିଳା କୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ‘ସଚ୍ଚୋଟତା ଉତ୍ତର ଜୀବନର ଆଧାର’

**ସୋନପୁର, ୩।୧୧(ନି.ପ୍ର.)**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶନିବାର ସୋନପୁର କଲେଜ ପରିସରରେ ସଚ୍ଚୋଟତା ଜୀବନର ଏକ ଶୈଳୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଦୁର୍ନୀତି ନିବାରଣ ବିଭାଗ ଓ ନେହେରୁ ଯୁବକେନ୍ଦ୍ର ସୁବର୍ଣ୍ଣପୁର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ତରୁଣ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନସାଧାରଣ ସଚେତନ ହେଲେ ଦୁର୍ନୀତି ହ୍ରାସ ପାଇବ ବୋଲି କହିଥିଲେ। ସୁବର୍ଣ୍ଣପୁର ଦୁର୍ନୀତି ବିଭାଗ ଡିଏସପି କାଦମ୍ବିନୀ ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

ଏଥିରେ କଲେଜର ଛାତ୍ରୀଛାତ୍ର, ଅଧ୍ୟାପକ, ଦୁର୍ନୀତି ନିବାରଣ ବିଭାଗର କର୍ମକର୍ତ୍ତା, ନେହେରୁ ଯୁବ କେନ୍ଦ୍ରର ସଦସ୍ୟମାନେ ସମୂହ ଶପଥ ପାଠୋତ୍ସବରେ ଯୋଗଦେଇଥିଲେ। ମହାବିଦ୍ୟାଳୟର ୧୦ଜଣ ଛାତ୍ରୀଛାତ୍ର ଦୁର୍ନୀତି ନିବାରଣରେ ସଚ୍ଚୋଟତାର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡିଆ ଭାଷା ସାହିତ୍ୟର ଅଧ୍ୟାପିକା ଡ. ଇତିଶ୍ରୀ ଦାସ ସଚ୍ଚୋଟତା ଉତ୍ତର ଜୀବନର ଆଧାର ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନେହେରୁ ଯୁବକେନ୍ଦ୍ରର କୃପାସିନ୍ଧୁ ସା ଧନ୍ୟବାଦ ଅର୍ପଣ କରିଥିଲେ।

■ କୁଲତା ସମାଜର ବୈଠକ

# ଶିକ୍ଷା, କୃଷି କ୍ଷେତ୍ରରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉ

**ଅମରପାଲି, ୩।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ କୁମରକେଲି କେନ୍ଦ୍ର ରଘୁନାଥ ମଣ୍ଡପରେ ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ କୁଲୁତା ସମାଜର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା କୁଲତା ସଭାପତି ନୀଳାଞ୍ଚଳ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବୈଠକରେ କୁଲତା ସମାଜର ସାଂଗଠନିକ ସୁଦୃଢ଼ କରିବା ସହିତ ସମାଜର ପ୍ରତ୍ୟେକ ପରିବାରର ଚାଷ ଓ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ସମ୍ମାନିତ ଅତିଥିଭାବେ କୃଷକ ପରିଷଦ ସଭାପତି ପ୍ରଦୀପ କୁମାର ସ୍ୱାଇଁ, ଦିଲୀପ ପଧାନ ଯୋଗଦେଇ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ସଭ୍ୟମାନେ ନିଜ ନିଜର ମତାମତ ଦେଇ କୁଲୁତା ସମାଜକୁ ମଜଭୁତ କରିବା ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ନୀଳାଞ୍ଚଳ ବେହେରାଙ୍କ ଆହ୍ୱାନରେ ସୁବର୍ଣ୍ଣପୁର ଜିଲା ଓ ପଡୋଶୀ ଜିଲାର କୁଲୁତାମାନଙ୍କୁ ନେଇ ଆଗାମୀ ଦିନରେ କୁମରକେଲି କେନ୍ଦ୍ରଠାରେ ଏକ ସାଧାରଣ ସଭା କରିବାର ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ କେନ୍ଦ୍ର କୁଲୁତା ସମାଜର ନୂତନ କର୍ମକର୍ତ୍ତା ଗଠନ କରାଯାଇଛି। ଏଥିରେ ବିଜୟ ପ୍ରଧାନଙ୍କୁ ସମ୍ପାଦକ, ଭରତ ସାହୁ ସହସମ୍ପାଦକ, ସୁଦାମ ସାହୁ, ରାମଶଙ୍କର ଭୋଇ, ଉପଦେଷ୍ଟା ଏବହଂ ଘନଶ୍ୟାମ ବେହେରା, ଭଲ ପ୍ରଧାନ, ଘାସିରାମ ପଧାନ, ସୁରେଶନ ପଧାନ, କମିଟିରେ ସଭ୍ୟ ଭାବେ ମନୋନୀତ ହୋଇଥିଲେ। ଶେଷରେ ବନମାଳୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଡୁଙ୍ଗୁରିପାଲିରେ ଏସ୍ଏସ୍ଜି ବଜାର ଉଦ୍‌ଘାଟିତ

## ମହିଳା ଏସ୍ଏଚ୍ଜିଙ୍କୁ ସ୍ୱାବଲମ୍ବୀ କରିବ ବଜାର

**ଡୁଙ୍ଗୁରିପାଲି, ୩।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆର୍ଏମ୍ସି ପରସରରେ ଜିଲାର ଦ୍ୱିତୀୟ ଏସ୍ଏଚ୍ଜି ବଜାର ରବିବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାହାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ବଜାରକୁ ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡୁଙ୍ଗୁରିପାଲି ବିଡିଓ ସହଦେବ ସମାଧିଆ, ସୋନପୁର ସିଏସ୍ଓ ବିବେକାନନ୍ଦ କର୍କରା, ମିଶନ ଶକ୍ତି ଜିଲା ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାଏକ, ଆର୍ଏମ୍ସି ଉଦିତ୍ କୁମାର ବାବୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସବିତା ଦୋରା, ଏପିଡି ଶୈବାଳିନୀ ପଟ୍ଟନାୟକ, ୱାଇପି ଓଏଲଏମ ଐଶ୍ୱରିୟା ବରାଳ, ଓରମାସର ଦେବାଶିଷ ମିଶ୍ର ସମାନିତ ଅତିଥିଭାବେ ଦେଇଥିଲେ । ଅତିରିକ୍ତ ଜିଲାପାଳ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଓଡିଶା ଜୀବିକା ମିଶନ ଡୁଙ୍ଗୁରିପାଲି ବ୍ଲକ ବିପିଏମ୍ ଭବାନୀଶଙ୍କର ମେହେର ସଂଯୋଜନା କରିଥିଲେ । ବିପିସି ମିଶନ ଶକ୍ତିର ମନୋଜ କୁମାର ବେହେରା ଓ ବ୍ଲକ କୋଅର୍ଡିନେଟର ସୁନନ୍ଦା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୫ଟି ଏସ୍ଏଚ୍ଜି ଯୋଗଦେଇ ନିଜ ତିଆରି ସାମଗ୍ରୀ ପଦର୍ଶନ କରିଥିଲେ । ମହିଳା ସଂଘ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ସ୍ୱାବଲମ୍ବୀ କରିବାରେ ଏହି ବଜାର ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।


ଏସଏଚଜି ବଜାର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟମାନେ।

# ପୃଥକ୍ ଦୁର୍ଘଟଣା, ୭ ଗୁରୁତର

**ବିନିକା,୩।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା-ଗୋଡଭଗା ମୁଖ୍ୟ ରାସ୍ତାର ଡୁରୁମ ନିକଟରେ ରବିବାର ବାଲି ନେଇ ଯାଉଥିବା ଏକ ଟ୍ରାକ୍ଟର ସହ ମାରୁତି ଓମିନି ଗାଡି ମଧ୍ୟରେ ଧକ୍କା ହୋଇଥିଲା । ବରଗଡ ଜିଲାରୁ ବିନିକା ଅଞ୍ଚଳକୁ ଉକ୍ତ ମାରୁତି ଓମିନି ଯୋଗେ କୁଲି ମଜୁରୀ କରି ଫେରୁଥିବା ବେଳେ ଟ୍ରାକ୍ଟର ସହିତ ଧକ୍କା ହୋଇଥିଲା । ଫଳରେ ଓମିନିରେ ଥିବା ୬ଜଣ ଗୁରୁତର ଆହତ ହୋଇଥିଲେ । ବିନିକାରୁ ୨ଟି ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରଯୋଇଥିଲା। । ଆହତ ଶ୍ରମିକମାନେ ହେଲେ ଆକାଶ ପଟେଲ, ଉମେଶ ଧରୁଆ, ନବ ଭୋଇ, ନାରାୟଣ ସୁନା, ପ୍ରଦୀପ ଦୀପ ଏବଂ କୈଳାସ କୁମ୍ଭାର। ପରେ ଗୁରୁତର ଆହତ ୫ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ସେହିପରି ସନ୍ଧ୍ୟାରେ ବିନିକା ଥାନା ତେଲିପାଲି କେନାଲ ଛକ ନିକଟରେ ବାଗଡିଆ ଗ୍ରାମର ସଞ୍ଜୟ ପାଣ୍ଡେ (୩୪) କାମ ସାରି ବାଇକରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଆଣି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# ଚାଷୀ ପ୍ରଶିକ୍ଷଣ, ସଚେତନତା କାର୍ଯ୍ୟକ୍ରମ


ଚାଷୀ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଡୁଙ୍ଗୁରିପାଲି, ୩।୧୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆର୍ଏମ୍ସି ମୁଖ୍ୟ ବଜାର ପ୍ରାଙ୍ଗଣରେ ରବିବାର ଜିଲା ପ୍ରଶାସନ ଅନୁକୂଲ୍ୟରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଚାଷୀ ପ୍ରଶିକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୋନପୁର ସିଏସ୍ଓ ବିବେକାନନ୍ଦ କର୍କରାଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଏଡିଏମ୍ ଶରତ ଚନ୍ଦ୍ର ପଣ୍ଡା, ବିଡିଓ ସହଦେବ ସମାଧିଆ, ଏସିଏସ୍ଓ ସୁବୋଧ ହୋତା, ଏସିଏସ୍ଓ ସଦର ତ୍ରିନାଥ ଭୋଇ, ମିଶନ ଶକ୍ତି ଜିଲା ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାଏକ, ବ୍ଲକ ଯୋଗାଣ ଅଧିକାରୀ ଜଗନ୍ନାଥ ଭୋଇ, ଏଆର୍ସିଏସ୍ ଗିରୀଶ ଚନ୍ଦ୍ର ଭୋଇ, ସଜନ ପଣ୍ଡା, ବିନିକା ସିଇଓ ଅକ୍ଷୟ କୁମାର ମେହେର ମଞ୍ଚାସୀନ ଥିଲେ। ଶିବିରକୁ ଡୁଙ୍ଗୁରିପାଲି ଆର୍ଏମ୍ସି ସମ୍ପାଦକ ଉଦିତ୍ କୁମାର ବାବୁ ପରିଚାଳନା କରିଥିଲେ। ବୈଠକରେ ଆସନ୍ତା ୧୫ ତାରିଖରୁ ଜିଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ରାଜ୍ୟ ଖାଦ୍ୟନୀତି ଅନୁଯାୟୀ ଟୋକନ ପାଇ ଥିବା ଚାଷୀ ମାର୍କେଟ ୟାର୍ଡ, ମଣ୍ଡିରେ ଧାନ ଅନ୍‌ଲୋଡିଂ କରିବେ। ଚାଷୀ ବିକ୍ରି ଧାନର ପ୍ରାପ୍ୟ ୪୮ଘଣ୍ଟା ମଧ୍ୟରେ ପାଇବେ । ଚାଷୀଙ୍କୁ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଭୁବନେଶ୍ୱରରୁ ସଧାସଳଖ ପ୍ରାପ୍ୟ ପ୍ରଧାନ କରାଯିବ। ଅନ୍‌ଲାଇନ ଚାଷୀ ପଞ୍ଜିକରଣ ବ୍ୟବସ୍ଥା ଅନୁଯାୟୀ ଚାଷୀ ଧାନ ବିକ୍ରି କରିପାରିବେ । ସେହିପରି ପ୍ରଥମ ଥର ପାଇଁ ଜିଲାର ୧୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନକ୍ରୟରେ ସାମିଲ ହେବେ ବୋଲି ଏହି ପ୍ରଶିକ୍ଷଣ ଶିବିରର ନିଷ୍ପତ୍ତି ନିଆଯାଇଥିଲା। ୬୬ଟି ପ୍ୟାକ୍ସ, ୬ଟି ମାର୍କେଟ ୟାର୍ଡରେ ଧାନ କିଣିବାର ବ୍ୟବସ୍ଥା ରହିଛି। ଏଥିପାଇଁ କମିଟି ଗଠନ କରାଯାଇଛି। ନୋଡାଲ ଅଫିସରମାନେ ମଣ୍ଡି ଖୋଲି ଧାନ କିଣା କାର୍ଯ୍ୟାକୁ ତଦାରଖ କରିବେ ବୋଲି ଶିବିରରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ବିରମହାରାଜପୁର ଓ ଡୁଙ୍ଗୁରିପାଲି ଆର୍ଏମ୍ସିରେ ଥିବା ସମସ୍ତ ପ୍ୟାକ୍ସର ସମ୍ପାଦକ ଡିଇଓ ଓ ବ୍ଲକ ଯୋଗାଣ ସହାୟକ, ମହିଳା ଏସ୍ଏଚ୍ଜିମାନେ ଯୋଗ ଦେଇଥିଲେ। ଶେଷରେ ଏସିଏସ୍ଓ ସୁବୋଧ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରବଣ ବାଧିତ ସଚେତନତା କାର୍ଯ୍ୟକ୍ରମ

**ସୋନପୁର,୩।୧୧(ନି.ପ୍ର.)**

ବିଶ୍ୱ ଶ୍ରବଣ ବାଧିତ ଦିବସ ଅବସରରେ ଜିଲା ପ୍ରଶାସନ ସୁବର୍ଣ୍ଣପୁର ଓ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜିଲା ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବାଧିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଗାନ୍ଧୀ ପଡିଆରେ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ଏକକ ଅଭିନୟ ଓ କୌତୁକ ପୋଷାକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ସଭାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର, ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହରିଚରଣ ମିଶ୍ର, ଡାକ୍ତର ପ୍ରଦୀପ କୁମାର ଧର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାରୀ ଯୋଗଦାନ କରିଥିଲେ । ବିନିକା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଶ୍ୱିନୀ କୁମାର ପାଣ୍ଡେ ସଭା ପରିଚାଳନା କରିଥିଲା ବେଳେ ସୋନପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାବୁଲାଲ ଦାସ, ରାକେଶ କୁମାର ମିଶ୍ର, ଗୁପ୍ତେଶ୍ୱର ପ୍ରଧାନ ଓ ସମସ୍ତ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ, ବିଆରଟି ତଥା ଭିନ୍ନକ୍ଷମ ସ୍କୁଲର ଶିକ୍ଷକ ମାନେ ସହଯୋଗ କରିଥିଲେ । କ୍ରୀଡା ପ୍ରତିଯୋଗିତାକୁ ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ, କ୍ରୀଡା ଶିକ୍ଷକ ରଘୁନାଥ ଥନାପତି, ସଞ୍ଜିବ କୁମାର ସାହୁ ଓ ଶ୍ୟାମ ସୁନ୍ଦର ନାଏକ ପରିଚାଳନା କରିଥିଲେ ।



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ୧୨ରେ ତ୍ରିବେଣୀ ସଙ୍ଗମ ଆରତୀ ସମାରୋହ

**ସୋନପୁର,୩।୧୧(ନି.ପ୍ର.)**

ସୁବର୍ଣ୍ଣପୁରର ପ୍ରାଚୀନ ଶୈବପୀଠ ରାମେଶ୍ୱର ତ୍ରିବେଣୀ ସଙ୍ଗମ ତଥା ସ୍ୱର୍ଣ୍ଣ ପ୍ରୟାଗଠାରେ ଆସନ୍ତା ୧୨ତାରିଖ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ୬ଷ୍ଠ ବର୍ଷ ତ୍ରିବେଣୀ ସଙ୍ଗମ ଆରତୀ ପାଳନ କରାଯିବ। ଏଥିପାଇଁ ମୁଖ୍ୟ ଆୟୋଜକ ଶ୍ୟାମା ଓଁ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଧ୍ୟାତ୍ମିକତା, ମହାନଦୀ ଓ ତେଲନଦୀ ସହିତ ଅନ୍ୟାନ୍ୟ ନଦୀଗୁଡିକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଜନସଚେତନତା ସୃଷ୍ଟି କରିବା ହିଁ ଏହି ଆୟୋଜନର ମୂଳଲକ୍ଷ୍ୟ ବୋଲି ବରିଷ୍ଠ ସଭ୍ୟ ତଥା ଉପଦେଷ୍ଟା ସର୍ବେଶ୍ୱର ପୁରୋହିତ ପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁରର ସାହିତ୍ୟ, ସଂସ୍କୃତି ପ୍ରତି ବିଶେଷ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଦିଆଯାଉଥିବା ସୁବର୍ଣ୍ଣଗୌରବ ସମ୍ମାନ ଚଳିତ ବର୍ଷ ବଲାଙ୍ଗୀରର ମମତା ସ୍ୱାଇଁ, ଭୁବନେଶ୍ୱରର କମଳିନୀ ଦେବୀ, ସୋନପୁରର ଇନ୍ଦୁମତି ପୁରୋହିତଙ୍କୁ ପ୍ରଦାନ କରାଯିବ ବୋଲି କମିଟି ନିଷ୍ପତ୍ତି କରିଛି। ପୂଜକ ଶିବ ନାରାୟଣ ପୂଜାରୀ, ରାଧେଶ୍ୟାମ ପୁରୋହିତ, ରାମାନୁଜ ପୂଜାରୀ ଓ ସଚ୍ଚିଦାନନ୍ଦ ଦଶଙ୍କ ସହିତ ସଙ୍ଗୀତ ନିର୍ଦ୍ଦେଶକ ପୁଷ୍ପକ ରାୟ, ନାଟ୍ୟଶ୍ରୀ ଗଦାଧର ବାରିକ, ଡ. ପୁରୁଷୋତ୍ତମ ମିଶ୍ର, ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ, ବେଣୁଧର ପ୍ରଧାନ, ରଶ୍ମିରଞ୍ଜନ ମିଶ୍ର ଓ ପଦ୍ମଲୋଚନ ମହଲା ପ୍ରମୁଖ ଉପସ୍ଥିତ ଥିଲେ। ସଭ୍ୟ ମନୋଜ ବାରିକ୍ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୀତା ଆବୃତ୍ତି ପ୍ରତିଯୋଗିତା


ଗୀତା ଆବୃତ୍ତି ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିମାନେ।

**ବିନିକା,୩।୧୧(ଡି.ଏନ୍.ଏ.):** ବିନିକା ଏନ୍ଏସି ଅନ୍ତର୍ଗତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲ ଏବଂ କଲେଜରୁ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟ ଅର୍ଜୁନ ବିଷାଦ ଯୋଗକୁ ନେଇ ଗୀତା ଆବୃତ୍ତି କରାଯାଇଥିଲା। ପ୍ରତିଯୋଗୀତାର ପ୍ରଥମ ଭାଗରେ ସାଇସ୍ମିତା ମିଶ୍ର, ଅମିତାଂଶ ପୂଜାରୀ ଓ ଗୁଗୁଲ ଶ୍ରୀମୟୀ ପଣ୍ଡା ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିଭଳି ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଭାଗରେ ଗାର୍ଗୀ ପଣ୍ଡା, ଅଲିସା ହୋତା, ଜ୍ଞାନମୟୀ ଦାସ, ତୁଳସୀ ପୁରୋହିତ, ବିଜୁସ୍ମିତା ମେହେର, ଅଙ୍କିତା ରଥ, ଅଚ୍ୟୁତ୍ ସାହୁ, ସୌଦାମିନୀ ନାଏକ ଓ ଲିପିକା ରାଉତ୍ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଚ୍ୟୁତାନନ୍ଦ ମହାନ୍ତି, ସହସ୍ରାଂଶୁ ଶେଖର ପଟ୍ଟନାୟକ ଓ ଅମିତ୍ କୁମାର ଆଡଜୁଆଲି।

# ଅଙ୍ଗନଦୀ ବାଲିଘାଟରେ ରାଜସ୍ୱ ବିଭାଗର ଚଢ଼ାଉ

**ବିନିକା,୩।୧୧(ଡି.ଏନ୍.ଏ)**

ବିନିକା ତହସିଲ କୌଡିଆମୁଣ୍ଡା ରାଜସ୍ୱ ସର୍କଲର ଭିକାବାହାଲି ଅଙ୍ଗନଦୀ ବାଲି ମୁହାଣରେ ଅତିରିକ୍ତ ତହସିଲଦାର ରାକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ରବିବାର ଚଢାଉ କରାଯାଇଥିଲା। ବେଆଇନ ବାଲି ଚାଲାଣ କରିବା ଅଭିଯୋଗରେ ୩ଟି ଟ୍ରାକ୍ଟର ଜବତ କରାଯାଇଥିଲା। ସେମାନଙ୍କଠାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଚଢାଉରେ କୌଡିଆମୁଣ୍ଡା ରାଜସ୍ୱ ନିରୀକ୍ଷକ ନୀଳମଣି କୁଅଁର, ଅମିନ ମନ ଝାଙ୍କର ସାମିଲ ଥିଲେ ।

# ତରଭା ସହରରେ ଜଟିଳ ହେଉଛି ଟ୍ରାଫିକ ସମସ୍ୟା

**ତରଭା, ୩।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ସହରରେ ଟ୍ରାଫିକ ସମସ୍ୟା ଗୁରୁତର ରୂପ ଧାରଣ କରିଛି। ୫୭ନଂ ଜାତୀୟ ରାଜପଥରୁ ପ୍ରାୟ ୫୦୦ମିଟର ଦୂରରେ ଅବସ୍ଥିତ ତରଭା ସହର ଦେଇ ପ୍ରତ୍ୟହ ଶହଶହ ଯାନବାହନ ଚଳାଚଳ କରିଥାଏ । ଯାତ୍ରୀବାହୀ ବସ୍‌ଗୁଡିକ ନୂଆଁପଡା ଦେଇ ଓ ଭାରିଯାନଗୁଡିକ ନିବୃତି ଯୋର କୂଳରେ ଯାଇଥିବା ବାଇପାସ୍ ରାସ୍ତାରେ ଯାତାୟାତ କରିଥାନ୍ତି। ବର୍ତ୍ତମାନ ନୂଆଁପଡା ରାସ୍ତାରେ ଭୂତଳ ନାଳ ଓ ରାସ୍ତାକାମ ଚାଲିଥିବାରୁ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିଛି । ନିବୃତି କୂଳରେ ଯାଇଥିବା ବାଇପାସ୍ ରାସ୍ତା ଶୋଚନୀୟ ହୋଇଥିବାରୁ ଭାରିଯାନ ଚଳାଚଳ କରିପାରୁନାହିଁ। ଫଳରେ ବର୍ତ୍ତମାନ ଯାତ୍ରୀବାହୀ ବସ୍‌ଗୁଡିକ ସହରର ମୁଖ୍ୟରାସ୍ତା ଦେଇ ଓ ଭାରୀଯାନଗୁଡିକ ବଡବନ୍ଧ ବାଇପାସ୍ ରାସ୍ତାରେ ଚଳାଚଳ କରୁଛି । ଉକ୍ତ ରାସ୍ତା ମଧ୍ୟ ବଡବନ୍ଧଠାରୁ ନବୋଦୟ ବିଦ୍ୟାଳୟ ପର୍ଯ୍ୟନ୍ତ ଖରାପ ହୋଇଗଲାଣି। ଅପରପକ୍ଷରେ ସହରର ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେଇଛି। ମାରୱାଡି ବଜାରରୁ ମେହେର ପଡା ପର୍ଯ୍ୟନ୍ତ ରାସ୍ତା ସଂକୀର୍ଣ୍ଣ ଥିବାରୁ ଉଭୟ ପଟରୁ ଗାଡି ଆସୁଥିଲେ ଦୀର୍ଘ ସମୟ ଧରି ରାସ୍ତା ଜାମ ହୋଇ ରହୁଛି । ପୁନଶ୍ଚ ଯାନ ରଖି ଦୋକାନରୁ କିଣାବିକା କଲାବେଳେ ଅସମ୍ଭମ ଭିଡ ପରିଲକ୍ଷିତ ହେଉଛି। ବିଭାଗୀୟ କର୍ତ୍ତପକ୍ଷ ସହରର ଉଭୟ ପଟରେ ଥିବା ବାଇପାସ୍ ରାସ୍ତା ମରାମତି ସହ ନୂଆଁପଡା ରାସ୍ତାର ଉନ୍ନତୀକରଣ କରି ଗମନାଗମନ ଉପଯୋଗୀ କରିବା ପାଇଁ ସାଧାରଣରେ ଦାବି ହେଉଛି ।



ସହରରେ ବଡ ଯାନ ଗଲାବେଳେ ଅସମ୍ଭବ ଭିଡ ପରିଲକ୍ଷିତ ହେଉଛି।

**ବାଇପାସ୍ ରାସ୍ତା ତୁରନ୍ତ ମରାମତି କରିବାକୁ ଦାବି**



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ

### ଅମୃତା ମାତୃପିତୃ ସେବା କାର୍ଯ୍ୟକ୍ରମ

ଭବାନୀପାଟଣା,୩।୧୧(ଡି.ଏନ.ଏ.)
ସ୍ଥାନୀୟ ବାଲଗୋପାଲ ସେବା ନିକେତନ ଭବାନୀପାଟଣା ଓ ଆୟୁଧ (ମାତା ଅମୃତାନନ୍ଦ ମୟୀଙ୍କ ଯୁବ ଶାଖା) କଳାହାଣ୍ଡି ପକ୍ଷରୁ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କାଣିଗୁମା ଗ୍ରାମପଞ୍ଚାୟତ ଅମଠାଗୁଡାଠାରେ ଅମୃତ ମାତୃପିତୃ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିକଟବର୍ତ୍ତି ୨୫ଟି ଗ୍ରାମରୁ ୫୯୫ ଜଣ ବରିଷ୍ଠ ନାଗରିକମାନଙ୍କୁ କମ୍ବଳ ବଣ୍ଟନ ଏବଂ ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ମାତା ଅମୃତାନନ୍ଦ ମୟୀଙ୍କ ଶିଷ୍ୟା ଯଶୋଧାରା ମିଶ୍ର ଓ ସୁଲେଖା ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଡାକ୍ତର ଜଳନ୍ଧର ମେହେର, ଡାକ୍ତର ଅଶୋକ କୁମାର ମୁଣ୍ଡ, ଡାକ୍ତର ଅନୁପା ପାଣ୍ଡେ, ସୁଧିର କୁମାର ପଣ୍ଡା ସ୍ୱାସ୍ଥ୍ୟ ପରୀକ୍ଷାରେ ସାହାର୍ଯ୍ୟ କରିଥିଲେ। ବୟସ୍କଙ୍କୁ ଅବହେଳା ନ କରି ଉପଯୁକ୍ତ ସେବା ଓ ଯତ୍ନ ନେବା ପାଇଁ ଯୁବସମାଜକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବାଲଗୋପାଲ ସେବା ନିକେତନ ପ୍ରତିଷ୍ଠାତା ହେମନ୍ତ କୁମାର ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୂଆପଡା ଜିଲା ଗସ୍ତରେ କେବିକେ ମୁଖ୍ୟ ପ୍ରଶାସକ

# ସୁସ୍ୱାଦୁ ଖାଦ୍ୟ ତିଆରି ଉପରେ ବୁଝାଇଲେ

ନୂଆପଡା ଅଫିସ,୩।୧୧



ଅଧିକାରୀମାନେ ମାଣ୍ଡିଆ ଚାଷ ବୁଲି ଦେଖୁଛନ୍ତି ।

- ମାଣ୍ଡିଆ ଚାଷ ଦେଖିଲେ
- ଚାଷୀ ନିଜ ସମସ୍ୟା କହିଲେ

ନୂଆପଡା ଜିଲା ଗସ୍ତରେ ଆସିଥିବା କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁର ରବିବାର ବିଭିନ୍ନ ଅଞ୍ଚଳ ବୁଲି ମାଣ୍ଡିଆ ଚାଷ ଦେଖିଥିଲେ। ଏଠାରେ ଏକ ଫୁଟ ଫେଷ୍ଟିଭାଲ ଦେଖି ଚାଷୀଙ୍କ ସମସ୍ୟା କଥା ବୁଝିଛନ୍ତି। ପୂର୍ବାହ୍ନ ସାଢେ ୧୧ଟାରେ ମୁଖ୍ୟ ପ୍ରଶାସକ ଠାକୁର ଏବଂ ଜିଲାପାଳ ମଧୁସ୍ମିତା ସାହୁ କୋମନା ବ୍ଲକର ବିଶିବାହାଲରେ ପହଞ୍ଚିଥିଲେ। ସେଠାରେ କୃଷି ବିଭାଗ ଏବଂ ମିଲେଟ ମିଶନ ତରଫରୁ ଚାଲିଥିବା ଫୁଡ ଫେଷ୍ଟିଭାଲରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ଜିଲାରେ ପ୍ରଥମ ଥର ପାଇଁ ମିଲେଟ ମିଶନ ଯୋଜନାରେ ମାଣ୍ଡିଆ, ଗୁର୍ଜି ଭଳି ଶସ୍ୟ ଚାଷ ଏବଂ ବିକ୍ରି ଉପରେ ସରକାର ଗୁରୁତ୍ୱ ଦେଇଥିବାବେଳେ ଏଥିରୁ ଲୋକେ କିପରି ଫାଇଦା ପାଇପାରିବେ ସେ ଉପରେ ପର୍ଯ୍ୟାୟକ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଏହିକ୍ରମରେ ଦୁଇ ଦିନ ଧରି ବିଶି ବାହାଲରେ ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଦଳ ପରିଚାଳନାରେ ଫୁଡ ଫେଷ୍ଟିଭାଲ ଚାଲିଛି । ଏଥିରେ କେବିକେ ମୁଖ୍ୟ ପ୍ରଶାସକ ଯୋଗଦେଇ ଚାଷୀଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ପ୍ରକାର ଖାଦ୍ୟ ଶସ୍ୟ ବୁଲି ଦେଖିଥିଲେ। ଏଥିରୁ କିପରି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ତିଆରି କରାଯିବ ସେ ଉପରେ ବୁଝାଇଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳରେ କରାଯାଇଥିବା କ୍ଷେତକୁ ଯାଇ ମାଣ୍ଡିଆ ଚାଷ ଦେଖିଥିଲେ। ଏହି ଟିମରେ ଜିଲା କୃଷି ଉପନିର୍ଦ୍ଦେଶକ ଜାହେଦ ମହମ୍ମଦ, ଓଡିଶା ଜୀବିକା ମିଶନର ଟିମନ ବାରା, ପ୍ରୋଜେକ୍ଟ ଅଧିକାରୀ ହିମାଂଶୁ କୁମାର ମହାପାତ୍ର ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ପ୍ରୋଜେକ୍ଟ ଅଧିକାରୀ ମହାପାତ୍ର ଚାଷ ଏବଂ ଚାଷୀଙ୍କ ଦକ୍ଷତା, ସମସ୍ୟା ସମ୍ପର୍କରେ ଗୋଟି ଗୋଟି କରି ଉପସ୍ଥାପନ କରିଥିଲେ। ଚାଷୀମାନଙ୍କ ଆଗ୍ରହ ଦେଖି ପ୍ରଶାସନ ଖୁସି ହୋଇଥିଲେ। ଚାଷୀଙ୍କ ସମସ୍ୟା ଉପରେ ବିଶେଷ ଦୃଷ୍ଟି ଦେବେ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଜିଲାରେ ଏହି ବର୍ଷ ୬୦୨.୦୩ ହେକ୍ଟର ଜମିରେ ଚାଷ କରାଯାଇଛି । ଏଥିରେ ୨୨୩୪ ଜଣ ଚାଷୀ ଭାଗ ନେଇଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜିଲା ଧନ ପରକୁ ଦେଇ**
**ଗରଜି ମରୁଛୁ ଯାହା**
**ଦରଜ ନ ମେଣ୍ଟି ହଇରାଣ ହେଲୁ**
**ଦରଜ ହେଲାଣି ବାହା ।**

ଟଙ୍କା ଯାଏ ସିଧା ଆସେ ବଙ୍କା। ଟଙ୍କା ପଇସା ଅନ୍ୟକୁ ଉଧାର ଦେଲେ ତାହା ଠିକ୍ ସମୟରେ ଫେରି ପାଇବାର କୌଣସି ନିଶ୍ଚିତତା ନ ଥାଏ। ନେବା ଲୋକ ଆଜି ଦେବା କାଲି ଦେବା କହି ଦିନ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ନିରାଶା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଙ୍ଗୁଳି ସନ୍ଧିରେ ମଳି**
**ଭିତରେ ଭିତରେ ସଲାସୁତୁରାଲୋ**
**ଉପରେ ଉପରେ କଳି ।**

ଲୋକେ ଜାଣିବାକୁ ଦୁହିଁଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଉପରେ ବୁଝାମଣା ଏକଦମ୍ ଠିକ୍। ସ୍ୱାମୀ ସ୍ତ୍ରୀଙ୍କ ସମ୍ବନ୍ଧ ପରି ଘନିଷ୍ଠ ସମ୍ବନ୍ଧ। କପଟୀ ବ୍ୟକ୍ତିଙ୍କ ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକଙ୍କୁ ଉପେକ୍ଷା

# ଅଭିଯୋଗ ଆଣିଲେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ

ଭବାନୀପାଟଣା,୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ରବିବାର ନୂତନ ପୋଲିସ କାର୍ଯ୍ୟାଳୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକଙ୍କୁ ଉପେକ୍ଷା କରାଯାଇଛି। ଏ ନେଇ ଅଭିଯୋଗ କରିଛନ୍ତି ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ। ରବିବାର ପୂର୍ବାହ୍ନ ୧୧ଟାରେ ଭବାନୀପାଟଣାସ୍ଥିତ ଏସ୍‌ପି ଅଫିସ ପରିସରରେ ଏକ ଅତ୍ୟାଧୁନିକ ଅଫିସ ଗୃହ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୋଲିସ ଡିଜି ବିଜୟ କୁମାର ଶର୍ମା, ଏଡିଜି ଆର.ପି. କୋଚେ, ଦକ୍ଷିଣାଞ୍ଚଳ ଡିଆଇଜି ସଫିନ ମହମ୍ମଦ, ଜିଲାପାଳ ଗାଭାଲି ହର୍ଷଦ ଓ ଏସ୍‌ପି ବି.ଗଙ୍ଗାଧର ଯୋଗଦେଇଥିଲେ। ଏହା ସରକାରୀ କାର୍ଯ୍ୟକ୍ରମ ହୋଇଥିବା ସତ୍ତ୍ୱେ ସ୍ଥାନୀୟ ବିଧାୟକଙ୍କୁ ନ ଡକାଯିବା କ୍ଷୋଭର ବିଷୟ ବୋଲି ପ୍ରକଶ କରିଛନ୍ତି ପ୍ରଦୀପ୍ତ ନାଏକ। ଏହା ଓଡିଶା ସରକାରଙ୍କ ମୋ ସରକାର କାର୍ଯ୍ୟକ୍ରମ ଓ ମୋ ପରିବାର କାର୍ଯ୍ୟକ୍ରମରେ ମୋତେ ଜଣାଇବା ଆବଶ୍ୟକତା ନ ଥିବା ପ୍ରଦୀପ୍ତ କହିଛନ୍ତି।

### ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ

# ଅଙ୍ଗନୱାଡି କର୍ମୀଙ୍କ ଲାଗି ଶୌଚାଳୟ ନାହିଁ

ଖଡିଆଳ,୩।୧୧ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଅଙ୍ଗନୱାଡି ମହିଳା କର୍ମୀମାନଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ନାହିଁ । କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଅନେକଗୁଡିଏ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବର୍ତ୍ତମାନ ସୁଦ୍ଧା ଶୌଚାଳୟର ବ୍ୟବସ୍ଥା ହୋଇପାରି ନାହିଁ । ସେହିପରି ଖଡିଆଳ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ବିଭାଗୀୟ କର୍ମଚାରୀମାନଙ୍କ ପାଇଁ ଶୌଚାଳୟ ଥିବା ବେଳେ ଏହି କାର୍ଯ୍ୟାଳୟକୁ ଖଡିଆଳ ବ୍ଲକରୁ ଶହ ଶହ ଅଙ୍ଗନୱାଡି କର୍ମୀ ମାସକୁ ପ୍ରାୟ ୫ରୁ ୬ ଥର ଏହି କାର୍ଯ୍ୟାଳୟକୁ ଆସୁଥିବା ବେଳେ ସେମାନଙ୍କ ପାଇଁ ଶୌଚାଳୟ ଏବଂ ପରିସ୍ରାଗାର ଓ ପାନୀୟ ଜଳର ସୁବିଧା ମିଳୁ ନ ଥିବା ଅଭିଯୋଗ ହେଉଛି । ସେହିପରି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ୩୫୩ ନଂ. ଜାତୀୟ ରାଜପଥକୁ ଲାଗି ରହିଥିବା ବେଳେ ରାସ୍ତାର ଦୁଇ ପାର୍ଶ୍ୱରେ ଅନେକଗୁଡିଏ ଦୋକାନ ବଜାର ତଥା ବ୍ଲକ କାର୍ଯ୍ୟାଳୟ ଥିବା ହେତୁ ପ୍ରତ୍ୟେକ ଦିନ ଶହ ଶହ ଲୋକଙ୍କ ଜନଗହଳି ଲାଗି ରହିଥାଏ। ଯାହା ଦ୍ୱାରା ମହିଳା ଅଙ୍ଗନୱାଡି କର୍ମୀମାନଙ୍କୁ ଶୌଚ ତଥା ପରିସ୍ରା ଯିବାକୁ ହେଲେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହେଉଛି ।




ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜିଲାସ୍ତରୀୟ ବିଦ୍ୟାଳୟ ଦୌଡ଼କୁଦ, ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପିତ

କୋମନା,୩।୧୧ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଭେଲାସ୍ଥିତ ଡ.କାଟକୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୨ ଦିନିଆ ଜିଲାସ୍ତରୀୟ ଦୌଡ଼କୁଦ, ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଶିବପ୍ରସାଦ ବେହେରା, ବିଇଓ ନୂଆପଡା ରେଶମଲାଲ ନାଏକ, ଖେଳ ଓ ଶାରିରୀକ ନିରିକ୍ଷକ ମହେଶ କୁମାର ଦଣ୍ଡସେନା, ପ୍ରଧାନଶିକ୍ଷକ ହୃଷୀକେଶ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ୨ ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ନୂଆପଡା ଜିଲାର ସମସ୍ତ ଶିକ୍ଷାନୁଷ୍ଠାନର ୧୪ରୁ ଊର୍ଦ୍ଧ୍ୱ ଓ ୧୭ ବର୍ଷରୁ କମ ବର୍ଗର ଛାତ୍ରୀଛାତ୍ର ବିଭିନ୍ନ ବିଭାଗ ଖେଳରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ଠାକୁର, କୁଳମଣି ନିଆଁଲ, ବିବେକାନନ୍ଦ ମହାନ୍ତି, ଖେଳ ଶିକ୍ଷକ ପରେଶ ପାଣିଗ୍ରାହୀ ଓ ଦୁଷନ୍ତ ଶବର, ଶିକ୍ଷକ ସୁରେଶ ଶବର ପ୍ରମୁଖ ଉପସ୍ଥିତଥିଲେ। ମଞ୍ଚ ପରିଚାଳନା ବିଜୟ କୁମାର ନାଗ କରିଥିବା ବେଳେ ପ୍ରବୀଣ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ୱଚ୍ଛତା କାର୍ଯ୍ୟକ୍ରମ

ଖଡିଆଳ,୩।୧୧ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍ଏସ୍) ପକ୍ଷରୁ ଖଡିଆଳ ସହରରେ ଗତ ୧ ରୁ ୧୦ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସଂଘର ନୂଆପଡା ଜିଲା ସେବା ପ୍ରମୁଖ ନବ ବେହେରାଙ୍କ ଅଧ୍ୟକ୍ଷତାରେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଖଡିଆଳ ସହରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି । ସେହିପରି ପ୍ରଥମ ଦିନ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିବା ବେଳେ ଦ୍ୱିତୀୟ ଦିନ ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ହୋଇଥିଲା । ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରତ୍ୟେହ ଦିନ ସ୍ୱଚ୍ଛ ଓ ପରିଚ୍ଛନ୍ନତା ରଖିବା ପାଇଁ ସଂଘ ସଦସ୍ୟମାନେ କେନ୍ଦ୍ରରେ ଥିବା ରୋଗୀ ଓ ସମ୍ପର୍କିୟଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏଥିରେ ଜିଲା ସଂଘ ଚାଳକ ପୁରୁତମ ସୁନାନୀଙ୍କ ନେତୃତ୍ୱରେ ସଂଘ କାର୍ଯ୍ୟକର୍ତ୍ତା ରତ୍ନାକର ସାହୁ, ଆହ୍ୱାନ ଯୋଶୀ, ସୁରେଶ ହଙ୍ଗୱାର, ବିନୋଦ ଅଗ୍ରୱାଲ, ସଜ୍ଜନ ଅଗ୍ରୱାଲ, ଅର୍ଜୁନ ଅଗ୍ରୱାଲ, କୈଳାଶ ଅଗ୍ରୱାଲ, ଜନାର୍ଦ୍ଦନ ପାତ୍ର, ବିଜୟ ଅଗ୍ରୱାଲ, ଲକ୍ଷ୍ମଣ ନାୟକ, ଦିଲୀପ ତ୍ରିବେଦୀ, ଶ୍ରୀକାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିଲେ। ଆଗାମୀ ଦିନରେ ଖଡିଆଳ ସହରର ମନ୍ଦିର, ମୁଖ୍ୟରାସ୍ତା, ବସଷ୍ଟାଣ୍ଡ, ବିଦ୍ୟାଳୟ, ବଜାର ଓ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି ।

# ରାଧେଶ୍ୟାମ ଦାସଙ୍କୁ ଭାଷା ସାରଥି ସମ୍ମାନ

ନୂଆପଡା ଅଫିସ,୩।୧୧



ରାଧେଶ୍ୟାମ ଦାସଙ୍କୁ ସମ୍ମାନିତ କରାଯାଉଛି।

ରାଜ୍ୟର ନୂଆପଡା ଭଳି ଉପାନ୍ତ ଜିଲା ଅଞ୍ଚଳରେ ଓଡିଆ ଭାଷା ସାହିତ୍ୟ ଉପରେ ବିଶେଷ ଗବେଷଣାତ୍ମକ କୃତୀତ୍ୱ ସକାଶେ ଭୁବନେଶ୍ୱରରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ସାହିତ୍ୟକ ରାଧେଶ୍ୟାମ ଦାସଙ୍କୁ ଭାଷା ସାରଥୀ ସମ୍ମାନ ମିଳିଛି। ରବିବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆଦିତ୍ୟ ଭାରତ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଦେବାଶିଷ ସାମନ୍ତରାୟ ଅଧ୍ୟକ୍ଷତା କରିଥିବା ବେଳେ ବର୍ଷିୟାନ ସାହିତ୍ୟିକ ଦାସ ବେନହୁର, କଥାକାର ପଦ୍ମଜ ପାଳ, କଥାକାର ସଦାନନ୍ଦ ପାଢୀ, ମଦନ ମୋହନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଧେଶ୍ୟାମ ଦାସ ନିଜର କଳାକୃତୀ ଉପରେ ଉପସ୍ଥାପନ କରିଥିଲେ। ଏହି ଦିନ ଓଡିଆ ଢଗଢମାଳି ଓ ଲୋକକଥା ଶୀର୍ଷକ ଏକ ବହିକୁ ଉନ୍ମୋଚନ କରାଯାଇଥିଲା ।


## ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ
(ପାୱାର୍ ୱିଙ୍ଗ୍)
BHAKRA BEAS NATION'S PRIDE

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**
ଏନ୍ଆଇଟି ନଂ.466/ପିଏଚ୍‌ଡି/ପିଓଏନ୍‌ଜି-341 ତାରିଖ: 30.10.2019
**କାର୍ଯ୍ୟାଳୟର ନାମ:** ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-I, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035
**କାର୍ଯ୍ୟର ନାମ:** ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଚ୍‌ଟି ପାୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ଏହାର ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ<br>ଶେଷ ତାରିଖ: 20.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ଦସ୍ତାବିଜ ଅପଲୋଡିଂର ଶେଷ ତାରିଖ ଓ ସମୟ | 05.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 06.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-I) | 06.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ସ୍ୱତନ୍ତ୍ରତା ମୂଲ୍ୟ, ବିସ୍ତୃତ ଏନ୍ଆଇଟି ଏବଂ ଅମାନତ ରାଶି ତଥା ସବିଶେଷ ଏନ୍ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.bbmbeproc.abcprocure.com, www.bbmb.gov.in
372-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ


# ଦ୍ୱିତୀୟ ଦିନରେ ଦଳିତ ଅଧିକାର ମଞ୍ଚର ନ୍ୟାୟ ପଦଯାତ୍ରା

କୋମନା,୩।୧୧ (ଡି.ଏନ.ଏ.)

- ଉଦ୍ୟାନବନ୍ଦସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
- ଜିଲା ଗଠନର ୨୬ ବର୍ଷ ପରେ ମଧ୍ୟ ବିକାଶ ଶୂନ୍

ନୂଆପଡା ଜିଲାର ବିଭିନ୍ନ ସମସ୍ୟା ନେଇ ଖଡିଆଳ ଦଳିତ ଅଧିକାର ମଞ୍ଚ ସଭାପତି କମଲ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଶନିବାରରୁ ବାହାରି ଥିବା ନ୍ୟାୟ ପଦଯାତ୍ରା ରବିବାର ୨ୟ ଦିନରେ ପହଞ୍ଚିଛି। ଏଥିରେ ମଞ୍ଚର ଶତାଧିକ କର୍ମକର୍ତ୍ତା ଏକଜୁଟ ହୋଇ ଖଡିଆଳସ୍ଥିତ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରା ଆରମ୍ଭ ହୋଇଥିଲା। ପଦଯାତ୍ରାରେ ଗାଁ ଗାଁ ବୁଲି ଲୋକଙ୍କୁ ଅବଗତ କରାଯିବା ସହ ନିଜ ହକ୍ ପାଇଁ ନ୍ୟାୟ ପଦଯାତ୍ରାରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା। ୨୫ କି.ମି. ନ୍ୟାୟ ପଦଯାତ୍ରା ପରେ ସମସ୍ତେ କୋମନାରେ ପହଞ୍ଚି ରାତ୍ରିରହଣି କରିଥିଲେ। ରବିବାର ସକାଳୁ ପୁଣି ପଦଯାତ୍ରାରେ ବାହାରି ଉଦ୍ୟାନବନ୍ଦସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଦଳିତ ଅଧିକାର ମଞ୍ଚ ସଭାପତି କମଲ ଚରଣ ତାଣ୍ଡି କହିଥିଲେ ଜିଲା ଗଠନର ୨୬ ବର୍ଷ ପରେ ମଧ୍ୟ ଜିଲାର ବିକାଶ ହେବା ପରିବର୍ତ୍ତେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଫଳରେ ଯୋଗ୍ୟ ହିତାଧିକାରୀମାନେ ପ୍ରତ୍ୟେକ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଦାଦନ ନିର୍ଯାତନାଠାରୁ ଆରମ୍ଭ କରି ଚାଷୀ ସମସ୍ୟା, ରୋଜଗାର, ୩୫୩ ରାଜପଥ ନିର୍ମାଣ, ପିଇବା ପାଣି ଭଳି ଅନେକ ସମସ୍ୟାର ନ୍ୟାୟ ପାଇଁ ସମସ୍ତେ ଏକଜୁଟ ହୋଇ ଆସନ୍ତା ୫ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଦାବି ଜଣାଇବା ପାଇଁ ନ୍ୟାୟ ପଦଯାତ୍ରାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଭଗବାନ ତାଣ୍ଡି, ପାଶା ମହାନନ୍ଦଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।




ଦଳିତ ଅଧିକାର ମଞ୍ଚର ନ୍ୟାୟ ପଦଯାତ୍ରା ।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିହନ ପ୍ରଦାନ

କେସିଙ୍ଗା,୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଆତ୍ମା ଆନୁକୂଲ୍ୟରେ କେସିଙ୍ଗାସ୍ଥିତ ସହକାରୀ କୃଷି କାର୍ଯ୍ୟାଳୟ ସଭା ଗୃହରେ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୪୦ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ୪୦ଜଣ ମହିଳା ଚାଷୀ ଓ ୧୦ ଜଣ ପୁରୁଷ ଚାଷୀଙ୍କୁ ଉନ୍ନତଧରଣ ପିଆଜ ଓ ପନିପରିବା ମଞ୍ଜି ମାଗଣାରେ ପ୍ରଦାନ କରାଯାଇଥିଲା। ଶିବିରରେ ବୌଦ୍ଧ ଜିଲାସ୍ଥିତ ତାଲଝରର ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ ବୈଷୟିକ ଅଧିକାରୀ ରଞ୍ଜିତ କୁମାର ଦାଶ ଯୋଗଦେଇ ଉନ୍ନତମାନର ପନିପରିବା ଚାଷ ବିଷୟରେ ତାଲିମ ଦେଇଥିଲେ। କେସିଙ୍ଗା ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ର, ଉଦ୍ୟାନ ଅଧିଦର୍ଶକ ଦୁର୍ବାଦଳ ମାଝି, ସହକାରୀ ଉଦ୍ୟାନ ଅଧିକାରୀ ଅନନ୍ତ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ବୈଷୟିକ ପରିଚାଳକ ଲୋକନାଥ ପାଇକରାୟ ଶିବିର ପରିଚାଳନା କରିଥିଲେ ।


## OFFICE OF THE NOTIFIED AREA COUNCIL, BINKA
Dist: Subarnapur (Pin-767019),Email id: nacbinka@gmail.com, Phone/Fax: 06654-241113
**E-tender call notice No. 1606/ 02.11.2019**

**Tender Reference No. BINKA-NAC-04/2019-20**
Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| | | |
|---|---|---|
| 1 | Type of the work:- | Civil work |
| 2 | No. of works:- | 13 Nos. |
| 3 | Estimated Cost:- | As per DTCN |
| 4 | Period of Completion:- | As per DTCN |
| 5 | Date & Time of Bidding from:- | Dtd. 04.11.2019 after 10.00 AM |
| 6 | Last date & time for receipt online:- | Dtd. 13.11.2019 upto 05.00 PM |
| 7 | Documents will be received by post/O/o Executive Officer on or before:- | Dtd. 14.11.2019 upto 05.30 PM |
| 8 | Bids received shall be opened on:- | Dtd. 15.11.2019 at 10.00 AM |
| 9 | Name and address of the Officer inviting Bid:- | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer**
**Notified Area Council, Binka**



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ



### ଟାଟା ଏସିଇ ଗାଡ଼ିକୁ ଭାଙ୍ଗିଲେ, ଟଙ୍କା ଲୁଟିନେଲେ

**ବଲାଙ୍ଗୀର ଅଫିସ,୩।୧୧:** ବଲାଙ୍ଗୀର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ନିକଟରେ ରବିବାର ଅପରାହ୍ନରେ ଜେଆଇଟିଏମ୍ କଲେଜ ଆଡକୁ ଯାଉଥିବା ଏକ ଟାଟା ଏସିଇ(ନଂ.ଓଡି୦୩ ଏ ୪୯୧୩) ଗାଡିକୁ ୭ରୁ ୮ ଜଣ ଯୁବକ ଅଟକାଇ ଡ୍ରାଇଭରଙ୍କୁ ଟଙ୍କା ମାଗିଥିଲେ । ସେ ଟଙ୍କା ଦେବାକୁ ମନା କରିଥିଲେ। ଫଳରେ ଯୁବକମାନେ ଗାଡି ଡ୍ରାଇଭରଙ୍କୁ ମାଡ ମାରି ୧୮୦୦ ଟଙ୍କା, ଡ୍ରାଇଭର ଲାଇସେନ୍ସ ଲୁଟିନେବା ସହ ଗାଡିକୁ ଭଙ୍ଗାରୁଜା କରିଥିଲେ। ଏନେଇ ଗାଡି ଡ୍ରାଇଭର ହିମାଂଶୁ ବେହେରା ଟାଉନ୍ ଥାନାରେ ଏକ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗକୁ ଭିତ୍ତ କରି ଏକ ମାମଲା (ନଂ.୬୦୪/୨୦୧୯) ରୁଜୁ କରିଛି। ଅନ୍ୟପକ୍ଷେ ପ୍ରତିପକ୍ଷ ମଧ ସେମାନଙ୍କୁ ଆକ୍ରମଣ କରାଯାଇଥିବା ନେଇ ଏକ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### କାନ୍ଥପଡି ବୃଦ୍ଧ ଗୁରୁତର

**ବଲାଙ୍ଗୀର ଅଫିସ,୩।୧୧:** ବଲାଙ୍ଗୀର ସହର ଇନ୍ଦିରାନଗରଠାରେ ରବିବାର ମଧ୍ୟାହ୍ନ ୧୨ଟାରେ ଏକ ଘର କାନ୍ଥ ଭୁଶୁଡି ପଡିଥିଲା।କାନ୍ଥ ତଳେ ବୃଦ୍ଧ ସୁରେନ୍ଦ୍ର ବଗର୍ତ୍ତା ଚାପି ହୋଇଯାଇଥିଲେ। ପଡାବାସୀତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇ ସର୍ଜରୀ ବିଭାଗରେ ଭର୍ତ୍ତି କରିଥିବା ଜଣାପଡିଛି। ଗତ ଅଗଷ୍ଟ ମାସ ବନ୍ୟାରେ ବୃଦ୍ଧ ବଗର୍ତ୍ତାଙ୍କ ଘର ଭାଙ୍ଗିଯାଇଥିଲା। ଘରର ଆଉ କିଛି ଅଂଶ ସଙ୍କଟାପନ୍ନ ଅବସ୍ଥାରେ ରହିଥିଲା । ପ୍ରଶାସନ ପକ୍ଷରୁ ବଗର୍ତ୍ତା ପଲିଥିନ୍ ପାଇ ସେଠାରେ ଟାଙ୍ଗି ରହିଥିଲେ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ କୁଲି କାମ କରି ଚଳୁଥିଲେ। ପ୍ରଶାସନ ପକ୍ଷରୁ ଘରଭଙ୍ଗା ବାବଦ କୌଣସି ସହାୟତା ମିଳି ନ ଥିବା ଜଣାପଡିଛି।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# 'ସଚ୍ଚୋଟତା ଉତ୍ତର ଜୀବନର ଆଧାର'

**ସୋନପୁର, ୩।୧୧(ନି.ପ୍ର.)**




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶନିବାର ସୋନପୁର କଲେଜ ପରିସରରେ ସଚ୍ଚୋଟତା ଜୀବନର ଏକ ଶୈଳୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଦୁର୍ନୀତି ନିବାରଣ ବିଭାଗ ଓ ନେହେରୁ ଯୁବକେନ୍ଦ୍ର ସୁବର୍ଣ୍ଣପୁର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କଲେଜ ଅଧକ୍ଷ ତରୁଣ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନସାଧାରଣ ସଚେତନ ହେଲେ ଦୁର୍ନୀତି ହ୍ରାସ ପାଇବ ବୋଲି କହିଥିଲେ। ସୁବର୍ଣ୍ଣପୁର ଦୁର୍ନୀତି ବିଭାଗ ଡିଏସପି କାଦମ୍ବିନୀ ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ।

ଏଥିରେ କଲେଜର ଛାତ୍ରୀଛାତ୍ର, ଅଧ୍ୟାପକ, ଦୁର୍ନୀତି ନିବାରଣ ବିଭାଗର କର୍ମକର୍ତ୍ତା, ନେହେରୁ ଯୁବ କେନ୍ଦ୍ରର ସଦସ୍ୟମାନେ ସମୂହ ଶପଥ ପାଠୋତ୍ସବରେ ଯୋଗଦେଇଥିଲେ। ମହାବିଦ୍ୟାଳୟର ୧୦ଜଣ ଛାତ୍ରୀଛାତ୍ର ଦୁର୍ନୀତି ନିବାରଣରେ ସଚ୍ଚୋଟତାର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡିଆ ଭାଷା ସାହିତ୍ୟର ଅଧାପିକା ଡ. ଇତିଶ୍ରୀ ଦାସ ସଚ୍ଚୋଟତା ଉତ୍ତର ଜୀବନର ଆଧାର ବୋଲି ମତବ୍ୟକ୍ତ କରିଥିଲେ। ଅଧାପକ ସୌରଭ ରଞ୍ଜନ ଖମାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନେହେରୁ ଯୁବକେନ୍ଦ୍ରର କୃପାସିନ୍ଧୁ ସା ଧନ୍ୟବାଦ ଅର୍ପଣ କରିଥିଲେ।

■ କୁଲତା ସମାଜର ବୈଠକ

# ଶିକ୍ଷା, କୃଷି କ୍ଷେତ୍ରରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉ

**ଅମରପାଲି, ୩।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ କୁମରକେଲି କେନ୍ଦ୍ର ରଘୁନାଥ ମଣ୍ଡପରେ ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ କୁଲୁତା ସମାଜର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା କୁଲତା ସଭାପତି ନୀଳାଞ୍ଚଳ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବୈଠକରେ କୁଲତା ସମାଜର ସାଂଗଠନିକ ସୁଦୃଢ଼ କରିବା ସହିତ ସମାଜର ପ୍ରତ୍ୟେକ ପରିବାରର ଚାଷ ଓ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ସମ୍ମାନୀତ ଅତିଥିଭାବେ କୃଷକ ପରିଷଦ ସଭାପତି ପ୍ରଦୀପ କୁମାର ସ୍ୱାଇଁ, ଦିଲୀପ ପଧାନ ଯୋଗଦେଇ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ସଭ୍ୟମାନେ ନିଜ ନିଜର ମତାମତ ଦେଇ କୁଲୁତା ସମାଜକୁ ମଜଭୁତ କରିବା ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ନୀଳାଞ୍ଚଳ ବେହେରାଙ୍କ ଆହ୍ୱାନରେ ସୁବର୍ଣ୍ଣପୁର ଜିଲା ଓ ପଡୋଶୀ ଜିଲାର କୁଲୁତାମାନଙ୍କୁ ନେଇ ଆଗାମୀ ଦିନରେ କୁମରକେଲି କେନ୍ଦ୍ରଠାରେ ଏକ ସାଧାରଣ ସଭା କରିବାର ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ କେନ୍ଦ୍ର କୁଲୁତା ସମାଜର ନୂତନ କର୍ମକର୍ତ୍ତା ଗଠନ କରାଯାଇଛି। ଏଥିରେ ବିଜୟ ପ୍ରଧାନଙ୍କୁ ସମ୍ପାଦକ, ଭରତ ସାହୁ ସହସମ୍ପାଦକ, ସୁଦାମ ସାହୁ, ରାମଶଙ୍କର ଭୋଇ, ଉପଦେଷ୍ଟା ଏବହଂ ଘନଶ୍ୟାମ ବେହେରା, ଭଲ ପ୍ରଧାନ, ଘାସିରାମ ପଧାନ, ସୁରେଶନ ପଧାନ, କମିଟିରେ ସଭ୍ୟ ଭାବେ ମନୋନୀତ ହୋଇଥିଲେ। ଶେଷରେ ବନମାଳୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଡୁମେରଯୋରରେ ଶାନ୍ତି ସୁରକ୍ଷା ମହାସଂଘ ବୈଠକ

**ଦେଓଗାଁ,୩।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଅନ୍ତର୍ଗତ ଡୁମେରଯୋର ଗାଁରେ ଶାନ୍ତିସୁରକ୍ଷା ନେଇ ରବିବାର ମହାସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାଁ ଗଉନ୍ତିଆ ଦିବାକର ମହାକୁର ତଥା ଗାଁବାସୀଙ୍କ ଆହ୍ୱାନ କ୍ରମେ ବନ୍ଧପଡ଼ା ଅଞ୍ଚଳର ୮ଟି ପଞ୍ଚାୟତର ୪୦ଟି ଗାଁକୁ ନେଇ ଗଠନ ହୋଇଥିବା ମହାସଂଘର ସଦସ୍ୟମାନେ ବୈଠକରେ ଯୋଗ ଦେଇଥିଲେ। ମହାସଂଘର ଅସ୍ଥାୟୀ ସଭାପତି ମଧୁସୁଦନ ସିଂ ନିନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମର ବିଭିନ୍ନ ସମସ୍ୟା ଏବଂ ଏହାର ସାମଧାନ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ବିଗତ ଦିନରେ ଗାଁରେ କିଛି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଅପ୍ରୀତିକର ଘଟଣାମାନ ଘଟି ଗାଁରେ ଅଶାନ୍ତି ପରିବେଷ ସୃଷ୍ଟି ହୋଇଥିଲା। ଏହାର ଯେପରି ପୁନରାବୃତ୍ତି ନ ହେବ ଏବଂ ଗାଁରେ କିପରି ଶାନ୍ତି ପ୍ରତିଷ୍ଠା ହୋଇପାରିବ ସେଥିପ୍ରତି ଗୁରୁତ୍ୱା ଦିଆଯାଇଥିଲା। ସମସ୍ତେ ଏକାଠି ହୋଇ ଗାଁର ସମସ୍ୟା ଓ ସମାଧାନ ଦିଗରେ କାମ କରିବା ପାଇଁ ବୈଠକରେ ଗୁହାଯାଇଥିଲା। ବୈଠକରେ ଅମିତ ସିଂ ନିନା, ସମ୍ପାଦକ କାନ୍ତେଶ୍ୱର ପଧାନ, ରାମଜୀ ଚୌଧୂରୀ ପ୍ରମୁଖ ନିଜ ମତ ବ୍ୟକ୍ତ କରିଥିଲେ। ବୈଠକ ଆୟୋଜନରେ ମାଖନୁ କାଲସାଏ, ନିରାକାର ବିଶି, ବାଗଦଲ ଭୂଏ, ଗୌରାଙ୍ଗ କୁମୁରା, ଜପତ ରାଏ, ଘନଶ୍ୟାମ ଗୁରାଣ୍ଡି, ଯୁଗିନ୍ଦ୍ର କୁଅଁର, ଲଳିତ ହରପାଲ, ପରମାନନ୍ଦ କୁମୁରା ପ୍ରମୁଖ ସହଯୋଗ କରିଥିଲେ।

## ୨୮ତମ ବିଜୟ ରଥଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ

**ଦେଓଗାଁ,୩।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଦରବ୍ଲକ ଅଧୀନ ଭୂତିଆରବାହାଲରେ ରାଧାକୃଷ୍ଣ ମହାପ୍ରଭୁଙ୍କ ୨୮ତମ ବିଜୟ ରଥଯାତ୍ରା ଉତ୍ସବ ପାଇଁ ପ୍ରସ୍ତୁତି ଚୂଡାନ୍ତରେ ପହଞ୍ଚିଛି। ରଥଯାତ୍ରା ଉତ୍ସର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ ହୋଇଛି। ପରିଚାଳନା କମିଟି ସଭାପତି ଭାବେ ଶ୍ରୀବତ୍ସ ସାହୁ, ଉପସଭାପତି ହରିଶ୍ଚନ୍ଦ୍ର ବାରିକ, ସମ୍ପାଦକ ଗୌତମ ଭୋଇ, ସହସମ୍ପାଦକ ତ୍ରିନାଥ ସାହୁ, ତ୍ରିଭୂବନ ବାରିକ, ଉପଦେଷ୍ଟା ଭାବେ ବେଣୁଧର ପଶାୟତ, ହର ଭୋଇ, ଜୀବର୍ଦ୍ଧନ ନାଏକ, ଅନି ଭାଟୀ, ବିଜୟ ଭୋଇ ପ୍ରମୁଖ ରହିଛନ୍ତି। ମୁଖ୍ୟପରିଚାଳକ ଭାବେ ଗଁଉନ୍ତିଆ ଡିଗେଶ୍ୱର ଭୋଇ ରହିଛନ୍ତି। ସୂଚନା ମୁତାବକ, ଚଳିତ ମାସ ୭ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ବିଜୟ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହେବ । ପ୍ରତ୍ୟେକ ଦିନ ଶ୍ରୀରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ସହ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହେବ। ଏହି ଅବସରରେ ମୀନାବଜାର ମୁଖ୍ୟ ଆକର୍ଷଣ ରହିଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗୁରୁବାର ଓ ଶୁକ୍ରବାର ତ୍ରିଭୂବନ ବାରିକ ଓ ସାଥୀ, ବରଗଡ଼ ଜିଲା ଦଏଁତିର ବିରାଜ କୁମାର ତାଣ୍ଡି ଓ କାସିପାଣିର ସୀତାବତୀ କୁମ୍ଭାର ଓ ସାଥୀଙ୍କ ଦ୍ୱାରା ସଞ୍ଚାର ନୃତ୍ୟ, ଶନିବାର, ରବିବାର ଓ ସୋମବାର ସରକଣ୍ଡାର ପାର୍ବତୀ ଗଣନାଟ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ବରଗଡ଼ର ଯଶୋବନ୍ତ ସାଗର ଓ ସାଥୀଙ୍କ ଦ୍ୱାରା ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

# ଏବିଭିପିର ନଗର ସମ୍ମିଳନୀ

**ବଲାଙ୍ଗୀର ଅଫିସ,୩।୧୧**



ଏବିଭିପି ନଗର ସମ୍ମିଳନୀରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ।

ବଲାଙ୍ଗୀର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସ୍ଥାନୀୟ କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାନ୍ତ ସହଛାତ୍ରୀ ପ୍ରମୁଖ ସୁଶ୍ରୀ ନନ୍ଦିତା ନାୟକ ଯୋଗଦେଇ ବିଦ୍ୟାର୍ଥୀ ପରିଷଦ ଗଠନ, ଲକ୍ଷ ତଥା ରାଷ୍ଟ୍ରୀୟ ପୁର୍ନନିର୍ମାଣ ପାଇଁ ଛାତ୍ରଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଭାଗ ସହପ୍ରମୁଖ ବୀରେନ୍ଦ୍ର ଚୌହାନ୍ ଯୋଗଦେଇ ପରିଷଦର ଅଗ୍ରଗତି ସମ୍ବନ୍ଧରେ କହିଥିଲେ । ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟ ଓ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ପ୍ରତିଷ୍ଠା ଆନ୍ଦୋଳନରେ ବିଦ୍ୟାର୍ଥୀ ପରିଷଦର ଭୂମିକା ଉପରେ କହିଥିଲେ। ନଗର ସମ୍ପାଦକ ଲିପକ ମିଶ୍ର ବଲାଙ୍ଗୀରରେ ଆୟୋଜିତ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ନଗର ସଭାପତି ହରିହର ପଧାନ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜନଜାତି ପ୍ରମୁଖ ଅଧାପକ ପ୍ରଶାନ୍ତ କୁମାର ବେହେରା ନିର୍ବାଚନ ଅଧିକାରୀ ଭାବେ ନବନିର୍ବାଚିତ ନଗର ସଭାପତି ଅଧାପକ ସଚ୍ଚିଦାନନ୍ଦ ନାଥ ଓ ନଗର ସମ୍ପାଦକ ଭାବେ ରାଜେନ୍ଦ୍ର ମହାବିଦ୍ୟାଳୟ ଛାତ୍ର ପ୍ରଶାନ୍ତ କୁମାରଙ୍କ ନାମ ଘୋଷଣା କରିଥିଲେ । ସଭାପତି ନୂତନ କାର୍ଯ୍ୟକାରିଣୀ ଘୋଷଣା କରିଥିଲେ । ସଭାରେ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ବକ୍ତବ୍ୟ ରଖିଥିଲେ। ସମ୍ମିଳନୀରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ଜିଲା ଶୁଣ୍ଢି ସମାଜର ଜରୁରୀ ବୈଠକରେ ଉପସ୍ଥିତି କର୍ମକର୍ତ୍ତା ।

# ଜିଲା ଶୁଣ୍ଢି ସମାଜ ବୈଠକ

**ବଲାଙ୍ଗୀର ଅଫିସ,୩।୧୧**

ବଲାଙ୍ଗୀର ଜିଲା ଶୁଣ୍ଢି ସମାଜର ଏକ ଜରୁରୀ ବୈଠକ ରବିବାର ହୋଟେଲ ତ୍ରିବେଣୀଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କଳାକାହ୍ନୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶୁଣ୍ଢି ସମାଜର ସଂସ୍କୃତିକୁ ବଜାୟ ରଖିବା ଓ ସମାଜର ଉନ୍ନତିମୂଳକ କାର୍ଯ୍ୟ କରିବା ଦିଗରେ ଆଲୋଚନା କରାଯାଇଥିଲା। ଡିସେମ୍ବର ୨୯ତାରିଖରେ ଶୁଣ୍ଢି ସମାଜର ମହାସଭା ସ୍ଥାନୀୟ ଟାଉନ୍ ହଲଠାରେ ଆୟୋଜନ କରାଯିବାକୁ ଧାର୍ଯ୍ୟ କରାଯାଇଥିଲା । ସଭାରେ ଜିଲା କାର୍ଯ୍ୟକାରୀ ସଭାପତି ଜୟଦେବ ବେହେରା, ଜିଲା ସମ୍ପାଦକ ଶଶୀକାନ୍ତ ବେହେରା, ବଲାଙ୍ଗୀର ମ୍ୟୁନିସିପାଲିଟି ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ମାଗିଲାଲ ବେହେରା, ବେଲପଡା ବ୍ଲକ ସଭାପତି ଗୌରଚନ୍ଦ୍ର ବେହେରା, ସମ୍ପାଦକ ରାଜେନ୍ଦ୍ର ବେହେରା, ଲୋଇସିଂହା ସମ୍ପାଦକ ହୃଷୀକେଶ ବେହେରା, କ୍ଷମାସାଗର ସାହୁ, ଜଗଦୀଶ ବେହେରା, ବନମାଳି ବେହେରା, ଲଳିତ ମୋହନ୍ ବେହେରା, ବାଳକୃଷ୍ଣ ବେହେରା, ଜୟଚନ୍ଦ୍ର ସାହୁ, ବକ୍ତବ୍ୟ ରଖି ଶୁଣ୍ଢି ସମାଜର ଉନ୍ନତି ଦିଗରେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ ।

# ମହିଳା ସଂଘର୍ଷ ସମିତିର ସଚେତନତା କାର୍ଯ୍ୟକ୍ରମ

**ଲାଠୋର,୩।୧୧(ଡି.ଏନ.ଏ.)**



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗୋଷ୍ଠୀ କେନ୍ଦ୍ରଠାରେ ରବିବାର ମୁଳ ନିବାସୀ ମହିଳା ସଂଘର୍ଷ ସମିତିର ରାଜ୍ୟ ସଂଯୋଜିକା ପୁଷ୍ପାଞ୍ଜଳୀ ଦଳପତିଙ୍କ ଅଧକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖପ୍ରାଖୋଲ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୫ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଡ.ବାବା ସାହେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଳ ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏଥିରେ ମହିଳାମାନଙ୍କ ସାମ୍ବିଧାନିକ ଅଧିକାର ଏବଂ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ବବିତା ବାରିକ, ହେମଲତା ବାରିକ, ହେମବତୀ ସୁନା, ମମତା ସଗରିଆ, ପଙ୍କଜିନୀ ବାଗ, ପିଙ୍କି ସେଠ ପ୍ରମୁଖ ସହଯୋଗ କରିଥିଲେ। ଜନନି କୁମୁରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**ଲାଠୋର,୩।୧୧(ଡି.ଏନ.ଏ.)**



ମୁଖ୍ୟଅତିଥି ପତାକା ଉତ୍ତୋଳନ କରି କ୍ରୀଡ଼ା ଉତ୍ସବର ଶୁଭାରମ୍ଭ କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ସମ୍ପାଦକ ସଦାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ଶପଥ ଗ୍ରହଣ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ୫୭ଟି ଖେଳ ପାଇଁ କିଶୋର ବର୍ଗ, ବାଳ ବର୍ଗ ଓ ଶିଶୁ ବର୍ଗର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବାଳ ବର୍ଗରେ ଶ୍ରେଷ୍ଠ ଖେଳାଳି କ୍ଷୀରସିନ୍ଧୁ ବାଗ, ନନ୍ଦିନି ନାଏକ, ମିନତି ଭୋଇ, ଶିଶୁ ବର୍ଗରେ ନନ୍ଦିଘୋଷ ଶବର, ଅନ୍ୱେଶା ପ୍ରିୟଦର୍ଶିନୀ ମାଝି, କିଶୋର ବର୍ଗରେ ଅନନ୍ତରାମ ମେହେର, ଟୁନାରାମ ରଣା, ରଶ୍ମିତା ମେହେର, ଯାଜ୍ଞସେନି ନାଗ ଶ୍ରେଷ୍ଠ ଖେଳାଳି ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ସଙ୍କୁଳ ସଂଯୋଜକ ତଥା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ଯୋଗଦେଇ ଶିକ୍ଷା ଓ କ୍ରୀଡ଼ାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେହେର, କମିଟି ଉପସଭାପତି କୁଞ୍ଜବିହାରୀ ସରାଫ, ସମ୍ପାଦକ ଗୋବିନ୍ଦରାମ ଅଗ୍ରୱାଲ, କୋଷାଧକ୍ଷ ଘନଶ୍ୟାମ ଅଗ୍ରୱାଲ, ସଭ୍ୟା ଲକ୍ଷ୍ମୀ ଅଗ୍ରୱାଲ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶାରୀରିକ ପ୍ରମୁଖ ସିମିତ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିବା ବେଳେ ସମସ୍ତ ଗୁରୁମା, ଗୁରୁଜୀ କପରିଚାଳନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଆଚାର୍ଯ୍ୟ ଅମ୍ରିତ ଦାଶ। ଶେଷରେ ଆଚାଯ୍ୟ ଶଙ୍କର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ସ୍କୁଲସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

## ବାଳକରେ ସ୍ମୃତିରଞ୍ଜନ, ବାଳିକାରେ ଅନୀମା ଚାମ୍ପିୟନ

**ବଲାଙ୍ଗୀର ଅଫିସ,୩।୧୧**



ସ୍କୁଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ବଲାଙ୍ଗୀର ସରକାରୀ ଟାଉନ ହାଇସ୍କୁଲ ଖେଳପଡ଼ିଆରେ ୨ଦିନ ଧରି ଚାଲିଥିବା ଜିଲା ସ୍କୁଲସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଘବ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ ଶିଳ୍ପଦ୍ୟୋଗୀ ସମରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଇଟ୍ ଅନୁଷ୍ଠାନ ପ୍ରତିଷ୍ଠାତା ତଥା ଜିଲା କ୍ରୀଡା ସଂସଦ ସଭାପତି ଶ୍ରୀକର ମିଶ୍ର, ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ବାଗ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ମିଶ୍ର ବକ୍ତବ୍ୟରେ ସ୍କୁଲ ଶିକ୍ଷା ସମୟରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କ୍ରୀଡ଼ା ମାଧ୍ୟମରେ ସୁନ୍ଦର ଓ ସୁସ୍ଥ ସ୍ୱାସ୍ଥ୍ୟ ପାଇପାରିବା ବୋଲି କହିଥିଲେ । କ୍ରୀଡ଼ା ଶୃଙ୍ଖଳିତ କରିବା ସହିତ ସାମାଜିକ ସମ୍ପର୍କକୁ ସୁଦୃଢ଼ କରିବାରେ ସହାୟକ ହୋଇଥାଏ ବୋଲି ଅବଗତ କରାଇଥିଲେ। ସମ୍ମାନିତ ଅତିଥି ମିଶ୍ର ବକ୍ତବ୍ୟରେ କ୍ରୀଡ଼ା କ୍ଷେତ୍ରରେ ବଲାଙ୍ଗୀର ଜିଲାର ଉତ୍କର୍ଷତା ଓ ଖେଳାଳିଙ୍କ ଆତ୍ମବିଶ୍ୱାସ ଉପରେ କହିଥିଲେ। ଅତ୍ୟତମ ସମ୍ମାନିତ ଅତିଥି ବାଗ ବକ୍ତବ୍ୟରେ ସ୍କୁଲ ଶିକ୍ଷା ସମୟରେ କ୍ରୀଡ଼ାର ମହତ୍ୱ ଉପରେ ବର୍ଣ୍ଣନା କରିଥିଲେ। ୨ଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲାର ୧୪ଟି ବିଦ୍ୟାଳୟରୁ ୩୦୬ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଦୌଡ଼କୁଦ, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟ୍‌ପୁଟ ଓ ଜାଭେଲିନ୍ ଥ୍ରୋ ଓ ଅନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ବଡମାଲ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ମଲ୍ଲିକ ଓ ବାଳିକା ବର୍ଗରେ ଛତାମଖନା ଯୁଧିଷ୍ଠିର ମିଶ୍ର ଜୁନିଅର ମହାବିଦ୍ୟାଳୟର ଛାତ୍ରୀ ଅନୀମା ପଟେଲ ଚାମ୍ପିୟାନ ବିବେଚିତ ହୋଇଥିଲେ। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ସରକାରୀ ଟାଉନ ହାଇସ୍କୁଲ ଛାତ୍ର ସୁନ୍ଦର ଟୁଡୁ ଓ ବାଳିକା ବିଭାଗରେ ମୁରିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସସ୍ମିତା ମହାକୁଡ ଚାମ୍ପିୟନ ହୋଇଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ କୁମୁଦିନିମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶାରୀରିକ କ୍ରୀଡ଼ା ନିରୀକ୍ଷକ ଜ୍ୟୋତି ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।



ଧନ ଅର୍ଜନ କରିବାର ପିପାସା ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ

### ଶୋଭନୀୟ ସମାଜ ଗଠନ ପାଇଁ ଆହ୍ବାନ

ଭବାନୀପାଟଣା,୩।୧୧(ଡି.ଏନ.ଏ.)- କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଆଶ୍ରମ ବିଦ୍ୟାଳୟ, ଲାଞ୍ଜିଗଡ ଆଶ୍ରମ ହାଇସ୍କୁଲ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଭବାନୀପାଟଣା, ଜୁନାଗଡ, ଥୁଆମୁଳରାମପୁର, ବ୍ଲକର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଶୋଭନୀୟ ସମାଜ ଗଠନରେ ସହାୟକ ହେବାକୁ ଆହ୍ବାନ ଦିଆଯାଇଛି। ପାଠ ପଢି ଭଲ ମଣିଷ ହେବା, ଅଶ୍ଳୀଳତାରୁ ଦୂରେଇ ରହିବା, ବାପା ମା, ଗୁରୁଜନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା, ନିଶାଦ୍ରବ୍ୟ ସେବନ ନ କରିବା, ଆଦର୍ଶ ଜୀବନ ଗଢିବାକୁ ସଚେତନ କରାଯାଇଛି। ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମର ସମ୍ପାଦକ ତଥା ପୂଜ୍ୟଶ୍ରୀ କୁମାର ଭାଇଙ୍କ ପଟ୍ଟଶିଷ୍ୟ ନିରଞ୍ଜନ ଭାଇ ଏବଂ ଚାରୁଲତା ଦେବୀ ସପ୍ତାହବ୍ୟାପୀ ଜିଲାର ବିଭିନ୍ନ ସ୍କୁଲକୁ ଗସ୍ତ କରି ପିଲାମାନଙ୍କୁ ଏହି ବାର୍ତ୍ତା ଦେଇଛନ୍ତି।



### ସର୍ବୋଚ୍ଚ ବାଲୁକା କଳା ନିର୍ମାଣ ଉଦ୍ୟମ

ରିଷିଡା,୩।୧୧ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଡଙ୍ଗରମୁଣ୍ଡାର ବାଲୁକା ଶିଳ୍ପୀ ଏକ ନୂଆ କୀର୍ତ୍ତିମାନ ପ୍ରତିଷ୍ଠା ଉଦ୍ୟମ ଆରମ୍ଭ କରିଛନ୍ତି। ବିଶ୍ୱର ସର୍ବୋଚ୍ଚ ବାଲୁକା କଳା ନିର୍ମାଣ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କୁ ଆର୍ଥିକ ସହାୟତା ପାଇଁ ନିବେଦନ କରିଛନ୍ତି । ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂ ଓ ଓଡିଶା ପର୍ଯ୍ୟଟନ ନିଗମର ଅଧକ୍ଷା ଶ୍ରୀମୟୀ ମିଶ୍ର ଓ ବଲାଙ୍ଗୀର ଜିଲାପାଳଙ୍କୁ ଲିଖିତ ଆବେଦନ କରିଛନ୍ତି । ଏହା ନିର୍ମାଣ କରିବା ପାଇଁ ପ୍ରାୟ ୨୨ ଲକ୍ଷ ୨୫ ହଜାର ୨୦୦ ଟଙ୍କା ଖର୍ଚ୍ଚ ହେବ ବୋଲି ସେ ଅଟକଳ କରିଛନ୍ତି। ପ୍ରାୟ ୬୭ ଫୁଟ ଉଚ୍ଚତାର ବାଲୁକା କଳା ନିର୍ମାଣ କରିବେ । ଏଥିପାଇଁ ଓଡିଶାର ୧୦ଜଣ ବାଲୁକା ଶିଳ୍ପୀ, ୧୦ଜଣ ମିସ୍ତ୍ରୀ ଓ ୭୦ ଜଣ ଶ୍ରମିକ ନିୟୋଜନ ହେବେ ।

### ଦିବ୍ୟଦର୍ଶନ ଟ୍ରଷ୍ଟ ପକ୍ଷରୁ ଜ୍ଞାନଯଜ୍ଞ

ଭବାନୀପାଟଣା,୩।୧୧(ଡି.ଏନ.ଏ.)- ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଦିବ୍ୟଦର୍ଶନ ଟ୍ରଷ୍ଟ ଭବାନୀପାଟଣା ଶାଖା ପକ୍ଷରୁ ଗତ ଶୁକ୍ରବାର ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତତ୍‌ସଙ୍ଗେ ଦିବ୍ୟଦର୍ଶନ ସଂଘର ଗୁରୁଭାଇ ଭଉଣିମାନେ ଦିକ୍ଷା ଗ୍ରହଣ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଘର କେନ୍ଦ୍ରୀୟ କମିଟି ବରିଷ୍ଠ ଗୁରୁଭାଇ ନିରଞ୍ଜନ ଆଚାରୀ ଏବଂ ଜ୍ୟୋତି ଭଉଣୀ ଆତ୍ମଜ୍ଞାନ ସମ୍ପର୍କରେ ଆଲୋଚନା କରିଥିଲେ । ଦିବ୍ୟଦର୍ଶନ ଟ୍ରଷ୍ଟ ଭବାନୀପାଟଣା ଶାଖାର ଗୁରୁଭାଇ ବି.ରାମାରାଓ, ସଭାପତି ବୈଷ୍ଣବ ଭାଇ, ଶଙ୍କର ପ୍ରସାଦ ମଣ୍ଡଳ, ନିରଞ୍ଜନ ଭାଇ, ଆପାରାଓ ଭାଇ, ବୃନ୍ଦାବନ, ରାନୁ ଏବଂ ଅନେକ ଗୁରୁଭାଇ ଭଉଣୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ଭବାନୀପାଟଣା ଏବଂ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଗୁରୁ ଆଶୀର୍ବାଦ ଲାଭ କରିଥିଲେ।

ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ

# ନେତୃତ୍ୱର ବିକାଶ ହେଲେ ଦେଶର ବିକାଶ ସମ୍ଭବ

ଜୁନାଗଡ,୩।୧୧ (ଡି.ଏନ.ଏ.)




ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥିବୃନ୍ଦ ।

କଳାହାଣ୍ଡି ଜିଲା ଜୁନାଗଡ ସହର ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରେ ଗତ ଶୁକ୍ରବାରଠାରୁ ଚାଲିଥିବା ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୁତି ଭୂଷଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀରେ ସକାଳରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଓ ଅପରାହ୍ନରେ ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ନେତୃତ୍ୱର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ଉଦ୍‌ବୋଧନ ଦେଇଥିଲେ। ମୁଖ ବକ୍ତା ଭାବେ ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ,ସମ୍ମାନିତ ଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ବି ଗୋବିନ୍ଦ ରାଓ ପ୍ରମୁଖ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ୩ଦିନ ଧରି ଚାଲିଥିବା ତାଲିମ ଶିବିରରେ ପ୍ରାଥମିକ ସହାୟତା, ରକ୍ତଦାନର ମହତ୍ତ୍ୱ, ବିପର୍ଯ୍ୟସ୍ତ ପରିଚାଳନା, ବିଶ୍ୱ ତାପାୟନ, ସଡକ ସୁରକ୍ଷା, ନେତୃତ୍ୱ, ବ୍ୟକ୍ତିତ୍ୱର ବିକାଶ ଓ ଯୋଗ ପ୍ରଭୃତି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏହାସହ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ତର୍କ, ସାଧାରଣ ଜ୍ଞାନ, କଣ୍ଠ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କ୍ଷୀରସିନ୍ଧୁ ନାଏକ ଓ ଜଳି ପରାଭୋଇଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ କରାଯାଇଥିଲା। ପରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଶିବିରାର୍ଥୀମାନେ ରେଳ ଷ୍ଟେଶନ ଓ ବସଷ୍ଟାଣ୍ଡରେ ସଫେଇ କରିବା ସହିତ ସଡକ ସୁରକ୍ଷା ନିମନ୍ତେ ପ୍ରଚାରପତ୍ର ଲୋକଙ୍କୁ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଯୁବ ରେଡକ୍ରସ ଆବାହିକା ପଲ୍ଲିଶ୍ରୀ ପଟ୍ଟନାୟକ, ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡା, ଶିବିର ନିର୍ଦ୍ଦେଶକ ପ୍ରିୟବ୍ରତ ବାଣୁଆ, ଉପନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ପରାମର୍ଶଦାତା ସରୋଜ କୁମାର ପଣ୍ଡା, ମୋହନ ଚରଣ ବିଶି, ନୃସିଂହାନନ୍ଦ ସାସମଲ, ଗୋବିନ୍ଦ ସାହୁ, ସଞ୍ଜୟ କୁମାର ପୁରୋହିତ, ସୁଶୀଳ କୁମାର ସତପଥି, ସଞ୍ଜୀବ କୁମାର ମୁଣ୍ଡ, ସରୋଜ ପଟ୍ଟଯୋଷୀ, ସୁଧିର କିଶୋର ପଣ୍ଡା, ଅଗସ୍ତୀ ସୁନାନୀ, ସମୀର କୁମାର ସାହୁ, ପଦ୍ମମୁଖ ଚଳାନ, ହେମନ୍ତ ରଣା, ଦେଶରାଜ ରାଉତ, ଦେବେନ୍ଦ୍ର ବେହେରା, ସାଗରିକା ଦାଶ, ସରୋଜ କୁମାର ଠାକୁର, କୈଳାସ ଚନ୍ଦ୍ର ମେହେର, ନେତ୍ରାନନ୍ଦ ପ୍ରଧାନ, ଆଦିତ୍ୟ ଖମାରୀ, ସୀମାଞ୍ଚଳ ମିଶ୍ର, ଅରୁପାନନ୍ଦ ନାଗ, କୁଞ୍ଜବିହାରୀ ସାହୁ, ହେମନ୍ତ ରଣା, ଅଭିଲାଷ ତ୍ରିପାଠୀ, ଜନ୍ମେଜୟ ମେହେର ପ୍ରମୁଖ ସହଯୋଗ କରିଥିଲେ। ତାଲିମ ଶିବିରରେ ଜିଲାର ଅନେକ ମହାବିଦ୍ୟାଳୟର ୨ଶହରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ କାଉନସିଲରମାନେ ଯୋଗଦେଇଥିଲେ।

# କଳିଙ୍ଗ ମୋଟର ଚାଳକ ସଂଘର ସାଧାରଣସଭା

କେସିଙ୍ଗା,୩।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ବୋରିଙ୍ଗପଦର ଦୁର୍ଗା ପୂଜା ପଡିଆରେ କଳିଙ୍ଗ ମୋଟର ଚାଳକ ସଂଘ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଆରଟିଓ ଦୀନବନ୍ଧୁ ଶୁଣ୍ଡି ଯୋଗଦେଇଥିଲେ। ଯାନବାହନ ଚଳାଇବା ସମୟରେ ମଦନିଶା, ମୋଇବଲ, ଦ୍ରୁତଗତି, ବିନା ଲାଇସେନ୍ସରେ ଗାଡି ନ ଚଳାଇବା, ସହରରେ ସିଗନାଲ ଦେଖି ଗାଡି ଚଳାଇବା, ପୋଲିସ ଓ ଆରଟିଓଙ୍କ କଥା ମାନିବା, ବିନା ଇନସ୍ୟୁରାନ୍ସରେ ଗାଡି ନ ଚଳାଇବା, ବେଲ୍ଟ ଓ ହେଲମେଟ ବ୍ୟବହାର କରିବାକୁ ମୁଖ୍ୟବକ୍ତା ଉପସ୍ଥିତ ଗାଡି ଚାଳକମାନଙ୍କୁ ଉପଦେଶ ଦେଇଥିଲେ। ଚଳିତ ୨୦୧୯ ଆଞ୍ଚଳିକ ପରିବହନ ବିଭାଗ ନୀତି ଅନୁସାରେ ଅନ୍ୟର ଗାଡି ଚଳାଉଥିବା ସମୟରେ ଧରାପଡିଲେ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ ବୋଲି କଳାହାଣ୍ଡି ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରକାଶ କରିଥିଲେ । ଅଜଣା ଗାଡି ଧକ୍କାରେ ଯେକୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ଦିଆଯିବ ମଧ୍ୟ କହିଥିଲେ । କଳିଙ୍ଗ ମୋଟର ଚାଳକ ସଂଘର କର୍ମକର୍ତ୍ତାମାନେ ବଲାଙ୍ଗୀର ଛକଠାରୁ ସହର ପରିକ୍ରମା କରି ସଭାସ୍ଥଳକୁ ବିଭିନ୍ନ ସ୍ଲୋଗାନ ଦେଇ ଯାଇଥିଲେ। ଏହି ସଭାରେ ସଂଘର ସଭାପତି ବିଷ୍ଣୁପ୍ରସାଦ ଗୋପାଳ ସଭାପତିତ୍ୱ କରିଥିଲେ। ଉପସଭାପତି ଦୁର୍ଯ୍ୟୋଧନ ନାଏକ, ସମ୍ପାଦକ ସୁଶାନ୍ତ ପଟ୍ଟନାୟକ, ସହସମ୍ପାଦକ ଦିବାକର ସୁନା ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ ।




କଳିଙ୍ଗ ମୋଟର ଚାଳକ ସଂଘ ସାଧାରଣସଭାରେ ଯୋଗଦାନ କରିଥିବା ଅତିଥିଗଣ ।



ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଯାପିନୀରେ ସଚେତନତା ରାଲିକୁ ଉଦ୍‌ଘାଟନ କରାଯାଉଛି।

# ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଯାପିତ

ଭବାନୀପାଟଣା,୩।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ସମେତ ଜିଲାର ସମସ୍ତ ବ୍ଲକ ଓ ପଞ୍ଚାୟତସ୍ତରରେ ଚାଲିଥିବା ଦୁର୍ନୀତି ନିବାରଣ ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଛି। ସକାଳେ ସ୍ଥାନୀୟ ପୋଲିସ ହାଇସ୍କୁଲଠାରୁ ଏନ୍‌ସିସି କେଡେଟ୍ ଓ ଛାତ୍ରୀଛାତ୍ରମାନଙ୍କୁ ନେଇ ଦୁର୍ନୀତି ନିବାରଣ ସପଥ ପାଠ କରାଯାଇଥିଲା। ପରେ ଏନ୍‌ସିସି କେଡେଟ୍‌ମାନଙ୍କୁ ନେଇ ସହରରେ ଏକ ସଚେତନତା ରାଲିକୁ ପତାକା ଦେଖାଇ ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦ ଉଦ୍‌ଘାଟନ କରିଥିଲେ । ଏହି ରାଲି ସହର ପରିକ୍ରମା କରି ପୁଣି ସ୍କୁଲକୁ ଫେରିଥିଲା। ଏହି ରାଲିରେ ଭିଜିଲାନ୍ସ ବିଭାଗର ସନ୍ତୋଷ କୁମାର ମହାନ୍ତି, ତ୍ରିଲୋଚନ ପ୍ରସାଦ ଷଡଙ୍ଗୀ, ବିଶ୍ୱନାଥ ନାଏକ, ହାଇସ୍କୁଲ ପ୍ରଧାନ ଶିକ୍ଷକ ଜୟରାମ ସାହୁ, ଏନ୍‌ସିସି ଅଫିସର ଗଙ୍ଗାଧର ନନ୍ଦ, ଶିକ୍ଷକ ରବିନ୍ଦ୍ର ପଟ୍ଟନାୟକ ଓ ହେମନ୍ତ କୁମାର ମୁଣ୍ଡ ପ୍ରମୁଖ ନେତୃତ୍ୱ ନେଇଥିଲେ। ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଇଟିଗ୍ରୀଟି କ୍ଲବ ଗଠନ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଏଥିରେ ସାମିଲ କରି ଦୁର୍ନୀତି ବିରୋଧରେ ସ୍ୱର ଉତ୍ତଳନ କରିବା ଓ ଦୁର୍ନୀତି ସମ୍ପର୍କରେ ଖବର ପାଇଲେ ଭିଜିଲାନ୍ସ ବିଭାଗରେ ଜଣାଇବା ପାଇଁ ଅନୁରୋଧ କରାଯାଇଥିଲା। ସେହିପରି ଅପରାହ୍ନରେ ଭବାନୀପାଟଣା ବ୍ଲକର ଚାଞ୍ଚେର ଗ୍ରାମ ଓ କେସିଙ୍ଗା ବ୍ଲକ ଉତ୍‌କେଲାଠାରେ ଦୁର୍ନୀତି ନିବାରଣ ସଚେତନତା ସଭାର ଆୟୋଜନ କରାଯାଇଥିବା ଡିଏସପି ମହାନନ୍ଦ ପ୍ରକାଶ କରିଥିଲେ।

## ପ୍ଲାଷ୍ଟିକ ମୁକ୍ତି ଅଭିଯାନ

ଭବାନୀପାଟଣା,୩।୧୧(ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ଲାଷ୍ଟିକ ବର୍ଜନ, ଜଳସଂରକ୍ଷଣ, ଜୈବିକ, ରାସାୟନିକ ସାର ଓ ଚୀନ ବସ୍ତୁ ବର୍ଜନ ଇତ୍ୟାଦି ବିଷୟରେ ସାହି, ବସ୍ତି, ସହର, ଶିକ୍ଷାନୁଷ୍ଠାନ, ହାଟ ଓ ବଜାରରେ ପଥପ୍ରାନ୍ତ ସଭା, ସ୍ୱଦେଶୀ ସଭା, ଗୋଷ୍ଠୀ ଆୟୋଜନ କରାଯିବ। ଏହି ଅଭିଯାନ ନଗର ସଂଯୋଜିକା ପଲ୍ଲବୀ ପଟ୍ଟନାୟକଙ୍କ ନେତୃତ୍ୱରେ ମଞ୍ଚ ସଂଘର୍ଷ ବାହିନୀ ପ୍ରମୁଖ ସତ୍ୟବ୍ରତ ମିଶ୍ର, ପ୍ରଚାର ଓ ବିଚାର ମଣ୍ଡଳ ପ୍ରମୁଖ ସଂହିତା ରଥ, ଯୁବା ପ୍ରକୋଷ୍ଠ ପ୍ରମୁଖ ଗୀତାଞ୍ଜଳି ପ୍ରଧାନ, ଅବିନାଶ ବେହେରା ପ୍ରମୁଖ ଉଦବୋଧନ ଦେଇଥିଲେ।

# ଧାର୍ଯ୍ୟ ତାରିଖରେ ଖୋଲିଲାନି ଧାନ ମଣ୍ଡି

## ୯୬ ଲକ୍ଷ କୁଇଣ୍ଟାଲ ଧାନ ଅମଳ ହେବା ଆକଳନ

ଭବାନୀପାଟଣା,୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ନଭେମ୍ବର ୧ରୁ ଖରିଫ ଧାନକିଣା ହେବ ବୋଲି ଜିଲା ଧାନ କିଣା ଓ ଚାଉଳ ସଂଗ୍ରହ ବୈଠକରେ ପ୍ରଶାସନ ଘୋଷଣା କରିଥିଲା। ହେଲେ ବିନା ପ୍ରସ୍ତୁତିରେ ଏହି ଘୋଷଣା ହୋଇଥିବାରୁ ୧ ତାରିଖ ଶୁକ୍ରବାରେ ଧାନ କିଣା ଆରମ୍ଭ ହୋଇପାରିଲାନି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏପରି କି ଏଯାଏ କେଉଁ କେଉଁ ମିଲର୍ ସାମିଲ ହେବେ ତାହା ନେଇ ଚୁକ୍ତି ପାଇଁ ଚିଠି ମଧ୍ୟ ହୋଇନାହିଁ। ସେହିଭଳି ମିଲରଙ୍କ ଗତ ଖରିଫ ଓ ରବିର ପ୍ରାୟ ୮ ରୁ ୧୦ କୋଟି ଟଙ୍କା ବକେୟା ପ୍ରାପ୍ୟ ଏଯାଏ ସମ୍ପୂର୍ଣ୍ଣ ମିଳି ନାହିଁ। ଧାନ ବସ୍ତା ଓ ଅନ୍ୟାନ୍ୟ ବାବଦକୁ ପ୍ରାୟ ୨.୫ କୋଟି ଟଙ୍କା ସରକାର କାଟି କି ରଖିବା ଯୋଗୁ ମିଲରମାନେ ମଧ୍ୟ ପ୍ରାପ୍ୟ ନ ମିଳିବା ଯାଏ ସେମାନେ ସହଯୋଗ କରିବେ ନାହିଁ ବୋଲି କହୁଛନ୍ତି। ଅନ୍ୟଥା ବିଭାଗ ସବୁ କରୁ, ସେମାନେ କେବଳ ମିଲିଂ ପାଇଁ ଧାନ ଉଠାଇବେ ବୋଲି କହିଲେଣି। ଏ ସମ୍ପର୍କରେ ରାଜ୍ୟ ଯୋଗାଣ ବିଭାଗକୁ ମଧ୍ୟ ଜଣାଇଛନ୍ତି। ଏଣୁ ଗତଥର ଭଳି ପରିସ୍ଥିତି ସୃଷ୍ଟି ହେଲାଣି। ତଥାପି ସମାଧାନ ହେଉ ନ ଥିବାରୁ ଚାଷୀମାନେ କଟନି ଶିକାର ହେଉଛନ୍ତି ବୋଲି କିଛି ମିଲର ପ୍ରକାଶ କରିଛନ୍ତି। ଜିଲାରେ ଏ ବର୍ଷ ୯୬ ଲକ୍ଷ କୁଇଣ୍ଟାଲ ଧାନ ଅମଳ ହେବା କୃଷି ବିଭାଗ ଆକଳନ କରିଛି। ହେଲେ ଜିଲାକୁ ପ୍ରଥମ ପର୍ଯ୍ୟାୟରେ ମାତ୍ର ୨୫ ଲକ୍ଷ ୭୫ ହଜାର କୁଇଣ୍ଟାଲ ଧାନ କିଣା ପାଇଁ ଟାର୍ଗେଟ ଆସିଛି। ଧାନ ଅମଳ ଆରମ୍ଭ ହେଲାଣି। ପରିସ୍ଥିତି ଯାହା ଅଛି ଆହୁରି ୧୫ ଦିନ ଧାନ କିଣା ସମୟ ଲାଗିବ। ତେଣୁ ନିଶ୍ଚିତ ଭାବେ ଅଭାବୀ ବିକ୍ରି ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏଥର ୭୨ ହଜାରରୁ ଅଧିକ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଏଣୁ ଶୀଘ୍ର ଧାନ କିଣା ଆରମ୍ଭ ନ ହେଲେ ପୁଣି ଦଲାଲମାନଙ୍କ କବଜାରେ ମଣ୍ଡି ଚାଲିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ ହାଡିବନ୍ଧୁ ସାଙ୍କୁ ପଚାରିବାରୁ ବିଳମ୍ବ ହେବ, ପ୍ରସ୍ତୁତି ଚାଲିଛି ବୋଲି ସେ କହିଥିଲେ।

# ଓଡ଼ିଶା ହାଇକୋର୍ଟ ଜଷ୍ଟିସ୍ ଡ. ଏ.କେ. ମିଶ୍ରଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା,୩।୧୧(ଡି.ଏନ.ଏ.)



ଓଡ଼ିଶା ହାଇକୋର୍ଟର ଜଷ୍ଟିସ୍ ଡ. ଏ.କେ. ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଶନିବାର ଓଡ଼ିଶା ହାଇକୋର୍ଟର ଜଷ୍ଟିସ୍ ଡ. ଏ.କେ. ମିଶ୍ର କଳାହାଣ୍ଡି ଗସ୍ତରେ ଆସି ଜିଲା ଜଜ୍‌ଙ୍କ କୋର୍ଟ ପରିଦର୍ଶନ କରି ଓକିଲ ସଂଘ ସହିତ ଆଲୋଚନା କରିଥିଲେ। କଳାହାଣ୍ଡି ବାର ଆସୋସିଏଶନ୍ ପକ୍ଷରୁ ଜଷ୍ଟିସ୍ ଡ. ଏ.କେ. ମିଶ୍ରଙ୍କୁ ଏକ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ କଳାହାଣ୍ଡି ଜିଲାରେ ଓଡିଶା ହାଇକୋର୍ଟର ଏକ ସ୍ଥାୟୀ ବ୍ୟାଞ୍ଚ ସ୍ଥାପନ, ନିର୍ମାଣାଧୀନ ଜିଲା ଜଜ୍ କୋର୍ଟ ଗୃହକୁ ଶୀଘ୍ର ହସ୍ତାନ୍ତର ତଥା ବିଚାର ବିଭାଗରେ ଖାଲି ପଡିଥିବା ପଦ ପଦବୀରେ ଶୀଘ୍ର ନିଯୁକ୍ତି ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଥିଲା। ଜଷ୍ଟିସ୍ ଡ. ଏ.କେ. ମିଶ୍ର ନିର୍ମାଣାଧୀନ ଜିଲା କୋର୍ଟ ଗୃହ ଜାନୁୟାରୀ ମଧ୍ୟରେ କାର୍ଯ୍ୟକ୍ଷମ କରାଯିବା ପାଇଁ ତଥା ଖାଲିପଡିଥିବା ପଦପଦବୀରେ ନିଯୁକ୍ତି ତ୍ୱରାନ୍ୱିତ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ଆଲୋଚନା କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଭବେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ଅଶ୍ୱିନ କୁମାର ଦାସ, ସହସମ୍ପାଦକ ନିହାର ରଞ୍ଜନ ମିଶ୍ର, ବରିଷ୍ଠ ଆଇନଜୀବୀ ମାୟାଧର ମୁଣ୍ଡ, ସନ୍ତୋଷ ପଣ୍ଡା, ଜଗନ୍ନାଥ ମୁଣ୍ଡ, ଦୁର୍ଗାମାଧବ ପାଢ଼ି, ଗଜେନ୍ଦ୍ର ପାଢୀ, ଦୌତାରି ପ୍ରଧାନ, ଅନୁଭ କୁମାର ଜେନା, ନାରାୟଣ ପଟ୍ଟନାୟକ, ଲୋକନାଥ ନାଏକ, ହର୍ଜିନ୍ଦର ସିଂହ, ଭବାନୀଶଙ୍କର ମିଶ୍ର, ସୁଧାଂଶୁ ନନ୍ଦ, କିରୋଦ ପ୍ରସାଦ ନେଗୀ, ଅବଦୁଲ ସାଜିଦ୍, ପ୍ରସାନ୍ତ କୁମାର ବାରିକ, ମାନସ ରଞ୍ଜନ ମହାନ୍ତି, କୁନାଲ କୁମାର ବେହେରା, ଭବାନୀଶଙ୍କର ସାହୁଙ୍କ ସମେତ ବହୁ ଆଇନଜୀବୀ ଅଂଶଗ୍ରହଣ କରିଥିଲେ।

# ଫୁଲଗଛ ପ୍ରେମୀ କୈଳାସ ଚନ୍ଦ୍ର କର

ରିଷିଡା,୩।୧୧(ଡି.ଏନ.ଏ.)



ନିଜେ ଲଗାଇଥିବା ଫୁଲଗଛ ସମ୍ମୁଖରେ କୈଳାସ ଚନ୍ଦ୍ର କର ।

କଳାହାଣ୍ଡି ଜିଲା ରିଷିଡା ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷକ କୈଳାସ ଚନ୍ଦ୍ର କର ବାପୁଜୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ବସଷ୍ଟାଣ୍ଡ ନିକଟ, ଶିବ ମନ୍ଦିର, ମୁଖ୍ୟରାସ୍ତାରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଫୁଲଗଛ ଲଗାଇ ସାରିଲେଣି । ଫୁଲ ଗଛର ଉପଯୁକ୍ତ ଯତ୍ନନେବା ସହିତ ଗଛ କିପରି ସୁରକ୍ଷିତ ରହିବ ସେ ଉପରେ ବେଶ ଯତ୍ନବାନ ହୋଇଛନ୍ତି। କାର୍ତ୍ତିକ ମାସରେ ରିଷିଡାରେ ବର୍ତ୍ତମାନ ଏହି ସବୁ ଗଛରୁ ଫୁଲଯାଇ ଠାକୁରଙ୍କ ପାଖରେ ଲାଗେ। ପୋଖରୀ ନିକଟରେ ଫୁଲଗଛ ଥିବା ଯୋଗୁ ମହିଳାମାନେ ଗାଧୋଇ ଆସି ସକାଳୁ ଫୁଲ ତୋଳି ପୂଜା ପାଇଁ ଘରକୁ ଯାଇଥାନ୍ତି। ବିଦ୍ୟାଳୟରେ ଫୁଲଗଛ ଲଗାଇବା ପାଇଁ ଅଧିକ ପରିଶ୍ରମ କରନ୍ତି। ସେ ଟଗର, କନିଅର ଗଛଗୁଡିକ ବେଶୀ ପରିମାଣରେ ରୋପଣ କରିଛନ୍ତି। ପରିତ୍ୟକ୍ତ ସ୍ଥାନରେ ଫୁଲଗଛ ଲଗାଇ ସେହି ସ୍ଥାନକୁ ଏକ ପ୍ରକାର ପରିସ୍କାର ସ୍ଥାନ କରି ଦେଇଥାନ୍ତି। ପୋଖରୀ ରାସ୍ତାର ନର୍ଦ୍ଦମାର ଗୋଟିଏ ପାର୍ଶ୍ୱ ଫୁଲଗଛଗୁଡିକ ଲଗାଇଥିବାରୁ ସେହି ଅଞ୍ଚଳ ଆପେ ଆପେ ପରିସ୍କାର ସ୍ଥାନ ପାଲଟିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା କୈଳାଶ ସାରଙ୍କ ଫୁଲଗଛରୁ ଫୁଲ ନେବା। ପ୍ରକାଶ ଯେ, କୈଳାଶ ଚନ୍ଦ୍ର କର ସ୍ୱଦୂର ବାଲେଶ୍ୱର ଜିଲାରୁ ଆସି ପ୍ରଥମେ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଭାବେ ଯୋଗଦେଇଥିଲେ ।

ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

# ଗାଡ଼ିମୋଟର ଯାଞ୍ଚ କଡ଼ାକଡ଼ି ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ଭବାନୀପାଟଣ,୩।୧୧(ଡି.ଏନ.ଏ.)



ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

ଜିଲା ସଡକ ସୁରକ୍ଷା କମିଟି ବୈଠକ କଳାହାଣ୍ଡି ଜିଲପାଳ ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିବହନ ଅଧିକାରୀ ଦିନବନ୍ଧୁ ଶୁଣ୍ଡି, ବରିଷ୍ଠ ଏମଭିଆଇ ସସ୍ମିତ କୁମାର, ପୋଲିସ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧିକାରୀ, ଶିକ୍ଷା ବିଭାଗ ଅଧିକାରୀ, ଟ୍ରକ ଓନର ଆସୋସିଏଶନ୍, ବେସରକାରୀ ବସ୍ ଓନର ଆସୋସିଏଶନ୍, ଲଘୁ ଯାନ ଚାଳକ ସଂଘ କର୍ମକର୍ତ୍ତା ଏବଂ ଜିଲା ସଡକ ସୁରକ୍ଷା କମିଟି ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୦୧୭-୨୦୧୮ ବର୍ଷରୁ ଚଳିତବର୍ଷ ଅଧିକ ଦୁର୍ଘଟଣା ଘଟିଥିବାରୁ ଜିଲାପାଳ ଉଦ୍‌ବେଗ ପ୍ରକାଶ କରି ଦୁର୍ଘଟଣା କମାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବା ଏବଂ ଗାଡିମଟର ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରିବାକୁ ଆରଟିଓ ଏବଂ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅନୁଯାୟୀ ୨୦୧୭ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ଜିଲାରେ ୨୬୪ଟି ସଡକ ଦୁର୍ଘଟଣା ଘଟି ୧୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୮ରେ ସେହି ସମୟ ମଧ୍ୟରେ ୨୮୫ଟି ସଡକ ଦୁର୍ଘଟଣା ଘଟି ୧୦୯ ଜଣଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ଚଳିତବର୍ଷ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ୨୧୪ଟି ସଡକ ଦୁର୍ଘଟଣା ଘଟି ୧୧୪ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

ଜିଲାରେ ଦୁର୍ଘଟଣା ଏଡାଇବା ପାଇଁ ପ୍ରଥମ ପର୍ଯ୍ୟାୟରେ ଧର୍ମଗଡ, କୋକସରା, ଗୋଲାମୁଣ୍ଡା ଓ କଲମପୁର ଅଞ୍ଚଳର ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କୁ ଟ୍ରାଫିକ ନିୟମ ସଚେତନତା ସକାଶେ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରଚେଷ୍ଟା କରାଯିବା ସହ କେସିଙ୍ଗାଠାରେ ୩ ତାରିଖ ଏବଂ ଭବାନୀପାଟଣାଠାରେ ୧୧ ତାରିଖରେ ଦୁର୍ଘଟଣା ସମୟରେ ଅତ୍ୟାବଶ୍ୟକ ଚିକିତ୍ସା ସକାଶେ ୩୦ ଜଣ ଲେଖାଏଁ ଡ୍ରାଇଭରଙ୍କୁ ତାଲିମ୍ ପ୍ରଦାନ କରାଯିବ। ଯାନବାହନ ଚଳାଚଳ ସକାଶେ ପୂର୍ବରୁ ଥିବା ବ୍ୟବସ୍ଥାକୁ ସୁଧାରି ଟ୍ରାକ୍ଟର, ଟ୍ରକ ଓ ମାଲ ପରିବହନ କରାଯାଉଥିବା ଯାନବାହନ ଗୁଡିକର ଲାଇସେନ୍ସ ନିୟମ ଏକ ପ୍ରକାର କରାଯାଇଛି ବୋଲି ଆରଟିଓ କହିଥିଲେ। ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ଜିଲାରେ ଗାଡିମଟର ଯାଞ୍ଚ କରାଯାଇ ଦ୍ରୁତ ଗତିରେ ଗାଡି ଚଳାଇବା ଅଭିଯୋଗରେ ୨୮୧ ଜଣଙ୍କୁ ଧରାଯାଇ ୧୬୮ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ମଦ୍ୟପାନ କରିଥିବା ୫୯ ଜଣ ଗାଡି ଚାଳକଙ୍କୁ ଧରାଯାଇ ୯ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହ ମାଲ ପରିବହନ ଯାନରେ ମଣିଷ ବୁହାଯାଉଥିବା ୭୪ଟି ଗାଡି ଚାଳକଙ୍କ ନାମରେ କେସ ରୁଜୁ କରାଯାଇ ୨୫ଟି ଲାଇସେନ୍ସ ରଦ୍ଦ ଏବଂ ଓଭର ଲୋଡ କରିଥିବା ୧୬୪ ଟି ଯାନବାହନ ଧରାଯାଇ ୩୨ ଜଣ ଡ୍ରାଇଭରଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଏହି ସମୟ ମଧ୍ୟରେ ୬୭୫୪ଟି ହେଲମେଟ ଚ୍ୟାକିଂ ଏବଂ ୧୬୦ ଜଣ ଗାଡିଚଳାଇବା ସମୟରେ ମୋବାଇଲ ବ୍ୟବହାର କରି କଥା ବାର୍ତ୍ତା କରୁଥିବା ୭୫ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିବା ଆରଟିଓ ଶୁଣ୍ଡି ପ୍ରକାଶ କରିଥିଲେ। ଆଗାମୀ ଦିନରେ ଯାନବାହାନ ଯାଞ୍ଚ ପ୍ରକ୍ରିୟା କଡାକଡି କରି ଦୁର୍ଘଟଣା ରୋକା ଯିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ

## ସଂକ୍ଷେପରେ

### ଅତିରିକ୍ତ ସଚିବଙ୍କୁ ଭେଟି ପାରିଲେନି ଚାଷୀ

**ଲୋଇସିଂହା,୩।୧୧(ଡି.ଏନ.ଏ):** କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ ଚିତ୍ତରଞ୍ଜନ ପାତ୍ର ଓ ମୁଖ୍ୟ ସହଯୋଗୀ ଅଧିକାରୀ ଡ଼. ଆନନ୍ଦ ସାମଲ ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକ ଗସ୍ତ କରିଥିଲେ। ହେଲେ ସଚିବଙ୍କ ଗସ୍ତ ସମ୍ପର୍କରେ ଚାଷୀ ଓ ଚଷୀ ସଂଗଠନ ଜାଣିପାରି ନ ଥିଲେ। ଫଳରେ ଚାଷୀମାନେ ରୋଗ, ପୋକ ସମସ୍ୟା ଓ ଲଘୁଚାପଜନିତ ଲଗାଣ ବର୍ଷାରେ ଧାନ କ୍ଷତି ସଂକ୍ରାନ୍ତରେ ସମସ୍ୟା ସଚିବଙ୍କୁ ଜଣାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ବିହନ ଓ ସାର ବିକ୍ରୟ କେନ୍ଦ୍ରଗୁଡିକରେ ନକଲି ସାମଗ୍ରୀ ବିକ୍ରି ଓ ଧାର୍ଯ୍ୟଦରଠାରୁ ଅଧିକ ଟଙ୍କା ନିଆଯାଉଥିବା ଅଭିଯୋଗ ହେଉଛି। କୃଷି ବିଭାଗ ନିଜ ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ଅଧିକାରୀଙ୍କ ଗସ୍ତ ସମ୍ପର୍କରେ ଚାଷୀ ତଥା ଚାଷୀ ସଂଗଠନକୁ ଜଣାଉ ନ ଥିବା ଚାଷୀନେତା ହିମାଂଶୁ ସାହୁ, ଅନିରୁଦ୍ଧ ପଧାନ, ରାମନାରାୟଣ ବ୍ରହ୍ମା, ଦିଲୀପ ବାରିକ ପ୍ରମୁଖ ପ୍ରକାଶ କରିଛନ୍ତି।



### ଜରାସିଂହାରେ ଜିଲାସ୍ତରୀୟ ଭଜନ କାର୍ଯ୍ୟକ୍ରମ

**ଦେଓଗାଁ,୩।୧୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ସତ୍ୟସାଇ ବିହାରରେ ସତ୍ୟସାଇ ବାବାଙ୍କ ୯୪ତମ ଜନ୍ମୋତ୍ସବ ପାଇଁ ରବିବାର ଜିଲାସ୍ତରୀୟ ୯୪ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ଭଜନ ମଣ୍ଡଳୀ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀରର ସନାତନ ସାହୁ, ନୂଆପଡ଼ାର ଶୈଳେନ୍ଦ୍ର କୁମାର ଶତପଥୀ, ହିତେଶ ସାହୁ, ସିନାପାଲିରୁ ସନ୍ତୋଷ କୁମାର ନାୟକ, ବରଗଡ଼ରୁ ଅଜିତ ତ୍ରିପାଠୀ, ଜୁରିଆରୁ ସଚ୍ଚିଦାନନ୍ଦ ମେହେର, ଧରମଗଡରୁ ରମଣ ପଣ୍ଡା, ଏମ.ରାମପୁରରୁ ତ୍ରିଲୋଚନ ସୁନା, ସଇଁତଲାରୁ କାନନ ପଟ୍ଟନାୟକ, ଜରାସିଂହାର ମନିଷ କୁମାର ମେହେର ପ୍ରମୁଖ ଯୋଗଦେଇ ଚଳିତ ମାସ ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସତ୍ୟସାଇ ବାବାଙ୍କ ୯୪ତମ ଜନ୍ମୋତ୍ସବ ପାଇଁ ୯୪ଟି ଭଜନ ପରିବେଷଣ କରିଥିଲେ। ପୂଜକ ଭାବେ ବିରଞ୍ଚି ପୁଟେଲ ଯୋଗ ଦେଇଥିଲେ। ଧବଳେଶ୍ୱର ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ସତ୍ୟସାଇ ସଂଗଠନର ପୂର୍ବତନ ସଭାପତି ତଥା ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ହର ପ୍ରସାଦ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ତୁଷୁରା ସମିତିରୁ ଆସିଥିବା ସାଇଜ୍ୟୋତିକୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ସଭାପତି କ୍ଷୀରୋଦ୍ର ପ୍ରସାଦ ସାହୁ, ଉଦ୍ୟୋକ୍ତା ଗୋବିନ୍ଦ ମେହେରଙ୍କଙ୍କ ସହ ଭଜନ ମଣ୍ଡଳୀର ସଦସ୍ୟା ସଦସ୍ୟବୃନ୍ଦ ସହଯୋଗ କରିଥିଲେ।

# ଦୁରଦିନ୍‌ରେ ବିତୁଛେ ମା'ପୁଓର ଜୀବନ୍

**ଲୋଇସିଂହା, ୩।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଟେନପାଲି ପଁଚେତ୍ ଅଧୀନ ଦୁମଦୁମି ଗାଁର ବିଧବା ମହିଲା ଉଷା ଡାଙ୍ଗ(୭୫)। ଗୁଟେବଲି ପୁଓ ଶ୍ରୀରାମ(୫୦) ଆଏଜ୍‌କେ ୩୦ ବଛର ହେଲା ମାନ୍‌ସିକ ରୋଗ୍‌ରେ ପୀଡ଼ିତ ଅଛନ୍। ଟଁକା ପଏସା ଅଭାବୁ ତାକର ଚିକିଛା ନାଇଁ ହେଇପାରବାର। ଇଆଡ଼େ ଆପ୍‌ନେ ଆରପାରକେ ଚାଲିଯିବାର ୫ ବଛର ବିତିଯାଇଥିଲେ ବି ଉଷା ବିଧବା ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଅଭାବିଆ ପରିସ୍ଥିତିରେ ମା'ପୁଓ ବଡ଼ାଗୁଲ୍‌ଗୁଲା ହେଇ ଜୀବନ୍ ବିତଉଥିଲେ ବି ଆଏଜ୍‌ତକ ପରଶାସନର ନଜର ନାଇଁପଡ଼ି ବଲି ଗାଁବାସୀ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ଦୁମଦୁମି ଗାଁର ସ୍ୱର୍ଗତ କାଳିଆ ଡାଙ୍ଗ। ମାଏକିନା ଉଷା ଆର ପୁଓ ଶ୍ରୀରାମକେ ନେଇ ତାକର ସୁଖର ସଁସାର ଥିଲା। ତାକର ଜମିବାଡ଼ି ବି ୩ ଏକର ଥିଲା। କାଳିଆ ଚାଷ୍‌ବାସ କରି ୩ ପରାନୀ କୁଟୁମ ପୁଷୁଥିଲେ। ହେଲେ ପୁଓ ବଡ଼ ହେଲା ଉତାରୁ କେହେନ୍‌ସି କାରନ୍‌ରୁ ତାକର ମାନ୍‌ସିକ ଥିତି ବିଗିଡ଼ି ଗଲା। ପୁଓକେ ନୁକୋ କରବାର ଲାଗି ଡାଙ୍ଗ ଦମ୍ପତି ଜମିବାଡ଼ି ବିକି ଚିକିଛା କରେଇ ନିରାଶ ହେଲେ। ଇଆଡ଼େ କାଳିଆ ନିଜେ ହାର୍ଣ୍ଣିଆ ରୋଗ୍‌ରେ ପୀଡ଼ିତ ହେଇ ଚିକିଛା କରଉଥିଲେ। ବାପ୍ ପୁଓର ଚିକିଛା ଲାଗି ଉଷା ୩ ଏକର ଜମି ବିକି ଦେଲେ। ହେଲେ ଶେଷେ କାଳିଆ ଆଏଁଖ୍ ମୁଜିଦେଲେ। ଆପ୍‌ନେ ଆରପାରକେ ଚାଲିଗଲା ଉତାରୁ ଉଷା ଭାଂଗି ପଡ଼ିଛନ୍। ବଏସ୍ ଅଧିକା ହେବାର ଲାଗି ସେ ଅପାରୁ ହେଲେନ। ଆଘର ଲେଖେଁ କାମ୍‌ବୁତା କରି ନାଇଁପାରବାର। ଇଆଡ଼େ ଅଭାବ ଅନାଟନ ଲାଗି ପୁଓ ଶ୍ରୀରାମର ଚିକିଛା ବି କରେଇ ନାଇଁପାରବାର। ପଁଚେତ୍‌ରୁ ମିଳୁଥିବାର ୧୦ କେ.ଜି. ପିଡ଼ିଏସ୍ ଚାଉଲରେ ମା'ପୁଓ ବଡ଼ାଗୁଲ୍‌ଗୁଲାରେ ଚଲୁଛନ୍। ପଁଚେତ୍ ତରଫୁ ବିଧବା ଉଷାକୁଁ ଗୁଟେ ପ୍ରଧାନମନ୍ତ୍ରୀ ଆବାସ ଘର ମିଳିଛେ। ହେଲେ ଟଁକା ପଏସା ଅଭାବୁ ସେ ଘରଟା ତିଆରି କରି ନାଇଁପାରବାର। ଏନ୍‌ତାଥି ମା'ପୁଓ ଭଂଗା ଦଦ୍‌ରା ପୁରନା ମାଏଟ୍ ଘରେ ବଡ଼ା ଗୁଲ୍‌ଗୁଲା ହେଇ ରହୁଛନ୍। ବୁରୁଧି ବିଧବା ଉଷାକୁଁ ଭତା ଆର ଶ୍ରୀରାମକୁଁ ସରକାରୀ ଚିକିଛା ସାହାଯ୍ ଯୁଗେଇ ଦେବାକେ ଗାଁର ନୃପରାଜ ନାଏକ, ବଳରାମ କଲତା, ଉମେଶ ଗେଜୋ, ରମାକାନ୍ତ ଧରୁଆ, କ୍ଷୀରୋଦ୍ର ଧରୁଆ ପରମୁଖ ଗାଁବାସୀ ଦାବି କରିଛନ୍। ଇ ଦିଗେ ଜିଲାପାଳ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ସେମାନେ ଅନୁରୋଧ କରିଛନ୍।



ମାନସିକ୍ ରୋଗ୍‌ରେ ପୀଡ଼ିତ ପୁଓ ଶ୍ରୀରାମ ସଂଗେ ମା' ଉଷା।



ଜବତ ଗଞ୍ଜେଇ ସହ ଗିରଫ ଯୁବକ ।

## ଗଞ୍ଜେଇ ଜବତ, ଜଣେ ଗିରଫ

**ଗୁଡ଼ଭେଲା,୩।୧୧(ଡି.ଏନ୍.ଏ.)**

ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ତୁଷୁରା ଅବକାରୀ ବିଭାଗ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟିଟିଲାଗଡ଼ ବ୍ଲକ ଘିସିରିମାଲ ଗ୍ରାମର ବିନୋଦ ବିଭାର(୨୭)। ଅବକାରୀ ବିଭାଗ ବିନୋଦଙ୍କ ନିକଟରୁ ୨କେଜି ଓଜନର ଗଞ୍ଜେଇ ଜବତ କରିଛି। ମିଳିଥିବା ସୂଚନା ମୁତାବକ, ବିନୋଦ ରବିବାର ଭୋର ୫ଟାରେ ଏକ ବାଇକ୍(ନଂ.ଓଡି୦୩ଏନ୍-୬୮୮୭)ଯୋଗେ ତୁଷୁରା ଆସୁଥିଲେ। ହେଲେ ତୁଷୁରା ବସ୍‌ଷ୍ଟାଣ୍ଡଠାରେ ଅବକାରୀ ବିଭାଗ କର୍ମଚାରୀ ସନ୍ଦେହ କରି ବିନୋଦଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ କର୍ମଚାରୀମାନେ ବାଇକ୍ ଡିକିରୁ ୨ଟି ଗଞ୍ଜେଇ ପ୍ୟାକେଟ ଜବତ କରିଥିଲେ। ଏହାର ଓଜନ ୨ କି.ଗ୍ରା ରହିଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ତୁଷୁରା ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ବିନୋଦଙ୍କୁ ଗିରଫ କରିଥିବା ଅବକାରୀ ଅଧିକାରୀ ଅରୁଣ ଯୋଷୀ ସୂଚନା ଦେଇଛନ୍ତି। ଚଢାଉରେ ଏଏସ୍‌ଆଇ ଜୟନାରାୟଣ ଯୋଷୀ, କନଷ୍ଟେବଳ ଦେବାର୍ଚ୍ଚନ ଭୁଏ, ସୁରେଶ ଭୋଇ ପ୍ରମୁଖ ସାମିଲ ଥିଲେ।

## ଗ୍ରାମସ୍ତରୀୟ ପ୍ରାଥମିକ ଚିକିତ୍ସା ତାଲିମ ଶିବିର

**ବଲାଙ୍ଗୀର ଅଫିସ, ୩।୧୧**

ପୁଇଁତଲା ବ୍ଲକ ଅନ୍ତର୍ଗତ କାଳିଝରଣ ଗ୍ରାମରେ ଏକ ପ୍ରାଥମିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷା ତଥା ରେଡକ୍ରସ ସାଧନାକର୍ମୀ ରବିଚନ୍ଦ୍ର ପଶାୟତ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଉପରେ ତାଲିମ ପ୍ରଦାନ କରିଥିଲେ। ଆକସ୍ମିକ ଦୁର୍ଘଟଣାରେ ପୀଡିତ ବ୍ୟକ୍ତିଙ୍କୁ ଡାକ୍ତରଙ୍କ ଅନୁପସ୍ଥିତିରେ କିଭଳି ଚିକିତ୍ସା ଯୋଗାଇବେ ତାହା କହିଥିଲେ । ଡାକ୍ତରଙ୍କ ପାଖକୁ ବା ଡାକ୍ତରଖାନାକୁ ନେବାବେଳେ ପୀଡିତ ବ୍ୟକ୍ତିଙ୍କୁ କିଭଳି ସତର୍କତା ଅବଲମ୍ବନ କରିବେ ଓ କେଉଁ ଚିକିତ୍ସା ସେବା ଯୋଗାଇ ଦେବେ ତାହା ପ୍ରଶିକ୍ଷଣ ଦେଇଥିଲେ। ଗ୍ରାମର ନୀଳମଣି ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା କାର୍ଯ୍ୟରେ ମୁଖ୍ୟଅତିଥି ଭାବେ କବି ଶୁଭ୍ରାଂଶୁ ପଣ୍ଡା, ମୁଖ୍ୟବକ୍ତା ଭାବେ ବଲାଙ୍ଗୀର କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟକ୍ଷ ଦିଲୀପ କୁମାର ସିଂଦେଓ, ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ଆକୁଳ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଛାୟାକାନ୍ତ ସାହୁ ଯୋଗ ଦେଇଥିଲେ। ଶିବିରରେ ଆଖପାଖ ଗ୍ରାମବାସୀ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସତ୍ୟନାରାୟଣ ପାଣିଗ୍ରହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।





କାଳିଝରଣ ଗ୍ରାମରେ ଅନୁଷ୍ଠିତ ପ୍ରାଥମିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ ।

## ଗୁଡ଼ିଆ ସମାଜର ବୈଠକ
### ନଗର କମିଟି କର୍ମକର୍ତ୍ତା ନିର୍ବାଚନ

**ବଲାଙ୍ଗୀର ଅଫିସ,୩।୧୧**

ଗୁଡିଆ ସମାଜ ବଲାଙ୍ଗୀର କାର୍ଯ୍ୟାଳୟଠାରେ ବଲାଙ୍ଗୀର ଗୁଡିଆ (ମଧୁବୈଶ୍ୟ) ସମାଜର ଏକ ମିଳିତ ଜରୁରୀ ବୈଠକ ଜିଲା ସଭାପତି ମନୋରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସମାଜର ବରିଷ୍ଠ ସଭ୍ୟ ଧନେଶ୍ୱର ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରି ଶୋକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରେ କଜିଲା ସମ୍ପାଦକ ଜୟକୃଷ୍ଣ ସାହୁ ଓ ନଗର ସମ୍ପାଦକ ରମେଶ ଚନ୍ଦ୍ର ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାରେ ବିଗତ ଗଣେଶ ପୂଜା ଓ ଅନ୍ୟାନ୍ୟ ଖର୍ଚ୍ଚର ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା। ବନ ମହୋତ୍ସବ, ଶ୍ରୀଗଣେଶ ମନ୍ଦିର ନିର୍ମାଣ ଓ ସାଙ୍ଗଠନିକ ବିଷୟ ଉପରେ ଆଲୋଚନା କରି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବଲାଙ୍ଗୀର ନଗର କମିଟିର ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ସଞ୍ଜୀବ କୁମାର ସାହୁ ସଭାପତି, ଅବନୀ କୁମାର ସାହୁ ଉପସଭାପତି, ରମେଶ ଚନ୍ଦ୍ର ସାହୁ ସମ୍ପାଦକ, ଭଗବାନ ସରାଫ ସହସମ୍ପାଦକ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ ସଭ୍ୟ ଭାବେ ଦାଶରଥି ସାହୁ, ମନୋରଞ୍ଜନ ସାହୁ, ଅନୁପ ଚୋପଦାର, ଶତ୍ରୁଜିତ ସାହୁ, ସ୍ମାରକ ସରାଫ, ରାଜକିଶୋର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ବୀରେନ୍ଦ୍ର ସାହୁ, ରୂପେଶ କୁମାର ସାହୁ, ବେଲାରସେନ ସାହୁ ଓ ସଞ୍ଜୀବ କୁମାର ସାହୁ ମନୋନୀତ ହୋଇଥିଲେ । ଅନ୍ୟମାନଙ୍କ ଲକ୍ଷ୍ମଣ ସାହୁ, ମନ୍ଦିର କମିଟି ସମ୍ପାଦକ ଆଶିଷ କୁମାର ସାହୁ, ଡା. ଧୀରେନ୍ଦ୍ର କୁମାର ସାହୁ, ଅର୍ଜୁନ ସାହୁ, ଅନନ୍ତ କୁମାର ସାହୁ ଅଂଶଗ୍ରହଣ କରିଥିଲେ।

## କଲେଜ ଛକ-ଭୂତିଆରବାହାଲ ରାସ୍ତା ଶୋଚନୀୟ

**ଦେଓଗାଁ,୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ କଲେଜ ଛକରୁ ଭୂତିଆରବାହାଲ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ପ୍ରତି ଅଧ କିଲୋମିଟର ବ୍ୟବଧାନରେ ଖାଲଖମା ସୃଷ୍ଟିହେବା ସହ ପୋଲମାନଙ୍କରେ ଗର୍ତ୍ତ ସୃଷ୍ଟି ହୋଇଛି । ଇତି ମଧ୍ୟରେ ଅନେକ ଛୋଟବଡ ବାଇକ ଦୁର୍ଘଟଣା ଘଟି କେତେଜଣ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ରାସ୍ତା ଦେଓଗାଁରୁ ପାଟଣାଗଡ, କଣ୍ଟାବାଞ୍ଜି ତଥା ବଲାଙ୍ଗୀର ଆଦି ସ୍ଥାନ ମାନଙ୍କୁ ସଂଯୋଗ କରିଥାଏ। ଗତ ବନ୍ୟାରେ ଉକ୍ତ ରାସ୍ତା ଅର୍ଡା ଗାଁ ନିକଟସ୍ଥ ପୋଲ ନିକଟରେ ପ୍ରାୟ ଅଧକିଲୋମିଟର ପର୍ଯ୍ୟନ୍ତ ଧୋଇଯିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଥିଲା। ବିଭାଗ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ମାଟି ପକାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି। ହେଲେ ତାହାମଧ ଏବେ ଖାଲଢ଼ିପ ହୋଇଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି । ଠିକାଦାର ରାସ୍ତା ନିର୍ମାଣ କରି ସାରିବା ପରେ ଆଉ ମରାମତି ପ୍ରତି ଧ୍ୟାନ ଦେଉ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଉଛି ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ୪/୫ ବର୍ଷ ତଳେ ଉକ୍ତ ରାସ୍ତା ନିର୍ମାଣ ସମୟରେ ନିମ୍ନମାନର କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏଥିଯୋଗୁ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ ସମୟରେ ଉକ୍ତ ରାସ୍ତାରୁ ଉଠିଯାଇଥିବା ପିଚୁ ସ୍ଥାନମାନଙ୍କରେ ଅନ୍ୟ ଜଣେ ଠିକାଦାରଙ୍କୁ ନିଯୁକ୍ତ କରି ମରାମତି କରାଯାଇଥିଲା । ହେଲେ ବର୍ତ୍ତମାନ ଉକ୍ତ ରାସ୍ତା ଦେଓଗାଁ କଲେଜ ଛକରୁ ଭୂତିଆରବାହାଲ ପର୍ଯ୍ୟନ୍ତ ଶୋଚନୀୟ ହୋଇପଡିଛି । ସମସ୍ୟାକୁ ନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ଦାସଙ୍କୁ ପଚାରିବାରୁ ଏ ନେଇ ଅବଗତ ଅଛୁ। କିଛି ଦିନ ମଧ୍ୟରେ ରାସ୍ତାର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ ।



ଦେଓଗାଁ କଲେଜ ଛକରୁ ଭୂତିଆରବାହାଲ ପୂର୍ତ୍ତରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି ।

## ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

**ଲୋଇସିଂହା,୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ଯୋଗୀସର୍ଡା ପଞ୍ଚାୟତ ପରିସରରେ ଥିବା ପାନୀୟଜଳ ପ୍ରକଳ୍ପର ପାଣି ପମ୍ପ ସପ୍ତାହ ହେଲା ଅଚଳ ହୋଇପଡିଛି। ଫଳରେ ପାନୀୟଜଳ ଯୋଗାଣ ବନ୍ଦ ହୋଇପଡିଛି। ଏନେଇ ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଯୋଗୀସର୍ଡା ପଞ୍ଚାୟତର ସଦର ଗାଁ । ୫ ୱାର୍ଡ ବିଶିଷ୍ଟ ଗାଁରେ ୫ ହଜାର ଜନସାଧାରଣ ବସବାସ କରୁଛନ୍ତି। ଗାଁକୁ ପଞ୍ଚାୟତ ଅଧୀନ ଛେଲବାହାଲସ୍ଥିତ ସୁକତେଲ ନଦୀରୁ ପାଇପ୍ ଯୋଗେ ପାଣି ଯୋଗାଣ ହେଉଛି। ସପ୍ତାହ ହେଲା ଯୋଗୀସର୍ଡା ପଞ୍ଚାୟତ ପରିସରରେ ଥିବା ପାନୀୟଜଳ ପ୍ରକଳ୍ପର ପାଣି ପମ୍ପ ଅଚଳ ହୋଇପଡିଥିବାରୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ପାନୀୟଜଳ ପ୍ରକଳ୍ପ ନିୟମିତ ଭାବେ ଅଚଳ ହୋଇପଡୁଥିବାରୁ ଗ୍ରାମବାସୀ ପିଇବା ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ସରପଞ୍ଚ ଏବଂ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେଇ ତୁରନ୍ତ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି।

## ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଜାଲ୍ ଦସ୍ତଖତରେ ଆସୁଛି ଚିଠି

**ଗୁଡ଼ଭେଲା,୩।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଜାଣତରେ ବିଭାଗ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟାଳୟକୁ କିଛି ଦୁର୍ନୀତି ଗ୍ରସ୍ତ କର୍ମଚାରୀ ଅର୍ଥ ଲୋଭରେ ବେଆଇନ ଭାବେ ଜାଲ୍ ଦସ୍ତଖତ କରି ଚିଠି ଲେଖୁଥିବା ଜଣାପଡିଛି। ଗୁଡଭେଲା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏଭଳି ୨ଟି ଚିଠି ଆସିବା ପରେ ଘଟଣାର ଗୁମର ଖୋଲିଛି।

ମିଳିଥିବା ସୂଚନା ମୁତାବକ, ପତ୍ର ସଂଖା.୪୭୦୭-ଇଏମ୍ ତାରିଖ ୨୪।୧୦।୦୧୯ରେ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଭାବେ ଡା.ଲଲାଟେନ୍ଦୁ ନାୟକଙ୍କୁ ଦାୟିତ୍ୱ ଦେବା ପାଇଁ ଡା. ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ପାଖକୁ ଏକ ଚିଠି ଆସିଥିଲା। ଏହାର ଦିନକ ପରେ ଅର୍ଥାତ୍ ୨୫।୧୦।୦୧୯ ପତ୍ର ସଂଖ୍ୟା ୪୭୨୧-ଇଏମରେ ପୁଣି ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଭାବେ ଡା.ନାୟକଙ୍କୁ ଦାୟିତ୍ୱ ଦେବା ପାଇଁ ଡା.ବିବେକାନନ୍ଦ ଧରୁଆ ଓ ଡା. ମହାପାତ୍ରଙ୍କ ପାଖକୁ ଆଉ ଏକ ପତ୍ର ଆସିଥିଲା । ଉକ୍ତ ୨ଟି ପତ୍ରକୁ ନେଇ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥିଲା। ତଦନ୍ତ ପରେ ପତ୍ର ସଂଖ୍ୟା. ୪୭୦୭ଟି ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟରୁ ଆସିଥିଲେ ମଧ ତାହା ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ବିନା ଜାଣତରେ କିଛି ଦୁର୍ନୀତିଗ୍ରସ୍ତ କର୍ମଚାରୀ ଜାଲ୍ ଦସ୍ତଖତ ମାଧ୍ୟମରେ ଏଭଳି କରୁଥିବା ଜଣାପଡିଛି। ଏହା ଲୋକଲୋଚନକୁ ଆସିବା ପରେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଦୈତାରି ସାହୁଙ୍କୁ ପଚାରିବାରୁ ୨୪ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ସାଙ୍ଗରେ ଥିଲି। ମୋ ଅଜାଣତରେ ଏକ ଚିଠି ହୋଇଥିବା ଘଟଣା ସଂକ୍ରାନ୍ତରେ ଅବଗତ ରହିଛି। ଏହାର ତଦନ୍ତ ଚାଲିଛି। ଦୋଷୀଙ୍କ ବିରୋଧରେ କଡା ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



OFFICE O FIITE CHIEF DISTRICT MEDICAL & PUBLIC HEALTH OFFICER: BALANGIR

No. 4707 /EM Balangir Dt. 24.10.2019

To
The Superintendant I/C
CHC Gudvela

Sub: Handing over the charges of Superintendant.

Sir,

It is to inform you that, You are directed to handed over the charges of Superintendent of CHC Gudvela to Dr Lalatendu Nayak, Medical Officer Govt. Hospital Tusura, Who is the senior most Medical Officer of CHC Complex with immediate effect.

Yours faithfully,
Chief District Medical & Public Health Officer, Balangir

Memo No. 4708 /EM Balangir Dt. 24.10.2019
Copy to Dr lalatendu Nayak, Medical Officer Govt. Hospital, Tusura for information. He is directed to Take over the Said Charges from Dr.Surya Kanta Mahapatra, I/C Superintendent CHC Gudvela & report.

Chief District Medical & Public Health Officer, Balangir

OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER : BALANGIR
Health & Family Welfare Department, Govt. of Odisha, Dist-Balangir

Order No. 4721 /EM Balangir the 25 October' 2018

In partial modification to this office order No. 4707 dt.24.10.2019 Dr. Lalatendu Nayak Medical Officer, Government Hospital, Tusura declared as DDO of CHC, Gudvela as approved by the Collector and District Magistrate, Balangir.

The earlier Letter No. 4534 dt.15.10.2019 stands cancelled.

Sd/- Daitari Sahoo
Chief District Medical and Public Health Officer, Balangir

Memo No. 4722 /EM Balangir the 25 October' 2018.
Copy to Dr. Suryakanta Mahapatra, I/C Superintendent CHC, Gudvela for information and necessary action.
Copy to Dr. Lalatendu Nayak, Medical Officer Government Hospital, Tusura for information and necessary action.

Chief District Medical and Public Health Officer, Balangir

Memo No. 4723 /EM Balangir the 25 October' 2018.
Copy to Dr. Bibekananda Dharua, Superintendent, CHC, Gudvela (on Leave) At/PO-Kurul, Via-Balangir, District-Balangir for information. He is directed to hand over the charge of CHC, Gudvela to Dr. Lalatendu Nayak, Medical Officer Government Hospital, Tusura.

Chief District Medical and Public Health Officer, Balangir

## ନିମ୍ନମାନର ଅଣ୍ଡା ଦିଆଯାଉଥିବା ଅଭିଯୋଗ





ସଇଁତଲା ସିଡିପିଓ ସବିତା ଦାସ ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି (ବାମ)। ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଦିଆଯାଉଥିବା ଅଣ୍ଡାକୁ ମହିଳାମାନେ ଦେଖାଉଛନ୍ତି।

**ସଇଁତଲା,୩।୧୧(ଡି.ଏନ୍.ଏ.)**

ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଆମ୍ବପାଲି ପଞ୍ଚାୟତ ଭେରୁକକଆଁଭଟା ଗ୍ରାମରେ ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ନିମ୍ନମାନର ଅଣ୍ଡା ଦିଆଯାଉଥିବା ଅଭିଯୋଗ ହୋଇଛି। ଏପରି କି ନିମ୍ନମାନର ଅଣ୍ଡା ଖାଇ କେତେଜଣ ଶିଶୁଙ୍କ ପେଟ ବିନ୍ଧା ହେବାରୁ ଗ୍ରାମବାସୀଙ୍କ ମଧ୍ୟରେ

### ସିଡିପିଓଙ୍କ ତଦନ୍ତ ଆରମ୍ଭ

ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ସଇଁତଲା ସିଡିପିଓ ସବିତା ଦାସ ଭେରୁଆଁଭଟା ଗ୍ରାମରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଗ୍ରାମର ଗୌରୀ ସାହୁ, ଗୀତାଞ୍ଜଳୀ ସାହୁ, ଦ୍ରୌପଦୀ ସାହୁ, ରିଙ୍କି ସାହୁ ପ୍ରମୁଖ ଗର୍ଭବତୀ ମହିଳାଙ୍କୁ ଦିଆଯାଇଥିବା ନିମ୍ନମାନର ଅଣ୍ଡା ଦେଖାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗକାରୀମାନେ ଅଣ୍ଡା ଫଟାଇ ସିଡିପିଓଙ୍କୁ ଦେଖାଇଥିଲେ। ଏପରି କି ଉକ୍ତ ଅଣ୍ଡାରେ ଆମଲେଟ କଲାବେଳେ ତାହା ପ୍ଲାଷ୍ଟିକ ଭଳି ଲମ୍ୱାହୋଇ ଛିଣ୍ଡୁ ନ ଥିବା ଦେଖିବାକୁ ମିଳିଥିଲା। ଏ ନେଇ ସିଡିପିଓ ଦାସଙ୍କୁ ପଚାରିବାରୁ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ଡାକି ସରକାରଙ୍କ ନିୟମ ଅନୁସାରେ ହିତାଧିକାରୀମାନଙ୍କୁ ପ୍ରତ୍ୟେକ ସପ୍ତାହରେ ୩ଟି ଅଣ୍ଡା ଦେବାକୁ କୁହାଯିବ। ଏପରି କି ଅଣ୍ଡା ଯୋଗାଣ କରୁଥିବା ସଂସ୍ଥାକୁ ସୋମବାର ଡାକି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ହିତାଧିକାରୀମାନେ ଦେଖାଇଥିବା ଅଣ୍ଡାର ନମୁନା ସଂଗ୍ରହ କରାଯାଇଛି।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ୪ ବସ୍ତା ଦେଶୀ ମଦ ପାଉଚ୍ ଜବତ

**ରିଷିଡା,୩।୧୧ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡା ତାରିଣୀ ପୀଠ ନିକଟରୁ ବେଆଇନ ଭାବେ ରଖାଯାଇଥିବା ୪ ବସ୍ତା ଦେଶୀ ମଦ ପାଉଚ୍ ରିଷିଡା ପୋଲିସ ଜବତ କରିଛି । ୪ଟି ଅଖା ବସ୍ତାରେ ରଖିଥିବା ଦେଶୀ ମଦର ମାଲିକ କିଏ ତାହା ପୋଲିସ ତଦନ୍ତ କରୁଛି । ମଦ ଆଣିଥିବା ବ୍ୟକ୍ତି କେତେବେଳେ ଫେରାର ହେଲା ତାହା କେହି ଜାଣି ନାହାନ୍ତି । ଏହି ଦେଶୀ ମଦ ସ୍ଥାନୀୟ ଭାଟିର ନୁହେଁ ବୋଲି ଜଣାପଡିଛି ।

### ନାବାଳକ ହାତରେ ସ୍କୁଟି, ବାଇକ୍

**ରିଷିଡା,୩।୧୧ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳରେ ନାବାଳକମାନେ ସ୍କୁଟି ଓ ବାଇକ ଅବାଧରେ ଚଳାଉଛନ୍ତି । କିନ୍ତୁ ପୋଲିସ ପକ୍ଷରୁ ଧରପକଡ କରାଯାଉ ନ ଥିବାରୁ ନାବାଳକ ଚାଳକ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ବିଶେଷ କରି କଲେଜ ଯାଉଥିବା ଛାତ୍ରୀଛାତ୍ରମାନେ ସ୍କୁଟି ଓ ବାଇକ ଚଳାଉଥିବା ବେଳେ ଛୋଟବଡ ଦୁର୍ଘଟଣା ଘଟାଉଛନ୍ତି। ରିଷିଡାରେ ସକାଳ ୯ଟାରୁ ୧୦ଟା ଓ ସାଢ଼େ ୩ଟାରୁ ୪ଟା ମଧ୍ୟରେ ଯାନବାହନ ଚଳାଚଳ ଭିଡ ପରିଲକ୍ଷିତ ହେଉଛି। ଏହି ସମୟରେ ନାବାଳିକା ବାଳକମାନେ କ୍ଷୀପ୍ର ବେଗରେ ସ୍କୁଟି ଓ ବାଇକ ଚଳାଉଛନ୍ତି। ଏମାନଙ୍କ ପ୍ରତି ଅଙ୍କୁଶ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ଅର୍ଥ ଲଗାଣକାରୀ ସଂସ୍ଥା ଏଜେଣ୍ଟଙ୍କଠାରୁ ୫ ଲକ୍ଷ ଟଙ୍କା ଲୁଟ୍

**ଭବାନୀପାଟଣା,୩।୧୧ (ଡି.ଏନ.ଏ.)-** ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ବୋର୍ଡା ଫାଣ୍ଡି କାନ୍ଦୁଲଝର ଗାଁ ନିକଟରୁ ଏକ ଅର୍ଥ ଲଗାଣକାରୀ ସଂସ୍ଥା ଏଜେଣ୍ଟମାନଙ୍କ ଠାରୁ ୫ ଲକ୍ଷ ଟଙ୍କା ଲୁଟ ହୋଇଛି। ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ଗୁରୁବାର ରାତିରେ ଟଙ୍କା ଲୁଟିନେଇ ଫେରାର୍ ହୋଇଯାଇଥିବା ନେଇ ବୋର୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବଲାଙ୍ଗୀର ଜିଲା ସିନ୍ଧେକେଲାରେ ଥିବା ଭାରତ ଫାଇନାନ୍ସିଆଲ ପ୍ରାଇଭେଟ ଲିମିଟେଡ କାର୍ଯ୍ୟାଳୟ ଏଜେଣ୍ଟ ରମାକାନ୍ତ ମହାନନ୍ଦ, ପରମାନନ୍ଦ ହରିଜନ, ଉଦୟ ନାଗ ଓ ସୁନୀଲ ବାଗ ଗୋଲାମୁଣ୍ଡା, ବ୍ଲକର ଉଛୁଲା, ଚୁରାଗାଁ, ଗୁଣ୍ଡୁରି, କର୍ଲା, କୁତ୍ରାବାହାଲି, ଫଟାମୁଣ୍ଡା ଓ ମେରମହୁଲ ଅଞ୍ଚଳରୁ ବିଭିନ୍ନ ଏସଏଚ୍‌ଜିରୁ ଋଣର ମାସିକ କିସ୍ତି ଆଦାୟ କରି ଫେରୁଥିଲେ। ବୋର୍ଡା କାନ୍ଦୁଲଝର ନିକଟରେ ୧୦ ରୁ ୧୫ ଜଣ ଦୁର୍ବୃତ୍ତ ହଠାତ୍ ସଂଘ ବଦ୍ଧ ଭାବେ ମାରଣାସ୍ତ୍ର ଦେଖାଇ ଆକ୍ରମଣ କରିବା ସହ ନଗଦ ପାଞ୍ଚ ଲକ୍ଷ ୧୫ ହଜାର ୬ ଶହ ଟଙ୍କା, ମୋବାଇଲ ଫୋନ, ବାଓମାଟ୍ରିକ ମେଶିନ ଓ ଏକ ଟାବଲେଟ ଲୁଟି ନେଇଥିଲେ। ଆକ୍ରମଣରେ ଏଜେଣ୍ଟ ରମାକାନ୍ତଙ୍କ ଡାହାଣ ଗୋଡରେ ଆଘାତ ଲାଗିଛି। ସେ ବୋର୍ଡା ସିଏଚସିରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଘଟଣାର ତଦନ୍ତ ଚାଲିଛି ବୋଲି କେଗାଁ ଥାନା ଅଧିକାରୀ ସୁବାସ ଚନ୍ଦ୍ର କରକରା ଓ ବୋର୍ଡା ଫାଣ୍ଡି ଅଧରକାରୀ ରାଜେଶ ଅଗସ୍ତି ପ୍ରକାଶ କରିଛନ୍ତି।

## ଭୁଲିଆ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ

# ୩ ବର୍ଷ ହେଲା ଗଛତଳେ ଚାଲିଛି ପାଠପଢ଼ା

**ଭବାନୀପାଟଣା,୩।୧୧ (ଡି.ଏନ.ଏ.)**



ଗଛ ତଳେ ବସି ପିଲାମାନେ ପାଠ ପଢୁଛନ୍ତି ।

ସର୍ବଶିକ୍ଷା ଯୋଜନା ମାଧ୍ୟମରେ ସରକାର ସ୍କୁଲଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। କିନ୍ତୁ ଏବେ ମଧ୍ୟ ବହୁ ସ୍କୁଲରେ ଶ୍ରେଣୀଗୃହ ନ ଥିବା ଯୋଗୁ ଛାତ୍ରଛାତ୍ରୀମାନେ ବର୍ଷ ବର୍ଷ ଦରି ଗଛତଳେ ପାଠ ପଢୁଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅଫିସରୁ ମାତ୍ର ୨୨ କି.ମି. ଦୂରରେ ଭୁଲିଆ ଗାଁ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ଗତ ୩ ବର୍ଷ ହେଲା ଗଛ ତଳେ ପିଲାଙ୍କ ପାଠପଢା ଚାଲିଛି । ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ଏହି ସ୍କୁଲ ପ୍ରତି କାହାରି ନଜର ନ ପଡିବା ଅଭିଭାବକ ମହଲରେ ଉଦବେଗ ସୃଷ୍ଟି କରିଛି। ସୂଚନା ଯେ, ଭବାନୀପାଟଣା ସଦର ବ୍ଲକ ଚାଞ୍ଚେର ପଞ୍ଚାୟତ ଭୁଲିଆ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦

**ଭବାନୀପାଟଣା ବ୍ଲକ**
- ବର୍ଷା ଦିନେ ଶିକ୍ଷାଦାନ ବାଧାପ୍ରାପ୍ତ

ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଜଣେ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ଛାତ୍ରୀଛାତ୍ରୀଙ୍କୁ ଶିକ୍ଷାଦାନ କରନ୍ତି। ସ୍କୁଲ ଗୃହ ଭାଙ୍ଗିଯାଇଛି। ନୂଆ ଗୃହ ନିର୍ମାଣ ନ ହୋଇ ଅସମ୍ପୂର୍ଣ୍ଣ ଭାବେ ପଡି ରହିଛି। ଶ୍ରେଣୀ ଗୃହ ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କୁ ଗଛତଳେ ଶିକ୍ଷାଦାନ କରିବାକୁ ଶିକ୍ଷକମାନେ ବାଧ୍ୟ ହେଉଛନ୍ତି। ବର୍ଷା ଦିନେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥାଏ। ବହୁ ସମୟରେ ପ୍ରତିକୂଳ ପାଗରେ ଶିକ୍ଷାଦାନରୁ ଛାତ୍ରୀଛାତ୍ର ବଞ୍ଚିତ ହୋଇଥାନ୍ତି।ଅଭିଭାବକମାନେବାରମ୍ବାର ଶ୍ରେଣିଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଫେରାଦ ହୋଇଥାନ୍ତି। କେବଳ ପ୍ରତିଶ୍ରୁତି ଦିଆଯାଉଛି, ହେଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ କାହାରି ନିଘା ନାହିଁ। ନିର୍ବାଚନ ବେଳେ ରାଜନେତାମାନେ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କାର୍ଯ୍ୟକାରୀ କରିବାରେ ଉଦାସୀନ ମନୋଭାବ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ରାଜ୍ୟ ସରକାର ଏହି ଘଟଣାରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଓଡ଼ିଶା ୪ର୍ଥ ଶ୍ରେଣୀ ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ ବୈଠକ

**ଜୁନାଗଡ,୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ରବିବାର ଓଡିଶା ୪ର୍ଥ ଶ୍ରେଣୀ ଗ୍ରାମପଞ୍ଚାୟତ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନେପାଳ ଚନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଜିଲା ସଭାପତି ହରେକୃଷ୍ଣ ନାଏକ, କୋଷାଧ୍ୟକ୍ଷ ନବୀନ ଥପା, ଜୁନାଗଡ ବ୍ଲକ ସଭାପତି ହର ପ୍ରସାଦ ମାଝି, କୈଳାସ ଚନ୍ଦ୍ର ନାଗ, ମନନ୍ଦର ଟିକ୍ରା, ଗୋକୁଳ ଚନ୍ଦ୍ର ପଟେଲ, ଭକ୍ତରାମ ଗୋପାଳ, ବଳରାମ ହଂସ, ଅଶ୍ୱିନ କୁମାର ମାଝି, ଖଗେଶ୍ୱର ଭଏଁସାଲ, ଦେବେନ୍ଦ୍ର ମାଝି, ଚନ୍ଦ୍ରହାସ୍ୟ ଗୋପାଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବୈଠକରେ ଲଳିତ ପାରୀ ମଞ୍ଚ ପରିଚାଳନା କରିଥିଲେ। ଦୀର୍ଘବର୍ଷ ଧରି ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ଏହି କର୍ମଚାରୀମାନଙ୍କୁ ସରକାର ନିୟମିତ କରିବା ସହ ସମାନ କାମକୁ ସମାନ ଦରମା ଦେବା ଓ ୧୨୫ ଧାରା ନିୟମକୁ ସଂଶୋଧନ କରିବା ପାଇଁ ଦାବି କରାଯାଇଥିଲା। ସେହିପରି ସଂଘକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ଏକତା ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଜିଲାର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ପିଅନ, ରାତ୍ର ଜଗୁଆଳି ଓ ଝାଡୁଦାରମାନେ ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ୪ର୍ଥ ଶ୍ରେଣୀ ଗ୍ରାମପଞ୍ଚାୟତ କର୍ମଚାରୀ ।

# ନୃତ୍ୟ ସଙ୍ଗମ୍ ୨୦୧୯ର ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୩।୧୧ (ଡି.ଏନ.ଏ.)**

ସ୍ଥାନୀୟ ପ୍ରତିଭା ଅନୁଷ୍ଠାନର କାର୍ଯ୍ୟାଳୟଠାରେ ଶନିବାର ସନ୍ଧ୍ୟା ୫ଟାରେ ଜାତୀୟ ଲୋକ ଉତ୍ସବ ନୃତ୍ୟ ସଂଗମ ୨୦୧୯ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡିସେମ୍ବର ୨୦, ୨୧ ଓ ୨୨ ତାରିଖ ୩ ଦିନ ଧରି ହେବାକୁ ଥିବା ନୃତ୍ୟ ସଂଗମ ଉତ୍ସବ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଏହି ବର୍ଷ ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ରାଜ୍ୟରୁ ଲୋକ ନୃତ୍ୟ ଦଳ ଭାଗ ନେବା କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଉତ୍ସବରେ ଲୋକନୃତ୍ୟ ଓ ଲୋକଗୀତ ବ୍ୟତିତ ଏକ ଆଲୋଚନାଚକ୍ର, ଚିତ୍ରକଳା କର୍ମଶାଳା ହେବ । କଳା ସଂସ୍କୃତିର ଉନ୍ନତି ଓ ପ୍ରଚାର ପ୍ରସାର ପାଇଁ କାର୍ଯ୍ୟକରି ଆସୁଥିବା ଗୁରୁ, ସଙ୍ଗଠକ ଓ ଯୁବ କଳାକାରମାନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି। ବୈଠକରେ ଅନୁଷ୍ଠାନ ସଭାପତି ଧ୍ୟାନାନନ୍ଦ ପଣ୍ଡା, ସମ୍ପାଦକ ବିଷ୍ଣୁ ପ୍ରସାଦ ନାଏକ, ଉପସଭାପତି ଦେବେଶ କୁମାର ସିଂ, ସହ ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ସଭ୍ୟ ଓ ସଭ୍ୟା ଗୁରୁ ଭିମସେନ ସାହୁ, ଜ୍ୟୋତିରାଣୀ ଦାସ, ଭାନୁ ପ୍ରକାଶ ରଥ, କାର୍ତ୍ତିକେଶ୍ୱର ପଣ୍ଡା, ରାଜେନ୍ଦ୍ର ବେହେରା, ଅନିଲ କୁମାର ରାଉତ, ତାପସ ପଟେଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କୁର୍ମୀ କ୍ଷେତ୍ରୀୟ ସଂସ୍ଥା ପକ୍ଷରୁ ଜାତୀୟ ଏକତା ଦିବସ ପାଳନ

**ଭବାନୀପାଟଣା,୩।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୁର୍ମୀ କ୍ଷେତ୍ରୀୟ ସଂସ୍ଥା ପକ୍ଷରୁ ଭବାନୀପାଟଣାଠାରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ସଂସ୍ଥା ସଭାପତି ଅଶ୍ୱିନ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ପୁରୁଣାପଡାଠାରୁ ଏକ ଶୋଭାଯାତ୍ରାରେ ଉଭୟ ମହିଳା ଓ ପୁରୁଷ ବାହାରି ମାଣୀକେଶ୍ୱରୀ ହାଇସ୍କୁଲ ଛକ ନିକଟସ୍ଥ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ପାରମ୍ପରିକ ପୂଜା କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରେ ଏହି ମହାନ ମନୀଷୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଭାବଗ୍ରାହୀ ନାୟକ, ଆଇନ୍‌ଜୀବୀ ସିଦ୍ଧାର୍ଥ ନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି ସନ୍ତୋଷ ପ୍ରଧାନ, ମନମୋହନ ମଲ୍ଲିକ, ଦେବରାଜ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ମହିଳା ସମ୍ପାଦିକା ମିନତୀ କୁମାରୀ ପ୍ରଧାନ, ଜୟନ୍ତୀ ନାୟକ, ସ୍ୱପ୍ନା ପ୍ରଧାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପ୍ରଧାନ, ମଧୁସୁଦନ ପ୍ରଧାନ, ମନୋଜ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଯୋଗେନ୍ଦ୍ର ପ୍ରଧାନ, ଜୟରାମ ପ୍ରଧାନ, ହରିଶଚନ୍ଦ୍ର ପ୍ରଧାନ, ବଳରାମ ପ୍ରଧାନ ପ୍ରମୁଖ ସର୍ଦ୍ଦାର ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ମଙ୍ଗଳୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କନ୍‌ସିୟସ କମିଟି ପକ୍ଷରୁ ଜନସଚେତନତା ସଭା

# ଦୁର୍ନୀତି ନିବାରଣ କରିବାକୁ ହେଲେ ସମସ୍ତଙ୍କୁ ସଚେତନ ହେବାକୁ ହେବ

**କର୍ଲାମୁଣ୍ଡା,୩।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଆମ୍ରା କାର୍ଯ୍ୟାଳୟ ପରିସରଠାରେ ଶୁକ୍ରବାର କନ୍‌ସିୟସ କମିଟି ପକ୍ଷରୁ ସରକାରୀ ଯୋଜନାକୁ ନେଇ ଜନସଚେତନ ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବ୍ଲକ କନ୍‌ସିୟସ କମିଟି ସଭାପତି ଦଶରଥ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ବରିଷ୍ଠ ଆଇନଜୀବୀ ତଥା ବାର ଆସୋସିଏଶନ ସଭାପତି ଭବେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ କାମଦେବ ଭୋଇ, ବରିଷ୍ଠ ନାଗରୀକ ଗୋବିନ୍ଦ ସାହୁ, ଦୀନବନ୍ଧୁ ସାହୁ, ଆଦିବାସୀ ନେତା ସୁବାଷ ଚନ୍ଦ୍ର ଭୋଇ, ଇଞ୍ଜିନିୟର ପ୍ରତିକ ମିଶ୍ର ପ୍ରମୁଖ ଯୋଗଦେଇ ଦୁର୍ନୀତି ନିବାରଣ କରିବାକୁ ହେଲେ ସମସ୍ତଙ୍କୁ ସଚେତନ ହେବାକୁ ହେବ ବୋଲି କହିଥିଲେ । ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧୀବେସନରେ କନ୍‌ସିୟସ କମିଟିକୁ ବିସ୍ତାରିତ କରିବା, ସମସ୍ତ ପଞ୍ଚାୟତ ଓ ଗ୍ରାମସ୍ତରରେ କମିଟି ଗଠନ କରାଯିବାକୁ ସ୍ଥିର କରାଯାଇ ସର୍ବସମ୍ମତିକ୍ରମେ ବ୍ଲକସ୍ତରୀୟ କନ୍‌ସିୟସ କମିଟି ସଭାପତି ଭାବେ ଦୀନବନ୍ଧୁ ସାହୁ (ଘିନୁ)ଙ୍କୁ ଚୟନ କରାଯାଇ ଶପଥ ପାଠ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଡୋଳାମଣି ଭୋଇ, ବିରେନ୍ଦ୍ର ସାହୁ, ପୀରବତୀ ସାହୁ, ଚନ୍ଦ୍ରକାନ୍ତି ସାହୁ, ଟୁନି ସାହୁ, ଗୌରୀ ସାହୁ, ସବିତା ସାହୁ, ପ୍ରେମା ସାହୁ, ଘନଶ୍ୟାମ ସାହୁ, ବରୁଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।




କନ୍‌ସିୟସ କମିଟି ପକ୍ଷରୁ ଅନୁଷ୍ଠିତ ଜନସଚେତନତା ସଭାରେ ମଞ୍ଚାସୀନ ଅତିଥି ।

## ମୁଷିଗୁଡ଼ା ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ନାହିଁ

# ଛାତ୍ରୀଛାତ୍ରଙ୍କ ଯାତାୟାତ ଖର୍ଚ୍ଚ ବଢୁଛି

**ଭବାନୀପାଟଣା,୩।୧୧(ଡି.ଏନ.ଏ.)**

**ଭବାନୀପାଟଣା ସଦର ବ୍ଲକ**

ରାଜ୍ୟ ସରକାର ଶିକ୍ଷାର ବିକାଶ ନିମନ୍ତେ ସମସ୍ତ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିଛନ୍ତି। ଏଠାରେ ପାଠ ପଢିବ ପାଇଁ ଗ୍ରାମାଞ୍ଚଳରେ ଥିବା ମେଧାବୀ ଛାତ୍ରୀଛାତ୍ରମାନେ ପ୍ରବେଶ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନାମ ଲେଖାଇଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକରେ ଥିବା ମୁଷିଗୁଡା ଆଦର୍ଶ ବିଦ୍ୟାଳୟରେ ପିଲାମାନେ ନାମ ଲେଖାଇଛନ୍ତି। ମାତ୍ର ଏଠାକାର ଅଭିନବ ଶିକ୍ଷା ବ୍ୟବସ୍ଥା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସରକାର ମେଧାବୀ ପିଲାଙ୍କୁ ମାଗଣାରେ ଶିକ୍ଷାପ୍ରଦାନ କରୁଥିବା କହୁଥିବା ବେଳେ ମୁଷିଗୁଡା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ବହୁ ଦୂରଦୂରାନ୍ତରରୁ ପିଲାମାନେ ଆସି ଏହି ବିଦ୍ୟାଳୟରେ ପାଠ ପଢୁଛନ୍ତି। ହେଲେ ଦୁଃଖର ବିଷୟ ଯେ ପ୍ରତି ମାସରେ ଅଭିଭାବକଙ୍କୁ ୨୫ ଶହରୁ ୩ ହଜାର ଟଙ୍କା ଗାଡି ଭଡା ଦେଇ ଖର୍ଚ୍ଚାନ୍ତ ହେଉଛନ୍ତି । ଏଣୁ ଅଭିଭାବକମାନେ ମୁଷିଗୁଡା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇ ଚିନ୍ତାରେ ପଡିଛନ୍ତି। ସେହିପରି ଛାତ୍ରୀଛାତ୍ରଙ୍କ ଯିବା ଆସିବା ରାସ୍ତାରେ ବହୁ ଭାରିଯାନ ଯିବା ଆସିବା କରୁଥିବାରୁ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହିଛି। ଏହି ଭଳି ସମସ୍ୟାକୁ ନେଇ ଅଭିଭାବକମାନେ ଜଣେ ଶିକ୍ଷକଙ୍କୁ ପଚାରିବାରୁ ସେ କହିଲେ ଯେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ହଷ୍ଟେଲ ସମସ୍ୟାର ସମାଧାନ ହୋଇପାରିବ। ଏଣୁ କିଛି ଅଭିଭାବକ ଯାଇ ଏହି ବାବଦରେ ଜଣାଇଲେ ଭଲ ହେବ। ସେମାନେ ନିର୍ଦ୍ଦେଶ ଦେଲେ ଆମେ ହଷ୍ଟେଲ ତିଆରି କରିବୁ। ଏଭଳିସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ଏଠାରେ ପଢାଇବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଯାଉଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ଏ ନେଇ ତୁରନ୍ତ ପଦକ୍ଷେପ ନ ନେଲେ ବାଧ୍ୟ ହୋଇ ଅଭିଭାବକମାନେ ନିଜ ପୁଅ ଝିଅଙ୍କୁ ଅନ୍ୟତ୍ର ପଢାଇବା ଆଶଙ୍କା କରାଯାଉଛି।

# ୩ ପଡାବାସୀ ପିଉଛନ୍ତି ଡ୍ରେନ୍‌ମିଶା ପାଣି

**ମ.ରାମପୁର,୩।୧୧ (ଡି.ଏନ.ଏ.)**



ଡ୍ରେନ ଦେଇ ଯାଇଥିବା ପାଣି ପାଇପ।

କଳାହାଣ୍ଡି ଜିଲା ମ.ରାମପୁର ଚାରିଛକ ନିକଟସ୍ଥ ବ୍ରାହ୍ମଣପଡା, ମାଛିବନ୍ଧପଡା, ରାଜବାଟୀପଡା ୩ ପଡ଼ାବସୀ ଗତ ୩ ମାସ ଧରି ଡ୍ରେନ ମିଶା ପାନୀୟ ଜଳ ବ୍ୟବହାର କରୁଛନ୍ତି। ଫଳରେ ବହୁ ଅସୁବିଧା ଭୋଗ କରୁଛନ୍ତି। ଗୋପାଳପୁରଠାରୁ ରାୟପୁର ଯାଇଥିବା ୫୯ ନଂ. ଜାତୀୟ ରାଜପଥ ମ.ରାମପୁର ଚାରିଛକଠାରେ ଏକ ହ୍ୟୁମପାଇପ ପୋଲ ସ୍ଥାପନ ଜନିତ ଅବ୍ୟବସ୍ଥା ଯୋଗୁ ଉକ୍ତ ସମସ୍ୟା ସୃଷ୍ଟି ହୋଇଛି । ଚାରିଛକସ୍ଥିତ ଉକ୍ତ ହ୍ୟୁମପାଇପ ପୋଲ ଛତିକୁଡା ନର୍ଲା ରାମପୁର ରାଜ୍ୟ ରାଜପଥ ନଂ. ୬ (କ) ଓ ରାମପୁର-ରିଷିଡା-କର୍ଲାମୁଣ୍ଡା ରାସ୍ତା ପଟେ ମୁହଁକରି ବିଛା ଯାଇଛି। ଉକ୍ତ ୧୨୦୦ ଏମଏମ ଗୋଲେଇ ବିଶିଷ୍ଟ ହ୍ୟୁମପାଇପ ପୋଲ ବିଛା ଯାଇଛି, ଯାହା ପୂର୍ବରୁ ୩୦୦ ଏମଏମ ବିଶିଷ୍ଟ ହୋମପାଇପ ପୋଲ ରହିଥିଲା। ୩୦୦ ଏମଏମ ହ୍ୟୁମପାଇପ ପୋଲରେ ସହଜରେ ପାଣି ନିଷ୍କାସିତ ହେଇପାରୁଥିବା ବେଳେ ୧୨୦୦ ଏମଏମ ଗୋଲେଇ ବିଶିଷ୍ଟ ହ୍ୟୁମପାଇପ ପୋଲ ଅର୍ଦ୍ଧାଧିକ ଅଂଶ ମାଟି ତଳେ ରହୁଛି। ଏହି ହୋମପାଇପ ପୋଲ ମଧ୍ୟରେ ଗ୍ରାମ୍ୟ ଜଳ ଯୋଗାଣ ଦ୍ୱାରା ଯୋଗାଯାଉଥିବା ପାଣି ପାଇଁ ପ୍ଲାଷ୍ଟିକ ଯୁକ୍ତ ପାଇପ ହ୍ୟୁମପାଇପ ମଝିରେ ଗଳା ଯାଇଛି । ଉକ୍ତ ହ୍ୟୁମପାଇପରେ ପାଣି ନିଷ୍କାସିତ ହୋଇ ନ ପାରି ହୋଟେଲ ବର୍ଜ୍ୟବସ୍ତୁ, ଘରୋଇ ଅପବ୍ୟବହାର ସାମଗ୍ରୀ ଓ ମଇଳା ପାଣି ମାସ ମାସ ଧରି ଜମିରହିଛି । ଉକ୍ତ ଡ୍ରେନ ମଧ୍ୟରେ ଯାଇଥିବା ପାନୀୟ ଜଳ ପ୍ରକଳ୍ପ ପାଇପ ମଧ୍ୟରେ କିଛି ସ୍ଥାନରେ ଛିଦ୍ର, ଫାଟି ଯାଇଥିବାରୁ ପାନୀୟ ଜଳ ଯୋଗାଣ ପାଇପରେ ଡ୍ରେନ ପାଣି ପଶି ଯାଇ ପାନୀୟ ଜଳ ନିର୍ଗତ ହେଉଛି। ବର୍ଷା ଋତୁରେ ମଇଳା ଜଳ ଆସୁଥିବା ଲୋକମାନେ ଉପଲବ୍ଧି କରି ତାହା ବ୍ୟବହାର କରୁଥିବା ବେଳେ ଏବେ ତାହା ସମ୍ପୂର୍ଣ୍ଣ ଡ୍ରେନର ମଇଳା ପାଣି ବୋଲି ଜଣାପଡିଛି। ଏ ନେଇ କେସିଙ୍ଗାସ୍ଥିତ ଏନ୍‌ଏଚ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସାମନ୍ତରାୟଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ଗତ କିଛି ଦିନ ତଳେ ଏକ ଟିମ ପଠାଇଥିଲେ। ଏହା ସତ୍ତ୍ୱେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ। ଏ ନେଇ ଏନ୍‌ଏଚ ନିର୍ମାଣାଧୀନ ସଂସ୍ଥା କନ୍‌ସୁଲଟାନ୍‌ସି ମୁଖ୍ୟ ମାନସ କର କହନ୍ତି ଯେ କଟକ ଟାଉନରେ ଏଭଳିଆ ଅବ୍ୟବସ୍ଥା ଲାଗି ରହିଛି । ଏହାକୁ ଲୋକେ ଅସନ୍ତୋଷ ବ୍ୟକ୍ତ କରି ଆନ୍ଦୋଳନ କରିବା ତଥା ଜନସ୍ୱାସ୍ଥ୍ୟ ମାମଲା ଦାୟର କରିବା ପାଇଁ ପ୍ରସ୍ତୁତ ଚଳାଇଛନ୍ତି। ଜେକେ ନାମକ ଏକ ସଂସ୍ଥା ଉକ୍ତ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପାଇଥିବାବେଳେ ଉପଠିକାଦାର ଭାବେ ଏଆରଏସଏସ ନିର୍ମାଣାଧୀନ କାର୍ଯ୍ୟକୁ ଆଗେଇ ନେଇଛି। ଏଆରଏସଏସର ମନୋମୁଖୀ କାର୍ଯ୍ୟ ଏବଂ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନ ଅଭାବ ଯୋଗୁ ଡ୍ରେନ ଭିତରେ ପାନୀୟ ଜଳ ପାଇପ ସଂଯୋଗ, ପାଣି ନିଷ୍କାସିତ ହେଉ ନ ଥିବା, ହ୍ୟୁମପାଇପ ବିଛା ଯାଇ ନ ଥିବା, ଉକ୍ତ ଚାରିଛକଠାରୁ ତିନି ପାର୍ଶ୍ୱରାସ୍ତାର ଛଅଟି ଡ୍ରେନ ନିର୍ମାଣ କରା ନ ଯିବା ବ୍ୟବସ୍ଥା ହେତୁ ଲୋକେ ଏଭଳି ପରିସ୍ଥିତିରେ ପଡିଛନ୍ତି । ଏହାର ସମାଧାନ ନ ହେଲେ ପରିବେଶ ଅତି ଅଧିକ ପ୍ରଦୂଷିତ ହେବା ସହିତ ସଂକ୍ରମଣ ରୋଗ, ଡେଙ୍ଗୁ ଜ୍ୱର ହେବା ଆସନ୍ତା ସମୟରେ ହୋଇପାରେ ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି ।

# ପୋଲିସର ନୂତନ ଆଧୁନିକୀକରଣ ଅଫିସ୍ ଗୃହ ଉଦ୍‌ଘାଟିତ

**ଭବାନୀପାଟଣା,୩।୧୧ (ଡି.ଏନ.ଏ.)**

ରବିବାର କଳାହାଣ୍ଡି ଏସ୍‌ପି ଅଫିସ ପରିସରରେ ଏକ ଅତ୍ୟାଧୁନିକ ଅଫିସ ଗୃହକୁ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର, ଓଡିଶା ପୋଲିସ ଡିଜି ବି.କେ. ଶର୍ମା ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କୋରାପୁଟ ସଫିନ୍ ଅହମ୍ମଦ, କଳାହାଣ୍ଡି ଜିଲାପାଳ ଗାଭାଲି ପରାଗ ହର୍ଷଦ ଓ କଳାହାଣ୍ଡି ଏସପି ବାତୁଲା ଗଙ୍ଗାଧର ଉପସ୍ଥିତ ଥିଲେ। କଳାହାଣ୍ଡି ଏକ ଶାନ୍ତିପ୍ରୀୟ ଜିଲା। ଏହି ଜିଲାର ପୋଲିସ ବ୍ୟବସ୍ଥା ଅତ୍ୟନ୍ତ ପୁରାତନ ଏବଂ ରାଜତନ୍ତ୍ର ସମୟରୁ ଏହି ଜିଲାର ପୋଲିସ ଲୋକଙ୍କୁ ସେବା ଯୋଗାଇ ଦେଇ ଆସୁଛି। ଏ ଜିଲାର ଅନେକ ସୁଯୋଗ୍ୟ ସନ୍ତାନ ପୋଲିସ ବିଭଗର ଉଚ୍ଚ ପଦବୀରେ ରହି ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରିଛନ୍ତି ବୋଲି ଉଦ୍‌ଘାଟନୀ ସଭାରେ ପୋଲିସ ଡିଜି ବିକେ ଶର୍ମା କହିଛନ୍ତି । ନୂତନ ଗୃହରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇ ଲୋକଙ୍କୁ ସେବା ଯୋଗାଇଦେବା ବ୍ୟବସ୍ଥା ରହିଛି। ପୋଲିସ ବିଭାଗ ଲୋକଙ୍କ ଆସ୍ଥାଭାଜନ ହେବା ସକାଶେ ମୋ ସରକାର ଯୋଜନା ଜରିଆରେ ଲୋକଙ୍କ ସହିତ ପୋଲିସ ମୁଖ୍ୟାଳୟ ଓ ମୁଖ୍ୟମନ୍ତ୍ରୀଙ୍କ ଅଫିସ ଯୋଡି ହୋଇପାରିଛି। ଫଳରେ ଲୋକେ ସିଧାସଳଖ ପୋଲିସ ଅଧିକାରୀମାନଙ୍କ ଆଚାର ବ୍ୟବହାର ସମ୍ପର୍କରେ ସିଧାସଳଖ ଆଲୋଚନା କରି ପାରୁଛନ୍ତି ବୋଲି ଶର୍ମା କହିଛନ୍ତି। ମନ୍ତ୍ରୀ ମିଶ୍ର କହିଥିଲେ ଯେ, କଳାହାଣ୍ଡି ପୋଲିସ ଏବଂ ରାଜ୍ୟ ପୋଲିସ ଅଧିକାରୀମାନଙ୍କ ଦକ୍ଷତାକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଭବାନୀପାଟଣା ଟାଉନ ପୋଲିସ ଷ୍ଟେଶନ୍ ଓ ଜିଲାର ୪ଟି ପୋଲିସ ଷ୍ଟେଶନ୍‌କୁ ସର୍ବାଧୁନିକ ସୁବିଧା ଥିବା ଥାନାରେ ପରିଣତ କରାଯିବ । ଜିଲାପାଳ ହର୍ଷଦ ବର୍ତ୍ତମାନ କଳାହାଣ୍ଡି ଚିକିତ୍ସା, ପୋଲିସ ସେବା ଏବଂ କୃଷି କ୍ଷେତ୍ରରେ ରାଜ୍ୟର ରୋଲ ମୋଡେଲ ଭାବରେ ଉଭା ହୋଇ ପାରିଛି ବୋଲି କହିଥିଲେ। ଏସପି କଳାହାଣ୍ଡି ନୂତନ ଅଫିସ ଗୃହରେ ପୋଲିସ ବିଭାଗର କର୍ମଚାରୀମାନେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସକ୍ଷମ ହୋଇପାରିବେ ଏବଂ ଜନସାଧାରଣ ପୋଲିସକୁ ନିଜର ସହଯୋଗି ବନ୍ଧୁ ଭାବି ସହଯୋଗ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ପୋଲିସ ବିଭାଗର ଶିବରଞ୍ଜନ ଶତପଥି ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ପୋଲିସ ବ୍ୟାରେକଠାରେ ମଧ୍ୟ ପୋଲିସ ଡିଜି ଶର୍ମା ଏକ ନୂତନ ଅଫିସ ଗୃହ ଉଦ୍‌ଘାଟନ କରିଥିଲେ। ପୋଲିସ ବିଭାଗ ପକ୍ଷରୁ ଆଜିର ଦିବସକୁ ସ୍ମରଣୀୟ ରଖିବା ସକାଶେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।



ଅନ୍ୟର ସମ୍ପତ୍ତି ପ୍ରତି ଲୋଲୁପ ଦୃଷ୍ଟି ନ ପକାଇଲେ, ତୁମ ସମ୍ପତ୍ତି ବୃଦ୍ଧି ପାଇବାର ସୁଯୋଗ ପାଇବ। - ପ୍ଲାଟୋ



## ସଂକ୍ଷେପରେ



### ଜଗନ୍ନାଥ ମନ୍ଦିରରେ ଭାଗବତ ପରାୟଣ

ଲଖନପୁର,୩।୧୧(ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ରରେ ୪ର୍ଥ ତମ ଭାଗବତ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପ୍ରବଚନ କାର୍ଯ୍ୟକ୍ରମ କାର୍ତ୍ତିକ ମାସ ତମାମ ଜାରି ରହି ଆସନ୍ତା ପୂର୍ଣ୍ଣମୀ ତିଥିରେ ଉଦ୍‌ଯାପିତ ହେବ। ପ୍ରତ୍ୟହ ସକାଳ ୯ଟାରୁ ୧୨ଟା ଓ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ପ୍ରବଚନ ଚାଲୁଥିବାବେଳେ ଆଖପାଖ ଅଞ୍ଚଳର ବହୁସଂଖ୍ୟକ ଶ୍ରୋତା ଉପସ୍ଥିତ ରହି ପ୍ରବଚନ ଶୁଣୁଛନ୍ତି। ଏହି ଅବସରରେ ଭାଗବତ ପାରାୟଣ କମିଟି ତରଫରୁ ଗତ ଶନିବାର ରୁକ୍ମିଣୀ ବିବାହ ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ୟା ମାତାପିତା ଭାବେ ସପତ୍ନୀକ ପାର୍ବତୀ ହାତୀ ଓ ରାଜେନ୍ଦ୍ର ହାତୀ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ବରର ମାତାପିତା ଭାବେ ସପତ୍ନୀକ ସୌଦାମିନୀ ସାହା ଓ ହରିବନ୍ଧୁ ସାହା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ମୁଖ୍ୟ ପୂଜକ ବିଶ୍ୱନାଥ ତ୍ରିପାଠୀ ଓ ଡୋଲାମଣି ନାୟକ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ଏଥିରେ ଆୟୋଜକ କମିଟି ସଭାପତି ମଦନ ମୋହନ ବିଶ୍ୱାଳ, ସମ୍ପାଦକ ଶୁକଦେବ ପ୍ରଧାନ, କୋଷାଧ୍ୟକ୍ଷ ହରିବନ୍ଧୁ ସାହା, ଉପଦେଷ୍ଟା ରବୀନ୍ଦ୍ର ଗିରି, ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ କର୍ମକର୍ତ୍ତା ସାହାଯ୍ୟ ସହଯୋଗ କରୁଛନ୍ତି।

# ଏଫ୍‌ଆଇଏସ୍‌ଡବ୍ଲୁର ଆନ୍ଦୋଳନ ଡାକରା

ରାଉରକେଲା ଅଫିସ,୩। ୧୧

ଅଲ ଇଣ୍ଡିଆ ୟୁଟିୟୁସି ସହବନ୍ଧିତ ଫେଡେରେସନ ଅଫ ଇଣ୍ଡିଆନ ଷ୍ଟିଲ ୱାର୍କରର୍ସ ପକ୍ଷରୁ ଏହାର ୨ୟ ସର୍ବଭାରତୀୟ ସମ୍ମିଳନୀ ରାଉରକେଲାଠାରେ ଅନୁଷ୍ଠିତ ହୋଇ ଯାଇଛି। ଦେଶର ଲକ୍ଷ ଲକ୍ଷ ଶ୍ରମିକଙ୍କ ନ୍ୟାର୍ଯ୍ୟ ମଜୁରି ସହ ଅନ୍ୟ ସୁବିଧା ସୁଯୋଗ ନେଇ ରବିବାର ଇଣ୍ଡିଆନ ଷ୍ଟିଲ ୱାର୍କର୍ସ ଶ୍ରମିକ ପ୍ରତିନିଧି ଦଳ ବ୍ୟାପକ ବିଚାର ବିମର୍ଷ କରିଛନ୍ତି। ଏଥିରେ ଶ୍ରମିକଙ୍କ ନ୍ୟାର୍ଯ୍ୟ ଅଧିକାର, ଲେବର କୋଡ ବାତିଲ, ସ୍ଥାୟୀ ନିଯୁକ୍ତି, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ, ଶ୍ରମିକଙ୍କ ସର୍ବାଙ୍ଗୀନ ବିକାଶ ଯଥା ଶିକ୍ଷା ସ୍ୱାସ୍ଥ୍ୟ, ଆବସିକ ଅଞ୍ଚଳର ବିକାଶ ଆଦି ବିଭିନ୍ନ ଦାବି ନେଇ ସର୍ବଭାରତୀୟ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ ରାଉରକେଲା ସମେତ ଦୁର୍ଗାପୁର, ବର୍ଣ୍ଣପୁର, ବୋକାରୋ ଓ ଭିଲାଇ ପ୍ରଭୃତି ରାଷ୍ଟ୍ରାୟତ ଇସ୍ପାତ କାରଖାନା, ରାଜ୍ୟ ଉଦ୍ୟୋଗ ନୀଳାଚଳ ଇସ୍ପାତ କାରଖାନା ସମେତ, ଜିନ୍ଦଲ, ଭୂଷଣ, ଟିସ୍କୋ ଆଦି ଘରୋଇ କାରଖାନା ଶ୍ରମିକ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ସମାବେଶରେ ଶ୍ରମିକ ନେତା ସତ୍ୟପ୍ରିୟ ମହାନ୍ତି, ଆରଏସ ଶର୍ମା ଓ ସବ୍ୟସାଚୀ ଗୋସ୍ୱାମୀଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ପତାକା ଉତ୍ତୋଳନ ସହ ଶହୀଦ ବେଦୀରେ ମାଲ୍ୟାର୍ପଣ କରାଯାଇ ଥିଲା। ଏଥିରେ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଅଲ ଇଣ୍ଡିଆ ୟୁଟିୟୁସିର ସର୍ବଭାରତୀୟ ସାଧରଣ ସମ୍ପାଦକ ଶଙ୍କର ଶାହା ପତାକା ଉତ୍ତୋଳନ କରିଥିଲେ। ଏଥିରେ ଓଡିଶା ରାଜ୍ୟ କମିଟି ସଭ୍ୟା ଛବି ମହାନ୍ତି, ସଭାପତି ମଣ୍ଡଳୀ ସଦସ୍ୟ ଉପସ୍ଥିତ ଥିଲେ। ସତ୍ୟପ୍ରିୟ ମହାନ୍ତିଙ୍କ ସ୍ୱାଗତ ଅଭିଭାଷଣ ପରେ ଶଙ୍କର ଦାସଗୁପ୍ତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଫଆଇଏସଡବ୍ଲୁର ପ୍ରତିଷ୍ଠାତା ସଭାପତି ତାପସ ଦତ୍ତ, ପ୍ରତିଷ୍ଠାତା ସାଧାରଣ ସଂପାଦକ ମଧୁ ସିହ୍ନାଙ୍କ ସ୍ମୃତିରେ ଶୋକ ପ୍ରସ୍ତାବ ଆଗତ କରାଯାଇ ଥିଲା। ସମ୍ମିଳନୀର ଚିଠା ପ୍ରସ୍ତାବ ଉପରେ ବିଭିନ୍ନ କାରଖାନାରୁ ଆସିଥିବା ପ୍ରତିନିଧି ଆଲୋଚନା କରିଥିଲେ। ଏହି ଅବସରରେ ଶଙ୍କର ଦାସଗୁପ୍ତ ଏବଂ ଅମର ଚୌଧୁରୀଙ୍କୁ ନେଇ ଏକ ୨୬ ଜଣିଆ କମିଟି ଘୋଷଣା କରାଯାଇ ଥିଲା। ଶୋଷଣମୁକ୍ତ ପୁଞ୍ଜିବାଦ ବ୍ୟବସ୍ଥାର ଅବସାନ, ରାଷ୍ଟ୍ର ବ୍ୟବସ୍ଥାର ପରିବର୍ତ୍ତନ ମାଧ୍ୟମରେ ଶ୍ରମିକଙ୍କୁ ମୁକ୍ତି ଦିଆଯାଇ ପାରିବ ବୋଲି ଏହି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଏହା କରିବାକୁ ହେଲେ ଦୁର୍ବାର ଆନ୍ଦୋଳନ ଏକମାତ୍ର ବିକଳ୍ପ। ଏ ଦିଗରେ ସବୁ ବର୍ଗ ଗୋଟିଏ ପତାକା ତଳେ ଏକାଠି ହେବାକୁ ମଞ୍ଚାସୀନ ଅତିଥି ଆହ୍ୱାନ ଦେଇଥିଲେ। ଗଣ ଆନ୍ଦୋଳନ ମାଧ୍ୟମରେ ଦାବି ହାସଲ କରାଯାଇ ପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା । ଏଣୁ ବିଭିନ୍ନ ଶିଳ୍ପ କାରଖାନାରୁ ଆସିଥିବା ପ୍ରତିନିଧି ଏ ନେଇ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇ ଥିଲା।




ଫେଡେରେସନ ଅଫ ଇଣ୍ଡିଆନ ଷ୍ଟିଲ ୱାର୍କରର୍ସ ପକ୍ଷରୁ ରାଉରକେଲାରେ ଅନୁଷ୍ଠିତ ସର୍ବଭାରତୀୟ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।



ବିଧାୟକ ଗୌରମାଲ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ବିଧାୟକଙ୍କ ବିଭିନ୍ନ ପଞ୍ଚାୟତ ପରିଦର୍ଶନ

ବ୍ରଜରାଜନଗର, ୩।୧୧(ଡି.ଏନ୍.ଏ.)

ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ନିର୍ବାଚନ ମଣ୍ଡଳୀର ଗୌରମାଲ ଓ ଚାନ୍ଦିନୀମାଲ ପଞ୍ଚାୟତ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହିତ ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ସେହିପରି ବିଧାୟକ ଚାନ୍ଦିନୀମାଲ ପଞ୍ଚାୟତର ବରପାଲି, ଚିଚିଣ୍ଡା, କେଚୋବାହାଲ, ଘୁଣୁରାମୁଡା, କନ୍ଦାକୁଡା ଓ ଚାନ୍ଦିନୀମାଲ ପ୍ରଭୃତି ଗ୍ରାମ ବୁଲି ଦେଖିଥିଲେ। ବିଭିନ୍ନ ବର୍ଗର ଲୋକଙ୍କ ସହିତ ଆଲୋଚନା କରି ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ପ୍ରତିକାର ସ୍ୱରୂପ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀ ଗାଁର ପ୍ରମୁଖ ତିନି ସମସ୍ୟା ପିଇବା ପାଣି, ରାସ୍ତା ଓ ଲାଇଟ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଦର୍ଲିପାଲିଠାରେ କାର୍ଯ୍ୟକରୁଥିବା ଏନ୍‌ଟିପିସି ଓ ଓପିଜିସି କର୍ତ୍ତୃପକ୍ଷଙ୍କୁ ଡାକି କିପରି ଗ୍ରାମବାସୀଙ୍କ ସମସ୍ୟା ସମାଧାନ ହୋଇପାରିବ, ସିଏସ୍‌ଆର ଫଣ୍ଡର ଟଙ୍କା ଆଣି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଚିଚିଣ୍ଡା ଉଚ୍ଚ ବିଦ୍ୟାଳୟରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଦୁଇଟି ଶୌଚାଳୟକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ସେହିପରି ବିଧାୟକ ଗୌରମାଲ ପଞ୍ଚାୟତର ଗୌରମାଲ, ରତାକଟା, ବଡ଼ଯୋବ, ମଧୁପୁର, ଜଳହରିପଡ଼ା, ନୂଆମୁଣ୍ଡା ବୁଲି ଦେଖିଥିଲେ। ରାଜପୁରଠାରୁ ଗୌରମାଲକୁ ସଂଯୋଗ କରୁଥିବା ବ୍ରିଜ୍ ତୁରନ୍ତ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ଏହି ଗସ୍ତବେଳେ ତାଙ୍କ ସହିତ ବିଜେଡିର ବରିଷ୍ଠ ନେତା, ତ୍ରିନାଥ ଗୁଆଲ, ରାଜପୁର ସମିତି ସଭ୍ୟ ଗଣେଶରାମ ବାଗ, ବିଶ୍ୱଲୋଚନ ଭୋଇ, ପିନି ସାଏ ଓ ଉଭୟ ପଞ୍ଚାୟତର ସରପଞ୍ଚମାନେ ସାମିଲ ଥିଲେ।

# ବେଲପାହାଡ଼ରେ ସଂକଳ୍ପ ପଦଯାତ୍ରା

ବେଲପାହାଡ଼,୩।୧୧(ଡି.ଏନ୍.ଏ.)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ରବିବାର ପୂର୍ବାହ୍ନରେ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଦଯାତ୍ରାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ବେଲପାହାଡ଼ ଭାଜପା ମଣ୍ଡଳ ସଭାପତି ତପନକାନ୍ତ ଜେନା, ପୂର୍ବତନ ଜିଲା ସଭାପତି ଦିନେଶ ଜୈନ, ମଙ୍ଗଳ ସାହୁ ଓ ରଘୁନନ୍ଦନ ପଣ୍ଡାଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ଯୁବକ ଓ ଭାଜପା କର୍ମୀ ଯୋଗ ଦେଇଥିଲେ। ପଦଯାତ୍ରା ବେଲପାହାଡ଼ ଗାନ୍ଧୀ ସ୍ମୃତିସଦନରୁ ଆରମ୍ଭ ହୋଇ ବିଭିନ୍ନ ପଡ଼ା ପରିକ୍ରମା ପରେ ଶହୀଦସ୍ତମ୍ଭଠାରେ ଶେଷ ହୋଇଥିଲା।




ବେଲପାହାଡ଼ରେ ଭାଜପାର ସଂକଳ୍ପ ପଦଯାତ୍ରା।

ପଦଯାତ୍ରା ବେଳେ ଦଳୀୟ କର୍ମୀମାନେ ହାତରେ ଝଣ୍ଡା, ବ୍ୟାନର ଧରି ବନ୍ଦେ ମାତରମ୍ ଓ ଭାରତ ମାତାକୀ ଜୟ ଆଦି ସ୍ଲୋଗାନ ଦେଇଥିଲେ। ସେହିପରି ଜଣେ ଛାତ୍ର ମହାତ୍ମା ଗାନ୍ଧୀଙ୍କ ବେଶରେ ବାଡ଼ି ଧରି ପଦଯାତ୍ରା ସମ୍ମୁଖରେ ଚାଲୁଥିଲାବେଳେ ତାଙ୍କ ପଛେ ପଛେ ଅନ୍ୟ ପଦଯାତ୍ରୀମାନେ ଯାଉଥିଲେ।

# ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ରାଉରକେଲା ଅଫିସ,୩।୧୧

ସେକ୍ଟର ୫ ଭଞ୍ଜଭବନ ମୁକ୍ତାକାଶ ରଙ୍ଗମଞ୍ଚରେ ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ଗତ ୧ରୁ ଆରମ୍ଭ ହୋଇଥିବା ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ରବିବାର ଦ୍ୱିତୀୟ ସଂଧ୍ୟାରେ ଭାରତ ନାଟ୍ୟମ ସାଙ୍ଗକୁ ରୋମାଞ୍ଚକର ପଛି ଓ ରଣପା ଲୋକ ନୃତ୍ୟ ଦର୍ଶକଙ୍କ ମନ ମୋହିଛି। ଏଥିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ପ୍ରଣତୀ ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ବେଙ୍ଗାଲୁରୁରୁ ଆସିଥିବା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଭାରତ ନାଟ୍ୟମ୍ ନୃତ୍ୟଗୁରୁ ପ୍ରଫେସର ଡଃ ବସନ୍ତ କିରଣ ଓ ତାଙ୍କ ଦ୍ୱାରା ଗଠିତ ଅନୁଷ୍ଠାନ ନାଟ୍ୟନିଧି କଳାକାର ଭାରତ ନାଟ୍ୟମ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପରେ ଛତିଶଗଡର ଉପକାର ପଛି ଲୋକ ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ଗଞ୍ଜାମର ଯୋଡିଶଙ୍ଖ ଓ ରଣପା ନୃତ୍ୟ ପରିବେଷିତ ହୋଇଥିଲା। ଏହି ଉତ୍ସରରେ କଳାକାରଙ୍କୁ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନ ସାଧାରଣ ସଂପାଦକ ରାଧାକୃଷ୍ଣ ମହାପାତ୍ର ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଉପସଭାପତି ପିକେ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶଶାଙ୍କ ପଟ୍ଟନାୟକ ଓ କୋଏନା ଦସ୍ତିଦାର କାର୍ଯ୍ୟକ୍ରମ ସଂଯୋଜନା କରିବାରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଅସୀମ ବେହେରା, ଆଲୋକ ବେହେରା, ବିବେକାନନ୍ଦ ପରିଡା, ଜ୍ୟୋତିର୍ମୟ ଆଚାର୍ଯ୍ୟ, ପଞ୍ଚାନନ ମଲ୍ଲିକ, ସୁବ୍ରତ ଶତପଥୀ, ସନ୍ତୋଷ ରଥ, ଗଜେନ୍ଦ୍ର ମୁର୍ମୁ, ରସାନନ୍ଦ ମହାନ୍ତ ଓ ପ୍ରବୀଣ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ କଳାକାର, ଅତିଥି ଓ ଆୟୋଜକ।

# କ୍ଲିନ ଆଣ୍ଡ ଗ୍ରୀନ୍ ପ୍ରୋଜେକ୍ଟ ସଫେଇ କାର୍ଯ୍ୟକ୍ରମର ଶୁଭାରମ୍ଭ

ସୁନ୍ଦରଗଡ଼ ୩।୧୧ (ଡି.ଏନ୍.ଏ)

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଦୌରାଜଜ୍ଙ୍କ ସମର୍ଥନ ଓ ସ୍ଥାନୀୟ ଜିଲା ଓକିଲ ସଂଘର ସହାୟତାରେ ଜିଲା ସିଭିଲ କୋର୍ଟ ପ୍ରାଙ୍ଗଣରେ ରବିବାର କ୍ଲିନ୍ ଆଣ୍ଡ ଗ୍ରୀନ୍ କୋର୍ଟ ପ୍ରୋଜେକ୍ଟ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଜଜ୍ ପ୍ରଦୀପ କୁମାର ମହାନ୍ତିଙ୍କ ଉପସ୍ଥିତିରେ ସକାଳ ୭ଟାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ପୋକସୋ ପାର୍ଥସାରଥୀ ପଟ୍ଟନାୟକ, ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଅଶ୍ୱିନୀ କୁମାର ନାଏକ, ରେଜିଷ୍ଟ୍ରାର ତଥା ଆସିଷ୍ଟାଣ୍ଟ ସେସନ୍ ଜଜ୍ ସଇକତ କୁମାର ପାତ୍ର, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ବିମଲ କୁମାର ରାଉଳ, ଜୁନିୟର ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଅବିନାଶ ଚିନାର, ଜୁନିୟର ମାଜିଷ୍ଟ୍ରେଟ ଦ୍ୱିତୀୟ ଶ୍ରେଣୀ ସୌରଭ ସାଗର ପ୍ରଧାନ, ପ୍ରତ୍ୟୁଷ କୁମାର ଚାନ୍ଦ, ବିଦ୍ୟୁତ୍ ଲତା ପ୍ରଧାନ, ସୁନ୍ଦରଗଡ ଜିଲା ଓକିଲ ସଂଘ ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ଉମାଶଙ୍କର ପଟେଲ, ବୁଦ୍ଧଦେବ ନାଏକ, ପ୍ରୀତିଶ ମିଶ୍ର, ସରକାରୀ ଓକିଲ ଅବଦୁଲ ସମିମ୍ , ଅଖତାର , ପ୍ରିୟମ୍ବଦା ନାଏକ, ଦେବାଶୀଷ ସେଠଙ୍କ ସମେତ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




କ୍ଲିନ୍ ଆଣ୍ଡ ଗ୍ରୀନ୍ କୋର୍ଟ ପ୍ରୋଜେକ୍ଟ ସଫେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ମୁହୂର୍ତ୍ତ।

### ଛାତ୍ରଙ୍କୁ ଶିକ୍ଷକଙ୍କ ମାଡ଼, ଥାନାରେ ମାମଲା

ବେଲପାହାଡ଼,୩।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଗିରିଧାରୀଲାଲ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଜନୈକ ଶିକ୍ଷକ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ କେସ୍ (ନଂ ୧୮୯/୧୯) ୩୪୧,୩୨୩ ଆଇପିସି ଏବଂ ଶିଶୁ ଯତ୍ନ ଓ ଶିଶୁ ସୁରକ୍ଷା ଆକ୍ଟ ୭୫ରେ ଏକ ମାମଲା ରୁଜୁ ହୋଇଛି। ଛାତ୍ରଙ୍କ ପିତା ଜଗଦିଶ ବାର୍ଲା ଶନିବାର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ର ବିକାଶ ଶୁକ୍ରବାର ବିଦ୍ୟାଳୟକୁ ପରୀକ୍ଷା ଦେବା ପାଇଁ ଯାଇଥିଲେ। ସେଠାରେ ଶିକ୍ଷକ ନେତ୍ରାନନ୍ଦ ମହାପାତ୍ର ତାଙ୍କ ବେକ ଓ ମୁଣ୍ଡରେ ଆଘାତ କରିଥିଲେ। ଏପରି କି ଶିକ୍ଷକ ଜଣକ ଛାତ୍ରଙ୍କ ମୁଣ୍ଡକୁ ଧରି ଡେସ୍କରେ କଚାଡ଼ି ଦେଇଥିଲେ। ଫଳରେ ଛାତ୍ର ଜଣକ ଅସୁସ୍ଥ ହୋଇପଡ଼ିଥିବା ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଭିତ୍ତିରେ ଅଭିଯୁକ୍ତ ଶିକ୍ଷକ ନେତ୍ରାନନ୍ଦ ମହାପାତ୍ରଙ୍କୁ ପଚାରିବାରୁ ପରୀକ୍ଷା ସରିଲା ପରେ ଛାତ୍ର ଜଣକ ଶ୍ରେଣୀଗୃହରେ ଜୋରରେ ପାଟିତୁଣ୍ଡ କରୁଥିଲେ। ମୁଁ ଶ୍ରେଣୀଗୃହକୁ ଯାଇ ଛାତ୍ରଙ୍କ ପିଠିରେ ଏକ ବିଧା ମାରିଥିଲି। ମାତ୍ର ତାଙ୍କ ବେକ କିମ୍ବା ମୁଣ୍ଡରେ ଆଘାତ କରି ନ ଥିଲି। ଘଟଣାକୁ ଅତିରଞ୍ଜିତ କରି ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବେଲପାହାଡ଼ ଥାନା ଏସ୍‌ଆଇ ତଥା ତଦନ୍ତ ଅଧିକାରୀ ଅର୍ଜୁନ ଓରାମଙ୍କୁ ପଚାରିବାରୁ ଶନିବାର ସନ୍ଧ୍ୟାରେ ମାମଲା ରୁଜୁ ହୋଇଛି । ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ
(ପାୱାର୍ ୱିଙ୍ଗ୍)
BHAKRA BEAS NATION'S PRIDE

ଇ-ଟେଣ୍ଡରର ଆମନ୍ତ୍ରଣକାରୀ ବିଜ୍ଞପ୍ତି

ଏନ୍‌ଆଇଟି ନଂ.466/ପିଏଚ୍‌ଡି/ପିଓଏନ୍‌ଜି-341 ତାରିଖ: 30.10.2019

କାର୍ଯ୍ୟାଳୟର ନାମ: ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍‌ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-I, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035

କାର୍ଯ୍ୟର ନାମ: ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଚ୍‌ଟି ପାୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ଏହାର ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ |
| | ଶେଷ ତାରିଖ: 20.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ଦସ୍ତାବିଜ ଅପ୍‌ଲୋଡିଂର ଶେଷ ତାରିଖ ଓ ସମୟ | 05.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 06.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-I) | 06.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ସ୍ୱତନ୍ତ୍ରତା ମୂଲ୍ୟ, ବିସ୍ତୃତ ଏନ୍‌ଆଇଟି ଏବଂ ଅମାନତ ରାଶି ତଥା ସବିଶେଷ ଏନ୍‌ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.bbmbeproc.abcprocure.com, www.bbmb.gov.in

372-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ



OFFICE OF THE NOTIFIED AREA COUNCIL, BINKA

Dist: Subarnapur (Pin-767019),Email id: nacbinka@gmail.com, Phone/Fax: 06654-241113

E-tender call notice No. 1606/ 02.11.2019

Tender Reference No. BINKA-NAC-04/2019-20

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

| | | |
|---|---|---|
| 1 | Type of the work:- | Civil work |
| 2 | No. of works:- | 13 Nos. |
| 3 | Estimated Cost:- | As per DTCN |
| 4 | Period of Completion:- | As per DTCN |
| 5 | Date & Time of Bidding from:- | Dtd. 04.11.2019 after 10.00 AM |
| 6 | Last date & time for receipt online:- | Dtd. 13.11.2019 upto 05.00 PM |
| 7 | Documents will be received by post/O/o Executive Officer on or before:- | Dtd. 14.11.2019 upto 05.30 PM |
| 8 | Bids received shall be opened on:- | Dtd. 15.11.2019 at 10.00 AM |
| 9 | Name and address of the Officer inviting Bid:- | Executive Officer, Binka N.A.C. |

Further details can be seen from the procurement portal i.e. www.tendersorissa.gov.in.

Sd/- Executive Officer
Notified Area Council, Binka


### ଗାଧୋଇବାକୁ ଯାଇ ବନ୍ଧରେ ବୁଡ଼ିଗଲେ ମହିଳା

ରେଢ଼ାଖୋଲ,୩।୧୧(ଡି.ଏନ.ଏ.) ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଶରଧାପୁର ଗ୍ରାମରେ ରବିବାର ଜଣେ ମହିଳା ବନ୍ଧରେ ଗାଧୋଉଥିବା ବେଳେ ପାଣିରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଉଗ୍ରସେନ ବିଶ୍ୱାଳଙ୍କ ସ୍ତ୍ରୀ ମେନକା ବିଶ୍ୱାଳ (୪୦)। ମେନକା ବନ୍ଧକୁ ଗାଧୋଇବାକୁ ଯାଇ ଆଉ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବାକୁ ଯାଇ ବନ୍ଧରେ ଭାସୁଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ସୋମବାର ରେଢ଼ାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯିବ । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବନ୍ଧମୁଣ୍ଡାରେ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୩।୧୧

ନୂତନ ପରିବହନ ନୀତି ପାଳନ ସହ ଏହାର ଅବମାନନା ନେଇ ରହିଥିବା ବ୍ୟବସ୍ଥା ସମ୍ପର୍କରେ ରବିବାର ବନ୍ଧମୁଣ୍ଡା ଅଞ୍ଚଳରେ ବିଜୁ ଯୁବବାହିନୀ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଂଗଠନ ସଦସ୍ୟମାନେ ସ୍ଥାନୀୟ ଡି ସେକ୍ଟର ଅଞ୍ଚଳରେ ପଥଚାରୀଙ୍କୁ ଏ ନେଇ ସଚେତନ କରାଇଥିଲେ। ଯେଉଁ ବାଇକ ଚାଳକମାନେ ବିନା ହେଲମେଟରେ ଯାତାୟତ କରୁଥିଲେ ସେମାନଙ୍କୁ ମିଷ୍ଟାନ୍ନ ଖୁଆଇ ନିୟମପାଳନ କରିବାକୁ ଅନୁରୋଧ କରିଥିଲେ। ବିଶେଷ କରି ସଡକ ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁସନ ସାର୍ଟିଫିକେଟ ଓ ଇନସ୍ୟୁରାନ୍ସ ଆଦି ଜରୁରି କାଗଜ ପତ୍ର ସବୁ ବେଳେ ନିଜ ପାଖରେ ରଖିବାକୁ ସଂଗଠନ କର୍ମକର୍ତ୍ତା ସଚେତନ କରିଥିଲେ।




ବନ୍ଧମୁଣ୍ଡା ସଚେତନତା କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବା ଯୁବଗୋଷ୍ଠୀ।



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ଶୋଭନୀୟ ସମାଜ ଗଠନ ପାଇଁ ଆହ୍ୱାନ

ରାଉରକେଲା ଅଫିସ ,୩।୧୧
କଳାହାଣ୍ଡି ଜିଲାର ଗୋଲାମୁଣ୍ଡା ଆଶ୍ରମ ବିଦ୍ୟାଳୟ, ଲାଞ୍ଜିଗଡ ଆଶ୍ରମ ହାଇସ୍କୁଲ, ଉଚ୍ଚ ମାଧମିକ ବିଦ୍ୟାଳୟ ସମେତ ଭବାନୀପାଟଣା, ଜୁନାଗଡ, ଥୁଆମୁଳରାମପୁର, ବ୍ଲକର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଶୋଭନୀୟ ସମାଜ ଗଠନରେ ସହାୟକ ହେବାକୁ ଆହ୍ୱାନ ଦିଆଯାଇଛି। ପାଠ ପଢି ଭଲ ମଣିଷ ହେବା, ଅଶ୍ଳୀଳତାରୁ ଦୂରେଇ ରହିବା, ବାପା ମା, ଗୁରୁଜନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା, ନିଶାଦ୍ରବ୍ୟ ସେବନ ନ କରିବା, ଆଦର୍ଶ ଜୀବନ ଗଢିବାକୁ ସଚେତନ କରାଯାଇଛି। ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମର ସମ୍ପାଦକ ତଥା ପୂଜ୍ୟଶ୍ରୀ କୁମାର ଭାଇଙ୍କ ପଟ୍ଟଶିଷ୍ୟ ନିରଞ୍ଜନ ଭାଇ ଏବଂ ଚାରୁଲତା ଦେବୀ ସପ୍ତାହବ୍ୟାପୀ ଜିଲାର ବିଭିନ୍ନ ସ୍କୁଲକୁ ଗସ୍ତ କରି ପିଲାମାନଙ୍କୁ ଏହି ବାର୍ତ୍ତା ଦେଇଛନ୍ତି। ଛାତ୍ରୀଛାତ୍ର ମଧ୍ୟ ଏଥିରେ ଅନୁପ୍ରାଣିତ ହୋଇ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ ବୋଲି ଶପଥ ନେଇଥିଲେ। ଏହି କ୍ରମରେ ଅନେକ ବର୍ଷ ତଳେ ଯେଉଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୋଭନୀୟ ଆନ୍ଦୋଳନର ପ୍ରତିଷ୍ଠାତା କୁମାର ଭାଇଙ୍କ ସଂସ୍ପର୍ଶରେ ଆସି ତାଙ୍କ ଓଜସ୍ୱିନୀ ଭାଷଣ ଓ ନୀତିବାଣୀ ଶୁଣିବାର ସୁଯୋଗ ପାଇଥିଲେ ତାହା ମନେପକାଇଥିଲେ।

# ନିୟନ୍ତ୍ରଣ ବାହାରେ ଟ୍ରାଫିକ ନିୟନ୍ତ୍ରଣ

## ବେପରୁଆ ବାଇକ ଚାଳକଙ୍କ ଉପରେ ଲଗାମ ନାହିଁ

ରାଉରକେଲା ଅଫିସ, ୩।୧୧
ଇସ୍ପାତ ସହର ରାଉରକେଲାରେ ଅନେକ ଗୁରୁତ୍ୱପୁର୍ଣ୍ଣ ସ୍ଥାନ ରହିଛି। ସେଥି ମଧ୍ୟରୁ ଉଦିତନଗରର ଆମ୍ବେଡକର ଛକ ଏକ ଟ୍ରାଫିକ ସମସ୍ୟା ଦୃଷ୍ଟିରୁ ଏକ ଗୁରୁତ୍ୱପୁର୍ଣ୍ଣ ସ୍ଥାନ ଭାବେ ଜଣାଶୁଣା। ଏହାର ମୁଖ୍ୟ କାରଣ ହେଲା ଏହି ଛକକୁ ୫ଟି ରାସ୍ତା ସଂଯୋଗ କରୁଛି। ବାସନ୍ତୀ କଲୋନୀ ଓଭରବ୍ରିଜ ମଧ୍ୟ ଏହି ଛକରେ ମିଶିଛି। ତେବେ ଏହି ଛକକୁ ଏକ ବିପଦପୁର୍ଣ୍ଣ ଛକ ଭାବରେ ସାଧାରଣ ବାଇକ ଚାଳକ, ସାଇକେଲ ଆରୋହୀ ତଥା ଚାଲି ଚାଲି ଯାଉଥିବା ସାଧାରଣ ଜନତାଙ୍କ ମଧ୍ୟରେ ଆଲୋଚନା ହେଉଛି। ବିଶେଷକରି ଗାଡି ଚାଳକ ମାନଙ୍କ ବେପରୁଆ ଗାଡିଚାଳନା ହିଁ ମୁଖ୍ୟ କାରଣ ରହିଛି। ଟ୍ରାଫିକ ବିଭାଗ ଓ ପୋଲିସ ପ୍ରଶାସନ କିଛିମାତ୍ରରେ ସଚେତନତା ସୃଷ୍ଟି କରିଥିଲେ ମଧ୍ୟ ତାହାର କୌଣସି ସୁଫଳ ମିଳୁନାହିଁ। ଏଣୁ ଏହି ଛକରେ କେତେବେଳେ ଦୁର୍ଘଟଣା ଘଟି କାହାର ଜୀବନ ଦୀପ ଲିଭିବ ତାହା କହିବା ମୁସ୍କିଲ। ଫଳରେ ବେଳ ଥାଉ ଥାଉ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଆମ୍ବେଡକର ଛକରେ ସକାଳୁ ରାତି ପର୍ଯ୍ୟନ୍ତ ସବୁ ବେଳେ ପ୍ରବଳ ଭିଡ ପରିଲିକ୍ଷିତ ହୋଇଥାଏ। କାରଣ ଏହି ଛକ ସହରର ଏକ ପ୍ରମୁଖ ସ୍ଥାନ ଅଟେ। ଏହି ରାସ୍ତା ସଂଲଗ୍ନ



ରାଉରକେଲାର ଆମ୍ବେଡକର ଛକ।

ରାଉରକେଲା ଅତିରିକ୍ତ ଜିଲାପାଳଏସ୍‌ପି କାର୍ଯ୍ୟାଳୟ, ଆର୍‌ଟିଓ, କାର୍ଯ୍ୟାଳୟ, ଆର୍‌ଏମ୍‌ସି କାର୍ଯ୍ୟାଳୟ ସହିତ ବହୁ ଗୁଡ଼ିଏ ସରକାରୀ କାର୍ଯ୍ୟାଳୟ ରହିଛି। ଏହାସହ ଡେଲି ମାର୍କେଟ, ଆର୍‌ଏସ୍‌ପି ରିଂରୋଡ କୁ ମଧ୍ୟ ସଂଯୋଗ ରହିଛି। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଗାଡି ଚଳାଚଳ କରୁଥିବାରୁ ରାସ୍ତାରେ ଭିଡ ହେବା ସ୍ୱାଭାବିକ । ଏହାସହ ଏହି ରାସ୍ତା ଦେଇ ବସ ଚଳାଚଳ ମଧ୍ୟ କରିଥାଏ। ପୂର୍ବରୁ ଆମ୍ବେଡକର ଛକରେ ଭିଡ ପରିଲିକ୍ଷିତ ହେଉଥିବା ବେଳେ ବାସନ୍ତୀ କଲୋନୀ ଓଭରବ୍ରିଜ ହେବା ପରେ ଯାତାୟାତରେ ଆହୁରି ବୃଦ୍ଧି ଘଟିଛି। ତେବେ ଭିଡକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଯୁବତୀ ଯୁବକ ମାନଙ୍କୁ ଟ୍ରାଫିକ ସଚେତନତା ସୃଷ୍ଟି କରିବା କାର୍ଯ୍ୟରେ କିଛିମାସ ପୁର୍ବେ ନିୟୋଜିତ କରାଯାଇଥିଲା। ତେବେ ଯୁବତୀ ଯୁବକ ମାନଙ୍କ ଉଦ୍ୟମ ଫଳରେ କିଛିମାସ ସବୁ ଠିକ୍‌ଠାକ ଚାଲିଥିଲା। ମାତ୍ର ଏହି ସଚେତନତା ଫଳରେ ଟ୍ରାଫିକ ସମସ୍ୟାରେ କିଛିଟା ସୁଧାର ଆସିଥିଲା। କିନ୍ତୁ ବର୍ତ୍ତମାନ ଯେଉଁଠିକୁ ସେଇଠି ରହିଯାଇଛି। ଆମ୍ବେଡକର ଛକରେ ଟ୍ରାଫିକ ପୋଲିସ ସହ ପୋଲିସ ପ୍ରଶାସନ ପକ୍ଷରୁ ହୋମଗାର୍ଡ ମଧ୍ୟ ମୁତୟନ କରାଯାଉଛି। କିନ୍ତୁ ଟ୍ରାଫିକ ପୋଲିସ ସେମାନଙ୍କ ଦକ୍ଷତା ମୁତାବକ କାର୍ଯ୍ୟ କରୁନାହାନ୍ତି। ଏମାନେ ଗଛମୂଳେ କିମ୍ବା ପାନ ଦୋକାନ କଡରେ ଛିଡା ହୋଇ ଚିରାଚରିତ ଭାବେ ଦର୍ଶକ ସାଜୁଛନ୍ତି। ଫଳରେ ଏହି ଛକରେ ଟ୍ରାଫିକ ନିୟନ୍ତ୍ରଣ ଠିକ ଭାବରେ ହୋଇପାରୁନାହିଁ। ଯାହାକୁ ନେଇ ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏପରିକି ଆଗାମୀ ଦିନରେ ବେପରୁଆ ଗାଡିଚାଳକ ମାନଙ୍କୁ ସାବାଡ କରିବା ପାଇଁ ପୋଲିସ ପ୍ରଶାସନ କୌଣସି ଯୋଜନା ପ୍ରସ୍ତୁତ ନ କରେ ଏବଂ ଟ୍ରାଫିକ ସମସ୍ୟାକୁ ଗୁରୁତର ଭାବେ ବିଚାରକୁ ନ ନେଲେ ଏହି ଛକରେ ଦୁର୍ଘଟଣା ଘଟି ଜୀବନ ହାନୀ ହେବାରୁ ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏଣୁ ଏହାର ସୁରକ୍ଷା ଦୃଷ୍ଟି କୋଣରୁ ଆମ୍ବେଡକର ଛକରେ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ପ୍ରଶାସନ ପକ୍ଷରୁ ଏକ ଅଟୋମେଟିକ ଟ୍ରାଫିକ ସିଗନାଲ ପୋଷ୍ଟ କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅପରପକ୍ଷରେ ଅଟୋମେଟିକ ସିଗନାଲ ପୋଷ୍ଟ ନ ହେବା ଯାଏ ଅଧିକ ଟ୍ରାଫିକ ପୋଲିସ ମୁତୟନ କଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# କାଳୀପୂଜା ମେଳଣ

ରାଉରକେଲା ଅଫିସ, ୩।୧୧
ରାଉରକେଲା ସେଣ୍ଟ୍ରାଲ ପୂଜା କମିଟି ଉପସଭାପତି ରମେଶ ଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନଭେମ୍ବର ୧ରେ କାଳୀପୂଜା ମେଳଣ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅତିରିକ୍ତ ଜିଲାପାଳ ୟେଦୁଲା ବିଜୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହାସହ ପୂଜା କମିଟିର କର୍ମକର୍ତ୍ତା ମାନଙ୍କ ନିସ୍ୱାର୍ଥପର କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହ ଆଗାମୀ ଦିନରେ କମିଟିର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ମନୋଜ ଘଡେଇ, ବୀରେନ୍ଦ୍ର ନାରାୟଣ ସ୍ୱାଇଁ, ସତ୍ୟ ସାହୁ, ଦୁଷ୍ମନ୍ତ ପାତ୍ର, ଶିଶିର ସାହୁ, ରବି ବାରିକ, ରାମ ରାଉତ ପ୍ରମୁଖ ମେଳଣ କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ଅନୀଲ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



କାଳୀପୂଜା ମେଳଣ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା।

# କ୍ଲିନ୍ କୋର୍ଟ, ଗ୍ରୀନ୍ କୋର୍ଟ ନେଇ ଗୁରୁତ୍ୱାରୋପ



ବିରଜାପାଲ୍ଲୀରେ ଥିବା ସ୍ୱତନ୍ତ୍ର କୋର୍ଟ ପରିସରକୁ ସଫେଇ କରାଯାଉଛି।

ରାଉରକେଲା ଅଫିସ,୩। ୧୧
ଭାରତର ଉଚ୍ଚତମ ନ୍ୟାୟାଳଙ୍କ କ୍ଲିନ କୋର୍ଟ ଗ୍ରୀନ କୋର୍ଟ ଯୋଜନାକୁ ସଫଳ କରିବା ନେଇ ରବିବାର ରାଉରକେଲା ସିଭିଲ ଓ ସେସନ୍ସ କୋର୍ଟ ବିଚାରପତି, ଷ୍ଟାଫ ଓ ବାର ଆସୋସିଏଶନ ସହଯୋଗରେ ବିରଜାପାଲ୍ଲୀରେ ଥିବା ସ୍ୱତନ୍ତ୍ର କୋର୍ଟ ପରିସରକୁ ସଫେଇ କରାଯାଇଛି। ଅତିରିକ୍ତ ଜିଲ୍ଲା ଦୌରା ଜଜ ଦୀପକ କୁମାର, ଏସ୍‌ଡିଜେଏମ୍ ସଦାଶିବ ଜେନା, ସିଭିଲ ଜଜ ଜୁନିୟର ଡିଭିଜନ ନେହା ଅଗ୍ରୱାଲ, ଜେଏମ୍‌ଏଫ୍‌ସି ଧନଞ୍ଜୟ ନାୟକ, ଓକିଲ ସଂଘ ପକ୍ଷରୁ ରମେଶ ବଳ, ଅକ୍ଷୟ ସାହୁ, ଅନୁସୂୟା ପଣ୍ଡା, ସନ୍ତୋଷ ଭଦ୍ର, ପବିତ୍ର ଜେନା, ଅରୁଣ ପାତ୍ର ପ୍ରମୁଖ ଆଇନଜିବୀ ଉପସ୍ଥିତ ଥିଲେ।

# ଆର୍‌ଆଇଟି କର୍ମଚାରୀଙ୍କୁ ୧୫ଦିନ ମଧ୍ୟରେ ଦରମା

## ଖବରଦାତା ସମ୍ମିଳନୀରେ ପରିଚାଳନା କମିଟିର ଘୋଷଣା

ରାଉରକେଲା ଅଫିସ, ୩।୧୧
ରାଉରକେଲା ସ୍ଥିତ କଲୁଙ୍ଗାରେ ଥିବା ରାଉରକେଲା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଆରଆଇଟି)ରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ଦୀର୍ଘ ମାସ ହେଲା ଦରମା ମିଳିନାହିଁ। ଫଳରେ ଏହି ଅନୁଷ୍ଠାନରେ ବାରମ୍ବାର ସମସ୍ୟା ଲାଗି ରହିଛି। ତେବେ ଆସନ୍ତା ୧୫ ଦିନ ମଧ୍ୟରେ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ କରାଯିବା ନେଇ ପ୍ରକ୍ରିୟା ଚାଲୁ ରହିଛି ବୋଲି ଶନିବାର ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ପରିଚାଳନା କମିଟି ପକ୍ଷରୁ ଘୋଷଣା କରାଯାଇଛି। ଶନିବାର ସନ୍ଧ୍ୟାରେ ଅନୁଷ୍ଠାନର ସହର କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆର୍‌ଆଇଟି ଅଧ୍ୟକ୍ଷ ଡ.ପୀତବାସ ମିଶ୍ର ଓ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଉପରୋକ୍ତ ଘୋଷଣା କରିଛନ୍ତି। ଏହି ସମ୍ମିଳନୀରେ ଦିଆଯାଇଥିବା ସୂଚନା ଅନୁଯାୟୀ ଛାତ୍ରୀଛାତ୍ରଙ୍କ ଫିସ ଅନୁଷ୍ଠାନର ଏକମାତ୍ର ଆୟ। କିନ୍ତୁ ଦୀର୍ଘ ୫ବର୍ଷ ହେଲା ଦେଶରେ ମାନ୍ଦାବସ୍ଥା ଲାଗିରହିଛି। ଏହାର ପ୍ରଭାବରେ ଅନୁଷ୍ଠାନରେ ସରକାରଙ୍କ ପକ୍ଷରୁ ମଞ୍ଜୁର କରାଯାଇଥିବା ସିଟରୁ ମାତ୍ର ୩୦ରୁ ୪୦ ପ୍ରତିଶତ ଛାତ୍ରୀଛାତ୍ର ନାମ ଲେଖାଉଛନ୍ତି। ଫଳରେ ଅନୁଷ୍ଠାନର ଆୟ ଦିନକୁ ଦିନ କମି ଯାଉଥିବା ବେଳେ ବ୍ୟୟ ବୃଦ୍ଧି ପାଇବାରେ ଲାଗିଛି। ତଥାପି କର୍ମଚାରୀ ମାନଙ୍କୁ ପ୍ରତ୍ୟେକ ମାସ କିଛି ଟଙ୍କା ଦରମା ଆକାରରେ ପ୍ରଦାନ କରାଯାଇଆସୁଛି। ବର୍ତ୍ତମାନ ବ୍ୟାଙ୍କରୁ





ଖବରଦାତା ସମ୍ମିଳନୀରେ ଆର୍‌ଆଇଟି ଅଧ୍ୟକ୍ଷ, ସମ୍ପାଦକ ଓ ପ୍ରିନ୍ସିପାଲ।

ଋଣ କିମ୍ବା ଅନୁଷ୍ଠାନର ଜମି ବିକ୍ରି କରି କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ କରାଯିବାକୁ ପ୍ରକ୍ରିୟା ଚାଲୁ ରହିଛି। ଏଣୁ ଅନୁଷ୍ଠାନର ଶୈକ୍ଷିକ ବାତାବରଣ ବଜାୟ ରଖିବା ପାଇଁ ସମସ୍ୟାର ସମାଧାନ ହେବା ଯାଏ ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ପ୍ରଶାସନ ଅନୁଷ୍ଠାନ ପ୍ରତି ସାହାଯ୍ୟ ସହଯୋଗ ରକ୍ଷା କରିବା ପାଇଁ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି। ଅପରପକ୍ଷରେ ଅନୁଷ୍ଠାନର କର୍ମଚାରୀମାନେ ଶୁକ୍ରବାର ୨୦ମାସର ଦରମା ପ୍ରଦାନ ପାଇ ନ ଥିବା ନେଇ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇଥିଲେ। ଏହାକୁ ନେଇ ଶନିବାର ସନ୍ଧ୍ୟାରେ ପରିଚାଳନା କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ତେବେ ଏହି ସମ୍ମିଳନୀ ପରେ ଅନୁଷ୍ଠାନର ଭାରପ୍ରାପ୍ତ ପ୍ରିନ୍ସିପାଲ ମନୋଜ ଜେନାଙ୍କୁ ଅନୁଷ୍ଠାନର କିଛି କର୍ମଚାରୀ ପରିଚାଳନା କମିଟି ଇଙ୍ଗିତରେ ପ୍ରିନ୍ସିପାଲ ଦରମା ପ୍ରଦାନ ନେଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ଅଭିଯୋଗ କରି ଧସ୍ତାଧସ୍ତି କରିଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପ୍ରିନ୍ସିପାଲ ଜେନା ନିଜ ପଦରୁ ଇସ୍ତଫା ପ୍ରଦାନ କରିଥିବା ନେଇ ସୂଚନା ଦେଇଛନ୍ତି।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର





ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଯୋଗଦେଇଥିବା ମହିଳା ସମିତି କର୍ମକର୍ତ୍ତା ଓ ଡାକ୍ତର।

ରାଉରକେଲା ଅଫିସ, ୩।୧୧
ରାଉରକେଲାର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ସ୍ନେହୀ ମହିଳା ସମିତି ଆନୁକୂଲ୍ୟରେ ସେକ୍ଟର–୩ ସ୍ଥିତ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପରିସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ଟ୍ରଷ୍ଟି ଗିରିଜା ଶଙ୍କର ଦ୍ୱିବେଦୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡା.ଗୋକୁଳାନନ୍ଦ ସାହୁ, ଡା. ରବିରତ୍ନ ପଣ୍ଡା ଏବଂ ଟେକ୍ନିସିଆନ ଆଇଲିନ ଟପ୍ପୋ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ମନ୍ଦିରରେ ହବିଷ ପାଳନ କରୁଥିବା ବୃଦ୍ଧା ଓ ବୃଦ୍ଧମାନଙ୍କ ମଧୁମେହ ଏବଂ ରକ୍ତଚାପ ପରୀକ୍ଷା କରି ଔଷଧ ବିତରଣ କରିଥିଲେ। ଏହା ସହିତ ଶତାଧିକ ଅନ୍ୟ ବୟସ୍କ ବ୍ୟକ୍ତି ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରି ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ମହିଳା ସମିତିର ସବିତା ସାହୁ, ପ୍ରିତୀ ସାହୁ, ସଳିଳା ବରାଳ, ସାବିତ୍ରୀ ଦାସ, ଇନ୍ଦିରା ମହାନ୍ତି, ସୁପ୍ରଭା ରାୟ, ପୂଜକ ତ୍ରିନାଥ ପାଢ଼ୀ, ସେବାୟତ ପାଣ୍ଡବ ସ୍ୱାଇଁ ପ୍ରମୁଖ ଏହି ଶିବିର ପରିଚାଳନାରେ ସହାୟତା କରିଥିଲେ। ଶେଷର ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିୟାଯୋଗ ଧ୍ୟାନକେନ୍ଦ୍ରର ବାର୍ଷିକ ଉତ୍ସବ ୧୦ରେ

ରାଉରକେଲା ଅଫିସ, ୩।୧୧
ଜଗଦା ସ୍ଥିତ କ୍ରିୟାଯୋଗ ଧ୍ୟାନ କେନ୍ଦ୍ରର ୩୬ତମ ବାର୍ଷିକ ଉତ୍ସବ ଚଳିତମାସ ୯ ଓ ୧୦ ରେ କେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ। ୯ ତାରିଖ ସକାଳେ ଗୀତାଯଜ୍ଞ ଓ କ୍ରିୟାଯୋଗ ଦୀକ୍ଷାଦାନର କର୍ଯ୍ୟକ୍ରମ ରହିବା ସହ ସନ୍ଧ୍ୟାରେ ଆରତୀ ଓ ଧ୍ୟାନର କାର୍ଯ୍ୟକ୍ରମ ରହିଛି। ସେହିପରି ୧୦ ତାରିଖ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବର ସହ ଅପରାହ୍ନରେ କ୍ରିୟାଯୋଗ ଆଲୋଚନାଚକ୍ର ଏବଂ ସନ୍ଧ୍ୟାରେ ଆରତୀ, ଗୁରୁବନ୍ଦନା, ଭଗବତ ବନ୍ଦନା, ପ୍ରବଚନ ଓ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। ଆଧୁନିକ ଯୁଗରେ ସୁଖ, ଶାନ୍ତି ଓ ସ୍ୱାସ୍ଥ୍ୟ ପାଇଁ କ୍ରିୟାଯୋଗର ଆବଶ୍ୟକତା ଉପରେ ପ୍ରବଚନ ଅନୁଷ୍ଠିତ ହେବ। କେନ୍ଦ୍ରର ଆଜୀବନ ଅଧ୍ୟକ୍ଷ ପରମହଂସ ଆତ୍ମାନନ୍ଦଜୀ ପ୍ରବଚନ ଦେବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ■ ସଚେତନ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

# ଆଲୋଚନାଚକ୍ର ସହ ସ୍ମରଣିକା ପ୍ରକାଶ ନିଷ୍ପତ୍ତି

ରାଉରକେଲା ଅଫିସ, ୩।୧୧
ରାଉରକେଲା ସଚେତନ ନାଗରିକ ମଞ୍ଚର ଆଗାମୀ ୫ମ ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଆମ୍ବାଗାନ ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଡ. ଭାବଗ୍ରାହୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମଞ୍ଚର ବହୁ ବରିଷ୍ଠ ସଦସ୍ୟ ଯୋଗଦେଇ ଆସନ୍ତା ଡିସେମ୍ବର ୧ ତାରିଖ ସ୍ଥାନୀୟ ସିଭିକ ସେଣ୍ଟର ଠାରେ ହେବାକୁ ଯାଉଥିବା ମଞ୍ଚର ବାର୍ଷିକ ଉତ୍ସବର ସଫଳତା ନିମନ୍ତେ ସୁଚିନ୍ତିତ ମତାମତ ଦେଇଥିଲେ। ପ୍ରାରମ୍ଭରେ ମଞ୍ଚର ସାଧାରଣ ସମ୍ପାଦକ ପି.ପି.ରାୟ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଆଗାମୀ ଉତ୍ସବରେ ‘ବୃହତର ରାଉରକେଲାର ପରିକଳ୍ପନା’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବହୁ ଜଣାଶୁଣା ବରିଷ୍ଠ ରାଜନେତା, ସାମ୍ବାଦିକ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରାୟ ସୂଚନା ଦେବା ସହ ମଞ୍ଚ ପକ୍ଷରୁ ଅତୀତରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ। ଯେଉଁଥିରେ ‘ବୃହତର ରାଉରକେଲାର ପରିକଳ୍ପନା’ ଶୀର୍ଷକ ଲେଖାମାନ ସ୍ଥାନ ପାଇବ। ଇଚ୍ଛୁକ ବ୍ୟକ୍ତିମାନେ ଉପରୋକ୍ତ ବିଷୟ ସମ୍ପର୍କିତ ଲେଖାମାନ ମଞ୍ଚ ନିକଟକୁ ପଠାଇବାକୁ ନିବେଦନ କରାଯାଇଛି। ବାର୍ଷିକ ଉତ୍ସବର ସଫଳତା ନିମନ୍ତେ ପ୍ରସ୍ତୁତି ବୈଠକରେ ବିଭିନ୍ନ କମିଟିମାନ ଗଠନ କରାଯାଇଛି ।



ସଚେତନ ନାଗରିକ ମଞ୍ଚର ବୈଠକରେ ଉପସ୍ଥିତ ସଦସ୍ୟଗଣ।

ସ୍ମରଣିକା କମିଟିର ସଦସ୍ୟ ଭାବେ ପ୍ରଭାତ କୁମାର ମହାପାତ୍ର, ପିତବାସ ମିଶ୍ର, ଡ.ଭବେଶ ଚନ୍ଦ୍ର ସାହୁ, ଡ.ଉମାକାନ୍ତ ମିଶ୍ର, ଜଟାଧାରୀ ମାଝୀ, ଜ୍ଞାନରଞ୍ଜନ ମିଶ୍ର, ଭରତ ଚନ୍ଦ ଦାସ, କୁଞ୍ଜବିହାରୀ ରାଉତ (ଶିକ୍ଷକ) ରହିଥିବା ବେଳେ ଅର୍ଥ କମିଟିରେ ଡ. ଭାବଗ୍ରାହୀ ମହାପାତ୍ର, ଡ. ରାହାସ ବିହାରୀ ମହାପାତ୍ର, ନିତ୍ୟାନନ୍ଦ ସେନଗୁପ୍ତ, ଜଗବନ୍ଧୁ ଜେନା, ଚିତରଞ୍ଜନ ଦାସ ସଦସ୍ୟଭାବେ ମନୋନୀତ ହୋଇଛନ୍ତି। ସେହିପରି ଅଭ୍ୟର୍ଥନା କମିଟିର ସଦସ୍ୟଭାବେ ଡାକ୍ତର ରାହାସ ବିହାରୀ ମହାପାତ୍ର, ରାଜ କିଶୋର ମିଶ୍ର, ରମେଶ ଚନ୍ଦ୍ର ସେଠୀ, ଡାକ୍ତର ବସନ୍ତ କୁମାର ଦାସ, ଦୀନବନ୍ଧୁ ଭୋଳ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶାନ୍ତନୁ ମୁଦାଲି ରହିଥିବା ବେଳେ ପ୍ରଚାର ଓ ନିମନ୍ତ୍ରଣ ପତ୍ର ବଣ୍ଟନ କମିଟିର ସଦସ୍ୟଭାବେ ଉମା ଶଙ୍କର ତିୱାରୀ, ଏ.ଆର.କ୍ୟୁରେସି, ଶମ୍ଭୁନାଥ ପରିଡ଼ା ମନୋନୀତ ହୋଇଛନ୍ତି । ଖାଦ୍ୟ କମିଟିର ସଦସ୍ୟଭାବେ ସୁବ୍ରତ କୁମାର ମଲ୍ଲିକ, ରଞ୍ଜନ କୁମାର ଲେଙ୍କା, ବିଜୟ କୁମାର ବରାଳ, ଉପେନ୍ଦ୍ର କୁମାର ନାୟକ ରହିଥିବା ବେଳେ ମଞ୍ଚ ପରିଚାଳନା କମିଟିରେ ଡ. ଭବେଶ ଚନ୍ଦ୍ର ସାହୁ, ଅଭୟ କୁମାର ଦାସ, ନିରଞ୍ଜନ ଦାସଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଗଠିତ ବିଭିନ୍ନ କମିଟି ସହିତ ଯୋଗାଯୋଗ ରଖି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ମଞ୍ଚର ବରିଷ୍ଠ ସଦସ୍ୟ ନିରଞ୍ଜନ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି । ବୈଠକରେ ଡ.ଭାବଗ୍ରାହୀ ମହାପାତ୍ର, ପି.ପି.ରାୟ, ଜଗବନ୍ଧୁ ଜେନା, ରାହାସ ବିହାରୀ ମହାପାତ୍ର, ଭରତଚନ୍ଦ୍ର ଦାସ, ସୁକଦେବ କୁଅଁର, ଜଟାଧାରୀ ମାଝୀ, ଉମାଶଙ୍କର ତିୱାରୀ, ଏ.ଆର.କ୍ୟୁରେସି, ରମେଶ ଚନ୍ଦ୍ର ସେଠୀ, ଡା.ବସନ୍ତ କୁମାର ଦାସ, ବ୍ରହ୍ମାନନ୍ଦ ବୋଇତି, ଅକ୍ଷୟ କୁମାର ଜେନା, ସୁରେଶ ଚନ୍ଦ୍ର ଗୁପ୍ତା, ଚିତରଞ୍ଜନ ଦାସ, ବଳରାମ ମହାପାତ୍ର, ଭରତ ଚନ୍ଦ୍ର ପରିଡ଼ା, କୁଞ୍ଜବିହାରୀ ରାଉତ, ଦୀନବନ୍ଧୁ ଭୋଳ, ଜ୍ଞାନରଞ୍ଜନ ମିଶ୍ର, ହରିହର ବେହେରା, ଭବାନୀ କବୀ, ଶମ୍ଭୁନାଥ ପରିଡ଼ା, ବିଶ୍ୱନାଥ ଜେନା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରାଜକିଶୋର ମିଶ୍ର, ଶାନ୍ତନୁ କୁମାର ମୁଦାଲି, ସୁବ୍ରତ କୁମାର ମଲ୍ଲିକ, କୁଞ୍ଜବିହାରୀ ରାଉତ, ବିଜୟ କୁମାର ବରାଳ, ରଞ୍ଜନ କୁମାର ଲେଙ୍କା, ଗୁରୁଚରଣ ଦାସ, ନିରଞ୍ଜନ ଦାସ, ବିଶ୍ୱନାଥ ପଟ୍ଟନାୟକ, ଭବେଶ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ସେନଗୁପ୍ତ, ଅଭୟ କୁମାର ଦାସ, ଡ.ଉମାକାନ୍ତ ପଣ୍ଡା, ସୁବାଶ ଚନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାପତି ଡ.ଭାବଗ୍ରାହୀ ମହାପାତ୍ର ଉତ୍ସବର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ନିରଞ୍ଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ବୋଲି ମଞ୍ଚର ସାଧାରଣ ସମ୍ପାଦକ ପି.ପି.ରାୟ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ
ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ



### ୧୯୬୦ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ସୁନ୍ଦରଗଡ, ୩।୧୧ (ଡି.ଏନ୍.ଏ) -ସ୍ଥାନୀୟ ଭବାନୀଶଙ୍କର ହାଇସ୍କୁଲ ୧୯୬୦ ମ୍ୟାଟ୍ରିକ ବ୍ୟାଚ ପୁରାତନ ଛାତ୍ରୀଛାତ୍ରମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ରବିବାର ମହେଶଡିହିସ୍ଥିତ ପୁରାତନ ଛାତ୍ର ମୀନକେତନ ପଟେଲଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଚିନ୍ମୟ ପାଣିଗ୍ରାହୀ, ନରହରି ପଟେଲ, ବିରଞ୍ଚି ନାରାୟଣ ସରାଫ, ଅର୍ଜୁନ ନାଏକ, ମୀନକେତନ ପଟେଲ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀ ଜୀବନର ସ୍ମୃତି ମନେପକେଇ ଭାବବିହ୍ୱଳ ହୋଇପଡିଥିଲେ। ଏହି ପୁରାତନ ଛାତ୍ରମାନେ ସସ୍ତ୍ରୀକ ଯୋଗଦାନ କରିଥିବାରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୋଟିଏ ପାରିବାରିକ ଉତ୍ସବର ବାତାବରଣ ସୃଷ୍ଟି କରିଥିଲା। ଚିନ୍ମୟ ପାଣିଗ୍ରାହୀ ବିଗତ ୫୯ବର୍ଷ ତଳର ସ୍କୁଲଜୀବନର ମଧୁର ଅନୁଭୂତି ବର୍ଣ୍ଣନା କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଆଲୋଚନାପୂର୍ବରୁ ସ୍ୱର୍ଗବାସ କରିଥିବା ପୁରାତନ ଛାତ୍ର ଉତ୍ସବ ସେନାପତିଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ନରରି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୁଆଁରମୁଣ୍ଡା, ୩।୧୧(ଡି.ଏନ.ଏ.) ବୀରମିତ୍ରପୁର ଥାନା ଅନ୍ତର୍ଗତ ଗାନ୍ଧିରୋଡ଼ରେ ରହୁଥିବା ଶଙ୍କର କେଶରୀ (୫୦)ଙ୍କ ମୃତଦେହ ରବିବାର ସକାଳେ ତାଙ୍କ ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଶଙ୍କର ଠେଲାଗାଡ଼ିରେ ବିଭିନ୍ନ ଜିନିଷ ନେଇ ବିକ୍ରିକରି ଚଳୁଥିଲେ। ରବିବାର ସକାଳେ ତାଙ୍କ ପରିବାର ଲୋକେ ଛଟ୍‌ପୂଜା ପାଇଁ ବାହାରକୁ ଯାଇଥିଲେ। ଘରେ ଏକାକି ଥିବାବେଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ ବୋଲି କୁହାଯାଉଛି। ଆତ୍ମହତ୍ୟାର ଠିକ କାରଣ ଜଣାପଡି ନ ଥିଲେ ମଧ ପାରିବାରିକ ଅଶାନ୍ତିକୁ ନେଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ପୋଲିସ ମୃତଦେହ ଜବତକରି ଘଟଣାର ତଦନ୍ତ କରୁଛି।

# ରାଜ୍ୟ ରାଜପଥରେ ବଢୁଛି ଦୁର୍ଘଟଣା

- ବର୍ଷକରେ ଶହେରୁ ଅଧିକ ଛୋଟବଡ଼ ଦୁର୍ଘଟଣା
- ୧୦ନଂ. ରାଜପଥ ମଝିରେ ଅଟକୁଛି ପୋଲିସ ଗାଡି
- ସାଧାରଣ ଲୋକଙ୍କ ଗାଡ଼ି ବି ରାସ୍ତାରେ ଅଟକୁଛି
- ଦୁର୍ଘଟଣାକୁ ଆମନ୍ତ୍ରଣ କରିବା ଆଶଙ୍କା ସୃଷ୍ଟି କରୁଛି

ବଡ଼ଗାଁ, ୩।୧୧ (ଡି.ଏନ.ଏ)

ରାଜ୍ୟ ରାଜପଥ- ୧୦ରେ ଦୈନଦିନ ଦୁର୍ଘଟଣା ସାଧାରଣ ଘଟଣାରେ ପରିଣତ ହୋଇଛି। ଏହି ରାଜପଥରେ ଦୁର୍ଘଟଣା ବୃଦ୍ଧି ପାଉଥିବାବେଳେ ପ୍ରତିକାର କରାଯାଉନି। ବର୍ଷକରେ ଶହେରୁ ଅଧିକ ଛୋଟବଡ଼ ଦୁର୍ଘଟଣା ହେଉଛି। ରାସ୍ତା ମଝିରେ ଗାଡ଼ି ରଖିବା ଦୁର୍ଘଟଣା ବୃଦ୍ଧିର କାରଣ ବୋଲି କୁହାଯାଉଛି। ନିକଟରେ ଜିଲା ପୋଲିସ ପକ୍ଷରୁ ବଡ଼ଗାଁରେ ସଡକ ସୁରକ୍ଷା କାର୍ଯ୍ୟକ୍ରମରେ ଡିଏସ୍‌ପି ଜ୍ୟୋସ୍ନାମୟୀ ପ୍ରଧାନ ଯୋଗଦେଇ ବଡ଼ଗାଁ ଦୁର୍ଘଟଣା ପ୍ରବଣ ଅଞ୍ଚଳ ବୋଲି ସୂଚନା ଦେଇଥିଲେ। ଏଭଳି ପରିସ୍ଥିତିରେ ଖୋଦ ପୋଲିସ ଦୁର୍ଘଟଣାକୁ ଆମନ୍ତ୍ରଣ କଲାଭଳି କାର୍ଯ୍ୟ ବାସ୍ତବିକ ଦୁର୍ଭାଗ୍ୟଜନକ।

ଘଟଣା ହେଲା ସୁନ୍ଦରଗଡ ଜିଲା ବଡଗାଁ ଥାନା ନିକଟବର୍ତ୍ତୀ ୧୦ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ହୋଟେଲ ସମ୍ମୁଖରେ ରବିବାର ସନ୍ଧ୍ୟା ସାଢେ ୬ଟାବେଳେ ଏକ ପୋଲିସ ଗାଡି (ବୋଲେରୋ) ଆସି ରାସ୍ତା ମାଝିରେ ଅଟକିଥିଲା। ଗାଡିରେ ୩ ଜଣ ମହିଳା ଓ ଜଣେ ପୁରୁଷ ସାଦା ପୋଷାକରେ ଥିଲେ। ହୋଟେଲରେ ଜଳଖିଆ କରି ବାହାରିବା ବେଳେ ଜଣେ ଯୁବକ ଫଟୋ ଉଠାଉଥିବା ଦେଖି ତାଙ୍କୁ ଫଟୋ ଡିଲିଟ କରିବାକୁ କହିଥିଲେ। ରାସ୍ତା ମଝିରେ ଆପଣ କାହିଁକି ଗାଡ଼ି ଅଟକାଇଲେ ବୋଲି ଯୁବକମାନେ କହିବାରୁ ଓ ଭିଡିଓଟି ଡିଲିଟ କରିବୁନି କହିବାରୁ ପୋଲିସ ବାଲା ଗାଡି ଧରି ରାଉରକେଲା ପଟକୁ ଚାଲିଯାଇଥିଲେ। ତେବେ ଏହି ଗାଡ଼ି କେଉଁ ଥାନାର, ସେମାନେ କେଉଁ ଥାନାର କର୍ମଚାରୀ କହି ନ ଥିଲେ।



ରାଜ୍ୟ ରାଜପଥ-୧୦ ମଝିରେ ଅଟକି ରହିଛି ପୋଲିସ ଗାଡି ।

ସୂଚନାଯୋଗ୍ୟ ଯେ, ଏହି ହୋଟେଲ ସମ୍ମୁଖରେ ଦୈନଦିନ ଗାଡିଗୁଡିକ ରାସ୍ତାର ଅଧେ ସ୍ଥାନରେ ରଖୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଛି । ଛୋଟବଡ ଦୁର୍ଘଟଣା ମଧ ଏଠାରେ ହେଉଛି। ଏହାକୁ ନେଇ ଆମ ପୋଲିସ ସମିତି ବୈଠକରେ ବହୁବାର ହୋଟେଲ ସାମ୍ନା ରାଜପଥରେ ଗାଡିଗୁଡିକ ଅଧେ ରାସ୍ତା ଅବରୋଧ କରୁଥିବାରୁ ପ୍ରତିକାର ଦାବି କରିଆସୁଛନ୍ତି। ଏହି ହୋଟେଲ ପାର୍ଶ୍ୱରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା ରାଜପଥକୁ ସଂଯୋଗ କରୁଛି । ହୋଟେଲ ସମ୍ମୁଖରେ ବହୁ ସଂଖ୍ୟକ ଗାଡି ରାସ୍ତା ମଝିରେ ଧାଡି ହୋଇ ରହୁଥିବାରୁ ରାଜପଥକୁ ସଂଯୋଗ କରୁଥିବା ରାସ୍ତାରେ ଆସୁଥିବା ଯାନବାହନର ଚାଳକ ରାଜପଥରେ ଆସୁଥିବା ଗାଡି ଦେଖି ପାରି ନ ଥାନ୍ତି। ଫଳରେ ଦୁର୍ଘଟଣା ହେବାର ଆଶଙ୍କା ଥାଏ। ତେବେ ପୋଲିସ ଟ୍ରାଫିକ ସମସ୍ୟାର ଦୂରୀକରଣ ଓ ଲୋକଙ୍କୁ ସଚେତନ କରାଉଥିଲା ବେଳେ କେତେକ ପୋଲିସ ଦୁର୍ଘଟଣାକୁ ଆମନ୍ତ୍ରଣ କଲାଭଳି କାର୍ଯ୍ୟକୁ ଦେଖି ସଚେତନ ଲୋକେ ବାଡି ଯଦି ଫସଲ ଖାଏ କଣ କରାଯିବ ବୋଲି ପରସ୍ପର ମଧରେ କଥା ହେଉଥିବା ଦେଖାଯାଇଛି।

## ଲହୁଣୀପଡାରେ ଛଟ୍‌ପର୍ବ ପାଳିତ



ଲହୁଣୀପଡ଼ା ଅଞ୍ଚଳରେ ଉଦୟଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରାଯାଉଛି।

ଲହୁଣୀପଡା, ୩।୧୧ (ଡି.ଏନ.ଏ)

ଲହୁଣୀପଡାଠାରେ ଦୁଇ ଦିନ ଧରି ଛଟ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଏଠାରେ ମୁଖ୍ୟତଃ ବିହାରୀ ସମ୍ପ୍ରଦାୟ ପକ୍ଷରୁ ପାଳନ କରାଯାଇଥାଏ। ଏହି ଛଟ୍‌ପର୍ବ ପାଇଁ ବିହାରୀ ସମ୍ପ୍ରଦାୟ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏଥିପାଇଁ ପରିବାରର ସମସ୍ତ ସଦସ୍ୟ ନୂତନ ପୋଷାକ ପରିଧାନ କରିଥିବା ଦେଖିବାକୁ ମିଳିଛି। ବିଭିନ୍ନ ଜଳାଶୟରେ ଭିଡ ଦେଖିବାକୁ ମିଳିଛି। ଏହି ତିନି ଦିନିଆ ଛଟ ପର୍ବର ଦ୍ୱିତୀୟ ଦିନରେ ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜା ଅର୍ଚ୍ଚନା କରି ଅର୍ଘ୍ୟ ପ୍ରଦାନ କରିଥିଲେ। ରବିବାର ପ୍ରତ୍ୟୁଷରୁ ଉଦୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥିଲେ। ବିଭିନ୍ନ ପ୍ରକାର ମାନସିକ ରଖି ପୂଜା ଅର୍ଚ୍ଚନା କରିବା ସହିତ ଜଳାଶୟ ଭିତରେ ଉଭୟ ଅସ୍ତଗାମୀ ଓ ଉଦୟଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥିଲେ। ଏଥିପାଇଁ ବିଭିନ୍ନ ପ୍ରକାର ଫଳ ଜଳାଶୟ ନିକଟକୁ ନେଇ ଯାଇଥିବା ଦେଖିବାକୁ ମିଳିଥିଲା। ଏହି ଛଟ ପର୍ବରେ ଠାକୁର ବନ୍ଧ, ପତିବନ୍ଧ ଓ ବ୍ରାହ୍ମଣୀନଦୀରେ ବ୍ରତଧାରୀମାନେ ପାଣିରେ ରହି ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ।



ଦୁର୍ନୀତି ନିବାରଣ ସଚେତନତା ଗ୍ରାମ ସଭାରେ ଉପସ୍ଥିତ ଅଧିକାରୀ, ଗ୍ରାମବାସୀ।

## ଦୁର୍ନୀତି ନିବାରଣ ସଚେତନତା ଗ୍ରାମସଭା

ବାଲିଶଙ୍କରା, ୩।୧୧(ଡି.ଏନ.ଏ.)

ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତରେ ଦୁର୍ନୀତିନିବାରଣ ସଚେତନତା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଗ୍ରାମ ସଭାରେ ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ରାଉରକେଲା ଦୁର୍ନୀତି ନିବାରଣ ଇନ୍ସପେକ୍ଟର ତୁଷାର ମହାପାତ୍ର ଯୋଗଦେଇଥିଲେ। ଆୟ ବହିଃଭୂତ ସମ୍ପତି ଠୁଳ କଲେ, କୌଣସି ସରକାରୀ କର୍ମଚାରୀ ଲାଞ୍ଚ ମାଗିଲେ ତୁରନ୍ତ ଦୁର୍ନୀତି ନିବାରଣ ବିଭାଗରେ ଜଣାଇବାକୁ ଅନୁରୋଧ। ଲାଞ୍ଚ ମାଗୁଥିବା ଲୋକ ଯେତିକି ଦୋଷୀ, ଲାଞ୍ଚ ଦେବା ଲୋକ ସେତିକି ଦୋଷୀ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ସଉନାମରା ସରପଞ୍ଚ ସୁମିତ୍ରା ବାର୍ଲା, ପୂର୍ବତନ ସରପଞ୍ଚ ଚୁଲୁ ବାର୍ଲା, ରବିଚନ୍ଦ୍ର ପଟେଲ, ଇଓ ଅରୁଣ କୁମାର ପଟେଲ, ଗ୍ରାମ୍ୟ ରୋଜଗାର ସେବକ ସଭ୍ୟ ପ୍ରଫୁଲ୍ଲ ତିର୍କୀ, ବନମାଳି ବାରସତିଆ, ସେଲବେସ୍ତାର ବାର୍ଲା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ କର୍ମଚାରୀ ଓ ସଉନାମରା ଗ୍ରାମ ପଞ୍ଚାୟତବାସୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

■ ପଟୁଆଡିହିଠାରେ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କୁଲାବିରା ତିଲପଡା ଚାମ୍ପିୟନ

ଲେଫ୍ରିପଡା,୩।୧୧(ଡି.ଏନ.ଏ)

ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ପଟୁଆଡିହିଠାରେ ଚାଲିଥିବା ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ କୁଲାବିରା ତିଲପଡା ଏବଂ ଗମ୍ଭାରିଡିହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଲାବିରା ତିଲପଡା ଫୁଟ୍‌ବଲ ଦଳ ଚାମ୍ପିୟନ ହୋଇଥିଲା। ଗମ୍ଭାରିଡିହି ଫୁଟ୍‌ବଲ ଦଳ ରନର୍ସଅପ୍ ହୋଇଥିଲା। ପରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ କୁମାର ଟପ୍ପୋ ମୁଖ୍ୟ ଅତିଥି ଭାବେ ରବିବାର ଯୋଗଦାନ କରି ଖେଳାଳିମାନଙ୍କୁ ସମୟାନୁବର୍ତ୍ତିତା ଦିଗରେ ସଚେତନ ହେବାକୁ ଉଦ୍‌ବୋଧନ ଦେଇଥିଲେ। ଆଗାମୀ ଦିନରେ ରାଜ୍ୟସରକାରଙ୍କ ନିୟମାନୁଯାୟୀ ସୁନ୍ଦରଗଡ ଜିଲାର କ୍ରୀଡା ଏବଂ ସାଂସ୍କୃତିକ ବିକାଶ ଦିଗରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଗୁରୁତ୍ୱ ଦିଆଯିବ ବୋଲି ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଫ୍ରିପଡା ଲ୍ୟାମ୍ପସ୍‌ର ସଭାପତି ତଥା ଯୁବ ବିଜେଡି ନେତା ସୁନୀଲ କୁମାର କାଲୋ ଯୋଗଦାନ କରି କ୍ରୀଡାର ବିଭିନ୍ନ ଦିଗ ଉପରେ ଖେଳାଳିଙ୍କୁ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ହୃଦାନନ୍ଦ ସାହୁ, ପୂର୍ବତନ ଲେଫ୍ରିପଡା ବ୍ଲକ୍ ବିଜେଡି ସଭାପତି ପ୍ରେମାନନ୍ଦ ବେହେରା, ଲେଫ୍ରିପଡା ବିଜୁବାହିନୀ ସଭାପତି ଭବାନୀ ବିରଗଣ୍ଡିଆ, ବିଜେଡି ବ୍ଲକ୍ ଯୁବ ସଭାପତି ସୁମନ୍ତ ପୂଜାରୀ, ଯୁବ ବିଜେଡି ନେତା ପ୍ରଶାନ୍ତ ପୃଷ୍ଟେଠ, ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ଗୁର୍ଲିହା, ନିରଞ୍ଜନ ବେହେରା, ସପ୍ନ ଓନ୍‌ସନା, ଜେନାମଣୀ ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ମଞ୍ଚାସୀନ ହୋଇଥିଲେ। ଚାମ୍ପିୟନ ଦଳକୁ ଚାରିହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ୍ ଦଳକୁ ତିନିହଜାର ଟଙ୍କା ଏବଂ ଟ୍ରଫି ଅତିଥିଗଣ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଉଦ୍‌ଘାଟନୀ ଉତ୍ସବରେ ଲ୍ୟାମ୍ପସ୍ ସଭାପତି ସୁନିଲ କୁମାର କାଲୋ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଙ୍କୁ ପଟୁଆଡିହି ଗ୍ରାମର ସମ୍ପ୍ରଦାମଣ୍ଡଳୀ ଏବଂ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ କରାଡେଗା ଆଦିବାସୀ ନୃତ୍ୟର ତାଳେ ତାଳେ ଖେଳପଡିଆ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମକୁ ପଟୁଆଡିହି ଗ୍ରାମର ସୁଶିଲ ନାଏକ, ବିଭୂତି ପଟେଲ, ଡେଭିଡ୍ ପାଣ୍ଡେ, ବାସୁଦେବ ପାଣ୍ଡେ, କୁଶ ସେଠ୍, ଆଲୋକ ବେହେରା, କୈଳାସ ଭୋଇ, ନିରଞ୍ଜନ ଭୋଇ, ସଞ୍ଜୟ ପଟେଲ, ପିଣ୍ଟୁ ପାଣ୍ଡେ ପ୍ରମୁଖ ଏବଂ ଗ୍ରାମବାସୀ ଆୟୋଜନ କରିଥିଲେ।



ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀରେ ଅତିଥି ଓ କର୍ମକର୍ତ୍ତା ଉପସ୍ଥିତ ।

## ଲିଙ୍ଗନିରୂପଣ ନିଷିଦ୍ଧ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୩।୧୧ (ଡି.ଏନ୍.ଏ)

ଜିଲା ସ୍ୱାସ୍ଥ୍ୟ ସମିତି ଓ ସାମାଜିକ ଅନୁଷ୍ଠାନ ସିଆଇଆରଟିଡି ଆନୁକୂଲ୍ୟରେ ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ୍ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ସୁନ୍ଦରଗଡ ଜିଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମାଜରେ ପୁରୁଷ ଅନୁପାତରେ ମହିଳା ସଂଖ୍ୟା କମି କମି ଯାଉଛି। ଦେଶରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ସଂଖ୍ୟା କମିକମି ଯାଉଛି। ଓଡ଼ିଶାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖାଦେଇଛି। ଏପରି ସ୍ଥିତିରେ ଯଦି ସମାଜରେ ଝିଅଙ୍କ ତୁଳନାରେ ପୁଅଙ୍କ ସଂଖ୍ୟା ଅଧିକ ହୋଇଯିବ ଫଳରେ ଆମର ସାମାଜିକ ସନ୍ତୁଳନ ନଷ୍ଟ ହୋଇଯିବ। ଏଥିପାଇଁ ଝିଅ ଓ ପୁଅଙ୍କ ମଧ୍ୟରେ ସମାନତା ଆଣିବା ପାଇଁ ଲିଙ୍ଗ ନିରୂପଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଓ ଲିଙ୍ଗ ନିରୂପଣ ଆଇନ୍ -୧୯୯୪ ତଥା ଏଥିରେ ଥିବା ଦଣ୍ଡବିଧି ବ୍ୟବସ୍ଥା ଉପରେ ଆୟୋଜିତ ବିଭିନ୍ନ ସଚେତନତା କର୍ମଶାଳା ମାଧ୍ୟମରେ ଜିଲାର ଏମ୍ ବଲାଙ୍ଗ, ଗୁରୁଣ୍ଡିଆ, କୁଆଁରମୁଣ୍ଡା, ସର୍ଗିପାଲି, ମଖାପଡା, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ରାଉରକେଲା ଅନ୍ତର୍ଗତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, କେବଳ କନ୍ୟା ସନ୍ତାନ ଥିବା ଅଭିଭାବକମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଗୁଡିକରେ କଣ୍ଡେଇନାଚ, ଲିଙ୍ଗନିରୂପଣ ଦଣ୍ଡର ବ୍ୟବସ୍ଥା, କନ୍ୟାସନ୍ତାନ ଯତ୍ନ ଉପରେ ଆଧାରିତ ଭିଡିଓ, ଆଲୋଚନାଚକ୍ର ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ କାର୍ଯ୍ୟକ୍ରମ ଗୁଡିକରେ କନ୍ୟାସନ୍ତାନର ୨ଜଣ ଅଭିଭାବକ, ଜଣେ କେବଳ କନ୍ୟା ସନ୍ତାନ ଥିବା କିଶୋରୀ ବାଳିକାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଜୟନ୍ତୀ ରାଉତ ସାଧନକର୍ମୀ ଭାବେ ଯୋଗଦେଇଥିଲେ। ସିଆଇଆରଟିଡି ଅନୁଷ୍ଠାନ ସୁନ୍ଦରଗଡର ଅହଲ୍ୟା ସା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଜଣେ କିଶୋରୀ ବାଳିକାଙ୍କୁ ସମ୍ମାନିତ କରାଯାଉଛି।

# ପ୍ରତିଭା ଅନ୍ୱେଷଣର ଅନ୍ୟନାମ ସୁରଭି

ହେମଗିର, ୩।୧୧ (ଡି.ଏନ.ଏ.)

ହେମଗିର ବ୍ଲକର ବସୁନ୍ଧରା ତଟିନୀର ପାଦଦେଶରେ ଅବସ୍ଥିତ ବସୁନ୍ଧରା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି- ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉତିଆ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଏଥିରେ ଯୋଗଦେଇଥିବା ହେମଗିର ବ୍ଲକର ୧୮୭ଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରାୟ ୧୮ଟି ପ୍ରତିଯୋଗିତା କାର୍ଯ୍ୟକ୍ରମ ଚାଲିଥିଲା। ସେଗୁଡିକ ଭିତରେ ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ, ଗୀତ, କୁଇଜ, ନୃତ୍ୟ ପ୍ରମୁଖ ସ୍ଥାନ ପାଇଥିଲା। ଶେଷରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ଯୋଗଦେଇ ମଣିଷର ବୃହତ୍ତ ସ୍ୱପ୍ନର କଳ୍ପନା ଦିନେ ତାକୁ ବିଶ୍ୱଦରବାରରେ ଠିଆ କରିଥାଏ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପଧାନ, ଏନ୍‌ଟିପିସିର ଜିଏମ୍ ଏସ.କେ ରାୟ, ସିନିୟର ମ୍ୟାନେଜର ଅମରେଶ ରାଉଳ, ସବ୍‌ଡେଗା ବିଇଓ ଅଜୟ ଏକ୍କା, ଏମ୍‌ପି ପ୍ରତିନିଧି ବିଶିକେଶନ ସା, ବଡ଼ଗାଁ ବିଇଓ ସାରଙ୍ଗଧର ବରିହା, ସରପଞ୍ଚ ଚନ୍ଦ୍ରକାନ୍ତି ନେଟୀ, ସୁଷମା ପଟେଲ ପ୍ରମୁଖ ଯୋଗଦେଇଥିଲେ। ହେମଗିର ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ପୂର୍ଣ୍ଣାନନ୍ଦ ପଧାନ ଏହାର ତତ୍ତ୍ୱାବଧାନ କରିଥିଲେ। କାର୍ଯ୍ୟକ୍ରମରେ ଭେଷଜ ପଟେଲ ମହାବିଦ୍ୟାଳୟର ଅଧକ୍ଷ ସୁଶିଲ କୁମାର ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଲୁପ୍ତ ପ୍ରତିଭା ଅନ୍ୱେଷଣ ଅନ୍ୟନାମ ହିଁ ସୁରଭି ବୋଲି ସେ ଅଭିହିତ କରିଥିଲେ। କାର୍ଯ୍ୟକ୍ରମକୁ ସୋମନାଥ ମିଶ୍ର, ଅଭିମନ୍ୟୁ ଦେହୁରୀ, ରଞ୍ଜନ କୁମାର ଚୌଧୁରୀ ପରିଚାଳନା କରିଥିଲେ। ଶେଷରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପ୍ରମୁଖ ଭାବେ ଶିକ୍ଷକ ସଭାପତି ସୁଶାନ୍ତ କୁମାର ମିଶ୍ର, ସୁବ୍ରତ ପଟେଲ, ପୂର୍ବତନ ଶିକ୍ଷକ ସଭାପତି ପ୍ରମୋଦ କୁମାର ମିଶ୍ର, ସୋମନାଥ ପୃଷ୍ଟେଠ, ସାଲେକରାମ ପଟେଲ ଯୋଗଦେଇ କାର୍ଯ୍ୟଭାର ତୁଲାଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ।



ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ବକ୍ତା।

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

## ଫଟୋରେ ଖବର








ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ କଲେଜର ଅଧ୍ୟାପକ, ଅତିଥି ଓ ଛାତ୍ରୀଛାତ୍ର ଉପସ୍ଥିତ (ବାମ ଏବଂ ମଝି)। ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟରେ ଗୋ ଚିକିତ୍ସା କରାଯାଉଛି।